# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ (୨୦ ପୃଷ୍ଠା) | Balasore, Monday, February 11/ 2019 | ★★★★

୪୫ଶ ଭାଗ ୭୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



ଓଡ଼ିଶା ଆମ ଗୌରବ

## ୩୦ତମ ଜାତୀୟ
# ସଡ଼କ ସୁରକ୍ଷା ସପ୍ତାହ



## ସଡ଼କ ସୁରକ୍ଷା ନିମନ୍ତେ ନିଆଯାଇଥିବା ପଦକ୍ଷେପ :

- ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ଆଇନତଃ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଗୁରୁତର ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ।
- ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରୁଥିବା ସାହାଯ୍ୟକାରୀ ବ୍ୟକ୍ତିଙ୍କୁ ପୁଲିସ ଜେରା କରିପାରିବେ ନାହିଁ ଏବଂ ଉକ୍ତ ଭଦ୍ର ବ୍ୟକ୍ତିଙ୍କୁ ୨ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ ନିମନ୍ତେ ''ଗୁଡ୍ ସମରିଟାନ ପଲିସି'' ।
- ଇ-ଚାଲାଣ ବ୍ୟବସ୍ଥା ପ୍ରଚଳନ, ଯାହା ଫଳରେ ବାରମ୍ବାର ମୋଟର ଯାନ ଆଇନ ଭଙ୍ଗ କରୁଥିବା ବ୍ୟକ୍ତିଙ୍କୁ ୨ ରୁ ୩ ଗୁଣ ଅଧିକ ଜରିମାନା ।
- ୫ ଗୋଟି ଦୁର୍ଘଟଣା ପ୍ରବଣ ରାସ୍ତାରେ ହାଇୱେ ପାଟ୍ରୋଲ ପ୍ରଚଳନ କରିବାର ବ୍ୟବସ୍ଥା ।
- ପଞ୍ଚମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରାଯାଇଅଛି ଏବଂ ନବମ ଓ ଦଶମ ଶ୍ରେଣୀର ପାଠ୍ୟ ପୁସ୍ତକରେ ସଡ଼କ ସୁରକ୍ଷା ବିଷୟକୁ ଅର୍ନ୍ତଭୁକ୍ତ କରିବାର ବ୍ୟବସ୍ଥା ।
- ବିଭିନ୍ନ ରାଜପଥରେ ୪୩୫ ଗୋଟି ବ୍ଲାକ୍ ସ୍ପଟ ଚିହ୍ନଟ (୨୦୧୫ - ୧୭ର ତଥ୍ୟ) ଓ ଏହାର ନିରାକରଣ ବ୍ୟବସ୍ଥା ।

### ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବ

ମୁଖ୍ୟ ଅତିଥି

## ଶ୍ରୀଯୁକ୍ତ ଶଶି ଭୂଷଣ ବେହେରା

ମାନ୍ୟବର ମନ୍ତ୍ରୀ,
ଅର୍ଥ, ଅବକାରୀ, କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ,

ସମ୍ମାନିତ ଅତିଥି

## ଡ଼ଃ ନୃସିଂହ ଚରଣ ସାହୁ

ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ

ସ୍ଥାନ : ରବିନ୍ଦ୍ର ମଣ୍ଡପ, ଭୁବନେଶ୍ୱର
୧୧ ଫେବୃଆରୀ, ୨୦୧୯, ସମୟ : ମଧ୍ୟାହ୍ନ ୧୨ ଘଟିକା ୧୦ ମିନିଟ୍

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଆମ ଗାଁ ଆମ ବିକାଶ


# PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

# ପିଠା

ସଶକ୍ତିକରଣ ଏବଂ ସଚେତନତା

DSPL-398



**ଏଥର ୫ ଦିନ ପରିବର୍ତ୍ତେ ୧୦ ଦିନ ହେବାକୁ ଯାଉଛି ପିଠା କ୍ୟାମ୍ପ୍ । ଏଇ ଫେବୃୟାରୀ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ଆପଣଙ୍କ ଗ୍ରାମ ପଞ୍ଚାୟତରେ ଆୟୋଜିତ ହେବ ପିଠା କ୍ୟାମ୍ପ୍ ।**

- ୪୮ ଲକ୍ଷ ହିତାଧିକାରୀ ପାଇବେ ବର୍ଦ୍ଧିତ ଭତ୍ତା
- ୩୩ ଲକ୍ଷ ପରିବାରକୁ ମିଳିବ ୪ଟି ଲେଖାଏଁ ଏଲ୍. ଇ. ଡି ବଲ୍ବ୍
- ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ଏସ୍.ଏଚ୍.ଜି ଗ୍ରୁପ୍‌କୁ ସ୍ମାର୍ଟଫୋନ୍ କିଣିବା ପାଇଁ ମିଳିବ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା
- କାଳିଆ ଯୋଜନା ବିଷୟରେ ଲୋକମାନଙ୍କୁ ଦିଆଯିବ ସମ୍ପୂର୍ଣ୍ଣ ସୂଚନା
- ଖାଦ୍ୟ ସୁରକ୍ଷା, ଖୁସି ଓ ଜନଜାତି ସଶକ୍ତିକରଣ ବିଷୟରେ କରାଯିବ ସଚେତନ

**ଯୋଜନାରେ ସ୍ବଚ୍ଛତା ଆଣିଲା ପିଠା**
**ଆହୁରି ସଶକ୍ତ ହେଲା ନବୀନ ଓଡ଼ିଶା**




19001/13/0043/1819

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**


ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ Balasore, Monday, February 11/ 2019


ଓଡ଼ିଶା ସରକାର

DSPL-399

ରାଜ୍ୟର ୧୭ଟି ଜିଲ୍ଲାରେ ଥିବା
୩୮ଟି ସହରାଞ୍ଚଳ ପାଇଁ
**୩୮ଟି ନୂତନ ଆହାର କେନ୍ଦ୍ରର**
ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା**
**ଲୋକାର୍ପଣ**

ଦିବା ୧୧ଘ ॥ ୧୧ ଫେବୃଆରୀ ୨୦୧୯
ସଚିବାଳୟ



ସହରରେ ସୁଲଭ ଭୋଜନ
ଆହାର
ଆନନ୍ଦ ସଭିଙ୍କର ମନ

'ଆହାର'



- ୧ ଅପ୍ରେଲ, ୨୦୧୫ ରେ ଆରମ୍ଭ
- ୧୫୭ଟି ଆହାର କେନ୍ଦ୍ରରେ ଦୈନିକ ୧ଲକ୍ଷ ଭୋଜନ ଦିଆଯାଉଛି
- ୩୦ଟି ଜିଲ୍ଲାରେ ସମସ୍ତ ୧୧୪ଟି ସହରାଞ୍ଚଳରେ ସ୍ଥାପିତ
- ଆହାର କେନ୍ଦ୍ର ଗୁଡିକ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ହସ୍ପିଟାଲ ନିକଟରେ ସ୍ଥାପିତ
- ପ୍ରତିଦିନ ଦିବା ୧୧ଟାରୁ ୩ଟା ପର୍ଯ୍ୟନ୍ତ (ରବିବାର ବ୍ୟତୀତ)
- **ରାତ୍ରି ଆହାର**
  ୩୧ ଡିସେମ୍ବର, ୨୦୧୮ ଠାରୁ ଜିଲ୍ଲା ସଦରମହକୁମା, ଉପ-ଖଣ୍ଡ ହସ୍ପିଟାଲ ଇତ୍ୟାଦି ପ୍ରମୁଖ ସ୍ଥାନ ନିକଟରେ ଥିବା ୫୬ଟି ଆହାର କେନ୍ଦ୍ରରେ ରାତିରେ ପରିବେଷଣ କରାଯାଉଛି ଦୈନିକ ୧୫୦୦୦ରୁ ଅଧିକ ଭୋଜନ
- ୭.୨ କୋଟିରୁ ଅଧିକ ଭୋଜନ, ଲୋକ ଉପକୃତ

13001/13/0062/1819

ସହରରେ ସୁଲଭ ଭୋଜନ
ଆନନ୍ଦ ସଭିଙ୍କର ମନ

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

@CMO_Odisha | CMO.Odisha | @Naveen_Odisha

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିସି
ପରିବାରବର୍ଗ


ଶ୍ରୀ
ପରିବାରବର୍ଗ


ମୁକୁଲ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କନ୍ଧମାଳକୁ ୨୫୦ କୋଟିର ଭେଟି

## ସାଲୁଙ୍କି ନଦୀ ଉପରେ ହେବ ହାଇଲେଭଲ ସେତୁ


କନ୍ଧମାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ଫୁଲବାଣୀ ଅଫିସ, ୧୦।୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କନ୍ଧମାଳ ଗସ୍ତରେ ଆସି ଅପରାହ୍ନରେ ଫୁଲବାଣୀ ଷ୍ଟାଡିୟମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ନୂତନ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହାପରେ ବିଜୁ ଯୁବ ବାହିନୀ ଆଞ୍ଚଳିକ ସମାବେଶକୁ ଉଦ୍‌ବୋଧନ ଦେଇ ଯୁବକମାନେ ସଂଗଠିତ ହୋଇ ରାଜ୍ୟ ବିକାଶରେ ସାମିଲ ହେବାକୁ ପରାମର୍ଶ ଦେଇଛନ୍ତି।

ଜିଲାରେ ମୋଟ ୨୫୦ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଉଦ୍‌ଘାଟନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ, ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟର ୩୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ, ଫୁଲବାଣୀରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୦୦ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ, ସମ୍ପ୍ରସାରିତ ଏବଂ ଆଧୁନିକୀକରଣ କନ୍ଧମାଳ ପ୍ରକ୍ରିୟାକରଣ ୟୁନିଟ୍, ଫୁଲବାଣୀ ସ୍ୱୟଂକ୍ରିୟ ଡ୍ରାଇଭିଂ ଟେଷ୍ଟିଂ ଟ୍ରାକ, ଜିଲା ପଞ୍ଚାୟତ ସମ୍ବଳକେନ୍ଦ୍ର, ବୋଇଡା ଉଚ୍ଚ ମାଧ୍ୟମିକ ସ୍କୁଲ, ନବନିର୍ମିତ ଜିଲା ଲାଇବ୍ରେରି, ଜି.ଉଦୟଗିରି ୬୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଓ ଟିକାବାଲି ୪୦୦ ସିଟ୍ ବିଶିଷ୍ଟ ଅନ୍ୱେଷା ହଷ୍ଟେଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ପ୍ରକଳ୍ପ ମଧ୍ୟରେ ଫୁଲବାଣୀ ଗୋଚ୍ଛାପଡା ରାସ୍ତା ଉନ୍ନତୀକରଣ, ଚକାପାଦ, ଖଜୁରିପଡା, ଦାରିଙ୍ଗବାଡି, ଟିକାବାଲି, ବାଲିଗୁଡା ଏବଂ କୋଟଗଡ ବ୍ଲକର ୮ ହାଇଲେଭଲ ସେତୁ, ଫୁଲବାଣୀ, ଚକାପାଦ, ଖଜୁରିପଡା, ତୁମୁଡିବନ୍ଧ ଏବଂ ବାଲିଗୁଡା ବ୍ଲକରେ ୧୦ ଉନ୍ନୀତ ହାଇସ୍କୁଲ, ଫିରିଙ୍ଗିଆ, ଦାରିଙ୍ଗବାଡି, ତୁମୁଡିବନ୍ଧ ଏବଂ କୋଟଗଡ ବ୍ଲକର ୧୪ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ, ଫୁଲବାଣୀରେ ୧୦୦ ସିଟ୍ ବିଶିଷ୍ଟ ସଂଖ୍ୟାଲଘୁ ଛାତ୍ରାବାସ, ରାଇକିଆ-ଗଣ୍ଡଶୀଳା ନାଳ-ସାରଙ୍ଗଗଡ ଏବଂ ରାଇକିଆ -ସିମନବାଡି ରାସ୍ତାର ଉନ୍ନତୀକରଣ, ଜି.ଉଦୟଗିରି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସମ୍ପ୍ରସାରଣ କାର୍ଯ୍ୟ, ବାଲିଗୁଡା ଏନ୍‌ଏସି ଜଳଯୋଗାଣ ପ୍ରକଳ୍ପର ଉନ୍ନତୀକରଣ କାର୍ଯ୍ୟ ଓ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ୫୦ ଶଯ୍ୟା ବିଶିଷ୍ଟ ଆନ୍ତଃ ବିଭାଗ ଓ ବହିଃ ବିଭାଗ କାର୍ଯ୍ୟ ଆଦି ରହିଛି।

ମୁଖ୍ୟମନ୍ତ୍ରୀ ନିର୍ଦ୍ଧାରିତ ସମୟଠାରୁ ସାମାନ୍ୟ ବିଳମ୍ବରେ ଆସି ଗୁଦାରି ଏୟାରଷ୍ଟ୍ରିପରେ ଓହ୍ଲାଇଥିଲେ। ସେଠାରୁ କାର ଯୋଗେ ଷ୍ଟାଡିୟମରେ ପହଞ୍ଚିଥିଲେ । ପ୍ରଥମେ ବିଜୁ ଯୁବ ବାହିନୀ କର୍ମକର୍ତ୍ତା ସେମାନଙ୍କ ଅଞ୍ଚଳରେ କରିଥିବା କାର୍ଯ୍ୟ ଉପରେ ସମସ୍ତଙ୍କୁ ଅବଗତ କରିଥିଲେ । ଏହାପରେ ବିଜୁ ଯୁବ ବାହିନୀର ମୁଖ୍ୟକାର୍ଯ୍ୟ ନିର୍ବାହୀ ଅରୂପ ପଟ୍ଟନାୟକ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟମନ୍ତ୍ରୀ ବିଜୁ ଯୁବ ବାହିନୀର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ଜାଗା ମିଶନରେ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଏହି ସମାବେଶରେ କନ୍ଧମାଳ, ଗଞ୍ଜାମ, ବୌଦ୍ଧ, ନୟାଗଡ ଓ ଗଜପତି ଜିଲାରୁ ହଜାର ହଜାର ସଂଖ୍ୟାରେ ବିଜୁ ଯୁବ ବାହିନୀ ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସଭାପତି ସରୋଜ କର୍ଣ୍ଣ, ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ, ମନ୍ତ୍ରୀ ତଥା ଜିଲା ପର୍ଯ୍ୟବେକ୍ଷକ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଉଠା ଜଳସେଚନ ନିଗମରେ ଲାଗୁହେବ ୭ମ ବେତନଧାରା

## ସମୂହ ଛୁଟିରୁ ଓହରିଲା ଇଞ୍ଜିନିୟର୍ସ ସଂଘ

ଭୁବନେଶ୍ୱର,୧୦।୨(ବ୍ୟୁରୋ)

ଉଠା ଜଳସେଚନ ନିଗମ (ଓଏଲ୍‌ଆଇସି)ରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର୍ସମାନେ ଚଳିତ ମାସ ୨୧ରୁ ସମୂହ ଛୁଟିରେ ଯିବା ପାଇଁ ଘୋଷଣା କରିଥିଲେ। ସେମାନଙ୍କ କ୍ଷେତ୍ରରେ ସପ୍ତମ ବେତନ କମିଶନ ସୁପାରିଶ ଲାଗୁ ନ କରାଯିବା କାରଣରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ହେଲେ ରବିବାର ହସ୍ତଗତ ହୋଇଥିବା ଖବର ଅନୁଯାୟୀ ଓଏଲ୍‌ଆଇସିର ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ଆନ୍ଦୋଳନରୁ ଓହରି ଯାଇଛି। ଗତ ୮ତାରିଖ ଅର୍ଥାତ ଶୁକ୍ରବାର ରାଜ୍ୟ ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଓଡ଼ିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କ ପାଖକୁ ଏକ ଚିଠି (ନଂ. ୩୭୨୩) ଲେଖାଯାଇଥିଲା। ଏହି ଚିଠିରେ ନିଗମର କାର୍ଯ୍ୟରତ ଇଂଜିନିୟରର୍ସ ତଥା କର୍ମଚାରୀଙ୍କ ସପ୍ତମ ବେତନ କମିଶନ ହାରରେ ଦରମା ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରାଯାଇଛି। ଏହି ସୁପାରିଶ ପିଛିଲା ଭାବେ ୨୦୧୬ ଜାନୁୟାରୀ ପହିଲାରୁ ଏହା ଲାଗୁ ହେବ ବୋଲି ଜଣାପଡିଛି। ପ୍ରକାଶ ଯେ, ସପ୍ତମ ବେତନ କମିଶନ ସୁପାରିଶ ଆଧାରରେ ଦରମା ପ୍ରଦାନ ପାଇଁ ଇଂଜିନିୟରର୍ସମାନଙ୍କ ପକ୍ଷରୁ ନିଗମର ପରିଚାଳନା ନିର୍ଦ୍ଦେଶିକାଙ୍କୁ ଗତ ୫ରେ ଏକ ଚିଠି ପ୍ରଦାନ କରାଯାଇଥିଲା।

ଏହି ଚିଠିରେ ଉଲ୍ଲେଖ ଥିବା ଦାବିକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶିକା , ଜଳସମ୍ପଦ ବିଭାଗ ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ନିଗମ କର୍ମଚାରୀଙ୍କ କ୍ଷେତ୍ରରେ ୭ମ ବେତନ କମିଶନ ଲାଗୁ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।


## classified

real estate

### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ରିମ boundarywall electry, gharabari, Temple, ନାମଫଳକ ସହ sqft. 650/-ରେ ଦିଆଯାଉଅଛି। 7008045582, 9078967488. D-11018

healthcare

New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

### Birthday Wish


(Shree)
**Sai Sradha Parida**
F-Dhananjaya Parida
M-Sumitra Parida
At/P-Nalibasanta, D-Puri
"We wish for all of your wishes to come true."
Happy Birthday
D-65823

### ତୃତୀୟ ଜନ୍ମଦିନ ଶୁଭେଚ୍ଛା


**ରିସି**
ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ, ଜନ୍ମଦିନର ଅନେକ ଅନେକ ଶୁଭକାମନା।
ଶୁଭେଚ୍ଛା ସହ
ମାମା, ବାବା, ଜେଜେମା, ଅଜା, ଆଈ।
ଧ-୧୧୦୭୫

to-let

Commercial space 800 and 2500 sqft. for office/ godown. Contact: 9437033691. D-65608

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦାରୁବିଗ୍ରହଙ୍କ ଚାଚେରୀ ବେଶ

ପୁରୀ ଅଫିସ, ୧୦।୨

ବସନ୍ତ ପଞ୍ଚମୀ ଅବସରରେ ରବିବାର ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନ ଧୂପ ପରେ ମଇଲମ ହୋଇଥିଲା। ତିନିଠାକୁର ମାଧାବଳି ଲୁଗା ଲାଗି ହେବା ପରେ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହୋଇଥିଲେ। ଏହାପରେ ମହାଜନ ସେବକ ରତ୍ନସିଂହାସନରୁ ଶ୍ରୀଦେବୀ, ଭୂଦେବୀଙ୍କୁ ଦକ୍ଷିଣୀ ଘର ଖଟ ଉପରକୁ ବିଜେ କରିଥିଲେ। ଦୋଳଗୋବିନ୍ଦଙ୍କୁ ଦକ୍ଷିଣୀ ଘରୁ ଆଣି ଉକ୍ତ ଘଟ ଉପରେ ବିଜେ କରାଇଥିଲେ। ଏହାପରେ ରତ୍ନବେଦୀରେ ତିନିଠାକୁରଙ୍କ ଚାଚେରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶରେ ତିନିଠାକୁର ଫୁଟା ପହରଣ, ଶିରିକପଡା, ମୁଖବଳା, ଟୋପର, ଚନ୍ଦ୍ରିକା, ନଳୀଭୂଜ, ଆଡକାନୀ, ରମାନନ୍ଦୀ ତିଳକ, ଓଡ଼ିଆଣି, ସୂର୍ଯ୍ୟଚନ୍ଦ୍ର, ଘାଘଡା ମାଳ ଲାଗି ହୋଇଥିଲେ। ମହାପ୍ରଭୁ ଏବଂ ବଡଠାକୁର ଦୁଇଟି ଲେଖାଏଁ ମକର କୁଣ୍ଡଳ, ଦେବୀସୁଭଦ୍ରା ୨ଗୋଟି ତଡଗୀ ଲାଗି ହୋଇଥିଲେ। ମାଘ ମାସର ବସନ୍ତ ପଞ୍ଚମୀ ଏବଂ ଫାଲଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଠାକୁର ଚାଚେରୀ ବେଶ ହୋଇଥାନ୍ତି।

# ଅନୁକୂଳ ହେଲା ରଥକାଠ


ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ରଥକାଠ ଅନୁକୂଳ ପୂଜା କରାଯାଉଛି।

**ପୁରୀ ଅଫିସ, ୧୦।୨:** ଆସନ୍ତା ଜୁଲାଇ ୪ତାରିଖରେ ରଥଯାତ୍ରା। ଦାରୁବିଗ୍ରହଙ୍କ ଲାଗି ତିଆରି ହେବ ତିନିରଥ। ପରମ୍ପରା ଅନୁଯାୟୀ, ରବିବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ କାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀ ପ୍ରସାଦ ରାଜଗୁରୁ, ଗଦାଧର ଦାଶ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ମଧ୍ୟ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଶ୍ରୀମନ୍ଦିର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ ହେବ।


## ମନେ ପଡ଼ନ୍ତି

### ଶ୍ରାଦ୍ଧବାର୍ଷିକୀ


**ସ୍ୱର୍ଗତ ପ୍ରାଧ୍ୟାପକ ବୈକୁଣ୍ଠନାଥ ମହାନ୍ତି**
ଆବିର୍ଭାବ: ୦୪।୦୩।୧୯୪୦
ତିରୋଧାନ: ୦୨।୦୨।୧୯୯୮ (ମାଘଷଷ୍ଠୀ)
ଭୁବନେଶ୍ୱର
ଆଜି ଆପଣଙ୍କ ଏକବିଂଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମା ପ୍ରତି ଭକ୍ତିପୂତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ପତ୍ନୀ- ସେବତୀ, ପୁଅ- ବିଶ୍ୱଜିତ୍, ଇନ୍ଦ୍ରଜିତ୍, ଶତ୍ରୁଜିତ୍, ରଣଜିତ୍, ଝିଅ-ଜ୍ୱାଇଁ: ମମତା-ରକ୍ଷକ, ସାନ ନାତି- ଶିମନ୍ ଓ ବନ୍ଧୁମାନେ।
ଧ-୧୧୦୫୪

### ଦ୍ୱାଦଶାହ ଉପଲକ୍ଷେ


**ସ୍ୱର୍ଗତ ହରିଶ୍‌ଲାଲ ମଂଡୋଲିୱାଲ୍**
ତିରୋଧାନ: ୩୦।୦୧।୨୦୧୯
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୪୦୪୫


# ବ୍ରହ୍ମପୁର ପୋଲିସକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

## ସିବିଆଇ ପରିଚୟରେ ଲୁଟିଲେ ସୁନା ଗହଣା

ବ୍ରହ୍ମପୁର ଅଫିସ୍,୧୦।୨

ବ୍ରହ୍ମପୁର ସହର ବୈଦ୍ୟନାଥପୁର ଥାନା ଅଧୀନ ଜୟପ୍ରକାଶନଗର ଛକରେ ରବିବାର ପୂର୍ବାହ୍ନ ୧୧ ଟାରେ ସିବିଆଇ ଅଫିସର ପରିଚୟ ଦେଇ ଏକ ବୃଦ୍ଧ ଦମ୍ପତିଙ୍କଠାରୁ ଲୁଟେରାମାନେ ୮ ତୋଳା ସୁନା ଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି । ଖବର ପ୍ରଘଟ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବରିଷ୍ଠ ନାଗରିକ ଭାସ୍କର ପାତ୍ରଙ୍କ ଏତଲା କ୍ରମେ ବୈଦ୍ୟନାଥପୁର ପୋଲିସ ନଂ. ୩୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି । ଜାନୁୟାରୀ ୨୯ରେ ସେହି ସ୍ଥାନରେ ହିଁ ଜଣେ ବରିଷ୍ଠ ନାଗରିକ ମହିଳାଙ୍କଠାରୁ ପୋଲିସର ପରିଚୟ ଦେଇ ସୁନା ଗହଣା ଲୁଟ୍ ଉଦ୍ୟମ ହୋଇଥିଲା । ଉକ୍ତ ଘଟଣାକୁ ନେଇ ପୋଲିସ ସେତେଟା ଚିନ୍ତିତ ନ ଥିବା ବେଳେ ରବିବାର ପୁନଶ୍ଚ ସେହି ସ୍ଥାନରେ ହିଁ ଲୁଟେରାମାନେ ପୁଣି ସୁନା ଗହଣା ଲୁଟିନେବା ଘଟଣା ପୋଲିସ ପାଇଁ ମୁଣ୍ଡବ୍ୟଥା ପାଲଟିଛି ।

ପ୍ରକାଶଯେ, ଭୁବନେଶ୍ୱରରେ ରହୁଥିବା ବୃଦ୍ଧ ଦମ୍ପତି ଭାସ୍କର ଓ ତାଙ୍କ ସ୍ତ୍ରୀ ରାଜକୁମାରୀ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବ୍ରହ୍ମପୁର ଆସିଥିଲେ। ପୂର୍ବାହ୍ନ ୧୧ ଟାରେ ଜୟପ୍ରକାଶନଗର ଛକରେ ଚାଲି ଚାଲି ଯାଉଥିବା ବେଳେ ୨ ଜଣ ଯୁବକ ଏକ ବାଇକରେ ତାଙ୍କ ନିକଟକୁ ଆସିଥିଲେ। ନିଜକୁ ସିବିଆଇ ଅଫିସର୍ ବୋଲି ପରିଚୟ ଦେଇଥିଲେ। ଆଗରେ ସିବିଆଇ ରେଡ୍ କରୁଛି। ଅତ୍ୟଧିକ ପରିମାଣର ସୁନା ଗହଣା ପିନ୍ଧିଥିବା ଯୋଗୁ ସେମାନଙ୍କୁ ଫାଇନ୍ ଲାଗିପାରେ ବୋଲି କହିଥିଲେ । ସୁନା ଗହଣା ସବୁ ତାଙ୍କୁ ହସ୍ତାନ୍ତର କରି ରାସ୍ତାପାର ହୋଇଗଲେ ପୁଣି ଥରେ ସୁନା ଗହଣା ସବୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଫାଇନ୍ କଥା ଶୁଣି ଦମ୍ପତି ଛାନିଆ ହୋଇଯାଇଥିବା ବେଳେ ବିଶ୍ୱାସରେ ନିଜର ସୁନା ଗହଣା ଯୁବକ ଦ୍ୱୟଙ୍କୁ ବାହାର କରି ଦେଇଥିଲେ । ତେବେ କ୍ଷଣିକ ମଧ୍ୟରେ ସୁନା ଗହଣା ସବୁ ଧରି ଉକ୍ତ ଯୁବକ ଦ୍ୱୟ ବାଇକରେ ଚମ୍ପଟ ମାରିଥିଲେ । ବୃଦ୍ଧ ଦମ୍ପତିଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦା ପୋଲିସକୁ ଖବର ଦେଇଥିଲେ । ସଦର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି, ବୈଦ୍ୟନାଥପୁର ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ, ଟାଉନ୍ ଥାନା ଆଇଆଇସି ନୀହାର ରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚି ଘଟଣାର ଖୋଳତାଡ କରିଥିଲେ । ଭାସ୍କରଙ୍କଠାରୁ ଗୋଟିଏ ସୁନା ଚେନ୍ ଓ ମୁଦି ଏବଂ ସ୍ତ୍ରୀ ରାଜକୁମାରୀଙ୍କଠାରୁ ଦୁଇଟି ସୁନା ଚେନ୍ ସମୁଦାୟ ୮ ତୋଳା (୮୦ ଗ୍ରାମ୍)ର ସୁନାଗହଣା ଲୁଟେରା ମାନେ ଝାମ୍ପି ନେଇଯାଇଥିଲେ ବୋଲି ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗ ଏକାଧାରରେ ଦୈହିକ ସୁସ୍ଥତା, ପାରିବାରିକ ଉନ୍ନତି ସହ ବ୍ୟବସାୟ ଓ ପରିବହନ ସକାଶେ ବହୁତ ଶୁଭଫଳ ପାଇବେ। ସାମାଜିକ ସ୍ତରରେ ସୁଖ ଓ ସମ୍ମାନ ପ୍ରାପ୍ତି ହେବ। ବନ୍ଧୁମିଳନରୁ ଖୁସି ରହିବେ, କିନ୍ତୁ ଅଶ୍ୱିନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ରାଜନୀତି, ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ବୃଷ**
ଆଜିର ଯାତ୍ରା, ବାଣିଜ୍ୟ, ବନ୍ଧୁସମ୍ପର୍କ, ଆଲୋଚନାଦି ବହୁ ପ୍ରୀତିପ୍ରଦ ହେବ। କିନ୍ତୁ ରୋହିଣୀ କାମଗୁଡ଼ିକ ସମ୍ପନ୍ନ କରିବାରେ ବହୁତ ତକ୍‌ଲିଫ ଭୋଗ କରିବାକୁ ପଡ଼ିପାରେ। ଅବଶ୍ୟ ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ କ୍ଷେତ୍ରରେ ଲାଭବାନ୍ ହେବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଆକ୍ଷେପୋକ୍ତିକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମିଥୁନ**
ଯେକୌଣସି ପ୍ରକାରର ପରିସ୍ଥିତି ହେଉନା କାହିଁକି ଆପଣ ଲକ୍ଷ୍ୟ ହାସଲ କରିବାରେ ଅସୁବିଧା ହେବନାହିଁ। ପୁନର୍ବସୁ ନକ୍ଷତ୍ର ସାମାଜିକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପ୍ରଶାସନିକ, ପରିବହନ, ବ୍ୟବସାୟ, ନିର୍ମାଣ ଓ ଆଲୋଚନା କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇପାରନ୍ତି।

**କର୍କଟ**
କର୍ମସ୍ଥ ଗ୍ରହ ପ୍ରଭାବ ଆପଣଙ୍କୁ ଉନ୍ନତ ଚିନ୍ତାଧାରାସମ୍ପନ୍ନ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହ ଯୋଗସୂତ୍ର ସ୍ଥାପନ କରିବାରେ ସାହାଯ୍ୟ କରିବ। ଈର୍ଷାପରାୟଣ ଶତ୍ରୁମାନଙ୍କ ସମସ୍ୟା ସୃଷ୍ଟି ସାମୟିକ ମନକୁ ଭାରାକ୍ରାନ୍ତ କରିପାରେ। ଅଫିସରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବାରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। ବକେୟା ପ୍ରାପ୍ତିକୁ ଦୃଷ୍ଟିରେ ରଖି ପରିସ୍ଥିତି ଅନୁଯାୟୀ କାମ କରିବେ।

**ସିଂହ**
ଚତୁର୍ଥସ୍ଥ ବୃହସ୍ପତି ପାରିବାରିକ ସମ୍ପର୍କକୁ ନଷ୍ଟକଲେ ମଧ୍ୟ କର୍ମକ୍ଷେତ୍ର ସକାଶେ ଉନ୍ନତ ସ୍ଥିତି ପ୍ରଦାନ କରିବ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର ଆର୍ଥିକ ସ୍ଥିତି ପୂର୍ବପରି ରହିବ ଓ ବିଭିନ୍ନ ଯୋଜନା କରିବାର ଚେଷ୍ଟାକରି କେତେକାଂଶରେ ସଫଳ ହେବେ। କେତେକ ନୂତନ କାମର ପରିକଳ୍ପନା କରି ତାହାକୁ ଆରମ୍ଭ କରିବାର ମନସ୍ଥ କରିପାରନ୍ତି।

**କନ୍ୟା**
ଚନ୍ଦ୍ର ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ଲୋକସମ୍ପର୍କ ହ୍ରାସ କରିପାରେ। ଫଳରେ ସାମାଜିକ ସ୍ତରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ସମସ୍ୟା ରହିଥିଲେ ମଧ୍ୟ ବୁଝିବିଚାରି କାମ କରିବା ସାଙ୍ଗକୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଲ ହେବ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ବନ୍ଧୁ କେହି ଈର୍ଷା କରିପାରନ୍ତି।

**ତୁଳା**
କର୍ମାଧିପତିଙ୍କର ଧନାଧିପତିଙ୍କ ସହ କେନ୍ଦ୍ରାବସ୍ଥାନ ଅର୍ଥପ୍ରାପ୍ତି ସହ ପଦାଧିକାରୀଙ୍କ ପ୍ରୀତିଭାଜନ କରାଇବ। ବିଶାଖା ନକ୍ଷତ୍ର ସକାଶେ ନିଜର ଲୋକମାନଙ୍କ ବିରୁଦ୍ଧାଚରଣ ଦୁଃଖର କାରଣ ହୋଇପାରେ। ବ୍ୟବସାୟିକ, ସାମାଜିକ ଅଭିବୃଦ୍ଧି କ୍ରମଶଃ ବୃଦ୍ଧି ପାଇବାରୁ ସାମୟିକ ଖୁସି ରହିବେ । ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି କାରଣରୁ ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ।

**ବିଛା**
ମଙ୍ଗଳ ସହ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି ସ୍ୱାସ୍ଥ୍ୟ ସମସ୍ୟା, ଆନୁଷ୍ଠାନିକ କାମରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଜ୍ୟେଷ୍ଠା ନକ୍ଷତ୍ର ସକାଶେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା କାରଣରୁ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ। ଚେଷ୍ଟା କରୁଥିବା କାର୍ଯ୍ୟ, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେଇପାରେ।

**ଧନୁ**
ମୂଳା ନକ୍ଷତ୍ର ସକାଶେ ସ୍ୱାସ୍ଥ୍ୟ ସମସ୍ୟା,ଅସଜଡ଼ା ପାରିବାରିକ ପରିସ୍ଥିତି ସହ କର୍ମକ୍ଷେତ୍ରରେ କଳହକୁ ନେଇ ଅଶାନ୍ତି ଲାଗିରହିପାରେ। ଜମିଜମା କାରବାର, କଚେରି ମାମଲା, ରାଜନୈତିକ କ୍ଷେତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହୋଇଯିବ। ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମକର**
ପାରିବାରିକ କ୍ଷେତ୍ରରେ ବନ୍ଧୁମିଳନ ସହ ବୈବାହିକ ସମ୍ପର୍କ ସ୍ଥାପନର ଶୁଭସୂଚନା ମନକୁ ଖୁସିକରାଇବ। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ଚେଷ୍ଟା କରୁଥିବା କାମରେ ସଫଳତା ମିଳିପାରେ। ବ୍ୟବସାୟୀମାନେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ନିଜର ଲକ୍ଷ୍ୟ ହାସଲ କରିପାରିବେ। ଶ୍ରବଣା ନକ୍ଷତ୍ର ମନର ଦୁଃଖକୁ ଲୁଚାଇ ରଖି ଉପରେ ହସି ହସି କଥା କହିବେ।

**କୁମ୍ଭ**
ତୃତୀୟସ୍ଥ ଚନ୍ଦ୍ର କୌଣସି ଶୁଭକାର୍ଯ୍ୟର ଯୋଜନା ଦିଗରେ ଚେଷ୍ଟିତ କରାଇବ। ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଲକ୍ଷ୍ୟ ହାସଲ କରିବେ । ଗତକାଲିର ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ଆବଶ୍ୟକ ସୁବିଧା ସୁଯୋଗ ଆପଣାଛାଏଁ ଜୁଟିଯିବ । ଶତଭିଷା ନକ୍ଷତ୍ର ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ମୀନ**
ମୁଖଭାବରେ ଚନ୍ଦ୍ର ଆପଣଙ୍କ ବ୍ୟବହାର ବନ୍ଧୁମାନଙ୍କ ମନୋରଞ୍ଜନ କରାଇବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହଯୋଗ ଆଶାକରି ନିରାଶ ହେବେ। ପୂର୍ବଭାଦ୍ରପଦ୍ ନକ୍ଷତ୍ର ଗବେଷଣା, ଅଧ୍ୟୟନ ଓ ଅଧ୍ୟାପନା, କଳା, ସାହିତ୍ୟ କ୍ଷେତ୍ରରୁ ସମ୍ମାନ ମିଳିବ। ପାରିବାରିକ କ୍ଷେତ୍ରରେ ଧୀରେ ଧୀରେ ସମସ୍ୟା ସମାଧାନ ହେବାର ରାସ୍ତା ଉନ୍ମୁକ୍ତହୋଇପାରେ।

ଆଜି ମାଘ ଶୁକ୍ଳ ଷଷ୍ଠୀ ସୋମବାର, ଫେବୃୟାରୀ ୧୧ ତାରିଖ। ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ଗୃହାରମ୍ଭ, ଗୃହପ୍ରବେଶ, ଦେବତା ପ୍ରତିଷ୍ଠା ଓ ବାଣିଜ୍ୟକରଣ ପାଇଁ ଶୁଭଦିନ। ଦିବା ଘ.୭।୫୦ମି. ମଧ୍ୟେ ଘ.୧।୨୭ମି. ଗତେ, ଘ.୨।୫୦ମି. ମଧ୍ୟେ ଘ.୪।୧୨ମି. ଗତେ, ଘ.୫।୩୩ମି. ମଧ୍ୟେ ଅମୃତବେଳା। ଦିବା ଘ.୯।୧୫ମି. ଗତେ, ଘ.୧୦।୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୭।୪୬ମି. ଗତେ, ଘ.୯।୧୧ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ବାଲେଶ୍ୱର, ସୋମବାର, ଫେବୃୟାରୀ ୧୧/୨୦୧୯ | Balasore, Monday, February 11/ 2019 | ପୃଷ୍ଠା-୧



## ଧୋନୀଙ୍କ ମାଇଲଖୁଣ୍ଟ

ମହେନ୍ଦ୍ର ସିଂ ଧୋନୀ ପ୍ରଥମ ଭାରତୀୟ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ୧୫

## ଇଣ୍ଡିଆ କନ୍‌ଫରେନ୍ସରେ ଯୋଗଦେବେ ତନୁଶ୍ରୀ

୧୦ ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତ ବୋଷ୍ଟନସ୍ଥିତ ହାର୍ୱାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ଆୟୋଜିତ ଇଣ୍ଡିଆ କନ୍‌ଫରେନ୍ସରେ ଉଦ୍‌ବୋଧନ ଦେବେ।



# ୫ ଆତଙ୍କବାଦୀ ନିହତ



**ଶ୍ରୀନଗର,୧୦।୨(ପି.ଟି.)**

ଜମ୍ମୁ କଶ୍ମୀରର କୁଲଗାମ୍ ଜିଲାରେ ରବିବାର ସୁରକ୍ଷା କର୍ମୀ ଓ ଆତଙ୍କବାଦୀ ମଧ୍ୟରେ ଗୁଳିବିନିମୟ ହୋଇଛି। କେଲେମ ଗାଁକୁ ସର୍ଚ୍ଚ ଅପରେଶନରେ ଯାଇଥିବା ସୁରକ୍ଷା ବଳ ଟିମ୍ ଉପରକୁ ଆତଙ୍କବାଦୀମାନେ ଗୁଳିବର୍ଷଣ କରିବାରୁ ସୁରକ୍ଷା ଯବାନଙ୍କ ପାଲଟା ଜବାବ୍‌ରେ ୫ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇଛି। ମୃତ ଆତଙ୍କବାଦୀ ୱାସିମ୍ ଅହମ୍ମଦ ରାଠର, ଆକିବ୍ ନଜିର ମୀର୍, ପରଭେଜ୍ ଅହମ୍ମଦ ଭଟ୍ଟ, ଇଦ୍ରିଶ୍ ଅହମ୍ମଦ ଭଟ୍ଟ, ଜାହିଦ୍ ଅହମ୍ମଦ ପରାୟ ହିଜ୍‌ବୁଲ ମୁଜାହିଦ୍ଦିନ ଏବଂ ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ ବୋଲି ପୋଲିସ କହିଛି। ଏହି ଏନ୍‌କାଉଣ୍ଟରକୁ ବିରୋଧ କରି ବିକ୍ଷୋଭ ହୋଇଥିଲା। ଏନ୍‌କାଉଣ୍ଟରସ୍ଥଳରେ ବିକ୍ଷୋଭକାରୀ ଓ ସୁରକ୍ଷା ଯବାନ ମୁହାଁମୁହିଁ ହୋଇଥିଲେ। ତେବେ ଏଥିରେ କେହି ଆହତ ହୋଇ ନ ଥିବା ଜଣାଯାଇଛି। ଉତ୍ତେଜନା ବଳବତ୍ତର ରହିଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ପାଇଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

### ଆଜିର ମନ୍ତବ୍ୟ

"ଫେଲ୍ ଛାତ୍ର ସବୁବେଳେ ଟପ୍ପରଙ୍କୁ ଘୃଣା କରନ୍ତି।
– ଅରୁଣ ଜେଟ୍‌ଲୀ, କେନ୍ଦ୍ରମନ୍ତ୍ରୀ

### କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀରେ ଦେଶର ଅଶୋଧିତ ଇସ୍ପାତ ଉତ୍ପାଦନ ୪% ହ୍ରାସ ଘଟି ୮.୯୯ ନିୟୁତ ଟନ୍ ରହିଛି।
–ୱାର୍ଲ୍ଡ ଷ୍ଟିଲ ଆସୋସିଏଶନ

## ଡଙ୍କାରୀ, ରାହାଡ଼ପୁରରେ ୧୪୪ ଧାରା ଜାରି

# ପୁରୁଣା ଖାଦାନରୁ ଚାଲିଛି ଲୁଟ୍

- ବିପଦରେ ରାଣୀବନ୍ଧି ଡ୍ୟାମ
- ଚାଷୀ ମହଲରେ ଅସନ୍ତୋଷ
- ଆଖିବୁଜିଛି ପ୍ରଶାସନ

**ଯାଜପୁର ଅଫିସ,୧୦।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ରାହାଡ଼ପୁର ବେଆଇନ କଳାପଥର ଖାଦାନ ଉପରେ ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ପ୍ରଭାବହୀନ ହୋଇଛି। ଏହି ଖାଦାନକୁ କ୍ଲୋଜର ନୋଟିସ ଦେଇ ଜିଲା ପ୍ରଶାସନ ସାଧାରଣରେ ପ୍ରଶଂସିତ ହୋଇଥିଲା। ହେଲେ ଏକ ସପ୍ତାହ ନ ପୂରୁଣୁ ପଥର ବ୍ୟବସାୟୀଙ୍କ ପ୍ରଭାବ ଆଗରେ ଜିଲା ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି। ଡଙ୍କାରୀ ଓ ରାହାଡ଼ପୁରରେ ୧୪୪ ଧାରା ଜାରି ପରେ ନିକଟସ୍ଥ ରାଣୀବନ୍ଧି ଡ୍ୟାମକୁ ଲାଗିଥିବା ଏକ ପୁରୁଣା ଖାଦାନକୁ ବେଆଇନ ଭାବେ ଖୋଲି ସେଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରାଯାଇ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଟ୍ରିପ୍ ଚୋରାଚାଲାଣ କରାଯାଉଛି। ଏଥିଯୋଗୁ ପୁଣି ରାଣୀବନ୍ଧି ଉପରେ ବିପଦ ମାଡ଼ିଆସିଛି। ଏହାବାଦ ଯାଜପୁର-ଢେଙ୍କାନାଳ ସୀମାନ୍ତବର୍ତ୍ତୀ ବିଚ୍ଛିନ୍ନାଞ୍ଚଳ ନିଶ୍ଚନ୍ତା ପାହାଡ଼ରୁ ବେଆଇନ ପଥର ଉତ୍ତୋଳନ ହୋଇ ଏଆରଏସ୍‌ଏସ୍ କ୍ରଶରକୁ ବେଆଇନ ଭାବେ ଯୋଗାଣ ହେଉଥିବା ଅଭିଯୋଗ ହେଉଛି।

ସୂଚନାଯୋଗ୍ୟ ଯେ, ରାହାଡ଼ପୁର ପାହାଡ଼ର ୬ ଓ ୧୦ ନମ୍ବର ଖାଦାନ ଉପରେ ଗତ ୫ ତାରିଖରେ ତହସିଲ ପ୍ରଶାସନ ୧୪୪ ଧାରା ଜାରି କରି କ୍ଲୋଜର ନୋଟିସ ଦେଇଥିଲା। ଏହାସହ ପାହାଡକୁ ସଂଯୋଗ କରୁଥିବା ରାସ୍ତାରେ ଜେସିବି ମାଧ୍ୟମରେ ଗର୍ତ୍ତ କରାଯାଇ ଯାନବାହନ ଗମନାଗମନ ଉପରେ ରୋକ ଲଗାଯାଇଥିଲା। ଡଙ୍କାରୀ ଓ ରାହାଡ଼ପୁର ଖାଦାନ ବନ୍ଦ ହେବା ପରେ ଜଣେ ଜିଲା ପରିଷଦ ସଭ୍ୟଙ୍କ ପ୍ରୋତ୍ସାହନରେ ଏହି ପୁରୁଣା ଖାଦାନକୁ ଖୋଲା ଯାଇଥିବା ଚର୍ଚ୍ଚା ହେଉଛି । ଏଠାରୁ ବଡ଼ବଡ଼ ପଥର ଉତ୍ତୋଳନ କରି ପାରାଦୀପ, ଧାମରା, ରାଜନଗର ପ୍ରଭୃତି ଅଞ୍ଚଳକୁ ଚୋରାଚାଲାଣ କରାଯାଉଛି। ଜଙ୍ଗଲ ଓ ପରିବେଶ ବିଭାଗ କିମ୍ବା ଜିଲା ପ୍ରଶାସନରୁ କୌଣସି ଅନୁମତି ମିଳି ନ ଥିବା ବେଳେ ଅବାଧରେ ପଥର ଚୋରା ଚାଲାଣ ହୋଇଚାଲିଛି। ସବୁ ଦେଖି ପ୍ରଶାସନ ଆଖି ବୁଜି ଦେଇଥିବା ଭଳି ପ୍ରତୀୟମାନ ହେଉଛି। ଏହାଦ୍ୱାରା ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉପରେ ଆହୁରି ବିପଦ ସୃଷ୍ଟି ହୋଇଛି। ୧୯୮୮ରୁ ଡଙ୍କାରୀ ଓ ରାହାଡପୁର ପାହାଡ ପାଦଦେଶରେ ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ହୋଇଛି। ଏହି ପ୍ରକଳ୍ପ ପାଣିରେ ରମ୍ପେଇ, କାଦୁଅମାଗୁର ଆଦି ଗ୍ରାମର ପ୍ରାୟ ୪୮ ହେକ୍ଟର ଜମିରେ ଜଳସେଚନର ପରିକଳ୍ପନା କରାଯାଇଛି । କିନ୍ତୁ ଡଙ୍କାରୀ ପାହାଡ଼ରେ କଳାପଥର ଖନନ ଆରମ୍ଭ ପରେ ଜଳସେଚନ ଠପ୍ ହୋଇଯାଇଛି। ପାହାଡ଼ର ବିଭିନ୍ନ ସ୍ଥାନରେ ଖନନ ଯୋଗୁ ବର୍ଷା ପାଣି ଠିକ୍ ଭାବେ ପାଦଦେଶକୁ ଆସି ପାରୁନାହିଁ। ପାହାଡ଼ରୁ ଝରୁଥିବା ଋତୁକାଳୀନ ଝରଣା ମଧ୍ୟ ଏଠାରେ ବନ୍ଦ ହୋଇଯାଇଛି। ଫଳରେ ରାଣୀବନ୍ଧି ଡ୍ୟାମରେ ଜଳ ସଂରକ୍ଷିତ ହୋଇ ନ ପାରି ଚାଷୀଙ୍କ ଆଶା ମଉଳି ଯାଇଛି। କଳାପଥର ଖାଦାନର ପଥର ଗୁଣ୍ଡ ଯୋଗୁ ଏହି ଡ୍ୟାମ ତା'ର ଅସ୍ତିତ୍ୱ ମଧ୍ୟ ହରାଇବାକୁ ବସିଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ପତ୍ରସଂଖ୍ୟା ୮୨/୩୧।୧।୨୦୧୮ରେ ସୂଚନା ମିଳିଛି। ଏବେ ରାଣୀବନ୍ଧିକୁ ଲାଗି ରହିଥିବା ପୁରୁଣା ଖାଦାନ କାର୍ଯ୍ୟକାରୀ ହେଲେ ଯେଉଁ ପାଣି ଟିକକ ସଂରକ୍ଷିତ ରହୁଥିଲା ତାହା ମଧ୍ୟ ବନ୍ଦ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏହି ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ୨୦୧୭-୧୮ ☞ପୃଷ୍ଠା-୪



ବେଆଇନ ଭାବେ ପଥର ଚୋରାଚାଲାଣ ଚାଲିଛି।

# ଝଗଡ଼ା ନେଲା ଜୀବନ

- ୨ ଭଉଣୀଙ୍କ ଆତ୍ମହତ୍ୟା ଉଦ୍ୟମ
- ସାନ ମୃତ, ବଡ଼ ଗୁରୁତର

**ଭଦ୍ରକ ଅଫିସ, ୧୦।୨**

ସାମାନ୍ୟ ଝଗଡ଼ାରୁ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଦୁଇ ଭଉଣୀ ଆତ୍ମହତ୍ୟା ଭଳି ପନ୍ଥା ଆପଣେଇ ନେବା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ସାନ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ବଡ଼ ଭଉଣୀ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ହଠାତ୍ ଏଭଳି ପରିସ୍ଥିତିକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଘଟଣା ଘଟିଛି ବଣିଆ ପଞ୍ଚାୟତ କ୍ଷୀରସାହିରେ।

ସୂଚନା ଅନୁସାରେ, ରବିବାର ଅପରାହ୍ନରେ କ୍ଷୀରସାହିର ଲକ୍ଷ୍ମୀଧର ଦାଶ ସଂକୀର୍ତ୍ତନ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ବାପଘରକୁ ଯାଇଥିଲେ। ଏହି ସମୟରେ ଘରେ ଥିବା ତାଙ୍କର ୨ ଝିଅ ସୁନା(୨୧) ଓ ରୂପା(୧୭)ଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରୁପା ଉତ୍ୟକ୍ତ ହୋଇ ଘରେ ଫ୍ୟାନରେ ରଶି ଲଗାଇ ଝୁଲି ପଡ଼ିଥିଲେ। ସୁନା ମଧ୍ୟ ଅନ୍ୟ ଏକ ଘରେ ବିଷ ପିଇ ଦେଇଥିଲେ। ସ୍ଥାନୀୟ ଲୋକେ ଖବର ପାଇ ୨ ଭଉଣୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ରୂପାଙ୍କୁ ମୃତ ଘୋଷଣା କରିଥିଲେ। ବଡ଼ଭଉଣୀ ସୁନାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ସ୍ୱାମୀଙ୍କ ମୃତଦେହ ଦେଖି ଜୀବନ ହାରିଲେ ସ୍ତ୍ରୀ

**ଖୋର୍ଦ୍ଧା ଅଫିସ,୧୦।୨:**

ବିପଦ ସମୟରେ ଧୈର୍ଯ୍ୟ ନ ଧରିଲେ କେଉଁଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୁଏ ତାହା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ନାଚୁଣୀ ଫାଣ୍ଡି ଅଧୀନ ବଡ଼ପଦର ଗାଁରେ। ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ମୃତଦେହ ଦେଖି ଏତେ ମ୍ରିୟମାଣ ହୋଇଗଲେ ଯେ, ଅନ୍ୟ ସବୁକଥାକୁ ତୁଚ୍ଛ ମନେ କରି ନିଜ ଜୀବନ ହାରିଦେଲେ। ଫଳରେ ମା'ବାପା ବୋଲି କିଛି ଜାଣିବା ପୂର୍ବରୁ ସେମାନଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ ହୋଇଯାଇଛନ୍ତି। ଏବେ ତାଙ୍କ ଲାଳନପାଳନ ଭାର ଠିକ୍ ଭାବେ ଉଠିବସିପାରୁ ନ ଥିବା ୭୨ ବର୍ଷ ବୟସ୍କା ଜେଜେମା'ଙ୍କ ଉପରେ ରହିଛି। ଗୋଟିଏ ପଟେ ଜୀବନର ଶେଷ ସମୟରେ ପୁଅବୋହୂଙ୍କୁ ହରାଇବାର ଦୁଃଖ ତାଙ୍କୁ ଭାଙ୍ଗିଦେଇଥିବାବେଳେ ଅନ୍ୟପଟେ ନାତିର ଲାଳନପାଳନ ଚିନ୍ତା ଘାରୁଛି।

### ଦେଢ଼ବର୍ଷର ଶିଶୁପୁତ୍ର ଅସହାୟ

ଘଟଣାଟି ଏହିପରି। ବଡପଦର ଟାଙ୍ଗିମୁଣ୍ଡସାହିର ଶଙ୍କର ଭୋଳଙ୍କର ୫ ପୁଅ। ଶଙ୍କରଙ୍କ ମୃତ୍ୟୁ ଘଟିସାରିଥିବାବେଳେ ୫ ପୁଅ ଅଲଗା ରହୁଥିଲେ। ଶଙ୍କରଙ୍କ ସ୍ତ୍ରୀ ଶଶି ପୁଅମାନଙ୍କ ପାଖରେ ରହି ଆସୁଥିଲେ। ସାନପୁଅ ମହାଦେବ ଭୋଳ(୨୬) ଗଞ୍ଜାମ ଜିଲାର ରେବତୀ(୨୨)ଙ୍କୁ ବିବାହ କରିଥିଲେ। ଦେଢ଼ବର୍ଷ ତଳେ ସେମାନଙ୍କ ଶିଶୁପୁତ୍ର ଜନ୍ମ ହୋଇଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ☞ପୃଷ୍ଠା-୪

## ■ ଟିଏମ୍‌ସି ବିଧାୟକ ହତ୍ୟାକାଣ୍ଡ

# ମୁକୁଲଙ୍କ ବିରୋଧରେ ଏତଲା

**କୋଲକାତା,୧୦।୨(ପି.ଟି.)**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବିଧାୟକ ସତ୍ୟଜିତ୍ ବିଶ୍ୱାସ ହତ୍ୟାକାଣ୍ଡକୁ ନେଇ ରାଜନୈତିକ କାଦୁଅଫିଙ୍ଗା ଜୋର ଧରିଛି। ହତ୍ୟାକାଣ୍ଡ ପାଇଁ ଶାସକ ଟିଏମ୍‌ସି ସିଧାସଳଖ ଭାଜପାକୁ ଦାୟୀ କରିଛି। ପୋଲିସରେ ଦାଏର ଏତଲାରେ ଭାଜପା ନେତା ମୁକୁଲ ରାୟ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ମୁକୁଲଙ୍କ ବ୍ୟତୀତ ଏତଲାରେ ଉଲ୍ଲେଖ ଥିବା ଅନ୍ୟ ୩ ଜଣଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି।

ଟିଏମ୍‌ସିର ପୂର୍ବତନ ସାଧାରଣ ସମ୍ପାଦକ ମୁକୁଲଙ୍କର ଦଳ ସୁପ୍ରିମୋ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ


ମଧ୍ୟସ୍ଥର ନାହିଁ ପ୍ରୟୋଜନ

SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com

NECC NATIONAL EGG CO-ORDINATION COMMITTEE 10.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 78 | 129 | 139 |
| CTC | 79 | 131 | 141 |
| DKL | 78 | 129 | 139 |
| BDK | 81 | 133 | 143 |
| BLS | 82 | 135 | 145 |
| ANG | 80 | 132 | 142 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers




## ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍‌ରେ

# କେନ୍ଦୁଝର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ


**କେନ୍ଦୁଝର, ୧୦।୨(ସ୍ୱ.ପ୍ର.)**

କେନ୍ଦୁଝରର ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ବୁକ ଅଫ ରେକର୍ଡସ୍‌ରେ ସ୍ଥାନ ପାଇଛି। ଦେଶରେ ସର୍ବୋଚ୍ଚ ରଥ ଭାବେ ମାନ୍ୟତା ମିଳିଛି। ଉକ୍ତ ସଂସ୍ଥାର ଅଧିକାରୀ ରାଜେଶ କୁମାର ବର୍ମା ରବିବାର କେନ୍ଦୁଝର ଗସ୍ତକରି ରଥର ଉଚ୍ଚତା ମାପିବା ସହ ବିଭିନ୍ନ ଦସ୍ତାବିଜ ଯାଞ୍ଚକରି ଏହି ଘୋଷଣା କରିଛନ୍ତି। ଏ ନେଇ କେନ୍ଦୁଝର ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ସୋମନାଥ ପ୍ରଧାନଙ୍କୁ ପ୍ରମାଣପତ୍ର ଓ ମେଡାଲ ପ୍ରଦାନ କରାଯାଇଛି।

ପୂର୍ବରୁ ୫ଟି ସଂସ୍ଥା ପକ୍ଷରୁ ମଧ୍ୟ ସର୍ବୋଚ୍ଚ ରଥ ବୋଲି ପ୍ରମାଣପତ୍ର ମିଳିଥିଲା। ଏବେ ଏହି ସଂସ୍ଥା ପକ୍ଷରୁ ମିଳିବା ପରେ ଏହା ଗ୍ରୀନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡସ୍ ଓ ଅନ୍ୟ ଗ୍ଲୋବାଲ ରେକର୍ଡସ୍ ପାଇଁ ଆବେଦନ କରାଯାଇପାରିବ ବୋଲି କୁହାଯାଉଛି। ଏହି ରଥ ରାଜାରାଜୁଡା ଅମଳରୁ ପ୍ରସ୍ତୁତ ହୋଇ ଆସୁଛି। ଏହି ରଥର ଉଚ୍ଚତା ଆଗରୁ ଅଧିକ ଥିଲା। କାଠର ଅଭାବ ଯୋଗୁଁ ଏହା କମିବାକୁ ଲାଗିଥିବା କୁହାଯାଉଛି।


India Book of Records
CERTIFICATE
TALLEST CHARIOT
The record for making the tallest chariot of Lord Jagannath was achieved by Sub-Collector & Executive Office, Endowment Department (Debottar), Keonjhar, Odisha, at Lord Baladevjew Bije Temple, Keonjhargarh, Keonjhar on February 10, 2019.
Date: February 10, 2019

ମିଳିଥିବା ଇଣ୍ଡିଆ ବୁକ ଅଫ୍ ରେକର୍ଡ ପ୍ରମାଣପତ୍ର।




For a test drive, SMS 'KWID' to 53030 or call on 1800 300 44444 (Open from Monday to Sunday between 7:00 am to 11:00 pm). Also available in CSD. Special offers for Defence Personnel, Government, PSU and Corporate employees.

Terms and conditions apply. #Price mentioned is for the base variant for ex-showroom Bhubaneswar and is exclusive of local taxes. Offers may vary across variants and cities. Benefits are applicable only on select variants of 2018 manufacturing. ***Contact your nearest dealer for loan amount and tenure details. All finance offers through the dealer, and at the sole discretion of the financier. **Warranty of 4 Years include (Manufacturer Warranty of 2 Years or 50,000 km + Extended Warranty of 2 Years or 50,000 km). The above mentioned offers are valid till 28th February, 2019. ^Benefits of ₹45,000 include insurance at ₹1, Exchange bonus of ₹20,000 and Cash benefit of ₹10,000 for MT variants only. Exchange at the sole discretion of Renault Selection only. For detailed offers, visit www.renault.co.in/offers. Accessories, features, colours shown may not be part of the standard fitment and will differ variant-wise. Renault India Pvt. Ltd. reserves the right to change or cancel the mentioned schemes and conditions without prior notice. Renault India Pvt. Ltd. shall not be liable for any loss or damage arising from your failure to comply or understand the offer details. In the event of any dispute, all matters shall be governed by all applicable laws of India and Court at Gurugram shall have the exclusive jurisdiction. For detailed terms and conditions, please visit www.renault.co.in.

SHOWROOMS: ODISHA: BHUBANESWAR: RENAULT Bhubaneswar North Mob: +91 9643800532, RENAULT Bhubaneswar Mob: +91 8860076082. BALANGIR: RENAULT Balangir Mob: +91 9643800378. JHARSUGUDA: RENAULT Jharsuguda Mob: +917290055349. ROURKELA: RENAULT Rourkela Mob: + 91 8860875802, + 91 9778845542. SAMBALPUR: RENAULT Sambalpur Mob: +91 8860048351.

L&K | SAATCHI & SAATCHI

ହେ ଈଶ୍ୱରଙ୍କର ବୀରସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ- ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ।
-ଶ୍ରୀଅରବିନ୍ଦ



# ମଧ୍ୟସ୍ଥର ନାହିଁ ପ୍ରୟୋଜନ

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ) ଦେଶର ପ୍ରମୁଖ କ୍ଷମତାକେନ୍ଦ୍ର ଭାବେ ଜଣାଶୁଣା। ରାଷ୍ଟ୍ର ହିତରେ ନ ଲାଗି ଏହା ଯେତେବେଳେ ଅହଂକାର ଓ ଆର୍ଥିକ କାରବାର ସହିତ ପ୍ରବଳ ମାତ୍ରାରେ ଜଡ଼ିତ ହୋଇଯାଏ, ସେତେବେଳେ ଦୁର୍ନୀତିର ଗନ୍ତାଘର ପାଲଟିବାର ଆଶଙ୍କା ଥାଏ। ନିକଟ ଅତୀତରେ ପିଏମ୍ଓର ଶୀର୍ଷ ଅଧିକାରୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରସାତଳକୁ ଯିବା ସହ ଏହାର ମର୍ଯ୍ୟାଦାହାନି ହୋଇଛି। କିଛି ମାସ ତଳେ ସିବିଆଇ ମୁଖ୍ୟ ଭାବେ ଆଲୋକ ବର୍ମା ଓ ଦ୍ୱିତୀୟ ଶୀର୍ଷ ଅଧିକାରୀ ରାକେଶ ଆସ୍ଥାନାଙ୍କ ମଧ୍ୟରେ କଳିକୁ ପିଏମ୍ଓ ବଢ଼ାଇଥିଲା। କେବଳ ସେତିକି ନୁହେଁ, ପିଏମ୍ଓରେ ଥିବା ସର୍ବୋଚ୍ଚ ଅଧିକାରୀଙ୍କ ମଧ୍ୟରେ ଅହଂକାର ଲଢ଼େଇର ଖେଳଣା ସାଜିଥିଲେ ଏହି ଦୁଇ ଅଧିକାରୀ। ସେହିପରି କୋଲକାତାରେ ଯେଉଁ ସିବିଆଇ ନାଟକ ମଞ୍ଚସ୍ଥ ହୋଇ ସୁପ୍ରିମକୋର୍ଟ ଯାଏ କଥା ଗଲା, ତା' ପଛରେ ପିଏମ୍ଓ ଥିବା ଆଲୋଚନା ହେଉଛି। ଦେଶର ସ୍ୱତନ୍ତ୍ର ତଥା ସ୍ୱାଧୀନ ସଂସ୍ଥାଗୁଡ଼ିକରେ ପିଏମ୍ଓରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉଥିବା ନେଇ ଅନେକ ସମୟରେ ଅଭିଯୋଗ ଆସୁଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ନ୍ୟାଶନାଲ ସାମ୍ପଲ ସର୍ଭେ ଅଫିସ (ଏନ୍ଏସ୍ଏସ୍ଓ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ରାଜନୈତିକ ଉଦ୍ଦେଶ୍ୟ ରଖି ବ୍ୟବହାର କରାଯାଉଥିବାର ପ୍ରମାଣ ମିଳିସାରିଲାଣି। ପିଏମ୍ଓର ହସ୍ତକ୍ଷେପ ଯୋଗୁ ଜଣକ ପରେ ଜଣେ ଆର୍‌ବିଆଇ ଗଭର୍ନର ପଦ ଛାଡ଼ିବାକୁ ବାଧ ହୋଇଛନ୍ତି। ଏସବୁକୁ ଏବେ ଟପି ଯାଇଛି ରାଫାଲ ଯୁଦ୍ଧ ବିମାନ କିଣାରେ ପିଏମ୍ଓର ହସ୍ତକ୍ଷେପ। ଏହାକୁ ନେଇ ଦେଶ ରାଜନୀତି ସରଗରମ ହୋଇଛି।

ପୂର୍ବରୁ ଏହିଭଳି ଅସ୍ତ୍ରଶସ୍ତ୍ର କିଣାରେ ମଧ୍ୟସ୍ଥଙ୍କ ଦ୍ୱାରା ଦୁର୍ନୀତି ହେଉଥିଲା ବୋଲି ଦୋଷାରୋପ କରାଯାଉଥିଲା। ହେଲେ ଫ୍ରାନ୍ସର ଦାସଲ୍ଟ ଆଭିଏଶନ୍ କମ୍ପାନୀ ସହିତ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ରାଫାଲ ଲଢ଼ୁଆ ବିମାନ କିଣିବା ସମ୍ପର୍କରେ ଆଲୋଚନା କରୁଥିବା ବେଳେ ପିଏମ୍ଓ ମୂଳଚାଲ ଓ 'ସମାନ୍ତରାଳ ଆଲୋଚନା' କରୁଥିଲା ବୋଲି ଏବେ ଜଣାପଡ଼ିଛି । ଏହାର ଅର୍ଥ ହେଲା ଖୋଦ୍ ପିଏମ୍ଓ ହୋଇଯାଇଛି ମଧ୍ୟସ୍ଥ ବା ତୃତୀୟ ପକ୍ଷ। ଏହି କଥା ଜାଣିପାରି ୨୦୧୫ ନଭେମ୍ବର ୨୪ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ନୋଟ୍‌ରେ ଅସନ୍ତୋଷ ବ୍ୟକ୍ତ କରିଥିଲା। ଏଥିସହ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଦୃଷ୍ଟି ଆକର୍ଷଣ କରି ପିଏମ୍ଓର ସମ୍ପୃକ୍ତ ଅଧିକାରୀଙ୍କୁ ସମାନ୍ତରାଳ ଆଲୋଚନାରୁ ନିବୃତ୍ତ ରହିବାକୁ ପରାମର୍ଶ ଦେବା ଲାଗି ମନ୍ତ୍ରଣାଳୟର ସଚିବଙ୍କ ପକ୍ଷରୁ ଉକ୍ତ ନୋଟ୍‌ରେ ଉଲ୍ଲେଖ କରାଯାଇଥିଲା। ପ୍ରତିରକ୍ଷା ସଚିବଙ୍କ ଦ୍ୱାରା ଫାଇଲ୍‌ରେ ଲେଖାଯାଇଥିବା ନୋଟ୍ ପଦାରେ ପଡ଼ିବା ପରେ ଏବେ ଏହାକୁ ଅନେକ ପ୍ରକାରରେ ଖଣ୍ଡନ କରାଯାଉଛି। କୁହାଯାଉଛି ଯେ, ସେହି ଫାଇଲରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ସଚିବଙ୍କ କଥାକୁ ଖଣ୍ଡନ କରିଥିଲେ। ତେବେ ଏହି ଦୁଇଟି ମନ୍ତବ୍ୟର ତାରିଖ ଦେଖିଲେ ଏକ ମାସରୁ ଊର୍ଦ୍ଧ୍ୱ ସମୟର ବ୍ୟବଧାନ ବାରି ହୋଇପଡୁଛି। ସେଥିରୁ ସହଜରେ ବୁଝାପଡ଼ିବ ଯେ, ଏତେ ଦୀର୍ଘ ସମୟ ମଧ୍ୟରେ ସବୁ ପ୍ରମାଣକୁ ନଷ୍ଟ କରି ଦିଆଯାଇଥିଲା।

ଦେଶର ସବୁଠାରୁ ସମ୍ବେଦନଶୀଳ କ୍ଷେତ୍ର ହେଉଛି ପ୍ରତିରକ୍ଷା। ହେଲେ ଦେଖାଯାଇଛି ସ୍ୱାଧୀନତା ପରେ ଯେତେ ସରକାର ଆସିଛନ୍ତି, ପ୍ରତିରକ୍ଷା ଦୁର୍ନୀତିରେ ସମ୍ପୃକ୍ତ ଥିବା ବାରମ୍ବାର ଅଭିଯୋଗ ହୋଇଆସିଛି। ବୋଫର୍ସ ତୋପ କିଣାଠାରୁ ଆରମ୍ଭ କରି ଅଗୁସ୍ତା ୱେଷ୍ଟଲାଣ୍ଡ ଓ ଏବର ରାଫାଲ ପର୍ଯ୍ୟନ୍ତ ଦୁର୍ନୀତିର ତାଲିକା ହିସାବ କଲେ ଏହା ଲମ୍ବିଚାଲିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ୟୁପିଏ ସରକାର ସମୟରେ ହୋଇଥିବା ଦୁର୍ନୀତିକୁ ଦୋହରାଇ ଚାଲିଥିଲେ। ଜନସାଧାରଣ ୟୁପିଏର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ତାଙ୍କୁ କ୍ଷମତାସୀନ କରିଥିଲେ ମଧ୍ୟ ଏହି ସରକାର ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରଖିବାରେ ଅସମର୍ଥ ହୋଇଥିବା ଘଟଣା ଏବେ ଲୋକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ରାଫାଲ ସଂକ୍ରାନ୍ତରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ରାହୁଲଙ୍କ ଅଭିଯୋଗକୁ ବର୍ତ୍ତମାନର ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ୍ ଖଣ୍ଡନ କରିଥିଲେ ମଧ୍ୟ ସରକାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବାକୁ ଅମଙ୍ଗ ହେଉଥିବାରୁ ମୋଦି ସରକାରଙ୍କ ଶାସନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଯଦି ସରକାର ସଚ୍ଚୋଟ, ତେବେ ଜେପିସି ବସାଇବାର କୌଣସି ବାଧା ରହିବା କଥା ନୁହେଁ। ଏତଦ୍‌ବ୍ୟତୀତ ସରକାରଙ୍କ ଦ୍ୱାରା ପରିଚାଳିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କାର୍ଯ୍ୟଦକ୍ଷତା ବୃଦ୍ଧି କରାଇବାକୁ ଯାଇ ରାଫାଲ ଚୁକ୍ତିରେ ତାହାର ସମ୍ପୃକ୍ତିକୁ ସୁରକ୍ଷିତ ରଖାଯାଇପାରିଥାଆନ୍ତା। ସେହି କାର୍ଯ୍ୟ କରାଯାଇ ନାହିଁ। ଅନ୍ୟପଟେ ଅନିଲ ଅମ୍ବାନୀଙ୍କ ଦ୍ୱାରା ନୂତନ ଭାବେ ଗଢ଼ି ଉଠିଥିବା ରିଲାଏନ୍ସ ଡିଫେନ୍ସ ଲିମିଟେଡ୍ (ଆର୍‌ଡିଏଲ୍)କୁ ଦାସଲ୍ଟ ସହଯୋଗୀ କମ୍ପାନୀ ଭାବେ ଚୁକ୍ତିରେ ଅନ୍ତର୍ଭୁକ୍ତ କରାଗଲା। ଏହା ମଧ୍ୟ ଏବେ ଅବିଶ୍ୱାସର କାରଣ ପାଲଟିଛି। ସେଥିପାଇଁ କୁହାଯାଉଛି ଯେ, ମଧ୍ୟସ୍ଥଙ୍କୁ ଦୂରେଇ ଦେଇ ପିଏମ୍ଓ ନିଜେ ସେହି କାର୍ଯ୍ୟ କରୁଛି।

ସମାଧାନ ଭାବରେ କୁହାଯାଇପାରନ୍ତା ଯେ, ଭବିଷ୍ୟତରେ ଯେତେବେଳେ ବି ଏହିଭଳି ଉଚ୍ଚମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସଂକ୍ରାନ୍ତ ଚୁକ୍ତି କରାଯିବ, ସେଥିରେ ସ୍ୱଚ୍ଛତା ସହିତ ଗୋପନୀୟତାର ଏକ ସନ୍ତୁଳନ ସୃଷ୍ଟି କରିବା ସର୍ବନିମ୍ନ ଆବଶ୍ୟକତା ହେବା କଥା।

# ଦୁର୍ନୀତିର ସ୍ୱରୂପ



ପ୍ରେମାନନ୍ଦ ନାୟକ

ତୃଣମୂଳ ସ୍ତରରେ ଲୋକମାନେ ଶାସନ ତଥା ବିକାଶରେ ପ୍ରତ୍ୟକ୍ଷ ଭାବେ ଭାଗୀଦାର ହୋଇପାରିଲେ ଦେଶର ପ୍ରକୃତ ଉନ୍ନତି ସାଧିତ ହେବ ବୋଲି ଚିନ୍ତାକରି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି। ଏହା ଜରିଆରେ ଗ୍ରାମାଞ୍ଚଳର ବିକାଶ, ଦାରିଦ୍ର୍ୟ ଦୂରୀକରଣ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନଧାରଣର ମାନରେ ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କିନ୍ତୁ ବାସ୍ତବ କ୍ଷେତ୍ରରେ ଯୋଜନାର ରୂପାୟନ ବେଳେ ବିନିଯୋଗ ଅର୍ଥରୁ ବିପୁଳ ପରିମାଣ ବାଟମାରଣା ହେବା ସହିତ ସାଧାରଣ ଜନତାଙ୍କୁ ଶୋଷଣ କରି କେତେଜଣ ଲାଭବାନ ହେଉଛନ୍ତି। ଫଳରେ ସରକାରଙ୍କ ଜନହିତକର ଯୋଜନାର ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ। ନିମ୍ନରେ ଖବରକାଗଜରୁ ପଢ଼ିଥିବା କେତେକ ସତ୍ୟ ଘଟଣା ଉଲ୍ଲେଖ କରୁଛୁ।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅଙ୍କରିଆପଦର ଗ୍ରାମର ଉଲ୍ଲେଶ ଦୀପଙ୍କ ନାମ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ଆଗରେ ଥିବାବେଳେ କାର୍ଯ୍ୟାଦେଶ ପତ୍ର ପାଇଁ ସରପଞ୍ଚ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଲେ। ଗରିବ ଉଲ୍ଲେଶ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ଉକ୍ତ ତାଲିକାରେ 'ମୃତ' ଦର୍ଶାଯାଇ ତାଲିକାରେ ବହୁ ତଳେ ଥିବା କିଛି ବଡ଼ବଡ଼ିଆ ହିତାଧିକାରୀଙ୍କୁ ଘର ଦିଆଗଲା। ଉଲ୍ଲେଶ ଜିଲାପାଳଙ୍କ ପାଖରେ ଅଭିଯୋଗ କଲାପରେ ଘଟଣାର ତଦନ୍ତ କରାଯାଇ ଅଙ୍କରିଆପଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ଦେବରାଜ ମାଝିଙ୍କୁ ନିଲମ୍ବନ କରାଗଲା। ସେହିଭଳି ବେଗୁନିଆ ଅଞ୍ଚଳର ଜଗନ୍ନାଥ ମହାରଣା 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଓ ପାଇଖାନା ନିର୍ମାଣ ବାବଦରେ ମଞ୍ଜୁର ହୋଇଥିବା ମୋଟ ୧ଲକ୍ଷ ୨୦ ହଜାର ଟଙ୍କା ମଧ୍ୟରୁ ୯୦ହଜାର ଟଙ୍କା ପାଇଥିଲେ। ଅବଶିଷ୍ଟ ୩୦ ହଜାର ଟଙ୍କା ପାଇଁ ବେଗୁନିଆ ବ୍ଲକ ଗ୍ରାମ ରୋଜଗାର ସେବକ ତାଙ୍କଠାରୁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଦ୍ୱାରା ଗିରଫ ହେଲେ। ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ୪ ନମ୍ବର ୱାର୍ଡ଼ର ରାଜୁ ଭୋଇ 'ଇନ୍ଦିରା ଆବାସ' ପାଇଁ କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ବାବଦରେ ୨୦ ହଜାର ଟଙ୍କା ପାଇଥିଲେ। ଦ୍ୱିତୀୟ କିସ୍ତି ପ୍ରଦାନ ପାଇଁ କାର୍ଯ୍ୟନିର୍ବାହୀ ଜଣକ ରାଜୁଙ୍କଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କଲେ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଉପରଦୁମୁକା ଗ୍ରାମର ହିତାଧିକାରୀ ମାଳତୀ ନାୟକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିବା ପରେ ମାଳତୀଙ୍କ ଦିଅରଙ୍କଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଲ୍ କରାଇଦେବା ପାଇଁ ୫ ହଜାର ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କଲା।

ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ 'ଇନ୍ଦିରା ଆବାସ', 'ବିଜୁପକ୍କାଘର', 'ମୋ କୁଡ଼ିଆ', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା'ରେ ଗରିବ ଲୋକମାନେ ଘରଖଣ୍ଡେ ପାଇବା ପାଇଁ ପଞ୍ଚାୟତ ସ୍ତରରେ କିଭଳି ଶୋଷଣର ଶିକାର ହେଉଛନ୍ତି, ଉପରୋକ୍ତ ଘଟଣାଗୁଡ଼ିକ ତାହାର ଗୋଟିଏ ଗୋଟିଏ ନମୁନା ମାତ୍ର। ଏହିଭଳି ଘଟଣା ପ୍ରାୟ ସମସ୍ତ ପଞ୍ଚାୟତରେ ଘଟୁଛି। ସରକାରଙ୍କର ଅନ୍ୟ ଯୋଜନାଗୁଡ଼ିକ ମଧ୍ୟ ଦୁର୍ନୀତିମୁକ୍ତ ନୁହନ୍ତି। ବିଦ୍ୟାଳୟଗୁଡ଼ିକରେ ମିଥ୍ୟା ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହେରଫେର କରାଯାଉଛି ତ ଯୋଗାଣ ଏବଂ ନିର୍ମାଣ କାର୍ଯ୍ୟରେ ପର୍ସେଣ୍ଟେଜ୍ ଦେଇ ବିପୁଳ ଅର୍ଥ ହଡ଼ପ ହେଉଛି।

ଏବେ ଅନ୍ୟାନ୍ୟ ରାଜ୍ୟ ଏବଂ କେନ୍ଦ୍ର ପ୍ରସଙ୍ଗକୁ ଆସିବା। ବିହାରର ଅରାରିଆ ଜିଲାର ୨୦୮୦ ପ୍ରାଥମିକ ବିଦ୍ୟାଳୟରେ ମୋଟ ସାଢେ ୫ଲକ୍ଷ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବରେ ସେତିକି ସଂଖ୍ୟାରେ ପିଲା ନ ଥିବା ଅନୁଧ୍ୟାନରୁ ଜଣାପଡ଼ିଥିଲା। ୨୫୧ଜଣ ପ୍ରଧାନଶିକ୍ଷକଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କଠାରୁ ଜରିମାନା ଆକାରରେ ମୋଟ ୬୧ଲକ୍ଷ ୬୮ ହଜାର ଟଙ୍କା ଆଦାୟ କରିଛନ୍ତି। ବିଗତ ଦୁଇବର୍ଷରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମରେ ସରକାର ପ୍ରାୟ ୭ହଜାର କୋଟି ଟଙ୍କା ଖର୍ଚ୍ଚ କରିସାରିଥିଲେ ମଧ୍ୟ ଆଶାନୁରୂପ ଫଳ ମିଳିପାରିନାହିଁ। ସୂଚନାଯୋଗ୍ୟ, ବିଗତ ୨୮ବର୍ଷ ମଧ୍ୟରେ କେନ୍ଦ୍ର ସରକାର ପ୍ରାୟ ୨୦ ହଜାର କୋଟି ଟଙ୍କା ଗଙ୍ଗାନଦୀ ସଫେଇ କାର୍ଯ୍ୟରେ ବ୍ୟୟ କରିଛନ୍ତି। କିନ୍ତୁ ଫଳ ଯଥା ପୂର୍ବଂ ତଥା ପରମ୍। ତିନିକୋଟି ଟଙ୍କା ଲାଞ୍ଚ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ବମ୍ବେରେ କାର୍ଯ୍ୟରତ ଆୟକର ବିଭାଗ ଡେପୁଟି କମିଶନର ଜୟପାଲ ସ୍ୱାମୀଙ୍କ ସମେତ ତିନିଜଣଙ୍କୁ ସିବିଆଇ ଅଧିକାରୀମାନେ ତା୨୨।୯।୨୦୧୭ରେ ଗିରଫ କଲେ। ୨୦୦୫ରେ ୧୧ଜଣ ସାଂସଦ ପ୍ରଶ୍ନ ପଚାରିବା ପାଇଁ ଲାଞ୍ଚ ନେବା ଅଭିଯୋଗରେ ସଂସଦରୁ ବହିଷ୍କୃତ ହୋଇଥିଲେ। ଏହି ଅଭିଯୁକ୍ତମାନଙ୍କ ଭିତରେ ଭାଜପା, କଂଗ୍ରେସ, ବିଏସ୍‌ପି ଏବଂ ଆର୍‌ଜେଡିର ସାଂସଦ ଅଛନ୍ତି। କଟକର ଏସ୍‌ସିବି ମେଡ଼ିକାଲ କଲେଜ ହାସ୍‌ପାତାଳରେ ହେପାଟୋଲୋଜି ବିଭାଗର ଦୁଇଜଣ ଡାକ୍ତର ଏକ ନିର୍ଦ୍ଦିଷ୍ଟ ଔଷଧ କମ୍ପାନୀ ସହିତ ସଲାସୁତୁରାରେ ସରକାରଙ୍କ ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି (ଓଏସ୍‌ଟିଏଫ୍)ରୁ ବିପୁଳ ଅର୍ଥ ରୋଜଗାର କରିବା କାରଣ ଯୋଗୁ ଗତ ଡିସେମ୍ବରରେ ଗିରଫ ହେଲେ। ଚଢାଉ ବେଳେ ଜଣେ ଡାକ୍ତର ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୯୪ ପ୍ରତିଶତ। ସେହିପରି ବାଙ୍ଗାଲୋରରେ ଆୟକର ବିଭାଗ ଚଢାଉ ବେଳେ ଧରାପଡ଼ିଛି ଡାକ୍ତର ଓ ନିଦାନ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ। ରୋଗୀକୁ ଅନାବଶ୍ୟକ ପରୀକ୍ଷା ଲାଗି ପାଥୋଲାବ୍‌କୁ ପଠାଇ ସେଠାରୁ ବିପୁଳ ପରିମାଣରେ କମିଶନ ନେଉଛନ୍ତି। ଆୟକର ବିଭାଗ ଅଧିକାରୀମାନେ ୨ଟି ଆଇଭିଏଫ୍ ସେଣ୍ଟର ଓ ୫ଟି ଡାକ୍ତରୀ ପରୀକ୍ଷା କେନ୍ଦ୍ର ଉପରେ ଚଢାଉବେଳେ ୧୦୦ କୋଟି ଟଙ୍କା ମୂଲ୍ୟର ଗହଣା ଓ ନଗଦ ୧ କୋଟି ୪୦ଲକ୍ଷ ଟଙ୍କା ଜବତ କରିଛନ୍ତି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ପକ୍ଷରୁ ହୋଇଥିବା ଏକ ସର୍ଭେରେ ଭାରତକୁ ଏସିଆରେ ସବୁଠାରୁ ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ଭାବେ ବିବେଚନା କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତର ଅର୍ଦ୍ଧାଧିକ ଭାରତୀୟ ସରକାରୀ ସେବା ଓ ସୁବିଧା ପାଇବା ଲାଗି ଲାଞ୍ଚ ପ୍ରଦାନ କରିଥାନ୍ତି। ତଥ୍ୟ ଅନୁଯାୟୀ ଭାରତରେ ଲାଞ୍ଚ ଗ୍ରହଣ କରିବାର ହାର ୬୯ ପ୍ରତିଶତ। ପୋଲିସ ବିଭାଗରେ ୮୫, ସରକାରୀ କର୍ମଚାରୀ ୮୪, ବ୍ୟବସାୟିକ ଅଧିକାରୀ ୭୯, ସ୍ଥାନୀୟ କାଉନସିଲର ୭୮ ଏବଂ ସାଂସଦ ୭୬ ପ୍ରତିଶତ ବୋଲି ଉଲ୍ଲେଖ କରାଯାଇଛି।

ଭାଜପା ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି ବୋଲି କହୁଥିଲେ ମଧ୍ୟ ଲୋକପାଳ ଓ ଲୋକାୟୁକ୍ତ ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଦୁର୍ନୀତିକୁ ପ୍ରୋତ୍ସାହନ ସଦୃଶ। ମଧ୍ୟପ୍ରଦେଶର ଭାଜପା ସରକାରଙ୍କ ଅମଳରେ ହୋଇଥିବା ୧୨୦୦ କୋଟି ଟଙ୍କାର ଭ୍ୟାପମ୍ ଦୁର୍ନୀତି ବିଷୟ ସର୍ବଜନବିଦିତ। ଏହି ମାମଲାରେ ୪୪ଜଣ ସାକ୍ଷୀଙ୍କୁ ହତ୍ୟା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜକୁ ଏ ଦେଶର ଚୌକିଦାର କହି ନିଜେ ଖାଇବେ ନାହିଁ କି କାହାରିକୁ ଖାଇବାକୁ ଦେବେନାହିଁ ବୋଲି କହୁଛନ୍ତି। କିନ୍ତୁ 'ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା' ନ୍ୟାୟରେ ଦେଶରେ ଭ୍ରଷ୍ଟାଚାର ତା'ର କାୟା ବିସ୍ତାର କରିଚାଲିଛି। ଉପରୋକ୍ତ ଧରଣର ଘଟଣାଗୁଡ଼ିକ ଛଡ଼ା ସରକାରଙ୍କ ବିଭିନ୍ନ ଟିକସ, ଶୁଳ୍କ ଇତ୍ୟାଦି ରାଜସ୍ୱ ଆଦାୟକାରୀ ସଂସ୍ଥାଗୁଡ଼ିକର ବିଭାଗୀୟ ଅଧିକାରୀମାନେ ଟିକସ/ଶୁଳ୍କ ଫାଙ୍କି ମାମଲାର ବିଚାରବେଳେ ମୋଟାଅଙ୍କର ଲାଞ୍ଚ ନେଇ ବୃହତ୍ ପରିମାଣର ଅର୍ଥ ଛାଡ଼ିଦେଉଛନ୍ତି। ସରକାର ସେ ବାବଦରେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ନୀତିଶ୍ଳୋକ କହେ, 'ବୁଭୁକ୍ଷିତଃ କିଂ ନ କରୋତି ପାପମ୍'। କ୍ଷୁଧାତୁର ଲୋକ କି ପାପ କରି ନ ପାରେ? ତେବେ ପ୍ରଶ୍ନ ହେଉଛି, ଉପରୋକ୍ତ ଦୁର୍ନୀତି ଅଭିଯୁକ୍ତମାନେ କେତେ ପରିମାଣରେ କ୍ଷୁଧାର୍ତ୍ତ ବା ଅଭାବଗ୍ରସ୍ତ ଯେ ସେମାନେ ଅନୈତିକ ଉପାୟରେ ଅର୍ଥ ସଂଗ୍ରହ କରିବାକୁ ବାଧ ହେଉଛନ୍ତି?

କୌତୂହଳର ବିଷୟ, ଏବେ ଭିଜିଲାନ୍ସ ଚଢାଉରୁ ବର୍ତ୍ତିବା ପାଇଁ ଦୁର୍ନୀତିଖୋର କର୍ମଚାରୀମାନେ ନୂଆ ଉପାୟ ଅବଲମ୍ବନ କଲେଣି। ନିଜେ ଲୋକଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ ନ କରି ଦଲାଲଙ୍କ ମାଧ୍ୟମରେ ତାହା ନେଉଛନ୍ତି, ଯାହାଦ୍ୱାରା ଭିଜିଲାନ୍ସ ଦ୍ୱାରା ଧରାପଡ଼ିବାର ଭୟ ରହିବ ନାହିଁ ଏବଂ ନିଜର ସ୍ୱଚ୍ଛତା ଅକ୍ଷୁଣ୍ଣ ରହିବ। ଫଳରେ ଦଲାଲମାନେ ଦୁଇପଟୁ ପାଉଣା ପାଇ ମାଲାମାଲ ହେଉଛନ୍ତି। କିନ୍ତୁ ଜନସାଧାରଣଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି।

ଶହୀଦନଗର, ଭୁବନେଶ୍ୱର, ମୋ-୯୪୩୭୩୮୨୧୦୦

# ଆମ ହାତରେ ଆମ ପରିବେଶ

ପ୍ରଜ୍ଞାପାରମିତା ପତ୍ରି

କଥାରେ ଅଛି- 'ଘର ପାଖେ ଥିଲେ ଗୋବର ଖାତ, ରୋଗ ହେଉଥିବ ଅନବରତ।' ଗାଁ ଗହଳିର ଲୋକମାନେ ଏଥିପ୍ରତି ଖୁବ୍ ଚେତିଲେଣି ଓ ନିଜ ଗୋବର ଗାଡ଼ିଆକୁ ଘରଠାରୁ ଦୂରରେ ରଖିଲେଣି। ମାତ୍ର ସହରରେ ବସବାସ କରୁଥିବା ବଡ଼ବଡ଼ିଆ ବାବୁମାନେ ଚେଇଁ ଶୋଇଛନ୍ତି। ସିଲ୍‌ଭର ସିଟି ଓ ସ୍ମାର୍ଟ ସିଟିରେ ସ୍ମାର୍ଟ ବାବୁ ଓ ବାବୁଆଣୀମାନେ ସ୍ମାର୍ଟ ଗୋବର ଗାଡ଼ିଆ ତିଆରି କରିଚାଲିଛନ୍ତି। ଦୈନିକ ବାହାରୁଥିବା ଅଳିଆ ଆବର୍ଜନାକୁ ବିଏମ୍‌ସିରେ ନ ଦେଇ ଏଣେତେଣେ ନାଳନର୍ଦ୍ଦମାରେ ଫୋପାଡିବାରେ ଲାଗିଛନ୍ତି, ଯାହାଦ୍ୱାରା ବଢୁଛି ଡେଙ୍ଗୁ, ବ୍ୟାପୁଛି ମ୍ୟାଲେରିଆ। ଘର ଆଖପାଖରେ ସବୁବେଳେ ପାଣି ଜମି ରହିଲେ ନାନା ପ୍ରକାର ରୋଗ ଜୀବାଣୁ ବ୍ୟାପିଥାଆନ୍ତି। ସାରା ଦେଶରେ ପ୍ରତ୍ୟେକ ଦିନ ୧,୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଥିବାବେଳେ ବର୍ଷକରେ ୩୬,୫୦୦,୦୦୦ ମେଟ୍ରିକ୍ ଟନ୍ ଆବର୍ଜନା ବାହାରୁଛି। ଯଦି ଗୋଟିଏ ବର୍ଷରେ ଏତିକି, ତେବେ ୧୦ ବର୍ଷରେ ଏହାର ମାତ୍ରା କେତେ ଅଧିକ ହେବ, ତାହା ଆକଳନ କଲେ ମନରେ ଡର ବସା ବାନ୍ଧୁଛି। ସତରେ କ'ଣ ଦିନେ ଆମେ କେବଳ ଆବର୍ଜନାର ସହରରେ ରହିବା! ଆମ ଚାରିପାଖରେ ଖାଲି ଅଳିଆ ଓ ଆବର୍ଜନା ଶୋଭାବର୍ଦ୍ଧନ କରୁଥିବେ! ଏମିତି କେତେକ'ଣ ଚିନ୍ତା ବର୍ତ୍ତମାନର ଯୁବପିଢିଙ୍କଠାରୁ ଆରମ୍ଭ କରି ସଭ୍ୟ ସମାଜକୁ ଶଙ୍କାଗ୍ରସ୍ତ କରୁଛି। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ଶହ ଶହ, କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ ଏହାର ଫଳାଫଳ ସେଭଳି କିଛି ଆଖିଦୃଶିଆ ହେଉନି। ଏବେ ପ୍ରଶ୍ନ ଉଠୁଛି ଏଥିପାଇଁ ଦାୟୀ କିଏ? ସରକାର ନା ପୌରପାଳିକା ନା ଖୋଦ୍ ଜନସାଧାରଣ? ସମସ୍ତେ ସମସ୍ତଙ୍କ ଉପରେ କାଦୁଅ ଫୋପଡ଼ା ଫୋପଡ଼ିରେ ବ୍ୟସ୍ତ। ପରିବେଶକୁ ନିର୍ମଳ ରଖିବା ସରକାର ଓ ମ୍ୟୁନିସିପାଲିଟିର ଯେତିକି ଗୁରୁଦାୟିତ୍ୱ ଜନସାଧାରଣଙ୍କ ତାଠୁ ଅଧିକ ଦାୟିତ୍ୱ ରହିଛି। ଛୋଟବେଳୁ ପଢ଼ିଆସିଛୁ ଯେ, ସମସ୍ତେ ନିଜ ନିଜ ଘରକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ଗାଁ ପରିଷ୍କାର ରହିବ, ଗାଁ ପରିଷ୍କାର ରହିଲେ ସହର ଓ ତା'ପରେ ପୂରା ଦେଶ। ଯଦି ଏବେଠୁ ସଚେତନ ନ ହେବା ତେବେ ଆଗାମୀ କୋଡ଼ିଏ ବର୍ଷ ମଧ୍ୟରେ ସାରା ରାଷ୍ଟ୍ର ଆବର୍ଜନାର ରାଜଧାନୀ ପାଲଟିଥିବ।

ଆମ ରାଜ୍ୟର କଟକ ଓ ଭୁବନେଶ୍ୱର ପରି ବଡ଼ ବଡ଼ ସହରରେ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନ ଥିବାରୁ ଅସରାଏ ବର୍ଷାରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମି ରହୁଛି। ସହରରେ ରହିଥିବା ଆବର୍ଜନା ବର୍ଷାପାଣି ସହ ମିଶି ଚାରିଆଡ଼େ ପ୍ରବେଶ କରୁଛି ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଘଣ୍ଟା ଘଣ୍ଟା ରାସ୍ତା ଉପରେ ପାଣି ଜମି ରହୁଥିବାରୁ କୃତ୍ରିମ ବନ୍ୟା ସୃଷ୍ଟି ହୋଇ ଯାତାୟାତ ବାଧାପ୍ରାପ୍ତ ହେଉଛି। ଆଉ କିଛି ସ୍ଥାନରେ ବଡ଼ ବଡ଼ ଡ୍ରେନ୍ ଅବହେଳିତ ଅବସ୍ଥାରେ ଖୋଲା ପଡିଥିବାରୁ ଅନେକଙ୍କ ପାଇଁ ମୃତ୍ୟୁର ଯନ୍ତା ସାଜୁଛି। ଗତ ବର୍ଷାଋତୁରେ ବିଏମ୍‌ସିର ଅବହେଳା ଓ ମନମୁଖି କାର୍ଯ୍ୟ ଯୋଗୁ ଭୁବନେଶ୍ୱର ୟୁନିଟ୍-୬ରେ ଡ୍ରେନ୍ ପାଣିରେ ଭାସିଯାଇ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କିଛି ବର୍ଷ ପୂର୍ବେ ନୟାପଲ୍ଲୀ ମମତାଜ ହାଇସ୍କୁଲ ନିକଟରେ ୯ ବର୍ଷର ଜଣେ ଛାତ୍ର ଟ୍ୟୁଶନରୁ ଫେରୁଥିବା ସମୟରେ ଡ୍ରେନ୍ ପାଣିରେ ଭାସିଯାଇ ମୃତ୍ୟୁର ଶିକାର ହୋଇଥିଲା। ଆଉ କେତେ ଜୀବନ ଗଲେ ସରକାରଙ୍କ ଚେତା ଫେରିବ ତାହା ସାଧାରଣରେ ଚର୍ଚ୍ଚା ହେଉଛି।

ସ୍ୱାସ୍ଥ୍ୟକର ପରିବେଶ ଗଠନ ପାଇଁ ଆମେ ନିଜେ ସଚେତନ ହେଲେ ଏ ଜଟିଳ ସମସ୍ୟାର ସମାଧାନ ହୋଇପାରନ୍ତା। 'ସଫା ପରିବେଶ ରହିବା ପାଇଁ, ଗୋବର ଖାତକୁ ଦେବା ଦୂରେଇ' -ଏହି କଥାକୁ ମର୍ମେ ମର୍ମେ ଅନୁଭବ କରିବା ଉଚିତ। ସମାଜକୁ ଆବର୍ଜନାମୁକ୍ତ କରିବା ପାଇଁ ପ୍ରଥମେ ସରକାରୀ ଭାବେ ନିଷେଧ କରାଯାଇଥିବା ପ୍ଲାଷ୍ଟିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ତ୍ୟାଗ କରିବା। ପ୍ରତିଦିନ ନଷ୍ଟ ହେଉଥିବା ଖାଦ୍ୟର ପରିମାଣକୁ କମାଇବା ସହ ଜିନିଷ କିଣାବିକା ସମୟରେ ପ୍ୟାକିଂର ମାତ୍ରା କମ୍ କରିବା ଆବଶ୍ୟକ। ବ୍ୟବହୃତ ଡ୍ରେସ୍ ନ ଫୋପାଡି ତାକୁ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଦେବା, ପୁନଃ ବ୍ୟବହାର ହୋଇପାରୁଥିବା ସାମଗ୍ରୀର ବ୍ୟବହାର ପାଇଁ ଅଭ୍ୟାସ ବୃଦ୍ଧି, ଘରର ଅଳିଆ ଆବର୍ଜନାକୁ ରାସ୍ତାକଡ଼ରେ ନ ଫିଙ୍ଗି ଗୋଟିଏ ଜାଗାରେ ଜମା ରଖି ବିଏମ୍‌ସି କର୍ମଚାରୀଙ୍କୁ ଦେବା ଏବଂ ସବୁଠାରୁ ବଡ଼ ଓ ଭଲ କାମ ଗଛ ଲଗାଇବା ଉପରେ ଯଦି ଆମେ ଗୁରୁତ୍ୱ ଦେବା, ତେବେ ଅନେକ କିଛି ଅସମ୍ଭବ କାର୍ଯ୍ୟକୁ ଅନାୟାସରେ ସମ୍ଭବ କରିପାରିବା। ଏ ସବୁ ହୋଇପାରିଲେ ସ୍ୱଚ୍ଛ ଓ ସୁସ୍ଥ ସମାଜ ଗଠନର ଗୁରୁଦାୟିତ୍ୱ ଗୋଟିଏ ଅନୁଷ୍ଠାନ କିମ୍ବା ସଂସ୍ଥା ଉପରେ ନ ଛାଡ଼ି ଆମେ ନିଜେ ନେଇପାରିବା। ଆସନ୍ତୁ ସମସ୍ତେ ମିଶି ଏହି ସ୍ୱଚ୍ଛତାର ସ୍ୱପ୍ନକୁ ସାକାର କରିବା।

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, କଟକ,
ମୋ-୮୩୩୮୬୯୬୯୭,
pragyanpatri777@gmail.com

## ଏଇ ଭାରତରେ

ଆଜିର ଖାଦ୍ୟ ପରବର୍ତ୍ତୀ ଦିନକୁ ବାସି ହୋଇଯାଏ। ଏହାକୁ ତଟକା ରଖିବା ଲାଗି ଆଜିକାଲି ଫ୍ରିଜ୍ ବ୍ୟବହାର କରାଯାଉଛି। ଫ୍ରିଜ୍‌ରେ ରଖାଯାଉଥିବା ଖାଦ୍ୟଦ୍ରବ୍ୟ ବେଶିଦିନ ରହିଲେ ଏଥିରେ ଥିବା ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ। କିନ୍ତୁ ମୁମ୍ବାଇ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈଶାଳୀ ବମ୍‌ବୋଲେ ଏ ସମ୍ପର୍କିତ ଏକ ଜ୍ଞାନକୌଶଳ ବିକାଶ କରିଛନ୍ତି। ଏହାଦ୍ୱାରା ଖାଦ୍ୟଦ୍ରବ୍ୟକୁ ୩ ବର୍ଷ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ। ଏଥିପାଇଁ କୌଣସି ରେଫ୍ରିଜରେଟର ଆବଶ୍ୟକ ପଡିବ ନାହିଁ। ଏହାର ପୋଷକତତ୍ତ୍ୱରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ଇଲେକ୍‌ଟ୍ରନ୍ ବିମ୍ ରେଡିଏଶନ୍ ଜ୍ଞାନକୌଶଳ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଖାଦ୍ୟରେ ଥିବା ପରଜୀବୀ ଏହି ଜ୍ଞାନକୌଶଳ ଦ୍ୱାରା ନଷ୍ଟ ହୋଇଯିବେ। ଉକ୍ତ ଜ୍ଞାନକୌଶଳ ସୈନ୍ୟବାହିନୀ ଏବଂ ମହାକାଶଚାରୀଙ୍କ ନିମନ୍ତେ ବ୍ୟବହାର ପାଇଁ ଯୋଜନା କରାଯାଉଛି। ଗତ ୬ବର୍ଷ ଧରି ବୈଶାଳୀ ଏବଂ ତାଙ୍କ ଗବେଷକ ଦଳ ଏହା ଉପରେ ଗବେଷଣା ଜାରି ରଖିଥିଲେ। ଏହା ଜନକଲ୍ୟାଣ ଦିଗରେ ବିନିଯୋଗ ହେବାକୁ ଯାଉଛି।

### ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ-ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି?
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୧ ଫେବୃୟାରୀ ୧୯୯୪

- ଓଡ଼ିଶାରେ ଚାରୋଟି ଜଳସେଚନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ପଠାଯାଇଥିବା ପ୍ରସ୍ତାବ କେନ୍ଦ୍ର ଜଳସମ୍ପଦ ମନ୍ତ୍ରଣାଳୟର ଅନୁମୋଦନ ଲାଭ କରିଛି।
- ଆଙ୍ଗୋଲାର ସର୍ଦ୍ଦନ ପ୍ରୋଭିନ୍‌ସରେ ଏକ ମତ୍ସ୍ୟଧରା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ୟୁରୋପ ସଂଗଠନର ଅର୍ଥ ବିନିଯୋଗ।

## ସାପ୍ତାହିକ ପଞ୍ଜିକା

ଫେବୃୟାରୀ ୩- ମୁମ୍ବାଇ ଆକ୍ରମଣ ଘଟଣାରେ ପାକିସ୍ତାନର ଦୁଇ ସେନାଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକବାଲଙ୍କ ବିରୋଧରେ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା ଜାରି କରିଛନ୍ତି।

୫- ପୃଥିବୀରଚୁମ୍ବକୀୟଉତ୍ତରମେରୁଦ୍ରୁତଗତିରେସ୍ଥାନାନ୍ତର ହେଉଥିବା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

୬- କଶ୍ମୀରରେ ସକ୍ରିୟ ଥିବା ଆତଙ୍କବାଦୀ ସଂଗଠନ ତେହରିକ୍ ଉଲ୍ ମୁଜାହିଦ୍ଦିନକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି।

୭- କଂଗ୍ରେସ କ୍ଷମତାକୁ ଆସିଲେ ତିନି ତଲାକ ଆଇନକୁ ରଦ୍ଦ କରିବ ବୋଲି ଦଳର ମହିଳା ଶାଖା ସଭାନେତ୍ରୀ ସୁସ୍ମିତା ଦେବ କହିଛନ୍ତି।

୮- ବିଷାକ୍ତ ମଦ ପିଇ ଉତ୍ତରପ୍ରଦେଶରେ ୨୦ ଜଣ ଓ ଉତ୍ତରାଖଣ୍ଡରେ ୧୬ ଜଣଙ୍କ ମୃତ୍ୟୁ।

## ଆମ ସମସ୍ୟା

### ସ୍ମାର୍ଟ ସିଟିରେ ବିପର୍ଯ୍ୟସ୍ତ ପରିମଳ

ମହାଶୟ,

ସ୍ମାର୍ଟ ସିଟିର ସ୍ୱଚ୍ଛତା ପାଇଁ ବିଡିଏ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହାତକୁ ନେଇଛି। ହେଲେ ସେପରି କିଛି ଆଖିଦୃଶିଆ କାମ ନଜରକୁ ଆସୁନାହିଁ। ବିଶେଷକରି ବିଡିଏ ଅଧୀନ ସତ୍ୟନଗର ୱାର୍ଡର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ। ଅନେକ ବସ୍ତିବାସିନ୍ଦା ଖୋଲାସ୍ଥାନ କିମ୍ବା ଡ୍ରେନରେ ମଳମୂତ୍ର ତ୍ୟାଗ କରୁଛନ୍ତି। ସ୍ଥାୟୀ ବାସିନ୍ଦାଙ୍କ ସ୍ୱରେଜ ବ୍ୟବସ୍ଥା ସ୍ୱତନ୍ତ୍ର ଭାବରେ ନ ଥିବାରୁ ସେମାନେ ଡ୍ରେନ ମଧ୍ୟରେ ସବୁ ଛାଡୁଛନ୍ତି। ଡ୍ରେନ ମୁକ୍ତ ରହୁଥିବା ହେତୁ ଏହା ମଧ୍ୟରୁ ନିର୍ଗତ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। କେତେକ ବସ୍ତିବାସିନ୍ଦା ସରକାରୀ ଜାଗାରେ ଖୋଲା ପାଇଖାନା ନିର୍ମାଣ କରି ମଳମୂତ୍ର ତ୍ୟାଗ କରୁଛନ୍ତି। ଏତଦ୍ ବ୍ୟତୀତ ସ୍ଥାୟୀ ବାସିନ୍ଦା ଓ ବସ୍ତି ବାସିନ୍ଦାଙ୍କ ଘର ନିକଟରେ ଅନେକ ଅବ୍ୟବହୃତ ସ୍ଥାନ ଖାଲି ପଡିଛି। ଲୋକେ ସେମାନଙ୍କ ବ୍ୟବହୃତ ଜଳକୁ ଡ୍ରେନ ମଧ୍ୟକୁ ନ ଛାଡି, ସେହି ଖୋଲା ସ୍ଥାନକୁ ଛାଡୁଛନ୍ତି। ଖୋଲା ସ୍ଥାନରେ ଜମି ରହୁଥିବା ଜଳରେ ପତ୍ର, ଜରି, କାଠିକୁଟା ଇତ୍ୟାଦି ପଡି ପଚା ଗନ୍ଧ ସୃଷ୍ଟି କରୁଛି। ପୋକ, ଜୋକ, ମଶା, ମାଛି ସେମାନଙ୍କ ବଂଶ ବୃଦ୍ଧି ଘଟାଉଛନ୍ତି। ଦୁର୍ଗନ୍ଧ ବାୟୁ ସେବନ ସହ ମଶାମାଛିଙ୍କ ଦାଉରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ଏପରି ବିପର୍ଯ୍ୟସ୍ତ ପରିମଳ ଅବସ୍ଥା ପ୍ରତି ବିଏମ୍‌ସି ଅଧିକାରୀଙ୍କ ଦୃଷ୍ଟି ପଡୁ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### କୁଷ୍ଠାଶ୍ରମ ହସ୍ପିଟାଲର ପୁନରୁଦ୍ଧାର ହେଉ

କଟକ ନୟାବଜାରସ୍ଥିତ କୁଷ୍ଠାଶ୍ରମ ହସ୍ପିଟାଲ ୧୯୧୯ ମସିହାରେ ପ୍ରତିଷ୍ଠା କରାଯାଇଥିଲା। ରକ୍ଷଣାବେକ୍ଷଣ ନ ହେବାରୁ ଆଜବେଷ୍ଟସ ଏବଂ ବେଡ୍ ଭଗ୍ନ ଅବସ୍ଥାରେ ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସତ୍ତ୍ୱେ ବେଡ୍ ବୃଦ୍ଧି କରାଯାଉନାହିଁ। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ସେହିପରି ଦୈନନ୍ଦିନ ଖାଦ୍ୟ ଖର୍ଚ୍ଚ ପଚାଶ ଟଙ୍କା ରହିଛି। ବଜାର ଦର ତୁଳନାରେ ତାହା ଯଥେଷ୍ଟ ନୁହେଁ। ଉନ୍ନତମାନର ସେବା ଓ ଖାଦ୍ୟ ଯୋଗାଇ ଦିଆଯିବା ଉଚିତ।

ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 6 | 4 | | | | D | 9 | | | | | A | | |
| | C | 5 | | 2 | | | | E | B | | | | | |
| | A | | | | | 8 | | | 1 | | 6 | 7 | | |
| 9 | | | 3 | | | 7 | | | | | | | E | |
| | 0 | | 7 | 8 | 1 | | | | | | | | 5 | |
| | | | | | 4 | | C | 1 | 3 | | | | | E |
| | 9 | | 5 | D | 3 | | | | | | 8 | | | |
| C | | | B | | | E | 4 | | | | | 8 | | |
| 2 | | | | | 6 | | 3 | 5 | E | | | | | D |
| | 3 | | | | | | | | 5 | | 4 | B | 1 | 2 |
| | | | | B | | A | 1 | | | | | | | 9 |
| | | 2 | | 6 | | | | | | | A | | C | 3 |
| A | | | C | | | | | 6 | | | | 0 | 7 | |
| 4 | | | E | 1 | 8 | 2 | | | | | | | | |
| | | 9 | | 0 | 5 | | | 7 | | 1 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | D | 9 | 8 | 2 | 7 | B | 6 | 0 | 5 | C | 4 | 3 | A | 1 |
| 8 | 2 | 7 | 4 | C | A | 1 | 9 | 3 | 0 | 6 | E | D | 5 | B |
| B | 4 | 5 | 9 | 0 | 1 | E | 7 | C | 3 | D | A | 2 | 6 | 8 |
| 0 | 1 | 3 | 5 | D | 6 | 8 | 4 | A | 2 | B | 9 | C | E | 7 |
| A | C | 6 | 3 | B | E | 2 | 5 | D | 7 | 1 | 8 | 0 | 9 | 4 |
| 3 | 0 | C | 6 | E | 8 | 4 | B | 9 | A | 7 | 5 | 1 | D | 2 |
| 2 | 8 | 4 | 0 | 1 | 3 | D | A | 6 | B | E | C | 5 | 7 | 9 |
| 9 | 6 | D | 7 | 5 | 4 | 0 | C | 8 | 1 | 3 | 2 | E | B | A |
| 1 | 5 | B | D | A | 2 | 3 | E | 7 | 9 | 4 | 6 | 8 | 0 | C |
| 7 | A | E | B | 9 | C | 5 | 2 | 1 | 8 | 0 | D | 4 | 3 | 6 |
| 4 | 7 | 1 | C | 6 | 0 | 9 | 3 | 5 | E | 8 | B | A | 2 | D |
| 6 | E | 2 | 1 | 3 | 5 | A | D | 4 | C | 9 | 7 | B | 8 | 0 |
| 5 | 9 | 8 | 2 | 7 | D | C | 0 | B | 4 | A | 3 | 6 | 1 | E |
| D | 3 | 0 | A | 4 | B | 7 | 8 | E | 6 | 2 | 1 | 9 | C | 5 |
| C | B | A | E | 8 | 9 | 6 | 1 | 2 | D | 5 | 0 | 7 | 4 | 3 |

ଶନିବାର ପ୍ରକାଶିତ ଉତ୍ତର



airasia.com
Take off with LOVE to Thailand, Malaysia and Beyond
Thailand FREE VISA-ON-ARRIVAL till 30 April 2019
For lowest fares book only on www.airasia.com or the AirAsia Mobile App
Fly from Bhubaneswar
Bangkok
Kuala Lumpur
ALL-IN FARE FROM ₹2,999
Fly thru
Bali • Ho Chi Minh City • Melbourne
Langkawi • Manila • Krabi • Phuket
Sydney • Singapore
and many more destinations
ALL-IN FARE FROM ₹4,799
airasia.com
Now Everyone Can Fly
Book now till 17 Feb 2019
Travel from 25 Feb till 31 Jul 2019
AirAsia
AirAsia
All India domestic flights are operated by AirAsia India Ltd. and all international flights are operated by either AirAsia Berhad, Thai AirAsia Co. Ltd., AirAsia X Berhad or PT. Indonesia Co. Ltd. Our seats are limited and may not be available on all flights during public holidays, school breaks and weekends. Discount is applicable only on the base fare. All-in fares include fares, fuel surcharges and airport taxes. Inclusive of one-way only. A payment processing fee is applicable to all payments made via credit, debit or charge cards. Our other terms and conditions of arriage apply. Skytrax has named AirAsia Group as World's Best Low-Cost Airline for the tenth year in a row. **AirAsia India being a joint-venture of AirAsia Berhad, is a part of AirAsia Group and is permitted by Skytrax to use this logo for Indian market.

# ମୃତ କଲରାପତରିଆର ବ୍ୟବଚ୍ଛେଦ

**ବନ୍ତଳା, ୧୦।୨ (ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ରେଞ୍ଜ କଣଲୋଇ ସଂରକ୍ଷିତ ଜଙ୍ଗଲରୁ ଶନିବାର ଉଦ୍ଧାର କଲରାପତରିଆ ବାଘର ମୃତଦେହକୁ ରବିବାର ବ୍ୟବଚ୍ଛେଦ ପରେ ପୋଡ଼ି ଦିଆଯାଇଛି। ସାତକୋଶିଆ ଅଭୟାରଣ୍ୟ ବନଖଣ୍ଡ କାର୍ଯ୍ୟାଳୟ ବଙ୍ଗଳା ପଛରେ ସକାଳ ୭ଟାରୁ ଆରମ୍ଭ ହୋଇଥିବା ବ୍ୟବଚ୍ଛେଦ କାର୍ଯ୍ୟ ଅପରାହ୍ନ ୨ଟାରେ ଶେଷ ହୋଇଥିଲା। ଏନ୍‌ଟିସିଏ (ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ) ଗାଇଡ୍ ଲାଇନ ଅନୁଯାୟୀ ଏକ ୩୦ ଜଣିଆ ଟିମ୍ ଏଥିପାଇଁ ଗଠନ କରାଯାଇଥିଲା। ଏଥିରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ, ଏସିଏଫ୍ ଏଚ୍.ଡି. ଧନ୍‌ରାଜ, ଶ୍ରୀକାନ୍ତ ବେହେରା, ୱାର୍କିଂ ପ୍ଲାନ ଡିଏଫ୍‌ଓ ପ୍ରଦୀପ୍ତ କୁମାର ମହାପାତ୍ର, ସବ୍‌ଡିଭିଜନାଲ ଭେଟେରିନାରି ଅଫିସ ଡେପୁଟି ଡାଇରେକ୍ଟର ଡା.ଗଡ଼ନାୟକ, ଅତିରିକ୍ତ ଭେରେରିନାରି ଅଫିସର ଡା.ସୁଶାନ୍ତ ସେଠୀ, ସାତକୋଶିଆ ପ୍ରାଣୀ ଡାକ୍ତର କିଶୋର ସାହୁ ପ୍ରମୁଖ ସାମିଲ ଥିଲେ। ମୃତ ଅଣ୍ଡିରା ବାଘର ବୟସ ୪ରୁ ୫ ବର୍ଷ ମଧ୍ୟରେ ହୋଇଥିବାବେଳେ କୌଣସି ସ୍ଥାନରେ କ୍ଷତ ଚିହ୍ନ ନ ଥିଲା। ସଂଗୃହୀତ ନମୁନାକୁ ସେଣ୍ଟ୍ରାଲ ୱାଇଲ୍ଡ ଲାଇଫ୍ ଓୟୁଏଟି ଭୁବନେଶ୍ୱରକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫ୍‌ଓ ଭି.କାର୍ତ୍ତିକ ଓ ପ୍ରାଣୀ ଡାକ୍ତର ସାହୁ କହିଛନ୍ତି, ବାଘ ଶରୀରରେ କ୍ଷତ ଚିହ୍ନ ନ ଥିବାରୁ ରୋଗରେ ପଡ଼ି ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣାପଡ଼ିବ।


ବାଘର ବ୍ୟବଚ୍ଛେଦ କରାଯାଉଛି।

ପ୍ରଥମ ପୃଷ୍ଠାରୁ...

## ପୁରୁଣା ଖାଦାନରୁ...

ଆର୍ଥିକ ବର୍ଷରେ କ୍ରିଟିକାଲ ପାଣ୍ଠିରୁ ଯେଉଁ ୮ଲକ୍ଷ ଟଙ୍କା ଅନୁଦାନ ଆସିଥିଲା ତାହା ଖର୍ଚ୍ଚ ହୋଇଛି। ରାଣୀବନ୍ଧି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ୨୦୧୫-୧୬ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ କେନାଲ କଂକ୍ରିଟକରଣ ପାଇଁ ୨ଟି ପର୍ଯ୍ୟାୟରେ ଅନୁଦାନ ମିଳିଥିଲା। ଗୋଟିଏରେ ୨ଲକ୍ଷ ୯୧ହଜାର ୧୭୯ ଟଙ୍କା ଏବଂ ଅନ୍ୟଟିରେ ୨ଲକ୍ଷ ୭ହଜାର ୮୩୩ ଟଙ୍କା ଅନୁଦାନ ମିଳିଥିବାବେଳେ ସେସବୁ ଖର୍ଚ୍ଚ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ନନ୍‌ପ୍ଲାନ ବଜେଟରୁ ୯ଲକ୍ଷ ୨୯ ହଜାର ଟଙ୍କା ଅନୁଦାନ ମିଳିଛି ; ଯାହାକି ଅଦ୍ୟାବଧି ଖର୍ଚ୍ଚ ହୋଇନାହିଁ। ଚାଷୀଙ୍କ ଉନ୍ନତି ପାଇଁ ସରକାର ଜଳସେଚନକୁ ପ୍ରାଧାନ୍ୟ ଦେଉଥିବା କୁହାଯାଉଥିବା ବେଳେ ଏଠାରେ ତାହାର ଓଲଟା ହୋଇଛି। କେତେଜଣ ପ୍ରଭାବଶାଳୀ ନେତାଙ୍କ ସ୍ୱାର୍ଥ ପାଇଁ ରାଣୀବନ୍ଧି ତା'ର ଅସ୍ତିତ୍ୱ ହରାଇବାକୁ ବସିଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧର୍ମଶାଳାର ଭାରପ୍ରାପ୍ତ ତହସିଲଦାର ସରୋଜ କୁମାର ପଣ୍ଡା କୁହନ୍ତି, ଧର୍ମଶାଳା ତହସିଲ ଅଧୀନରେ ଥିବା ସମସ୍ତ ବେଆଇନ ଖାଦାନ ଉପରେ ଅନୁଧ୍ୟାନ ଚାଲିଛି। ପର୍ଯ୍ୟାୟକ୍ରମେ ଚଢାଉ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସ୍ୱାମୀଙ୍କ ମୃତଦେହ...

ମହାଦେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଠିକାଦାରଙ୍କର ପୋକ୍‌ଲିନ ଚାଳକ ଭାବେ କାମ କରୁଥିଲେ। ଯାହା ରୋଜଗାର ହୁଏ ସେଠାରେ ନିଜେ ଚଳିବା ସହ ପରିବାର ପାଇଁ ଟଙ୍କା ପଠାନ୍ତି। ହେଲେ ଗତ ୭ ତାରିଖ ଥିଲା ତାଙ୍କ ପାଇଁ କାଳର ଦିନ। ମହାଦେବ ବସା ଘରେ ବିଶ୍ରାମ ନେଇଥିଲେ। ଏହିସମୟରେ ଏକ ରଣା ସାପ ତାଙ୍କ ପେଟକୁ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ମହାଦେବଙ୍କ ମୃତ୍ୟୁ ଖବର ପରିବାର ସଦସ୍ୟ ପାଇଥିଲେ। ଫଳରେ ଘରେ ଚୁଲି ଜଳି ନ ଥିଲା। ମହାଦେବଙ୍କ ଭାଇ ମୃତଦେହ ଆଣିବା ପାଇଁ କେତେଜଣ ସହଯୋଗୀଙ୍କ ସହ ହାଇଦ୍ରାବାଦ ଯାଇଥିଲେ। ଶନିବାର ରାତିରେ ମହାଦେବଙ୍କ ମୃତଦେହ ଗାଁରେ ପହଞ୍ଚିଥିଲା। ଆତ୍ମୀୟ ସ୍ୱଜନ, ଗାଁ ଲୋକ ମୃତଦେହକୁ ଶ୍ମଶାନ ନେବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ସ୍ୱାମୀଙ୍କ ଏଭଳି ଅକାଳ ମୃତ୍ୟୁକୁ ସହ୍ୟ କରିପାରି ନ ଥିଲେ ରେବତୀ। ଜୀବନ ହାରିବାକୁ ଚରମ ନିଷ୍ପତ୍ତି ନେଇ ବିଷ ପିଇଦେଇଥିଲେ। ଗୋଟିଏ ପଟେ ମହାଦେବଙ୍କ ମୃତ୍ୟୁଦେହ ସତ୍କାର ହେଉଥିବାବେଳେ ଅନ୍ୟପଟେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେବତୀ ମୃତ୍ୟୁ ସହ ସଂଗ୍ରାମ ଚଳାଇଥିଲେ। କିନ୍ତୁ ରବିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଫଳରେ ୨୪ ଘଣ୍ଟା ମଧ୍ୟରେ ଗାଁ ଶ୍ମଶାନରେ ପୁଣି ଜଳିଥିଲା ଜୁଇ। ଏହାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଅନୁଗୋଳରେ ପ୍ରଥମ ଆଦର୍ଶ ସାମୂହିକ ବିବାହ

# ବେଦିରେ ବସିଲେ ୫୫ କନିଆଁ-ବର

ଅନୁଗୋଳ ଅଫିସ, ୧୦।୨

ବାଜା ନ ଥିଲା। ବାଣ ବି ଫୁଟି ନ ଥିଲା। କିନ୍ତୁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ୫୫ ଯୋଡ଼ା କନିଆଁ-ବର। ଏପରି ଏକ ନିଆରା ସାମୂହିକ ବିବାହ କାର୍ଯ୍ୟ ରବିବାର ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସମ୍ପନ୍ନ ହୋଇଯାଇଛି। ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ଅନୁଗୋଳ ଶାଖା ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବିଭିନ୍ନ ସାମାଜିକ, ସାଂସ୍କୃତିକ ତଥା ଧାର୍ମିକ ସଂସ୍ଥାର କର୍ମକର୍ତ୍ତାମାନେ ସହଯୋଗ କରିବା ସହ ଉପସ୍ଥିତ ରହି ନବଦମ୍ପତିମାନଙ୍କୁ ଆଶୀର୍ବାଦ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପଣ୍ଡିତମାନଙ୍କ ଦ୍ୱାରା ବୈଦିକ ରୀତିରେ ଏକ ଭାବପୂର୍ଣ୍ଣ ପରିବେଶରେ ଏହି ସାମୂହିକ ଆଦର୍ଶ ବିବାହ ସମ୍ପନ୍ନ ହୋଇଥିଲା। ଉଭୟ ପକ୍ଷର ସ୍ୱୀକୃତି କ୍ରମେ ପୂର୍ବରୁ ଆଇନଗତ ଭାବେ ପଞ୍ଜୀକୃତ ବିବାହ ଯୋଗ୍ୟ ଝିଅ ଓ ପୁଅଙ୍କୁ ସଂସ୍ଥା ପକ୍ଷରୁ ସାମାଜିକ ସ୍ୱୀକୃତି ପ୍ରଦାନ କରାଯିବା ସହ ସୁଖୀ ଦାମ୍ପତ୍ୟ ଜୀବନ କାମନା କରାଯାଇଥିଲା। ଏପରି କି ସମସ୍ତ ନବଦମ୍ପତିଙ୍କୁ ବିଦାୟ ବେଳେ ଆୟୋଜକଙ୍କ ପକ୍ଷରୁ ନିତ୍ୟ ବ୍ୟବହାର ଉପକରଣ ପ୍ରଦାନ କରାଯାଇଥିଲା। ଝିଅ ଓ ପୁଅ ଘର ପକ୍ଷରୁ ୨୫ ଜଣ ଲେଖାଏ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କୁ ପ୍ରୀତି ଭୋଜନ ପ୍ରଦାନ କରାଯାଇଥିଲା। ବିବାହର ବର୍ଷକ ପର୍ଯ୍ୟନ୍ତ ସେମାନଙ୍କ ସଂସାର କିଭଳି ଚାଲିଛି, ସେ ନେଇ ନଜର ରଖାଯିବ। ଆର୍ଥିକ ସମସ୍ୟା ଭଳି ପରିସ୍ଥିତି ଉପୁଜିଲେ ସେମାନଙ୍କୁ କାର୍ଯ୍ୟରେ ଥଇଥାନ କରାଯିବ । ଏଥିସହ ନବଦମ୍ପତିଙ୍କୁ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସୁବିଧା ମଧ୍ୟ ପ୍ରଦାନ କରାଯିବ ବୋଲି ବୋଲି ଆୟୋଜକଙ୍କ ପକ୍ଷରୁ ଅବଗତ କରାଯାଇଛି।


ଶିଶୁବିଦ୍ୟାମନ୍ଦିର ପରିସରରେ ସାମୂହିକ ବିବାହ କାର୍ଯ୍ୟ ଚାଲିଛି।

# ଥାନା ପରିସରରେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ସୋହେଲା,୧୦।୨(ଡି.ଏନ.ଏ.)**

**ଖାକିରେ କଳଙ୍କ**

ବରଗଡ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳରେ ଜଣେ ଦଶମଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଏହି ଘଟଣାରେ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜଣେ ପୋଲିସ ଏଏସ୍‌ଆଇ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ରବିବାର ଏ ନେଇ ମେଲଛାମୁଣ୍ଡା ଥାନାରେ ଆଇପିସିର ଧାରା ୩୬୩, ୩୬୬, ୩୭୬ ଓ ପୋକ୍ସୋ ଆକ୍ଟର ଧାରା ୬ ଅନୁସାରେ ଏକ ମାମଲା (ନଂ.୧୫/୧୯) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ ପୀଡିତା ଛାତ୍ରୀଙ୍କୁ ଡାକ୍ତରୀ ମାଇନା ପାଇଁ ବରଗଡ ପଠାଇଛି। ଏହି ଘଟଣା ପରେ ବରଗଡ଼ ପୋଲିସ ପୋଷାକରେ କଳଙ୍କର ଛିଟା ଲାଗିଛି।

ଅଭିଯୋଗ ଅନୁସାରେ, ମେଲଛାମୁଣ୍ଡା ଥାନା ଅଞ୍ଚଳର ଏହି ନାବାଳିକା ତାଙ୍କ ମାମୁଘରେ ରହି ଦଶମ ଶ୍ରେଣୀରେ ପଢୁଥିଲେ। ସେ ଶୁକ୍ରବାର ସକାଳ ସାଢେ ୬ଟାରେ ଦୀପ୍ତିପୁର ଗାଁକୁ ଟିଉଶନ ହେବାକୁ ଯାଇ ଘରକୁ ଫେରି ନ ଥିଲେ। ମାମୁଘର ଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ସନ୍ଧ୍ୟାରେ ମେଲଛାମୁଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ ଛାତ୍ରୀଙ୍କୁ ଖୋଜାଖୋଜି କରିଥିଲା। ମେଲଛାମୁଣ୍ଡା ପୋଲିସ ଶନିବାର ରାତି ୮ଟାରେ ଉକ୍ତ ନାବାଳିକା ଛାତ୍ରୀଙ୍କୁ ସୋହେଲାରୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲା। ପରିବାର ଲୋକେ ନାବାଳିକାଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଜଣେ ଯୁବକଙ୍କ ସମେତ ସୋହେଲା ଥାନାର ଜଣୈକ ପୋଲିସ ଅଧିକାରୀ ତାଙ୍କୁ ବଳାତ୍କାର କରିଥିବା ଜଣାପଡିଥିଲା।

ନାବାଳିକାଙ୍କ କହିବା ମୁତାବକ, ଗତ ଶୁକ୍ରବାର ସକାଳେ ମେଲଛାମୁଣ୍ଡା ଗ୍ରାମର ଜଣେ ଯୁବକ ତାଙ୍କୁ ଏକ ବାଇକ୍‌ରେ ବସାଇ ସୋହେଲା ନେଇଥିଲେ। ସେ ସୋହେଲା ଥାନା ଆଗରେ ବାଇକ୍ ରଖି ଥାନାର ଜଣେ ଏଏସ୍‌ଆଇଙ୍କଠାରୁ ତାଙ୍କ ଭଡାଘର ଚାବି ଆଣି ତାଙ୍କୁ ସେଠାକୁ ନେଇଥିଲେ ଏବଂ ସେଠାରେ ବଳାତ୍କାର କରିବା ପରେ ଉକ୍ତ ଘରେ ରଖି ବାହାରୁ ତାଲା ପକାଇ ପଳାଇ ଯାଇଥିଲେ। ଏହାପରେ ଏଏସଆଇ ଜଣକ ସନ୍ଧ୍ୟାରେ ତାଙ୍କ ଭଡାଘରକୁ ଆସି ନାବାଳିକାଙ୍କ ମୁହଁରେ କପଡା ବାନ୍ଧି ଥାନା ପରିସରରେ ଥିବା ଏକ କୋଠରିକୁ ନେଇ ରାତିରେ ତାଙ୍କୁ ବଳାତ୍କାର କରିଥିଲେ। ଫଳରେ ନାବାଳିକା ଜଣକ ଚେତାଶୂନ୍ୟ ହୋଇ ପଡିଥିଲେ। ଚେତା ଫେରିବା ପରେ ପରଦିନ ଅର୍ଥାତ୍ ଶନିବାର ମଧ୍ୟାହ୍ନ ୧୨ଟାରେ ଏଏସ୍‌ଆଇ ଜଣକ ଏକ ବସ୍‌ରେ ଉକ୍ତ ନାବାଳିକାଙ୍କୁ ବରଗଡ ପଠାଇ ଦେଇଥିଲେ। ନାବାଳିକା ଜଣକ ବରଗଡରେ ଥିବାବେଳେ ସେ ସନ୍ଧ୍ୟାରେ ଉକ୍ତ ନାବାଳିକାଙ୍କୁ ଫୋନ୍ କରି ତୋର ମା'ବାପା ବହୁତ କାନ୍ଦୁଛନ୍ତି, ତୁ ଫେରିଆ ବୋଲି କହିଥିଲେ। ନାବାଳିକା ଜଣକ ଏକ ବସ୍‌ରେ ଆସି ସୋହେଲା ଥାନା ଛକରେ ପହଞ୍ଚିଥିଲେ। ଏହା ପୂର୍ବରୁ ସୋହେଲା ଥାନାକୁ ତଦନ୍ତ ପାଇଁ ଆସିଥିବା ମେଲଛାମୁଣ୍ଡା ଥାନା ପୋଲିସ ଉକ୍ତ ନାବାଳିକାଙ୍କୁ ଦେଖିଥିଲା ଏବଂ ତାଙ୍କୁ ମେଲଛାମୁଣ୍ଡା ନେଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ରବିବାର ନାବାଳିକାଙ୍କ ବାପା ମେଲଛାମୁଣ୍ଡା ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ମେଲଛାମୁଣ୍ଡାରେ ଥାନା ଅଧିକାରୀ ନ ଥିବାରୁ ସୋହେଲା ପୋଲିସ ଏହି ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ସୋହେଲା ଥାନା ଆଇଆଇସି ନିର୍ମଳ କୁମାର ମହାପାତ୍ରଙ୍କୁ ପଚରାଯିବାରୁ ଏପରି ଏକ ସମ୍ବେଦନଶୀଳ ଘଟଣାର ଉଚିତ ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାକୁଡ଼ି ଚୋର, ଲାଉ ଚୋର
ଚୋର ଚୋର ବଡ଼ା ଚୋର ।**

ଅଳ୍ପ ବୟସରୁ ଛୋଟ ମୋଟ ଚୋରି କରୁ କରୁ ତାହା ସମୟକ୍ରମେ ଅଭ୍ୟାସଗତ ହୋଇଯାଏ। ସେହି ସମୟରୁ ଆକଟ ନ କଲେ କାଳକ୍ରମେ ସେ ବଡ଼ ଚୋର ପାଲଟିଯିବାର ସମ୍ଭାବନା ରହିଥାଏ। ସାଧାରଣତଃ ଖରାପ ଅଭ୍ୟାସ ଯଦି ଠିକ୍ ସମୟରେ ଛଡ଼ା ନ ଯାଏ, ତେବେ ତାହା ଜୀବନକୁ ନଷ୍ଟ କରି ଦେଇଥାଏ। ସାମାନ୍ୟ ଜିନିଷ ଚୋରି କରୁ କରୁ ବଡ଼ ଚୋର ପାଲଟିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଉ ବସାରେ କୋଇଲି
ଡିମ୍ବ ଥୋଇ ଦେଇ ଅଇଲି ।**

ସାଧାରଣତଃ ଅଳସୁଆ ବ୍ୟକ୍ତିମାନେ କଷ୍ଟ କରି କାର୍ଯ୍ୟ କରିବାକୁ କୁଣ୍ଠାବୋଧ କରିଥାନ୍ତି। କୌଣସି ଦାୟିତ୍ୱ ନିଜେ ବହନ ନ କରି ପରମୁଣ୍ଡରେ ଲଦିଦେବାକୁ ଉଚିତ ମଣିଥାନ୍ତି। କୋଇଲି କାଉର ଅଜାଣତରେ ତା' ବସାରେ ଡିମ୍ବ ଥୋଇଦେବା ଭଳି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପରକୁ ଦେଇ ଆଶ୍ୱସ୍ତି ଲାଭ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ମୁକୁଲଙ୍କ ବିରୋଧରେ...

ପ୍ରଥମ ପୃଷ୍ଠାରୁ...



ଖବରଦାତା ସମ୍ମିଳନୀରେ ମୁକୁଲ ରାୟ।

ମମତା ବାନାର୍ଜୀଙ୍କ ସହ ମତଭେଦ ହେବାରୁ ସେ ଗତବର୍ଷ ଦଳ ଛାଡି ଭାଜପାରେ ଯୋଗ ଦେଇଥିଲେ। ଟିଏମ୍‌ସିର ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱାସଙ୍କ ହତ୍ୟାର କାରଣ ଟିଏମ୍‌ସିରେ ଅନ୍ତର୍ଦ୍ୱନ୍ଦ୍ୱ କାରଣରୁ ହୋଇଥିବା ସେ ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଓ ବିଧାୟକ ଯୋଗ ଦେଇଥିବା ପୂଜା ପେଣ୍ଡାଲରେ ସୁରକ୍ଷାରେ ତ୍ରୁଟି ପାଇଁ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ବିଧାୟକ ବିଶ୍ୱାସଙ୍କୁ ପଛପଟୁ ଗୁଳି କରାଯାଇଥିଲା ଏବଂ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧ। ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927 7787922501 9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ : ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧ।
Email- sixdocuments@gmail.com
B-19, Moti Bagh, New Delhi
7064382081 8658167603

T.F. FINANCE (Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550 7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

SHRI DURGA FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଶ୍ରୀ ଦୁର୍ଗା ଋଣ (ISO: 9001:1993) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 50% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551 9068296909

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128 7508116267
T-51, Gali No.8, Gautampuri, Delhi-110053

FINANCE
ବ୍ୟବସାୟୀମାନେ ନିଜ ବ୍ୟବସାୟର ଫଟୋ (ଦୋକାନ, ମେସିନ, ଗାଡ଼ି) ଓ ପ୍ରମାଣପତ୍ର ଦେଇ ୨୦ଲକ୍ଷ ଏବଂ ବେରୋଜଗାରୀ ନୂତନ ବ୍ୟବସାୟ କରିବାପାଇଁ ଆନୁମାନିକ ମୂଲ୍ୟର ବିବରଣୀ ଦେଇ ୧୫ଲକ୍ଷ ପର୍ଯ୍ୟନ୍ତ ବାର୍ଷିକ ୪% ସୁଧରେ ଋଣ ନେଇ ପାରିବେ।
Contact
8658340105

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.: 9179208056 8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍, ପର୍ସନାଲ, ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର
7827094474 7827246964
Add : - 41/14, Sec-1 Pushp Vihar, Delhi

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra




### ମାଫିଆଙ୍କ ଦ୍ୱାରା ଉର୍ବର ମାଟି ଚାଲାଣ ପ୍ରସଙ୍ଗ

# ସରଜମିନ୍ ତଦନ୍ତ କଲା ପ୍ରଶାସନ

ଧରିତ୍ରୀ ପ୍ରଭାବ

**ଜଳେଶ୍ୱର, ୧୦।୨ (ଡି.ଏନ.ଏ.)** ଜଳେଶ୍ୱର ତହସିଲ ଅଧୀନ ସରଡିହା ରାଜସ୍ୱ ସର୍କଲ ଅନ୍ତର୍ଗତ ଦକ୍ଷିଣପ୍ରହରାଜପୁର ଗ୍ରାମର ସରକାରୀ ଜମି ସହିତ ସ୍ଥିତିବାନ ପାଳ ଜମିରୁ ଉର୍ବର ମାଟିକୁ ବେଆଇନ ଭବେ ଜେସିବି ମେଶିନ୍‌ରେ ତାଡ଼ି ଶହ ଶହ ଟ୍ରାକ୍ଟରରେ ପଶ୍ଚିମବଙ୍ଗ ଚାଲାଣ କରାଯାଉଛି। ପଶ୍ଚିମବଙ୍ଗ ମାଫିଆମାନେ ସ୍ଥାନୀୟ ଅଞ୍ଚଳର କେତେକ ଲୋକଙ୍କୁ ହାତ କରି ଏପରି କରୁଥିବା ଅଭିଯୋଗ ହେବା ପରେ ଏନେଇ



ଅଧିକାରୀମାନେ ମାଟି ଖୋଳାଯାଇଥିବା ଚାଷଜମିକୁ ଅନୁଧ୍ୟାନ କରୁଛନ୍ତି।

ଏକ ରିପୋର୍ଟ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ତଥ୍ୟକୁ ଆଧାର କରି ରବିବାର ସକାଳ ୮ଟାରେ ତହସିଲଦାର ଅଭିମନ୍ୟୁ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ସରଡିହା ଆରଆଇ ରାଧାବଲ୍ଲଭ ରଣଜିତ୍, ସଦର ଆରଆଇ ମାନସ ବେହେରା, ଖୁଆଡ଼ ଆରଆଇ ଦିଲୀପ ଚାନ୍ଦ, ଅମିନ୍ ସାଗର ବାସ୍କେ, କର୍ମଚାରୀ ରଘୁନାଥ ବେହେରାଙ୍କୁ ନେଇ ଦକ୍ଷିଣପ୍ରହରାଜପୁର ଗ୍ରାମରେ ପହଞ୍ଚିଥିଲେ। ପାଳ ଓ ସରକାରୀ ଜମିରୁ କିପରି ଭାବେ ବଙ୍ଗମାଫିଆ ମାଟି ଚାଲାଣ କରୁଛନ୍ତି ତାର ସରଜମିନ୍ ତଦନ୍ତ କରିଥିଲେ। ଏଭଳି ବେଆଇନ ମାଟି ଚାଲାଣକୁ ରୋକାଯିବ ବୋଲି ଅତିରିକ୍ତ ତହସିଲଦାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ସ୍ଲୋଗାନ ପ୍ରତିଯୋଗିତାରେ ବିଜୟିନୀ ପ୍ରଥମ




ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ଉତ୍ସବରେ ଅତିଥି।

**ବାଲେଶ୍ୱର ଅଫିସ, ୧୦।୨:** ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଗତ ୪ ତାରିଖରୁ ଆରମ୍ଭ ହୋଇ ରବିବାର ବାଲେଶ୍ୱର ଆଇଟିଆଇସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ଅଫିସ୍ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଖପରାପଦା ଦେବଶ୍ରୀ ଶିକ୍ଷାକେନ୍ଦ୍ରର ନବମଶ୍ରେଣୀ ଛାତ୍ରୀ ବିଜୟିନୀ ଦତ୍ତ ସିନିୟର ବିଭାଗ ସ୍ଲୋଗାନରେ ଜିଲା ଓ ରାଜ୍ୟରେ ପ୍ରଥମ ହୋଇଛନ୍ତି। ସେହିପରି ଟାଉନ ହାଇସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ବିନ୍ଦୁ ସୁକେଶିନୀ ଦାସ ଚିତ୍ରାଙ୍କନ ଜୁନିୟର ବିଭାଗ ପ୍ରତିଯୋଗିତାରେ ଜିଲାରେ ପ୍ରଥମ ଓ ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଉତ୍ସବରେ ଉଭୟଙ୍କୁ ସମ୍ମାନିତ କରାଯିବ ବୋଲି ବିଭାଗ ତରଫରୁ ସୂଚନା ମିଳିଛି।

ଏହି ଅବସରରେ ସ୍ପୋର୍ଟସ ହଷ୍ଟେଲର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସାଇକେଲ ରାଲି ସହର ପରିକ୍ରମା କରିଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଏହି ରାଲି

## ସଡ଼କ ସୁରକ୍ଷା ସପ୍ତାହ

ଆଇଟିଆଇସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ଅଫିସ୍ ପରିସରରେ ପହଞ୍ଚିବା ପରେ ଉଦ୍‌ଯାପନୀ ଉତ୍ସବ ଆରମ୍ଭ ହୋଇଥିଲା। ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ଜୀବନ ରକ୍ଷା କରିବା ପାଇଁ ଟ୍ରାଫିକ୍ ନିୟମ ମାନିବା ସହ ହେଲମେଟ୍ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚନ୍ଦ୍ର ଚୌଧୁରୀ ସଭାପତିତ୍ୱ କରିଥିଲେ। କ୍ରାଇମ ଡିଏସ୍‌ପି ସୁଦର୍ଶନ ଦାସ, କବି ପ୍ରଶାନ୍ତ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜିଲା କ୍ରୀଡ଼ାଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇଥିଲେ। ସପ୍ତାହବ୍ୟାପୀ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ଚାଲିଥିବା ରଙ୍ଗୋଲି, ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୨୫ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଉଭୟଙ୍କୁ ଅତିଥିମାନେ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ରୂପ୍‌ସା, ୧୦।୨ (ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ କୃଷି ବିଭାଗରେ କାର୍ଯ୍ୟରତ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କ୍ୟାଡର ତ୍ରୁଟି ସଂଶୋଧନ ଦାବିରେ ୫ଦିନ ହେଲା କଳାବ୍ୟାଜ୍ ପରିଧାନ କରି ଆନ୍ଦୋଳନ ଚଳାଇଛନ୍ତି। ଓଡ଼ିଶା ରାଜ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ନିଷ୍ପତ୍ତି ଅନୁଯାୟୀ ୪ ଦଫା ଦାବି ନେଇ ଗତ ୫ତାରିଖରୁ ସରକାରୀ କାର୍ଯ୍ୟ କରିବା ସହ ପ୍ରତିବାଦରେ ଯୋଗ ଦେଇଛନ୍ତି। ଗ୍ରାମ୍ୟ କୃଷି କର୍ମଚାରୀ ପଦର ନାମ ପରିବର୍ତ୍ତନ କରାଯାଇ ପଞ୍ଚାୟତ କୃଷି ଅଧିକାରୀ, କୃଷି ଅଧିଦର୍ଶକ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ନିଯୁକ୍ତି କ୍ଷେତ୍ରରେ ସନ୍ତୁଳନ ପାଇଁ ସମାନୁପାତିକ ଢଙ୍ଗରେ ନିଯୁକ୍ତି ପ୍ରଦାନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ ବିଜ୍ଞାନ ପରିବର୍ତ୍ତେ ଯୁକ୍ତ ୩ ବିଜ୍ଞାନ କରାଯିବା ଦାବିରେ ଏହି ଆନ୍ଦୋଳନ ଚାଲୁ ରହିଛି। ଦାବି ପୂରଣ ଦିଗରେ ସରକାର ଦୃଷ୍ଟି ନ ଦେଲେ ଆସନ୍ତା ୧୨ ତାରିଖରୁ ସମୂହ କର୍ମଚାରୀ ଛୁଟିରେ ରହିବେ ବୋଲି ଚେତାବନୀ ଦିଆଯାଇଛି। ଏହି ପ୍ରତିବାଦରେ ଜିଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଉପ-ସଭାପତି ପ୍ରଦୀପ ବେହେରା, କର୍ମଚାରୀ ତପନ ବେହେରା, ଶଙ୍କର୍ଷଣ ବେହେରା, କେଶବ ପ୍ରଧାନ, କପିଳ ସେଠୀ, ମୃତ୍ୟୁଞ୍ଜୟ ବାରିକ, ଅସିତ ରାଉତ, ପୁଷ୍ପିତା ଦାସ, ପ୍ରଭାତୀ ନାୟକ, ରଶ୍ମିତା ଜେନା, ପୁଷ୍ପା ସିଂ ପ୍ରମୁଖ ସାମିଲ ଥିଲେ।

# ଜମିବାଡ଼ି ବିବାଦ ନେଇ ଆକ୍ରମଣ: ୩ ଗୁରୁତର

**ବାହାନଗା, ୧୦।୨ (ଡି.ଏନ.ଏ.):** ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ସାରଙ୍ଗପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଉଗ୍ର ରୂପ ନେଇଛି। ଗଣ୍ଡଗୋଳରେ ଗୋଟିଏ ପରିବାରର ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏ ବିଷୟରେ ଗୋପାଳପୁର ଫାଣ୍ଡିରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି।

ସାରଙ୍ଗପୁର ଗ୍ରାମର ଗୌରାଙ୍ଗ ପାତ୍ରଙ୍କ ସ୍ତ୍ରୀ ମାଧୁରୀଙ୍କ ନାମରେ ଏକ ପକ୍କାଘର ପଞ୍ଚାୟତ ତରଫରୁ ମିଳିଥିଲା। ସେହି ଘର ନିର୍ମାଣ ପାଇଁ ଘର ବାଡିରେ ମିସ୍ତ୍ରୀଙ୍କ ଦ୍ୱାରା କାମ ଆରମ୍ଭ ହୋଇଥିଲା। ଏହି ସମୟରେ କୌଣସି କାରଣ ନ ଥାଇ ପଡ଼ୋଶୀ ମାଧ ପାତ୍ର, ପୁଅ ସାଧୁ ଓ ପରିବାରର ୧୫ରୁ ୨୦ ଜଣ ମହିଳା ପୁରଷ ଅତର୍କିତ ଭାବେ ଠେଙ୍ଗାବାଡି, ଲୁହାରଡ, ହାତୁଡ଼ି, ଶାବଳ ଧରି ଆକ୍ରମଣ କରିଥିଲେ। ପ୍ରଥମେ ସେମାନେ ଗୌରାଙ୍ଗଙ୍କୁ ଶାବଳରେ ପିଟି ଗୋଡ ଭାଙ୍ଗିଦେଇଥିଲେ । ତାଙ୍କ ଚିତ୍କାର ଶୁଣି ସ୍ତ୍ରୀ ମାଧୁରୀ ପହଞ୍ଚିବାରୁ ତାଙ୍କୁ ମଧ ଲୁହାରଡରେ ଆକ୍ରମଣ କରି ସେମାନେ ତଳେ ପକାଇ ଦେଇଥିଲେ। ଏହାଦେଖି ତାଙ୍କ ପୁଅ ସରୋଜ ଓ ଗୌରାଙ୍ଗଙ୍କ ବିବାହିତା ଭଉଣୀ ଆଶା ପହଞ୍ଚି ପ୍ରତିବାଦ କରିବାରୁ ସେମାନେ ବି ରକ୍ଷାପାଇ ନ ଥିଲେ। ହୋହଲ୍ଲା ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ପଳାଇଯାଇଥିଲେ। ୪ଜଣଙ୍କୁ ଗୁରୁତର ଅବସ୍ଥାରେ ଗ୍ରାମବାସୀ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ଏ ନେଇ ଗୁରୁତର ହୋଇଥିବା ଗୌରାଙ୍ଗ ପ୍ରଥମେ ଗୋପାଳପୁର ଫାଣ୍ଡିରେ ଜମିବାଡି ପୁରୁଣା ବିବାଦକୁ ନେଇ ୧୫ରୁ ୨୦ଜଣ ମହିଳା ପୁରୁଷ ଆକ୍ରମଣ କରି ମାରିଦେବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ସେହିପରି ଜମିବାଡି ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ମଧ ପାଲଟା ଅଭିଯୋଗ ହୋଇଛି। ଗଣ୍ଡଗୋଳରେ ଗୌରାଙ୍ଗ ପାତ୍ରଙ୍କ ପରିବାର ତରଫରୁ ୩ଜଣ ଗୁରୁତର ହୋଇଥିବା ବେଳେ ମାଧ ପାତ୍ରଙ୍କ ପରିବାର ତରଫରୁ ଜଣେ ଛୋଟ ପିଲା ଆହତ ହୋଇଛନ୍ତି। ଏ ବିଷୟରେ ଖନ୍ତାପଡା ଥାନାରେ ୨ଟି ମାମଲା ରୁଜୁ ହେବ ବୋଲି ପୋଲିସ୍ କହିଛି। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି ।

# ଟ୍ରାକ୍ଟର ଓଲଟି ଶ୍ରମିକ ମୃତ

**ବସ୍ତା, ୧୦।୨ (ସ୍ୱ.ପ୍ର.):** ବସ୍ତା ବ୍ଲକ ଜାମଶୂଳୀଠାରେ ରବିବାର ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜମ୍ବୀରାଇ ଗ୍ରାମର ଚଗଲା ଦଳାଇ (୨୭)। ପୂର୍ବାହ୍ନ ପ୍ରାୟ ୯ଟା ବେଳେ ସିଂଲାରୁ ଏକ ଟ୍ରାକ୍ଟର ଇଟା ବୋଝେଇ କରି ନୂଆଗାଁ ଅଭିମୁଖେ ଯାଉଥିଲା। ଜାମଶୂଳୀ-ଲଙ୍ଗଳେଶ୍ୱର ରାସ୍ତାର ଜାମଶୂଳୀ ଇଲେକ୍ଟ୍ରି ଅଫିସ ପାଖରେ ଟ୍ରାକ୍ଟର ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ନୟନଯୋରିକୁ ଖସିପଡିଥିଲା। ଫଳରେ ସେଥିରେ ଥିବା ସମସ୍ତେ ବର୍ତ୍ତିଯାଇଥିବା ବେଳେ ଟ୍ରାକ୍ଟର ଡାଲାରେ ବସିଥିବା ଚଗଲା ଇଟାତଳେ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଟ୍ରାକ୍ଟରକୁ ଚାଳକ ନ ଚଳାଇ ହେଲ୍‌ପର ଚଳାଉଥିଲେ। ତାଙ୍କର ଅଭିଜ୍ଞତା ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ସିଂଲା ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ତଦନ୍ତ ଜାରି ରଖିଛି ।

**JEWELS INTERNATIONAL**
**Chetana College of Special Education**
(Recognized by SSEPD Department, Govt. of Odisha, Approved by Rehabilitation Council of India) Affiliated to Utkal University
Contact : 9437126187, 9437265920, 9090207307
E-mail : chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to D.Ed.Special Education (MR) for the Academic Session 2019-2021. Last date for receiving on line application is 15.03.2019. The Prospectus and Application form is available at RCI Website **https://applyadmission.net/aioat2019/.** Application Forms of B.Ed, M.Ed. Special Education (MR) & M.A in Applied Psychology will be available after 15.03.2019.
**Principal**

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା: ଭଦ୍ରକ,
ମାଷ୍ଟର ବାବୁ କମ୍ପ୍ଲେକ୍ସ, ଛପୁଲିଆ, ବାଏପାସ୍ ରୋଡ୍, ଜିଲ୍ଲା: ଭଦ୍ରକ
ଶାଖା ଫୋନ୍ ନଂ.: ୦୬୭୮୪-୨୫୦୩୫୩, ଶାଖା ଇ-ମେଲ: sbi.18397@sbi.co.in

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ (ସରଫେଶୀ ଆକ୍ଟ, ୨୦୦୨ ଅନ୍ତର୍ଗତ) ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ** ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ଇ-ନିଲାମ ତାରିଖ ଏବଂ ସମୟ: ତା୨୭.୦୨.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୩.୩୦ ଘଟିକା ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ**

**କ୍ଷମତାପ୍ରାପ୍ତ ଅଧିକାରୀ: ଜାମିନୀ ରଞ୍ଜନ ସାହୁ, ଇ-ମେଲ: jamini.sahu@sbi.co.in, ମୋ: ୯୪୩୭୪୯୭୦୫୩**

| କ୍ର. ନଂ. | ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ଜାମିନଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|---|
| ୧. | **ତାଳଚେର ଫର୍ଟିଲାଇଜର ଟାଉନସିପ୍ ଶାଖା /**<br>୧. ଋଣଗ୍ରହୀତା: **ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୨୩୪୦୧୦୮୮୨, ୩୨୫୫୮୩୯୬୧୯୨, ୩୧୭୩୪୨୩୩୦୫୫**<br>୨. ଋଣଗ୍ରହୀତା: **ରଘୁନାଥ ନାଏକ,** ପିତା: ହରିହର ନାଏକ, ସା/ପୋ: ସାକସିଂହା, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ୩୩୦୮୫୯୫୩୧୨୧** | ଜାମିନ୍‌ଦାର/ବନ୍ଧକଦାତା: **ସୁମନ୍ତ ସାହୁ,** ପିତା: ଶେଷଦେବ ସାହୁ, ସା: ବଡସିଙ୍ଗଡା, ପୋ: ଭରତପୁର ଜିଲ୍ଲା: ଅନୁଗୁଳ | ସୁମନ୍ତ ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତୁରଙ୍ଗ, ଜିଲ୍ଲା: ଅନୁଗୁଳ, ଖାତା ନଂ.: ୯୨୯/୨୫୬୦, ପ୍ଲଟ୍ ନଂ.: ୧୯୩୦/୯୭୧୭, କ୍ଷେତ୍ର: ଏକର୦.୦୮ ଡିସିମିଲି, ଖାତା ନଂ.: ୯୨୯/୨୬୧୪, ପ୍ଲଟ୍ ନଂ.: ୧୯୨୫, କ୍ଷେତ୍ର: ଏକର୦.୦୬ଡିସିମିଲି ଓ ପ୍ଲଟ୍ ନଂ.: ୧୯୩୧, କ୍ଷେତ୍ର: ଏକର୦.୦୫ଡିସିମିଲି ଏବଂ ଖାତା ନଂ.: ୯୨୯/୨୭୪୫, ପ୍ଲଟ୍ ନଂ.: ୧୯୩୦, କ୍ଷେତ୍ର: ଏକର୦.୦୪ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୨୩ଡିସିମିଲି,** କିସମ: ଘରବାରୀ | ୩୧.୦୭.୨୦୧୪ ସୁଦ୍ଧା ଟ.୭୧,୨୧,୧୩୪/- + ୦୧.୦୮.୨୦୧୪ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୧୧.୦୯.୨୦୧୪<br>୨୧.୦୯.୨୦୧୬ ସୁଦ୍ଧା ଟ.୧୯,୧୬,୧୨୦.୮୧ + ୨୨.୦୯.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୨୨.୦୯.୨୦୧୬ | ଟ.୧,୪୭,୬୦,୦୦୦/- / ଟ.୧୪,୭୬,୦୦୦/- / ଟ.୧,୦୦,୦୦୦/- |
| ୨. | **ଏସ୍ଏଲ୍ ମାଇନିଂ ଶାଖା, ଜୁରୁଡି /**<br>ଋଣଗ୍ରହୀତାମାନେ: ୧) **ରୋଜ୍ ମହମ୍ମଦ,** ପିତା: ଅବଦୁଲ ସତାର, ୨) **ଶେହନାଜ୍ ବାନୋ,** ସ୍ୱାମୀ: ରୋଜ୍ ମହମ୍ମଦ, ଉଭୟଙ୍କ ଠିକଣା: ସା: ଜୁରୁଡି, ପୋ: ଜଜାଙ୍ଗ, ଭାୟା: ଯୋଡା, ଜିଲ୍ଲା: କେନ୍ଦୁଝର-୭୫୮୦୩୪ / **ଆକାଉଣ୍ଟ ନଂ.: ୩୦୯୬୧୮୩୩୮୬୬** | | ରୋଜ୍ ମହମ୍ମଦ ଏବଂ ଶେହନାଜ୍ ବାନୋଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଜାରୋଲି, ଖାତା ନଂ.: ୮୬/୨୨୭, ପ୍ଲଟ୍ ନଂ.: ୩୭୨/୭୪୩, କ୍ଷେତ୍ର: ଏକର୦.୧୯ଡିସିମିଲି, କିସମ: ଘରବାରୀ | ୩୦.୦୪.୨୦୧୬ ସୁଦ୍ଧା ଟ.୬୩,୮୭,୯୦୬/- + ୦୧.୦୫.୨୦୧୬ ଠାରୁ ସେବାବଦ ସୁଧ + ଆଇନଗତ ଖର୍ଚ୍ଚ / ୦୨.୦୫.୨୦୧୬ | ଟ.୧,୧୪,୫୮,୦୦୦/- / ଟ.୧୧,୪୫,୮୦୦/- / ଟ.୧,୦୦,୦୦୦/- |

* ମାନ୍ୟବର ଡେବ୍ଟ ରିକଭରି ଆପିଲେଟ୍ ଟ୍ରିବୁନାଲ୍, କୋଲକାତାଙ୍କ ଠାରେ ବିଚାରାଧିନ ଟେଣ୍ଡର ନଂ. ୧୩୧/୨୦୧୭ ର ନିର୍ଣ୍ଣୟ ଅନୁଯାୟୀ କ୍ର. ନଂ. ୧ରେ ଦର୍ଶିତ ସମ୍ପତ୍ତିର ବିକ୍ରୟ ଚୂଡାନ୍ତ ହେବ।

ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: **ତା.୨୧.୦୨.୨୦୧୯ରିଖ** ପୂର୍ବାହ୍ନ ୧୦.୦୦ ରୁ ଅପରାହ୍ନ ୪.୦୦ ଘଟିକା

ଅମାନତ ଜମା ପ୍ରମାଣ, କେୱାଇସି କାଗଜପତ୍ର ଏବଂ ଅଂଶଗ୍ରହଣ ଅନୁରୋଧ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ:
**ତା.୨୬.୦୨.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ**

ନିଲାମର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ, ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୱେବସାଇଟ୍ www.sbi.co.in at link https://bank.sbi/portal/web/home/auction-notices ଦେଖନ୍ତୁ

ତାରିଖ : ୦୮.୦୨.୨୦୧୯, ସ୍ଥାନ: ଭଦ୍ରକ
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ
ଭାରତ ସରକାର



ସାରା ଓଡ଼ିଶାରେ
ଏକ ସାଥିରେ ପାଳନ ହେଉଛି

ଉଜ୍ଜ୍ୱଳା
"ସ୍ୱାଭିମାନ ଉତ୍ସବ"

ଶୁଶ୍ରୀ ଉମା ଭାରତୀ
ପାନୀୟ ଜଳ ଏବଂ ପରିମଳ ମନ୍ତ୍ରୀ
ଭାରତ ସରକାର

ଧର୍ମେନ୍ଦ୍ର ପ୍ରଧାନ
ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍,
ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାର

ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେବେ

ଉତ୍ସବ ସ୍ଥଳ

| ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ | ଜିଲ୍ଲା | କାର୍ଯ୍ୟକ୍ରମ ସ୍ଥଳ |
|---|---|---|---|
| ମୟୂରଭଞ୍ଜ | ମେଳଣ ପଡ଼ିଆ, କରଞ୍ଜିଆ | କନ୍ଧମାଳ | ଶିବ ମନ୍ଦିର ପଡ଼ିଆ, କେ ନୂଆଗାଁ |
| ମୟୂରଭଞ୍ଜ | ଗାନ୍ଧି ପଡ଼ିଆ, ନଛିପୁରିଆ, ବେତନଟୀ | ଗଞ୍ଜାମ | ରଥଦାଣ୍ଡ, ଜରଡ଼ା, ପାତ୍ରପୁର |
| ବାଲେଶ୍ୱର | ଚଣ୍ଡିମନ୍ଦିର ସାମ୍ନା ପଡ଼ିଆ, ସଜନାଗଡ଼, ନୀଳଗିରି | ଗଞ୍ଜାମ | ସମଲେଇ ମନ୍ଦିର ପାଖ ପଡ଼ିଆ, ବୁରୁପଦା, ହିଞ୍ଜିଳି |
| ଭଦ୍ରକ | ବ୍ଲକ୍ ଅଫିସ୍ ସାମ୍ନା ପଡ଼ିଆ, ବନ୍ତ | ରାୟଗଡ଼ା | ବସ୍‌ଷ୍ଟାଣ୍ଡ ପାଖ ପଡ଼ିଆ, ଶିକରପଇ, କଲ୍ୟାଣସିଂହପୁର |
| କେନ୍ଦ୍ରାପଡ଼ା | ରାଜନଗର ହାଇସ୍କୁଲ ପଡ଼ିଆ, ରାଜନଗର | କୋରାପୁଟ | ବ୍ଲକ୍ ଅଫିସ୍ ପାଖ ପଡ଼ିଆ, ଲକ୍ଷ୍ମୀପୁର |
| ଯାଜପୁର | ବାସନ୍ତୀ ପଡ଼ିଆ, ଦାଣ୍ଡିସାହି, ଦଶରଥପୁର | ମାଲ୍‌କାନଗିରି | ମାଥିଲି ଖେଳ ପଡ଼ିଆ, ମାଥିଲି |
| କେନ୍ଦୁଝର | ଗାଁ ପଡ଼ିଆ, ବାଲିପାଳ, ଘସିପୁରା | ନବରଙ୍ଗପୁର | ରତାଖଣ୍ଡିଗୁଡ଼ା ଷ୍ଟାଡିୟମ, ରତାଖଣ୍ଡିଗୁଡ଼ା, ଝରିଗାଁ |
| ଅନୁଗୋଳ | ମକର ମେଳଣ ପଡ଼ିଆ, ବାଲିସାହି | କଳାହାଣ୍ଡି | ପଞ୍ଚାୟତ ହାଇସ୍କୁଲ ପଡ଼ିଆ, ଦୁଆରସୁଣୀ, ଭବାନୀପାଟଣା |
| ଢେଙ୍କାନାଳ | ବିଶ୍ୱକର୍ମା ପଡ଼ିଆ, ଖଜୁରିଆକଟା, ହିନ୍ଦୋଳ | ନୂଆପଡ଼ା | ସାପ୍ତାହିକ ବଜାର ପଡ଼ିଆ, ବୋଡ଼େନ, ଖରିଆର |
| କଟକ | ବନିପଦା ଫୁଟବଲ ପଡ଼ିଆ, ଟାଙ୍ଗୀ | ବଲାଙ୍ଗୀର | କରମତଳା ହାଇସ୍କୁଲ ପଡ଼ିଆ, ସଇଁତଳା |
| କଟକ | ଗୋବରୀ ବ୍ରିଜ୍ ପାଖ ପଡ଼ିଆ, ଅଳିକୋଡ଼ା, ମାହାଙ୍ଗା | ବରଗଡ଼ | ଗାଁ ପଡ଼ିଆ, କଣ୍ଟାପାଲ୍ଲୀ |
| ଜଗତସିଂହପୁର | ବିବେକାନନ୍ଦ ହାଇସ୍କୁଲ ପଡ଼ିଆ, ଜୋତ | ଝାରସୁଗୁଡ଼ା | ସତସଙ୍ଗ ଭବନ ପଡ଼ିଆ, ମନମୋହନ ଏମ୍‌ଇ ସ୍କୁଲ ପାଖ |
| ପୁରୀ | ଶୁଭପ୍ରଭା ମଣ୍ଡପ ପଡ଼ିଆ, କୁସୁପୁର, ଗୋପ | ସମ୍ବଲପୁର | ମିନି ଷ୍ଟାଡିୟମ, ନାକଟିଦେଉଳ |
| ଖୋର୍ଦ୍ଧା | ନୂଆ ବସ୍‌ଷ୍ଟାଣ୍ଡ ପଡ଼ିଆ, ଜଟଣୀ | ସୁନ୍ଦରଗଡ଼ | ରାଜାବଙ୍ଗଳା ପଡ଼ିଆ, ବାଲିଶଙ୍କରା |
| ନୟାଗଡ଼ | ବାଲୁଙ୍କେଶ୍ୱର ପଡ଼ିଆ, କଞ୍ଚନବିଲି | ସୁନ୍ଦରଗଡ଼ | ରାହାସ ପଡ଼ିଆ, ଜଗନ୍ନାଥ ମନ୍ଦିର ପାଖ, କୁଆଁରମୁଣ୍ଡା |

୧୧ ଫେବୃୟାରୀ ୨୦୧୯

## ସଂକ୍ଷେପରେ

### 'ଜମାକାରୀଙ୍କୁ ଦିଆଯାଉଛି ମିଥ୍ୟା ଆଶ୍ୱାସନା'

**ବାଲେଶ୍ୱର ଅଫିସ, ୧୦।୨:** ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କାରେ ରାଜ୍ୟ ସରକାରଙ୍କ ଭାଗୀଦାରି ଥିବାବେଳେ କର୍ପୋସ ଫଣ୍ଡରୁ କେତେ ଅର୍ଥ ଫେରଛି ତାହା ସାଧାରଣରେ ପ୍ରକାଶ କରାଯାଉନାହିଁ। ଏହାବ୍ୟତୀତ ଚିଟ୍‌ଫଣ୍ଡ ପାଇଁ ସ୍ୱତନ୍ତ୍ର ଅଦାଲତ ବର୍ଷେ ପୂର୍ବରୁ ଖୋଲିଥିଲେ ମଧ ଜଜ୍ ନିଯୁକ୍ତି କରା ନ ଯିବା ଜମାକାରୀଙ୍କ ପାଇଁ ଏକ ଦୁର୍ଭାଗ୍ୟର ବିଷୟ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଓ ପ୍ରବକ୍ତା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ବାଲେଶ୍ୱରସ୍ଥିତ ଏକ ଘରୋଇ ହେଟେଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଚିଟ୍‌ଫଣ୍ଡରେ ଜମା କରିଥିବା ଜମାକାରୀଙ୍କୁ ଟଙ୍କା ଫେରସ୍ତ ଦେବାର ରାଜ୍ୟ ସରକାର ମିଥ୍ୟା ଆଶ୍ୱାସନା ଦେଉଛନ୍ତି ବୋଲି ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ବୃହତ୍ ଜମାକାରୀମାନେ କାନ୍ଦୁଥିବାବେଳେ ମାତ୍ର କେତେକ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରାଇ ବାଃ ବାଃ ନେବା ପାଇଁ ପ୍ରୟାସକୁ ଭାଜପା ବିରୋଧ କରିଛି। ଏଥିରେ ସରକାର ଚିଟ୍‌ଫଣ୍ଡ ଲୁଟେରାମାନଙ୍କୁ ସହାୟତା କରୁଥିବା ଜିଲା ସଭାପତି ମଦନ ମୋହନ ଦତ୍ତ ପ୍ରକାଶ କରିଛନ୍ତି। ଏପରି କି ଚିଟ୍‌ଫଣ୍ଡ ସମ୍ପର୍କରେ ବାଲେଶ୍ୱରବାସୀଙ୍କୁ ଅବଗତ କରାଇବା ପାଇଁ ଭାଜପା ନେତ୍ରୀ ରାଜ୍ୟ ସମ୍ପାଦିକା ଶୋଭନା ମହାନ୍ତି ଖୋଲାମଞ୍ଚର ଆହ୍ୱାନ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜୋନାଲ ମିଡ଼ିଆ ସଂଯୋଜକ ସତ୍ୟଜିତ୍ ମିଶ୍ର ଓ ଜିଲା ମିଡ଼ିଆ ସଂଯୋଜକ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ



**ରେମୁଣା,୧୦।୨(ଡି.ଏନ.ଏ.):** ନବଗଠିତ ଗଣେଶ୍ୱରପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା ବ୍ୟୟରେ ପଦ୍ମପୁର ସାହିର ୟଙ୍ଗମ୍ୟାନ କ୍ଲବର ପୁନରୁଦ୍ଧାର, ୧ଲକ୍ଷ ୨୫ହଜାର ଟଙ୍କା ବ୍ୟୟରେ ଦଧିବାମନ ନଗରର କଂକ୍ରିଟ୍ ରାସ୍ତା, ୧ଲକ୍ଷ ୨୫ହଜାର ଟଙ୍କାରେ ଜେନା ସାହିର ଅନ୍ୟ ଏକ ରାସ୍ତା, ଜିଲାପରିଷଦ ପାଣ୍ଠିରୁ ୨ଲକ୍ଷ ଟଙ୍କାରେ ଓମଫେଡ ସମ୍ମୁଖ କଂକ୍ରିଟ ରାସ୍ତା, ପଞ୍ଚାୟତ ପାଣ୍ଠିରୁ ୩ ନମ୍ବର ୱାର୍ଡ଼, ନେସ୍କୋ ଅଫିସ ନିକଟ ଆଦିବାସୀ ସାହି ଏବଂ ପଦ୍ମପୁର ସାହିରେ ସାଢ଼େ ୫ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ୍ ଉଦ୍‌ଘାଟିତ ହେବା ସହିତ ୧ଲକ୍ଷ ୯୫ହଜାର ଟଙ୍କାରେ ପଞ୍ଚାୟତର ୩୯ଟି ସ୍ଥାନରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଉଦ୍‌ଘାଟନ କରାଯାଇଛି। ସେହିପରି ପଞ୍ଚାୟତ ଉନ୍ନୟନ ପାଣ୍ଠିରୁ ଗଣେଶ୍ୱରପୁର ଶ୍ମଶାନ ପାଚେରି, ପଦ୍ମପୁର ସାହି ପୋଖରୀର ସୁରକ୍ଷା ପାଚେରି, ଗଣେଶ୍ୱରପୁର ନୋଡ଼ାଲ ସ୍କୁଲର ପାଚେରି, ଜରକାପଦା, ତେନ୍ତୁଳିଆ ମନ୍ଦିର ପାଖ, ପୋଲିସ କଲୋନୀ ଓ ଜଗନ୍ନାଥ ମନ୍ଦିର ରାସ୍ତାର ଡ୍ରେନ, ଉକ୍ତ ମନ୍ଦିର ନିକଟ ରାସ୍ତାର ଉଭୟ ପାର୍ଶ୍ୱ ଓ ବେହେରା ପୋଖରୀ ରାସ୍ତାରେ କଲଭର୍ଟ ନିର୍ମାଣ, ପୋଖରୀ ନିକଟରେ ପକ୍କା ଘାଟ ଓ ଗାଧୁଆ ଘର ନିର୍ମାଣ, ପୋଲିସ କଲୋନୀରେ କଂକ୍ରିଟ୍ ରାସ୍ତାର ମରାମତି ପାଇଁ ଶୁଭ ଦିଆଯାଇଥିଲା। ଭାଜପା ପଞ୍ଚାୟତ ସଭାପତି ପ୍ରଦୀପ୍ତ ଦାସଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ସୀତାରାମ ପ୍ରଧାନ, ବିପିନ ମାରାଣ୍ଡି, ସରପଞ୍ଚ ସୀତାଞ୍ଜଳି ଗିରି, ସମିତିସଭ୍ୟ ଅଶୋକ ସେଠୀ, ନାଏବ ସରପଞ୍ଚ ମୁରଲୀଧର ଦାଶ, ୱାର୍ଡସଭ୍ୟ ଶ୍ରୀମନ୍ତ ସାହୁ, ବାସନ୍ତୀ ବିନ୍ଧାଣି, ଉଦ୍ଧବ ଜେନା ଓ ମନ୍ଦାକିନୀ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ମୃତକଙ୍କ ପରିଚୟ ମିଳିଲା

**ସଜନାଗଡ଼, ୧୦।୨(ଡି.ଏନ.ଏ.):** ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଉପରେ ଥିବା ବଡ଼ମ୍ମା ଠାକୁରାଣୀଙ୍କ କିଛି ଦୂରରେ ଏକ ଅଜଣା ଯୁବକଙ୍କ ମୃ ଦେହ ଶନିବାର ପୋଲିସ ଉଦ୍ଧାର କରିଥିଲା। ପୋଲିସ ତାଙ୍କ ପରିଚୟ ପାଇଛି। ମୃତକ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଡିମିରି ଗ୍ରାମର ବିଶ୍ୱନାଥ ବେହେରା(୩୪)। ତାଙ୍କର ମୃତ୍ୟୁ କିପରି ହୋଇଛି ତାହାର ଖୁବ୍‌ଶୀଘ୍ର ପର୍ଦ୍ଦାଫାସ ହେବ ବୋଲି ଆଇଆଇସି କହିଛନ୍ତି। ସୋମବାର ବିଶ୍ୱନାଥଙ୍କ ପରିବାର ଲୋକ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ।

# ବେପରୁଆ ଭାବେ ଚାଲିଛି ତନ୍ତବୁଣା ତାଲିମ

**ଖଇରା, ୧୦।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ପଲ୍ଲିଶ୍ରୀ ତନ୍ତୁବାୟ ସେବା ସମିତି ଆନୁକୂଲ୍ୟରେ ବ୍ଲକର ପଳସା ପଞ୍ଚାୟତ ରୁସ୍ତମପୁର ଓ ଡୁଙ୍ଗୁରା ପଞ୍ଚାୟତ ରଘୁନାଥପୁରଠାରେ ତନ୍ତ ମାଧ୍ୟମରେ ଲୁଗାବୁଣା ତାଲିମ କାର୍ଯ୍ୟକ୍ରମ ଚାଲିଛି। ତେବେ ଏହା ବେପରୁଆ ଢଙ୍ଗରେ ଚାଲିଥିବା ନେଇ ଅଭିଯୋଗ ହୋଇଛି । ରୁସ୍ତମପୁରରେ ୬ମାସ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିର ଡିସେମ୍ବର ୧୨ତାରିଖରେ ଜିଲାର ଅତିରିକ୍ତ ବୟନଶିଳ୍ପ ନିର୍ଦ୍ଦେଶକ ଗୋଲାପୀ ଗୋପାରାଣୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଗୋବିନ୍ଦଜୀଉ ଗୋଷ୍ଠୀ ଜରିଆରେ ଗୋପୀନାଥ ବେହେରାଙ୍କ ଘରେ ଚାଲିଥିବା ଏହି ଶିବିର ଏବେ ୧ମାସ ଅତିକ୍ରମ କରିସାରିଲାଣି । ଖାତାରେ ଦୈନିନ୍ଦିନ ସମସ୍ତ ୨୦ଜଣ ସଭ୍ୟ ଉପସ୍ଥିତ ରହୁଥିବା ରେକର୍ଡ କରାଯାଉଥିବା ବେଳେ ହାରାହାରି ୮ରୁ ୧୦ଜଣ ଉପସ୍ଥିତ ରହୁଛନ୍ତି। ସରକାରଙ୍କ ତରଫରୁ ପ୍ରତ୍ୟେକ ତାଲିମ ଗ୍ରହିତାଙ୍କ ପାଇଁ ଦୈନନ୍ଦିନ ୧ଶହ ଟଙ୍କା ଓ ତାଲିମଦାତାଙ୍କ ପାଇଁ ୧୬୬ ଟଙ୍କାର ବ୍ୟବସ୍ଥା କରାଯାଇଛି । ୬ମାସର ତାଲିମ ଖର୍ଚ୍ଚ ବାବାଦକୁ ୬ଲକ୍ଷ ୨୦ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହା ବାଟମାରଣା କରାଯିବାକୁ ଜିଲାସ୍ତରରୁ ଗ୍ରୁପ ସ୍ତର ପର୍ଯ୍ୟନ୍ତ ମସୁଧା ଚାଲିଥିବା କେତେକ ବୁଣାକାର ଅଭିଯୋଗ କରିଛନ୍ତି। ଏହି କାରଣରୁ ଠିକ୍ ଭାବରେ ତାଲିମ ଦିଆ ନ ଯାଇ ଏହି ଅର୍ଥକୁ ଯେନତେନ ଉଠାଇ ନେବାକୁ ମସୁଧା କରାଯାଉଛି । ସେହିଭଳି ଇଚ୍ଛୁକ ଯୁବତୀଯୁବକଙ୍କୁ ଲୁଗାବୁଣା ଶିଖାଇବାକୁ ନିଯୁକ୍ତି ପାଇଥିବା ତାଲିମଦାତା ଅନୁପସ୍ଥିତ ରହୁଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ତାଲିମଦାତାଙ୍କୁ ପଚାରିବାରେ ଏକ ଶ୍ରାଦ୍ଧକାର୍ଯ୍ୟରେ ଯୋଗଦେବାକୁ ସେ ନିଜ ଗାଁକୁ କିଛିଦିନ ପାଇଁ ଯାଇଥିଲେ। ନ ହେଲେ ସେ ସେଠାରେ ସବୁଦିନ ରହି ତାଲିମ ଦେଉଛନ୍ତି। ସେହିଭଳି ମାତ୍ର ୮/୧୦ଜଣ ଉପସ୍ଥିତ ରହୁଥିବା ସମ୍ପର୍କରେ ଗୋପୀନାଥ ବେହେରାଙ୍କୁ ପଚାରିବାରେ ଆରମ୍ଭରୁ ସମସ୍ତେ ଉପସ୍ଥିତ ରହୁଥିଲେ। ଏବେ କାଳିଆ ଯୋଜନା ପାଇଁ କେତେକ ତାଲିମ ଗ୍ରହୀତା ବ୍ୟସ୍ତ ରହିବା ଅନୁପସ୍ଥିତିର କାରଣ ବୋଲି କହିଛନ୍ତି । ଅତିରିକ୍ତ ନିର୍ଦ୍ଦେଶିକା ଗୋପାରାଣୀଙ୍କୁ ପଚାରିବାରେ ଏଭଳି ସଂଖ୍ୟା କମ୍ ରହୁଥିବା ନେଇ ତାଙ୍କ ପାଖକୁ ଅଭିଯୋଗ ଆସିନାହିଁ। ତେବେ କେବେ ସରପ୍ରାଇଜିଂ ଚେକିଂ ୨ଟି ସ୍ଥାନରେ ଚାଲୁଥିବା ତାଲିମ ଶିବିରକୁ ଯାଇ ଏହାର ସତ୍ୟତା ପରଖିବେ ବୋଲି କହିଛନ୍ତି।



ରୁସ୍ତମପୁର ଗ୍ରାମରେ ଚାଲିଥିବା ତନ୍ତବୁଣା ତାଲିମ ଶିବିରରେ ଯୁବତୀ ଓ ମହିଳା ତାଲିମ ନେଉଛନ୍ତି।

## ■ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

# ରବୀନ୍ଦ୍ର, ଶାନ୍ତନୁ, ଚିନ୍ମୟ ସମ୍ମାନିତ

**ବାଲେଶ୍ୱର ଅଫିସ, ୧୦।୨**

ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଓ ରୋଟାରୀ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିବା ଶାନ୍ତନୁ କୁମାର ପାଣି ଓ ରାଜ୍ୟର ରୋଟ୍ରାକ୍ଟ ପ୍ରତିନିଧି ଭାବେ ଚିନ୍ମୟ ଗାୟନ ନିର୍ବାଚିତ ହୋଇଥିବାରୁ କ୍ଲବ ପରିସରରେ ରବିବାର ଆୟୋଜିତ ଏକ ସମ୍ବର୍ଦ୍ଧନା ଉତ୍ସବରେ ସମ୍ମାନିତ କରାଯାଇଛି। ଉକ୍ତ ସଭାରେ ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଭ୍ୟ ନିକୁଞ୍ଜ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ରୋଟାରିଆନ ସଞ୍ଜୟ କୁମାର ଗିରି ଏବଂ ସୁବ୍ରତ କର ୩ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମ୍ପର୍କରେ ବକ୍ତବ୍ୟ ରଖି ସେମାନଙ୍କ ଉତ୍ତରୋତ୍ତର କାମନା କରିଥିଲେ।

ଫେମ୍ ଇଣ୍ଡିଆ ଓ ଏସିଆ ପୋଷ୍ଟ ପକ୍ଷରୁ ଦେଶର ଶ୍ରେଷ୍ଠ ୨୫ଜଣ ଲୋକ ସଭାର ସଦସ୍ୟଙ୍କ ମଧ୍ୟରୁ ବାଲେଶ୍ୱର ଏମ୍‌ପି ଜେନାଙ୍କୁ ଶ୍ରେଷ୍ଠ ବିବେଚିତ ହେବା ପରେ ସେ ବାଲେଶ୍ୱର ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଜେନା ଦୀର୍ଘଦିନରୁ ଜଣେ ରୋଟାରିଆନ୍ ଅଟନ୍ତି। ଏହି ପରିପ୍ରେକ୍ଷୀରେ ରୋଟାରୀ କ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନ୍ୟପକ୍ଷରେ ଶିକ୍ଷାବିତ୍ ତଥା ସମାଜସେବୀ ରୋଟାରିଆନ୍ ଶାନ୍ତନୁ କୁମାର ପାଣି ରୋଟାରୀ ଜିଲା ୩୨୬୨ର ୨୦୨୧-୨୨ ପାଇଁ ଗଭର୍ଣ୍ଣର ଭାବେ ରାଜ୍ୟର ୨୬ଟି ଜିଲା ଓ ୯୦ଟି କ୍ଲବର ସଭାପତି ଓ ସମ୍ପାଦକଙ୍କ ଦ୍ୱାରା ନିର୍ବାଚିତ ହୋଇଥିବାରୁ ତାଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସେହିପରି ଓଡ଼ିଶାର ୩୦ଟି ଜିଲାର ଯୁବ ପ୍ରତିନିଧି ଭାବେ ସାମାଜିକ ଉନ୍ନୟନ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ରାଜ୍ୟର ରୋଟ୍ରାକ୍ଟ ପ୍ରତିନିଧି ଭାବେ ଚିନ୍ମୟ ଗାୟନ ୨୦୧୯-୨୦ ପାଇଁ ଜିଲା ରୋଟ୍ରାକ୍ଟ ପ୍ରତିନିଧି ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭ୍ୟ ଦୀପକ ଜେନା ତାଙ୍କ ମା'ଙ୍କ ସ୍ମୃତିକୁ ଉଦ୍‌ଯାପିତ ରଖିବା ଉଦ୍ଦେଶ୍ୟରେ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ସାମଗ୍ରିକ ଉନ୍ନତି ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଉପସଭାପତି ସୌରଭ ବେହେରା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ବାରିପଦା, ଉଦଳା, ଭୋଗରାଇ, ଚନ୍ଦନେଶ୍ୱର, ଭଦ୍ରକ, ଜଳେଶ୍ୱର, ରୋଟାରୀ ଶାଶ୍ୱତ, ଆର୍‌ଜେଏମ୍ଏସ୍, ବାଲେଶ୍ୱର ଅନ୍‌ସି ଆଦି ୧୫ଟି ରୋଟାରୀ କ୍ଲବର ସଭାପତି, ସମ୍ପାଦକ ଓ ସଦସ୍ୟ ଉପସ୍ଥିତ ଥିଲେ। ରୋଟ୍ରାକ୍ଟ କ୍ଲବ ସଭାପତି ସାହିଲ ହୋଦା, ସମ୍ପାଦକ ଅମନଦୀପ ସିଂ, ଇନରହୁଇଲ୍ ସଭାପତି ସୁନୀତା ଚାନ୍ଦ, ସମ୍ପାଦକ ଡ. ସୌମ୍ୟା ସରତି ବେହେରା, ବରିଷ୍ଠ ସଦସ୍ୟ ପରେଶ ଗାୟନ, ଯଶୋଦା ନନ୍ଦନ ଆଶ୍, ପ୍ରଦୀପ୍ତ ପଣ୍ଡା, ପଦାରବିନ୍ଦୁ ମହାପାତ୍ର, ଡ. ସୁବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ରୋଟାରୀ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି।

### 'ସ୍ୱପ୍ନ ଦେଖ, ସଫଳ ହେବ'

**ଭୋଗରାଇ, ୧୦।୨(ଡି.ଏନ.ଏ.)**

ଛାତ୍ରୀଛାତ୍ରମାନେ ବଡ଼ମଣିଷ ହେବାକୁ ହେଲେ ସାଧନା ମନ୍ଦିରରେ ବ୍ରତୀ ହେବା ଜରୁରୀ ଅଟେ। ଏଥିପାଇଁ ଶୃଙ୍ଖଳା, ଚରିତ୍ର ଗଠନ, ଅଧ୍ୟବସାୟ, ଗୁରୁଜନଙ୍କୁ ଭକ୍ତି, ମାତୃଭାଷା ସହ ଇଂଲିଶ ଭାଷାକୁ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ଛାତ୍ରୀଛାତ୍ର ନିଜ ଭବିଷ୍ୟତ ଗଢ଼ିବା ପାଇଁ ସ୍ୱପ୍ନ ଦେଖିଲେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ଭୋଗରାଇ ଥାନା ଛକସ୍ଥିତ କଳିଙ୍ଗ ପବ୍ଲିକ ସ୍କୁଲର ୧୦ମ ବାର୍ଷିକ ଉତ୍ସବରେ ରବିବାର ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡର ସଭାପତି ଡ. ବିଜୟ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ନାବାର୍ଡ ପୂର୍ବାଞ୍ଚଳର ମହାପ୍ରବନ୍ଧକ ରଞ୍ଜିତ କୁମାର ଦାସ, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ପୂର୍ଣ୍ଣେନ୍ଦୁ କୁମାର ଦାସ, ସମ୍ମାନନୀୟ ଅତିଥି ଭାବେ ସୁରେଶ କୁମାର ଦାସ, ହରିଶଚନ୍ଦ୍ର ପାତ୍ର ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ଅଧ୍ୟକ୍ଷ ସୁଶାନ୍ତ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

### ବିଜେଡି କର୍ମୀ ସମ୍ମିଳନୀ

**ଔପଦା, ୧୦।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକର ଗଡ଼ସାହି ପଞ୍ଚାୟତରେ ରବିବାର ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ବିଧାୟକ ନାୟକ ବିଜେଡି ତଥା ନବୀନ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଥା 'କାଳିଆ' ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଜେଡି ବାଲେଶ୍ୱର ଜିଲା ଅନ୍ୟତମ ସମ୍ପାଦକ ନିରଞ୍ଜନ ମହାନ୍ତି ଓ ପୂର୍ବତନ ଜିଲାପରିଷଦ ସଭ୍ୟ ଅନିରୁଦ୍ଧ ବିଶ୍ୱାଳ ନବୀନଙ୍କୁ ବିକାଶ ପୁରୁଷ ବୋଲି ବର୍ଣ୍ଣନା କରିଥିଲେ। ବିଜେଡି ଯୁବନେତା ଭାସ୍କର ଖିଲାର, ଆଇନଜୀବୀ ଅନନ୍ତ ପଣ୍ଡା ଓ କୃଷ୍ଣ ଗିଲୁଆ ପ୍ରମୁଖ କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଇଥିଲେ।

# ରବୀନ୍ଦ୍ର ମଣ୍ଡଳ ମେମୋରିଆଲ କ୍ରିକେଟ୍: ଡଗରାପଡ଼ା ଚାମ୍ପିୟନ

**ଖଇରା, ୧୦।୨(ଡି.ଏନ.ଏ.)**

ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ନିମପଲ୍ଲୀ ମିନି ଷ୍ଟାଡ଼ିୟମ୍‌ରେ ଚାଲିଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଡଗରାପଡ଼ା କ୍ରିକେଟ୍ ଟିମ୍ ସବିରା ଏସ୍ କ୍ଲବକୁ ୨୧ ରନ୍‌ରେ ପରାସ୍ତ କରିଛନ୍ତି। କିରଣ ଶତପଥି ଓ ଉମେଶ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ବିପିନ କୁମାର ଦାସ, ରଞ୍ଜନ ମହାନ୍ତି ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୩ହଜାର ଓ ରନର୍ସଅପ୍ ଦଳକୁ ୨ହଜାର ଟଙ୍କା ପ୍ରଦାନ କରିଥିଲେ। କ୍ରିକେଟ୍ କମିଟି ସଭାପତି ମନୋରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ଅଭିମନ୍ୟୁ ପରମାଣିକ, ସଭ୍ୟ ସନ୍ତୋଷ ମଣ୍ଡଳ, ସରୋଜ ମଣ୍ଡଳ, ମଳୟ ମହାରଣା, ସନ୍ତୋଷ ମିଶ୍ର, ଜ୍ୟୋତିପ୍ରକାଶ ଶତପଥୀ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ବସନ୍ତ ସାହୁ, ଭଗବାନ ପରିଡ଼ା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




ବିଧାୟକ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଖଇରା, ୧୦।୨(ଡି.ଏନ.ଏ.)**

ମା' ଚଣ୍ଡିମାତା ଯୁଥ୍ କ୍ଲବ ଗୋଳିହା ଆନୁକୂଲ୍ୟରେ ଖଇରା ବ୍ଲକର ପତିରାଜପୁର ମିନିଷ୍ଟାଡ଼ିୟମ୍‌ରେ ରବିବାର ପବିତ୍ର ସରସ୍ୱତୀ ପୂଜା ଅବସରରେ ୨୩ତମ ଚିରନ୍ତନ ଚନ୍ଦ୍ରଶେଖର ମେମୋରିଆଲ ଅନ୍ତଜିଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିଥିବା ବେଳେ କଂଗ୍ରେସର ଯୁବନେତା ରବୀନ୍ଦ୍ର କୁମାର ଶତପଥି ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ସରପଞ୍ଚ ପୁଷ୍ପଲତା ଘଡ଼େଇ, ସମିତିସଭ୍ୟା ପ୍ରମିଳା ନାୟକ, ଡୁଙ୍ଗୁରା ସମିତିସଭ୍ୟ ପ୍ରକାଶ ଲେଙ୍କା, ଅବସରପ୍ରାପ୍ତ ଶିକ୍ଷ ଭୀଷ୍ମଚରଣ ନାୟକ, ଝିଙ୍କିରିଆ ସରପଞ୍ଚ ମଧୁସୂଦନ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍‌ରେ ଚାନ୍ଦିପୁର ବିକାଶ ସ୍ପୋର୍ଟିଂ କଟକ ଯୁଥ୍ କ୍ଲବକୁ ୨୧ ରନ୍‌ରେ ପରାସ୍ତ କରିଛି। ପ୍ରଥମେ ଟସ୍ ଜିଣି ଚାନ୍ଦିପୁର ୧୮ ଓଭରରେ ୭ ଉଇକେଟ୍ ବିନିମୟରେ ୨୨୨ ରନ୍ ସଂଗ୍ରହ କରିଥିଲା। ଜବାବରେ କଟକ ପକ୍ଷରୁ ୧୬.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୨୦୨ ରନ୍‌ରେ ସୀମିତ ରହିଥିଲା। ପ୍ରଦୀପ କୁମାର ଘଡ଼େଇ ଓ ପ୍ରଭାତ କୁମାର ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଶିବ କୁମାର ମହାନ୍ତି, କୈଳାସ ମାଝୀ, ଧାରା ବିବରଣୀ ପ୍ରଦାନ କରିଥିଲେ। ଚଣ୍ଡିମାତା ଯୁଥ୍ କ୍ଲବର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର



→ @ ତପନ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**ଖଇରା, ୧୦।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ୨ ବ୍ଲକ ଖଇରା ଓ ଔପଦାକୁ ସଂଯୋଗ କରୁଥିବା ପ୍ରମୁଖ ଖଇରା-ଫତେପୁର ରାସ୍ତାର ମୁକ୍ତାବେଗୁନିଆଠାରୁ ସାରକୋଣା ପର୍ଯ୍ୟନ୍ତ ରାସ୍ତାକୁ ଅଧାପନ୍ତରିଆ ଭାବେ ଠିକାଦାର ଛାଡି ଦେଇଛନ୍ତି। ଫଳରେ ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ମେଟାଲଗୁଡିକ ବିକ୍ଷିପ୍ତ ହୋଇପଡୁଥିବାରୁ ଯାତ୍ରୀମାନେ ଅକଥନୀୟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ପ୍ରତିବାଦରେ ସାରକୋଣା ପଞ୍ଚାୟତ ଅଧିନ ସାରକୋଣା, ଝିଙ୍କିରିଆ, ଭଦଳି, ଅମାରଗଡିଆ, ସୋଜାଗଡ ଏବଂ ଔପଦା ବ୍ଲକ୍ ଫତେପୁର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ରବିବାର ଅପରାହ୍ଣରୁ ସାରକୋଣା କେନାଲ ଛକ ନିକଟରେ ଖଇରା -ଫତେପୁର ରାସ୍ତା ଅବରୋଧ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରା ନ ଯିବା ପର୍ଯ୍ୟନ୍ତ ଗ୍ରାମବାସୀ ରାସ୍ତା ଅବରୋଧ ଜାରି ରଖିବେ ବୋଲି ବିଜୁ ଯୁବ ବାହିନୀ ସଭାପତି ବିଜୟ କୁମାର ବିଶ୍ୱାଳ, ଜଗବନ୍ଧୁ ମହାରଣା, ମନୋରଞ୍ଜନ ବାରିକ, ଅଭିରାମ ସେଠୀ, ସୁଶାନ୍ତ କୁମାର ନାୟକ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଟଙ୍କା ନ ପାଇ ଚାଷୀ ହତାଶ

**ବାଲିଆପାଳ, ୧୦।୨(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକରେ କାଳିଆ ଯୋଜନାରେ ଚାଷୀମାନେ ଟଙ୍କା ନ ପାଇ ହତାଶ ହୋଇପଡିଛନ୍ତି। କାଳିଆ ଯୋଜନାରେ ସେବା ସମବାୟ ସମିତି ଓ ଜାତୀୟ କରଣ ବ୍ୟାଙ୍କରେ ଚାଷୀ କାର୍ଡ କରିଥିବା କେତେକ ଚାଷୀଙ୍କ ପାଖକୁ ପ୍ରଥମ ଦଫାରେ ୫ ହଜାର ଟଙ୍କା ଆସିଥିବା ବେଳେ ପାଖାପାଖି ୭୦ ପ୍ରତିଶତ ଚାଷୀଙ୍କ ପାସବୁକକୁ ଟଙ୍କା ଆସିନାହିଁ । ଏହାଛଡା ନୂଆ କରି ଆବେଦନ କରିଥିବା ଚାଷୀଙ୍କ ପାଖକୁ କାଳିଆ ଯୋଜନା ଟଙ୍କା ଆସି ନାହିଁ। ଜିଲା ଓ ବ୍ଲକ ପ୍ରଶାସନ ଦ୍ୱିତୀୟ ଦଫାରେ କାଳିଆ ଯୋଜନା ଟଙ୍କା ଆସିବ ବୋଲି ଚାଷୀଙ୍କୁ କହୁଛନ୍ତି। ତେବେ ନିର୍ଦ୍ଦିଷ୍ଟ ଦିନ ଅଥବା ତାରିଖ କଥା କହୁନାହାନ୍ତି ବୋଲି ଚାଷୀ ଯତୀନ୍ଦ୍ର ଘଡାଇ, ଭୁବନ ମୋହନ ସାମଲ, ସୁଧାଂଶୁ ଜେନା, ଧନଞ୍ଜୟ ସାହୁ, ରତ୍ନାକର ସାମଲ ପ୍ରମୁଖ ଅଭିଯୋଗ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କୁ ଆରାଧନା

**ଖଇରା, ୧୦।୨(ଡି.ଏନ.ଏ.)**

ଖଇରା ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ବିଣାପାଣୀଙ୍କ ଆରାଧନା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଖଇରା ହାଇସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁମନ୍ଦିର, ଖଇରା ତହସିଲ, ଆଦର୍ଶ ଶିକ୍ଷାମନ୍ଦିର, ତପୋଭୂମି ଶିକ୍ଷାନିକେତନ, ଏଭିଏମ୍ ସ୍କୁଲ, ଅଲିପୁର ଶିଶୁ ମନ୍ଦିର, ମା' ତାରିଣୀ କ୍ଲବ, ମାଟିଆଳିପଦା ମା' ଦାଣ୍ଡପଶ୍ଚିମା ଯୁଥ୍ କ୍ଲବ, କଳିହାଶୁଣୀ କ୍ଲବରେ ମା' ସରସ୍ୱତୀଙ୍କୁ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

**ଜଳେଶ୍ୱର, (ଡି.ଏନ.ଏ.):** ବସନ୍ତ ପଞ୍ଚମୀ ତିଥିରେ ଜଳେଶ୍ୱର ଗ୍ରାମାଞ୍ଚଳ ସମେତ ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, କ୍ଲବ, ଅଫିସ୍, ସତସଙ୍ଗ ବିହାର ଓ କୋର୍ଟ ପରିସରରେ ବିଦ୍ୟାଦାତ୍ରୀ ବିଣାପାଣୀଙ୍କ ପୂଜାର୍ଚ୍ଚନା ଧୁମ୍‌ଧାମ୍‌ରେ ହୋଇଯାଇଛି। ସହର ବଡ଼ବଜାର ବାସନ୍ତୀପଡ଼ିଆ ନିକଟରେ ବିଙ୍ଗ୍ ହ୍ୟୁମାନ୍ କ୍ଲବ ତରଫରୁ ଚଳିତବର୍ଷ ୨୦ଫୁଟ୍ ଉଚ୍ଚର ଦେବୀଙ୍କ ଦର୍ଶନ ପାଇଁ ପ୍ରବଳ ସମାଗମ ହୋଇଥିଲା। କ୍ଲବ ସଭାପତି ବିନାୟକ ଦାସ, ସମ୍ପାଦକ ରାଜକୁମାର ପରିଡ଼ା, ସଭ୍ୟ ରତିକ ପ୍ରଧାନ, ସୌରଭ ଗୁପ୍ତା, ସୁବ୍ରତ କର, ଶୁଭଜିତ ଦାସମହାପାତ୍ର, ଚନ୍ଦନ ସାସମଲ, ବାପୁନ ଦେ ପ୍ରମୁଖ ପୂଜାକୁ ପରିଚାଳନା କରିଥିଲେ। ସେହିଭଳି ରାଜପୁର ଗ୍ରାମର ବୀଣାପାଣି କ୍ଲବ ତରଫରୁ ସରସ୍ୱତୀ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି।



ମାଟିଆଳିପଦା ମା' ଦାଣ୍ଡପଶ୍ଚିମା ଯୁଥ୍ କ୍ଲବରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।



ବିଙ୍ଗ୍ ହ୍ୟୁମାନ୍ କ୍ଲବ ପକ୍ଷରୁ ଆୟୋଜିତ ପୂଜା।

# ଔପଦା ଉତ୍ସବମୁଖର

**ଔପଦା, ୧୦।୨(ଡି.ଏନ.ଏ.)**

ଔପଦା ବ୍ଲକର କୋଣ ଅନୁକୋଣ ସରସ୍ୱତୀ ପୂଜା ତଥା ବସନ୍ତ ପଞ୍ଚମୀ ପାଇଁ ଉତ୍ସବମୁଖର ହୋଇଉଠିଛି। ଔପଦା ମହାବିଦ୍ୟାଳୟ, ଔପଦା ହାଇସ୍କୁଲ, ଏମ୍‌ଇ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ନିକଟସ୍ଥ ତଳକିଆ ଖଇରାସ୍ଥିତ ଶିକ୍ଷାନୁଷ୍ଠାନରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରାଯାଇଛି। ସେହିପରି ବୀଣାପାଣି କ୍ଲବ, ନରମା ମହାସଂଗ୍ରାମ କ୍ଲବ, ଦରଖୋଳି ସତ୍ୟବାଦୀ କ୍ଲବ, ଯୁବକ ସଂଘ ଓ ଶାଳପଡ଼ା ଗ୍ରାମାଞ୍ଚଳରେ ମା'ଙ୍କର ପୂଜାର୍ଚ୍ଚନା କରାଯାଇଛି। ଆକର୍ଷଣୀୟ ତୋରଣ ସହ ବିଦ୍ୟୁତ୍ ଆଲୋକରେ ପୂଜାସ୍ଥଳକୁ ସଜ୍ଜିତ କରାଯାଇଛି।

# ମଉଳିଗଲାଣି ଶୀତଳଭଣ୍ଡାର ଆଶା

- ଭିତ୍ତିପ୍ରସ୍ତରକୁ ୩ ବର୍ଷ ବିତିଲା
- ଇଟା ଖଣ୍ଡେ ପଡ଼ିନି
- ଶଢ଼ୁଛି ପରିବା, ଚିନ୍ତାରେ ଚାଷୀ

ଭଦ୍ରକ ଅଫିସ, ୧୦।୨

କୃଷି ଓ କୃଷକଙ୍କ ବିକାଶ ଲାଗି ବିଭିନ୍ନ ଯୋଜନା ହେଉଥିବା ବେଳେ ଭଦ୍ରକ ଜିଲାରେ ସରକାରଙ୍କ ପକ୍ଷରୁ ଗୋଟିଏ ହେଲେ ଶୀତଳଭଣ୍ଡାର ଖୋଲାଯାଇ ନାହିଁ। କେବଳ ଭଣ୍ଡାରିପୋଖରୀ ନିକଟରେ ଏକ ଘରୋଇ ଶୀତଳଭଣ୍ଡାର ରହିଛି। ଭଦ୍ରକ ଆର୍‌ଏମ୍‌ସି କ୍ୟାମ୍ପସ ପରିସରରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନକୁ ୩ ବର୍ଷ ବିତିଗଲାଣି। ହେଲେ ସେଠାରେ ଇଟା ଖଣ୍ଡେ ପଡ଼ିପାରି ନାହିଁ। ଚାଷୀମାନେ ଉତ୍ପାଦନ କରୁଥିବା ପନିପରିବା, ଫସଲ ଓ ଅନ୍ୟ କୃଷିଜାତ ଦ୍ରବ୍ୟକୁ ସଂରକ୍ଷିତ କରି ନ ପାରି ବ୍ୟାପକ କ୍ଷତି ସହୁଛନ୍ତି। ଚଳିତବର୍ଷ ଟମାଟୋ, କୋବି, ଲଙ୍କା ଭଳି ବିଭିନ୍ନ ପନିପରିବାର ଅଭାବୀ ବିକ୍ରି ଚାଷୀଙ୍କୁ ହତାଶ କରିଛି। ଅନେକ ପନିପରିବା ପଚି ଶଢ଼ି ନଷ୍ଟ ହୋଇଥିଲେ ବି ପ୍ରଶାସନିକ ସ୍ତରରେ ଏହାର ସ୍ଥାୟୀ ପ୍ରତିକାର ପାଇଁ କୌଣସି ଉଦ୍ୟମ କରାଯାଉ ନାହିଁ। ଜିଲା ପ୍ରଶାସନ, କୃଷି ବିଭାଗ, ଆର୍‌ଏମ୍‌ସି କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ଏଠାରେ ହେବାକୁ ଥିବା ଶୀତଳଭଣ୍ଡାର ଆଶା ମଉଳିଗଲାଣି ବୋଲି କେତେକ ଚାଷୀ ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଅଧିକ ପନିପରିବା ଚାଷ ହେଉଥିବା ତିହିଡ଼ି ବ୍ଲକରେ ପ୍ରାଥମିକତା ଭିତ୍ତିରେ ଶୀତଳଭଣ୍ଡାର ସ୍ଥାପନ ଲାଗି ଜିଲା ପ୍ରଶାସନ ନିକଟରେ ଲିଖିତ ଦାବି କରାଯାଇଛି।



ଆର୍‌ଏମ୍‌ସି କ୍ୟାମ୍ପସ ପରିସରରେ ଶୀତଳଭଣ୍ଡାର ପାଇଁ ସ୍ଥାପନ କରାଯାଇଥିବା ଭିତ୍ତିପ୍ରସ୍ତର।

ଉଲ୍ଲେଖନୀୟ ଯେ, ଭଦ୍ରକ ଆର୍‌ଏମ୍‌ସି କ୍ୟାମ୍ପସ ପରିସରରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ୨୦୧୬ ଫେବୃୟାରୀ ୨୫ରେ ତତ୍କାଳୀନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ହେଲେ ପରେ ଏ ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଏହି ଜିଲାରେ ପ୍ରାୟ ୧, ୭୪, ୦୬୩ ହେକ୍ଟର ଚାଷ ଉପଯୋଗୀ ଜମି ରହିଛି। ସେଥିମଧ୍ୟରୁ ୭୩୦୩ ହେକ୍ଟର ଉଚ୍ଚା, ୫୭, ୬୦୫ ମଧ୍ୟମ ଓ ୯୮, ୪୫୫ ହେକ୍ଟର ନୀଚା ଜମିରେ ଚାଷ ହେଉଛି। ୧, ୨୧, ୪୨୪ ହେକ୍ଟରରେ ଖରିଫ ଚାଷ ଏବଂ ୪୩,୫୪୦ ହେକ୍ଟରରେ ରବି ଚାଷ କରାଯାଉଛି। କୃଷି ବିଭାଗର ଆକଳନ ଅନୁସାରେ ୨୦୧୫- ୧୬ରେ ୨୪, ୭୬୪ ହେକ୍ଟରରେ ବିଭିନ୍ନ ରବି ଜାତୀୟ ଫସଲ ଚାଷ କରାଯାଇଥିଲା। ୨୦୧୬-୧୭ରେ ଏହାର ପରିମାଣ ପ୍ରାୟ ୨ ଗୁଣ ବଢ଼ିଯାଇଥିଲା। ଏହାସତ୍ତ୍ୱେ ଚଳିତବର୍ଷ ବ୍ଲକର ଚାଷୀମାନେ ସହାୟକ ମୂଲ୍ୟ ଭଳି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହେବା ସାଙ୍ଗକୁ ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଜିଲାରେ ଚାଷୀଙ୍କ ଦାବିକୁ ଦୃଷ୍ଟିରେ ରଖି ଅଧିକ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ ସରକାରଙ୍କୁ କୌଣସି ପ୍ରସ୍ତାବ ଦିଆଯାଇ ନ ଥିବା ଜଣେ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ତିହିଡ଼ି ନୂଆନନ୍ଦ ଗ୍ରାମର ଅଗ୍ରଣୀ ଚାଷୀ କୈଳାସ ବେହେରା, ଗୁରୁବାରୀ ମୁଦୁଲି, ସମ୍ବାରୀ ସାହୁ କହିଛନ୍ତି ଯେ, ଫସଲ ସଂରକ୍ଷଣ ସୁବିଧା ଅଭାବରୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ଦୋହଲି ଯାଉଛି। ଏଥର କୋବି ଗୋଟା ପିଛା ୫ ଟଙ୍କା ଏବଂ ଟମାଟୋ କିଲୋ ୭ ଟଙ୍କାରୁ କମ୍‌ରେ ଚାଷୀମାନେ ବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି। ବେପାରୀମାନେ ଚାଷୀଙ୍କଠାରୁ ପନିପରିବା କମ୍ ଦରରେ କିଣି ବଜାରରେ ଚଢ଼ା ଦରରେ ବିକି ମୁନାଫା କମାଉଛନ୍ତି। ନୂଆନନ୍ଦ ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ଚାଷୀ ଚଳିତବର୍ଷ ପରିବା ଚାଷ କରି ବଜାର ଦର କାରଣରୁ ବ୍ୟାପକ କ୍ଷତି ସହିଛନ୍ତି। ତିହିଡ଼ି ବ୍ଲକରେ ଥିବା ୨୨, ୬୦୦ ହେକ୍ଟର ଚାଷଜମିରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟରରେ ପରିବା ଚାଷ କରାଯାଉଛି। ବହୁବାର ଦାବି ପରେ ଭଣ୍ଡାରିପୋଖରୀ ନିକଟରେ ଏକ ଘରୋଇ ଶୀତଳଭଣ୍ଡାର ଖୋଲିଛି। ହେଲେ ସବୁ ଚାଷୀଙ୍କ ଚାହିଦା ପୂରଣ ହୋଇପାରୁ ନାହିଁ। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଶୀତଳଭଣ୍ଡାର ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଛାତ୍ର ମୃତ

ପଦ୍ମପୁର, ୧୦।୨ (ଡି.ଏନ୍.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ବାଣପୁର ଗ୍ରାମର ଛାତ୍ର ଆକାଶ କୁମାର ଦାସ(୧୮)ଙ୍କର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ରବିବାର ସକାଳେ ତାଙ୍କ ମାମୁଙ୍କ ସହ ସ୍କୁଟିରେ ଭୁବନେଶ୍ୱରରୁ ଆସୁଥିବା ବେଳେ ଆରଡ଼ି ଛକଠାରେ ରାସ୍ତାରେ ବାଲିରେ ଖସିଯାଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆହତ ହୋଇଥିବା ତାଙ୍କ ମାମୁ ଚିକିତ୍ସାଧୀନ ଅଛନ୍ତି।

### ପୋଖରୀରୁ ମୃତଦେହ ଉଦ୍ଧାର

ତିହିଡ଼ି, ୧୦।୨ (ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ଚିଲପଦା ଗ୍ରାମର ହେମନ୍ତ ମଲିକ(୫୦)ଙ୍କ ମୃତଦେହ ସ୍ଥାନୀୟ ଏକ ପୋଖରୀରୁ ରବିବାର ସକାଳେ ଉଦ୍ଧାର କରାଯାଇଛି। ସକାଳେ ସେ ତାଙ୍କ ଘର ନିକଟରେ ଥିବା ପୋଖରୀରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

### କୋଇଲା ଜବତ: ଜଣେ ଗିରଫ

ତିହିଡ଼ି, ୧୦।୨ (ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ କୋହ୍ଲ ପଞ୍ଚାୟତ ଅମରପୁର ଗ୍ରାମରେ ଥିବା ଏକ ଇଟାଭାଟି ପାଖରୁ ରବିବାର ୧୨ବସ୍ତା କୋଇଲା ସ୍ଥାନୀୟ ପୋଲିସ ଜବତ କରିଛି। ପୋଲିସ ଏ ନେଇ ଏକ ମାମଲା(ନଂ.୬୮/୧୯) ରୁଜୁ କରି ବେଆଇନ ଭାବେ କୋଇଲା ରଖିଥିବା ଗ୍ରାମର ଧୀରେନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଧୀରେନ ଇଟାଭାଟିରେ ବ୍ୟବହାର ଲାଗି ଚୋରା କୋଇଲା ରଖିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

### ମାତୃ ପିତୃ ପୂଜନ ଦିବସ

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ୍.ଏ.): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ବୌଦ୍ଧବିହାର ସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ସରସ୍ୱତୀ ପୂଜା ଅବସରରେ ମାତୃ ପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ବିଶ୍ୱମ୍ଭର ରାଉତ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ବନମାଳୀ ତରାଇ, ଅନ୍ୟତମ ଅତିଥି ଭାବେ ରଘୁ ଅରକ୍ଷିତ ଦାସ ମହାରାଜ, ଯୋଗ ବେଦାନ୍ତ ସେବା ସମିତି ସଦସ୍ୟ ଦୁର୍ଯ୍ୟୋଧନ ଲେଙ୍କା, ମନୋରଞ୍ଜନ ମହାନ୍ତି, ଶରତ ବେହୁରିଆ, ପରମାନନ୍ଦ ରାଉତ ଯୋଗଦେଇ ମାତୃପିତୃ ପୂଜନର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ର ପୁଷ୍ପ, ନୈବେଦ୍ୟ, ଧୂପ, ଦୀପରେ ଉପସ୍ଥିତ ମାତାପିତାଙ୍କୁ ପୂଜା କରିଥିଲେ। ନିର୍ମଳ ଚନ୍ଦ୍ର ବିଶ୍ୱାଳ, ଅନସୂୟା ପୁହାଣ, ମନୀଷା ନାୟକ, ପ୍ରିୟଙ୍କା ସେଠୀ, ମାମିନା ଜେନା, ରତ୍ନରାଣୀ ଖଟୁଆ ଓ ଶୁଭ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

### ରଟନ୍ତିକାଳୀଙ୍କ ବିଗ୍ରହ, ମନ୍ଦିର ପ୍ରତିଷ୍ଠା



ଚାନ୍ଦବାଲି, ୧୦।୨ (ଡି.ଏନ୍.ଏ.): ଚାନ୍ଦବାଲି ଏନ୍‌ଏସି ଅନ୍ତର୍ଗତ ବାଲିଗାଁର ଅଧିଷ୍ଠାତ୍ରୀ ଦେବୀ ରଟନ୍ତିକାଳୀଙ୍କ ପ୍ରସ୍ତର ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଦେବୀଙ୍କ ପୀଠରେ ତିନିଦିନ ବ୍ୟାପି ପୂଜାପାଠ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ମହିଳାଙ୍କର କଳସ ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ ସହ ପ୍ରସାଦ ସେବନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପାଣି, ସମ୍ପାଦକ ମାଧବାନନ୍ଦ ମହାନ୍ତିଙ୍କ ସହ ସଭ୍ୟ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଇକ୍ ଚୋରି ଅଭିଯୋଗ

ବନ୍ତ, ୧୦।୨ (ସ୍ୱ.ପ୍ର.): ବନ୍ତ ବ୍ଲକ ଆଗରପଡ଼ା ବଜାରର ପାନ ଦୋକାନୀ ଖଇରା ଥାନା ଅଧୀନ ପଦୁନା ଗ୍ରାମର ରମେଶ ମହାଲିକଙ୍କ ବାଇକ୍ ଚୋରି ହୋଇଯାଇଥିବା ଆଗରପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଶନିବାର ଅପରାହ୍ନ ପ୍ରାୟ ୩ଟା ପରେ ବଜାରରେ ସେ ରଖିଥିବା ସ୍ଥାନରେ ବାଇକ୍ ନାଲି ରଙ୍ଗର ହିରୋହୁଣ୍ଡା ସ୍ପ୍ଲେଣ୍ଡର ପ୍ଲସ(ଓଆର୍-୨୨-ସି ୩୧୭୫) ନ ଥିବା ଦେଖିଥିଲେ। ବହୁ ଖୋଜାଖୋଜି ପରେ ଗାଡ଼ି ନ ପାଇବାରୁ ସେ ଆଗରପଡ଼ା ଥାନାରେ ଅଭିଯୋଗ କରିଛନ୍ତି।

# ପୃଥକ୍ ଦୁର୍ଘଟଣା: ୩ ଗୁରୁତର, ୨ ଆହତ

ବାସୁଦେବପୁର, ୧୦।୨ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଇଚ୍ଛାପୁର ରାସ୍ତାର କମାରଗାଁ ଓ ନିଉଇଣ୍ଡିଆସାହିଠାରେ ରବିବାର ଅପରାହ୍ନରେ ପୃଥକ୍ ଦୁର୍ଘଟଣାରେ ୫ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଗୁରୁତର ଅଛନ୍ତି। କମାରଗାଁଠାରେ ଦୁର୍ଘଟଣାରେ ପୀରହାଟ ଗ୍ରାମର ସୂର୍ଯ୍ୟମଣି ଜ୍ୟୋତି(୩୬), ତାଙ୍କ ସ୍ତ୍ରୀ ରାକ୍ଷୀରାଣୀ ଜ୍ୟୋତି(୩୩) ଓ ପୁଅ ସତ୍ୟଜିତ ଜ୍ୟୋତି(୮) ଗୁରୁତର ଆହତ ହୋଇଥିଲେ। ନିଉଇଣ୍ଡିଆସାହିଠାରେ ଦୁର୍ଘଟଣାରେ ଆହତ ୨ ଯୁବକ ହେଲେ କରଞ୍ଜଆଡିଆ ଗ୍ରାମର ଶରତ ଚନ୍ଦ୍ର ମଲିକ ଓ ବଳରାମପୁରର ସୁଶାନ୍ତ ବିଶ୍ୱାଳ। ୫ ଆହତଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ୩ ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। କମାରଗାଁଠାରେ ଦୁର୍ଘଟଣାରେ ଆହତଙ୍କୁ ଏକ ଟାଟାମ୍ୟାଜିକରେ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଇକ୍‌ରେ ଯାଉଥିବା ଶରତ ଓ ସୁଶାନ୍ତ ଗାଡ଼ିକୁ ଧକ୍କା ଦେଇ ଆହତ ହୋଇଥିଲେ।

# ଚୋରାମଦ ବେପାରୀଙ୍କୁ ଗଛରେ ବାନ୍ଧି ପିଟିଲେ ମହିଳା

ଚାନ୍ଦବାଲି, ୧୦।୨ (ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଚଡଦିଆ ପଞ୍ଚାୟତର ମଦ ବିରୋଧୀ କେତେକ ମହିଳା ରବିବାର ସକାଳେ ଚୋରାମଦ ବେପାରୀଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଚଢ଼ଦିଆ ବଜାର ସନ୍ନିକଟ ମାଝିସାହି ନିକଟରେ ୩ ମଦ ବେପାରୀଙ୍କୁ ଅଟକ ରଖି ମାରଧର କରିଥିଲେ। ସେମାନଙ୍କ ମଧ୍ୟରେ ୨ଜଣ ପୁରୁଷ ଥିବାବେଳେ ଜଣେ ମହିଳା ଥିଲେ। ଖବର ପାଇ ବାଂଶଡ଼ା ଥାନା ପୋଲିସ ପହଞ୍ଚି ମହିଳାଙ୍କ କବଳରୁ ୩ ଜଣଙ୍କୁ ଉଦ୍ଧାର କରି ନିଜ ହେପାଜତକୁ ନେଇଛି। ସେମାନଙ୍କଠାରୁ ୪୮ ବୋତଲ ମଦ ଜବତ କରାଯାଇଛି।

ସୂଚନା ଅନୁସାରେ, ଏହି ବ୍ଲକର ଉପାନ୍ତ ଅଞ୍ଚଳ ଚଡଦିଆର ବିଭିନ୍ନ ସ୍ଥାନରେ ବ୍ୟାପକ ଚୋରାମଦ କାରବାର ଚାଲିଛି। ଦୁଇମାସ ତଳେ ଜଣେ ଯୁବକ ନକଲି ମଦ ପିଇ ମୃତ୍ୟୁବରଣ କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେତେବେଳେ ପୋଲିସ ଚୋରାମଦ ବେପାରୀଙ୍କୁ ଧରିବାକୁ ପ୍ରତିଶ୍ରୁତି ଦେଇଥିଲା। ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଶନିବାର କେତେକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଭ୍ୟା ବାଂଶଡ଼ା ଥାନାରେ ଚୋରାମଦ ଚାଲାଣ ବନ୍ଦ କରିବାକୁ ଦାବି ଜଣାଇଥିଲେ। ରବିବାର ପୁଣି ମଦ କାରବାର ହେଉଥିବା ଜାଣି ସ୍ଥାନୀୟ କେତେକ ମହିଳା ଆଇନକୁ ହାତକୁ ନେଇଥିଲେ। ଅନ୍ୟ କେତେଜଣ ମଦ ବେପାରୀ ଖସି ଯାଇଥିବା ବେଳେ ସେମାନଙ୍କ ଆକ୍ରମଣରେ କେତେକ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ଏ ନେଇ ବାଂଶଡା ଥାନାରେ ଏକ ମାମଲା (ନଂ.୨୭/୧୯) ରୁଜୁ କରାଯାଇଛି।



ଘଟଣାସ୍ଥଳରେ ଉତ୍ତ୍ୟକ୍ତ ମହିଳାଙ୍କ ଭିଡ଼।

# ବିଜେଡିର ମିଶ୍ରଣ ପର୍ବ

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ୍.ଏ.)

ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସରପଞ୍ଚ କେତକୀ ସାମଲ, ଅଜୁ ସାମଲ ବିଜେଡିରେ ଯୋଗ ଦେଇଥିଲେ। ସେହିପରି ପାଟୁଳୀ, ରଣଜିତ ପଞ୍ଚାୟତରେ ୱାର୍ଡ କମିଟି ବୈଠକରେ ଅନ୍ୟ ଦଳର କେତେକ କର୍ମୀ ବିଜେଡିରେ ସାମିଲ ହୋଇଥିବା ଜଣାଯାଇଛି। ମିଶ୍ରଣ ପର୍ବରେ ବିଜେଡି ଜିଲା ଉପସଭାପତି ପ୍ରଣିତକାନ୍ତ ସାମଲ, ଲକ୍ଷ୍ମୀଧର ସାହୁ, ହେମନ୍ତ ଜେନା, ସୁଶାନ୍ତ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପାଟୁଳୀଠାରେ ଗୋପାଳ ପାଲ ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ପ୍ରଣିତକାନ୍ତ ସାମଲ, ଅଭୟ ବେହେରା, ମନୋଜ ଜେନା, ହେମନ୍ତ ଜେନା, ବାବୁଲା ପଳିତା, ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜା ପାଇଲେ ବାଗ୍‌ଦେବୀ

ବନ୍ତ, ୧୦।୨ (ସ୍ୱ.ପ୍ର.)

ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘରେ ରବିବାର ବାଗ୍‌ଦେବୀ ମା'ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି। କୃଷ୍ଣଚରଣ ବିଦ୍ୟାମନ୍ଦିର, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ମହାବିଦ୍ୟାଳୟ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ, ଆର୍‌ପିଟିଆଇ କମ୍ପ୍ୟୁଟର ସେଣ୍ଟର, ଆଗରପଡା କ୍ରାକ କମ୍ପ୍ୟୁଟର, ଆରଡେଶ୍ୱର ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ବିଗ୍ରେଡ ସ୍କୁଲ ଆଦି ମଣ୍ଡପରେ ପୂଜା ପାଳନ କରାଯାଇଥିଲା। କଳସ ସ୍ଥାପନ କରି ପୂଜାର୍ଚ୍ଚନା ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା।



ବରଗଡିଆ କ୍ଲବରେ ପୂଜା ପାଉଥିବା ମା' ସରସ୍ୱତୀଙ୍କ ମୂର୍ତ୍ତି।

# ଶିକ୍ଷକଙ୍କ ପରଲୋକ

ବନ୍ତ, ୧୦।୨ (ଡି.ଏନ୍.ଏ)

ବନ୍ତ ବ୍ଲକ ଚିଲୋ ପଞ୍ଚାୟତ ଭୁବନେଶ୍ୱରପୁର ଶାସନ ଗ୍ରାମର ଆଦର୍ଶ ସଂସ୍କୃତ ଶିକ୍ଷକ ରମାକାନ୍ତ ମିଶ୍ର(୫୮)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ରବିବାର ସକାଳେ ଗାଧୋଇବାକୁ ଯାଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ତାଙ୍କୁ ଭଦ୍ରକ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଜିଲା ଶିକ୍ଷାଧିକାରୀ ସଂଗ୍ରାମ କେଶରୀ ସାହୁ ଆସି ଶେଷ ଦର୍ଶନ କରିଥିଲେ। ସେଠାରୁ ମରଶରୀରକୁ ତାଙ୍କ ଗୃହକୁ ଅଣାଯିବା ପରେ ଅଢ଼ାଳପଙ୍କ ନୋଡାଲ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ନେଲେ ୧୨୦ ଛାତ୍ରୀ

ବାସୁଦେବପୁର, ୧୦।୨ (ଡି.ଏନ୍.ଏ.)

ବାସୁଦେବପୁର ବ୍ଲକ ବାରାପୁର ଶହୀଦ ମହାବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨୦ ଛାତ୍ରୀ ଅଂଶଗ୍ରହଣ କରି ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ଅଧ୍ୟକ୍ଷ ଶରତ ଚନ୍ଦ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବାରାପୁର ଡିଗ୍ରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶିଶିର କୁମାର କର ଯୋଗଦେଇ ଏହି ପ୍ରଶିକ୍ଷଣ ନେବା ପରେ ଛାତ୍ରୀମାନେ ସାହସୀ ହେବା ସହିତ ଯେକୌଣସି ବିପଦକୁ ସାମ୍ନା କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଦର୍ଶନ ବିଭାଗ ଅଧ୍ୟାପକ ନୀଳମଣି ରାଉତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ କାର୍ଯ୍ୟକ୍ରମ ସଂଯୋଜକ ଜଗବନ୍ଧୁ ଶତପଥୀ ଶିବିର ପରିଚାଳନା କରିଥିଲେ। ବର୍ଷାରାଣୀ ସାହୁ ଓ ସୁଭଦ୍ରା ବେହେରା ପ୍ରଶିକ୍ଷକ ଭାବେ କାର୍ଯ୍ୟ ତୁଲାଇଥିଲେ। ଶିବିରାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଯାନବାହନ ଯାଞ୍ଚ: ଜରିମାନା ଆଦାୟ

ଧାମନଗର, ୧୦।୨ (ଡି.ଏନ୍.ଏ.)

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଧାମନଗର ବ୍ଲକ ଧୂଷୁରୀ ଥାନା ପୋଲିସ ପକ୍ଷରୁ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟରାସ୍ତାର ପନ୍ଦରବାଟିଆ ଓ ସାଁଆଳପୁର ମଧ୍ୟରେ ଯାନବାହନ ଯାଞ୍ଚ କରାଯାଇଥିଲା। ବିଶେଷକରି ବାଇକ୍ ଯାଞ୍ଚ କରାଯାଇଥିବା ବେଳେ କାଗଜପତ୍ର ଦେଖାଇ ନ ପାରିବା ଏବଂ ହେଲ୍‌ମେଟ ପିନ୍ଧି ନ ଥିବାରୁ ୩୨ ବାଇକ୍ ଚାଳକଙ୍କଠାରୁ ଜରିମାନା ବାବଦକୁ ୪ ହଜାର ଟଙ୍କା ଆଦାୟ କରାଯାଇଥିଲା। ଇନ୍‌ସ୍ୟୁରାନ୍ସ କରିବା ଏବଂ ହେଲ୍‌ମେଟ ବ୍ୟବହାର ନେଇ ପୋଲିସ ବାଇକ୍ ଚାଳକଙ୍କୁ ସଚେତନ କରାଇଥିଲା। ଆଇଆଇସି ପ୍ରଫୁଲ୍ଲ ସିଂ ଏହାର ନେତୃତ୍ୱ ନେଇଥିଲେ।

# 'ଚଢେ଼ୟା' ନୃତ୍ୟ ମାଧ୍ୟମରେ ସଚେତନତା

ଭଦ୍ରକ ଅଫିସ, ୧୦।୨

ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଆଦାନୀ ଧାମରା ବନ୍ଦର ପରିସର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ସଚେତନତା କରାଯାଇଛି। ସଚେତନତା ପାଇଁ ବିଭିନ୍ନ ସ୍ଥାନରେ 'ଚଢେ଼ୟା' ନୃତ୍ୟ ପରିବେଷଣ ହୋଇଥିଲା। ଧାମରା ପୋର୍ଟର ମୁଖ୍ୟ ପରିଚାଳନା ଅଧିକାରୀ ସୁଦୀପ ଦାସଗୁପ୍ତା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୋର୍ଟ ତରଫରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ସୁରକ୍ଷା ଶପଥପାଠ, ରାଲି, ସୁରକ୍ଷା ରଥ ଓ ସଡ଼କ ସୁରକ୍ଷା ଉପରେ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ସୁରକ୍ଷା ନିୟମ ଅବଲମ୍ବନ କରିଥିବା ବିଭିନ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ ଯୋଗଦେଇ ଭାରିଯାନ ଚାଳନାର ପଦ୍ଧତି ଉପରେ ଅନୁଷ୍ଠିତ ଏକ ତାଲିମ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ଏହି ଅବସରରେ ଚକ୍ଷୁ ପରୀକ୍ଷା ସହ ଉଚ୍ଚ ରକ୍ତଚାପ ଓ ମଧୁମେହ ପରୀକ୍ଷା ଆଦି କରାଯାଇଥିଲା। ସେହିପରି ବନ୍ଦର କର୍ମଚାରୀମାନଙ୍କୁ ନେଇ ଏକ ସାଧାରଣଜ୍ଞାନ ପ୍ରତିଯୋଗିତା ଓ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।



ସଚେତନତା ପାଇଁ ପରିବେଷିତ ଚଢେ଼ୟା ନୃତ୍ୟ।

# ଭଣ୍ଡାରିପୋଖରୀ କଲେଜର ବାର୍ଷିକ ଉତ୍ସବ

- ମୁଖପତ୍ର 'ଜ୍ଞାନଧାରା' ଉନ୍ମୋଚିତ



କଲେଜ ବାର୍ଷିକ ଉତ୍ସବରେ ମୁଖପତ୍ର 'ଜ୍ଞାନଧାରା' ଉନ୍ମୋଚନ କରାଯାଉଛି।

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ୍.ଏ.)

ଭଣ୍ଡାରିପୋଖରୀ କଲେଜର ୨୬ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ଏବଂ ଅନ୍ୟତମ ଅତିଥି ଭାବେ ପୂର୍ବତନ ଯୋଜନା ବୋର୍ଡ ସଦସ୍ୟ ସୁଧାକର ନନ୍ଦ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ନରହରି ମହାନ୍ତି, ଡା. ଉପେନ୍ଦ୍ର ପ୍ରସାଦ ମହାପାତ୍ର, ଲକ୍ଷ୍ମୀଧର ନାୟକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଗୋବିନ୍ଦ ଚନ୍ଦ୍ର ସେଠୀ, ଅବଦୁଲ କାଲାମ, ଦେବେନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କଲେଜରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟ ମୁଖପତ୍ର 'ଜ୍ଞାନଧାରା' ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ଭରତ କରଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଆନନ୍ଦ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ମମିତା ନାୟକ, ସୁଜାତାରାଣୀ ଦାସ, ଗୀତାଞ୍ଜଳି ଦାସ, ଅଧ୍ୟାପକ ହରିହର ସାହୁ, କୃପାସିନ୍ଧୁ ସେଠୀ ଓ କର୍ମଚାରୀ ଉମାକାନ୍ତ ଖଣ୍ଡାଇ, ନୃସିଂହ ଚରଣ ସ୍ୱାଇଁ, ଦିଲୀପ ନାୟକ, କଲ୍ୟାଣ ଲେଙ୍କା, ଅଶୋକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ତାଲା

ଭଦ୍ରକ ଅଫିସ, ୧୦।୨

ସପ୍ତମ ବେତନ କମିଶନ ଲାଗୁ କରାଯାଉ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନରେ ସାମିଲ ହୋଇଛନ୍ତି ଓଡ଼ିଶା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମରେ ନିୟୋଜିତ କର୍ମଚାରୀ। ରାଜ୍ୟ ସଂଘ ଡାକରାରେ ସେମାନେ କାର୍ଯ୍ୟବନ୍ଦ କରି ଭୁବନେଶ୍ୱରଠାରେ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଫଳରେ ୭ ଦିନ ଧରି ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ତାଲା ପଡ଼ିଛି। ସମସ୍ତ ବ୍ଲକ, ଜିଲା କାର୍ଯ୍ୟାଳୟରେ କାର୍ଯ୍ୟବନ୍ଦ ହୋଇଥିବାରୁ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ କାମରେ ଅଫିସକୁ ଆସି ନିରାଶ ହୋଇ ଫେରୁଛନ୍ତି।

ପ୍ରକାଶ ଯେ, ବିଗତ ବର୍ଷରେ କର୍ମଚାରୀମାନେ ବାରମ୍ବାର ଦାବି କରି ଆସିଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନ ଥିଲେ। କେବଳ ସେମାନଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଫାଙ୍କି ଆସୁଥିଲେ ବୋଲି ଅଭିଯୋଗ ହୋଇଥିଲା। ଗତ ୧ ତାରିଖଠାରୁ ଦୁଇଦିନ ଅଫିସରେ କଳାବ୍ୟାଜ୍ ପରିଧାନ କରି ସେମାନେ କାମ କରୁଥିଲେ। ୪ ତାରିଖଠାରୁ ଜିଲା ସଂଘ ସଭାପତି ବୈଲୋଚନ ପୁହାଣଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ଭୁବନେଶ୍ୱରରେ ବିଧାନସଭା ସମ୍ମୁଖରେ ଧାରଣାରେ ସାମିଲ ହୋଇଛନ୍ତି। ଭଦ୍ରକ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟର ମୋଟ ୩୦ କର୍ମଚାରୀ ଏଥିରେ ସାମିଲ ଥିବାବେଳେ ୭ଟି ବ୍ଲକରୁ ପ୍ରାୟ ୩୦ ଜଣ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ ଜଣ କର୍ମଚାରୀ କାର୍ଯ୍ୟବନ୍ଦ କରିଛନ୍ତି।




ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟରେ ତାଲା ଝୁଲୁଛି।

### ଭୁବନେଶ୍ୱରରେ ଆନ୍ଦୋଳନରେ ସାମିଲ କର୍ମଚାରୀ

## ସଂକ୍ଷେପରେ



### ହାତୀ ଘର ଭାଙ୍ଗିଲେ, ଚାଉଳ ଖାଇଲେ

ଚମ୍ପୁଆ, ୧୦।୨(ଡି.ଏନ.ଏ.): ଚମ୍ପୁଆ ରେଞ୍ଜକୁ ୨ ଦିନ ତଳେ ୧୬ ହାତୀ ପଶି ଆସି ଉପଦ୍ରବ ଚଳାଇଛନ୍ତି। ହାତୀପଲ ଗାଁ ମୁହାଁ ହୋଇ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଦେଉଛନ୍ତି। ହାତୀପଲ ଶୁକ୍ରବାର ବନିକା ଗ୍ରାମର ଚିନ୍ତାମଣି ମହାନ୍ତଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ଖାଇ ଦେଇଥିଲେ। ଶନିବାର ସରେଇ ଗ୍ରାମର ବାହାଦୁଲା ନାଏକ ଓ କ୍ଷେତ୍ର ନାଏକଙ୍କ ଘର ଭାଙ୍ଗିବା ସହ ଧାନ, ଚାଉଳ ମଧ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଲୋକେ ଭୟଭୀତ ହୋଇପଡିଛନ୍ତି। ଏହି ହାତୀପଲ ପତଳା ଜଙ୍ଗଲରେ ରହିଥିବା ବନ ବିଭାଗ କହୁଛି। ମୟୂରଭଞ୍ଜ ଜିଲାରୁ ଆସିଥିବା ହାତୀପଲକୁ ଘଉଡାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପୋଖରୀରୁ ମୃତଦେହ ଉଦ୍ଧାର

ଚମ୍ପୁଆ, ୧୦।୨(ଡି.ଏନ.ଏ.): ଚମ୍ପୁଆ ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ଏକ ପୋଖରୀରୁ ଜଣେ ଶିଶୁର ମୃତଦେହ ପୋଲିସ ଉଦ୍ଧାର କରିଛି। ରବିବାର ସକାଳେ ଗ୍ରାମର ମହିଳାମାନେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ଜଣେ ଶିଶୁପୁତ୍ରର ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଚମ୍ପୁଆ ପୋଲିସକୁ ଖବର ଦେବାପରେ ସବଇନ୍ସପେକ୍ଟର ପଦ୍ମାବତୀ କପାଟ ସଦଳବଳ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସରପଞ୍ଚ ରମେଶ ମୁଣ୍ଡାଙ୍କ ସହଯୋଗରେ ପୋଖରୀରୁ ମୃତଦେହ ଉଦ୍ଧାର କରାଯାଇଥିଲା। କିଏ କେଉଁ କାରଣରୁ ଏପରି କାଣ୍ଡ ଘଟାଇଛି ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି।

### ହାଇୱା-ବୋଲେରୋ ଧକ୍କା: ବର୍ତ୍ତିଲେ ଯାତ୍ରୀ

ଯୋଡ଼ା,୧୦।୨(ଡି.ଏନ.ଏ.): ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦେଓଝରଠାରେ ଶନିବାର ବୋଲେରୋ ପଛରେ ଏକ ହାଇୱା ଧକ୍କା ହୋଇଥିଲା। ବୋଲେରୋରେ ବସିଥିବା ୮ ଯାତ୍ରୀ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦେଓଝରର ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ନାଏକ ଏବଂ ତାଙ୍କ ସପରିବାର ବୋଲେରୋ ନଂଓଡ଼ି୦୯ଜି ୨୧୧୨ରେ ନୂଆମୁଣ୍ଡି ଅଭିମୁଖେ ଯାଉଥିଲେ। ଦେଓଝର ନିକଟ ଲେଭଲ କ୍ରସିଂ ଫାଟକ ବନ୍ଦ ଥିବାରୁ ବୋଲେରୋ ସେଠାରେ ଠିଆ ହୋଇଥିଲା। ସେହି ସମୟରେ ହାଇୱା ଟ୍ରକ୍ ନଂଓଡ଼ି୦୯ସି୫୯୬୯ ବୋଲେରୋ ପଛରେ ଧକ୍କା ହୋଇଥିଲା।

### ଟ୍ରକ୍ ସଂଘ ନୂତନ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦୁଝର, ୧୦।୨ (ସ୍ୱ.ପ୍ର.): କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ରବିବାର ଦାୟିତ୍ୱ ଗ୍ରହଣ କରିବା ସହ ଶପଥ ନେଇଛନ୍ତି। ଉପଦେଷ୍ଟା ମଣ୍ଡଳୀଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରାଯାଇଛି। ସଭାପତି ଭାବେ ରମାକାନ୍ତ ନାୟକ, ସାଧାରଣ ସମ୍ପାଦକ ଭାବେ ସୂର୍ଯ୍ୟ ନାରାୟଣ କର, ଉପସଭାପତି ଭାବେ ଦିଲ୍ଲୀପ ପଣ୍ଡା ଓ ପଦ୍ମଲୋଚନ ସାହୁ, ସାଧାରଣ ସମ୍ପାଦକ ଭାବେ ଦେବାଶିଷ ପଟ୍ଟନାୟକ ଓ ସଞ୍ଜୟ କୁମାର ସିଂ, କୋଷାଧ୍ୟକ୍ଷ ଭାବେ ରୁଦ୍ରନାରାୟଣ ମିଶ୍ର ତଥା କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ରହି ଦାୟିତ୍ୱ ନେଇଥିଲେ। ଉପଦେଷ୍ଟା ମଣ୍ଡଳୀର କୈଳାଶ ଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ଗୋପାଳ ପରିଡା ଓ ବରିଷ୍ଠ ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତ ଉପସ୍ଥିତ ଥିଲେ।

### ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା

ରାଇସୁଆଁ, ୧୦।୨(ଡି.ଏନ.ଏ.): କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ, ମହାଦେଇଯୋଡ଼ା, ପଦ୍ମପୁର, ବାଉରୀପଦା, ପଳାଶପଙ୍ଗା, ପର୍ଜନପୁର, ଗୋପୀନାଥପୁର, ନରଣପୁର ପଞ୍ଚାୟତରେ ଥିବା ବିଦ୍ୟାଳୟ, କଲେଜ, କ୍ଲବ ଆଦିରେ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ଛାତ୍ରୀଛାତ୍ର ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ପୂଜା ମଣ୍ଡପ ଏବଂ ତୋରଣ ଗୁଡିକୁ ଖୁବ ସୁନ୍ଦର ଭାବରେ ସୁସଜ୍ଜିତ କରାଯାଇଥିଲା।

# ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମିଳିଲା ନ୍ୟାୟ

**ଧରିତ୍ରୀ ପ୍ରଭାବ**

- ପରୀକ୍ଷା ହଲରୁ ଛାତ୍ରୀଙ୍କୁ ବାହାର କରିବା ଘଟଣା
- ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ନାମ ଲେଖାଇବା ନେଇ ନିଷ୍ପତ୍ତି

ଆନନ୍ଦପୁର, ୧୦।୨(ସ୍ୱ.ପ୍ର.)

ଆନନ୍ଦପୁରର ଏକ ଘରୋଇ ହାଇସ୍କୁଲରେ ଏକକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଛାତ୍ରୀଙ୍କୁ ନ୍ୟାୟ ମିଳିଛି। ଆନନ୍ଦପୁର ପୌରପରିଷଦ ଫକୀରପୁର ଗ୍ରାମର ପ୍ରଶାନ୍ତ ଦାସଙ୍କ ଝିଅ ନବମ ଶ୍ରେଣୀ ଛାତ୍ରୀ ସୁଲଗ୍ନା ଦାସଙ୍କୁ ଚଳିତ ଶିକ୍ଷାବର୍ଷ ୨୦୧୮-୧୯ରେ ନାମ ଲେଖାଇବାର ବ୍ୟବସ୍ଥା କରାଯାଇଛି। ଛାତ୍ରୀଙ୍କ ଶିକ୍ଷା ଜାରି ରଖିବା ପାଇଁ ଜିଲା ଶିକ୍ଷାଧିକାରୀଙ୍କ ଚିଠି ନଂ ୧୦୯୧/୭.୨.୧୯ରେ ଘସିପୁରା ବ୍ଲକ ଗୋହିରାଠାରେ ଥିବା ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ଅଧକ୍ଷଙ୍କୁ ଅବଗତ କରାଯାଇଛି। ଜାନୁୟାରୀ ୧୫ ତାରିଖରେ ସୁଲଗ୍ନା ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଏକକ ପରୀକ୍ଷା ଦେବାକୁ ପରୀକ୍ଷା ହଲକୁ ଯାଇଥିଲେ। ସେଠାରେ ପ୍ରଶ୍ନ ପତ୍ର ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ବକେୟା ପରୀକ୍ଷା ଫିସ୍‌କୁ ଆଧାର କରି ତାଙ୍କୁ ପରୀକ୍ଷାହଲରୁ ବାହାର କରିଦିଆଯାଇଥିଲା। ଏ ନେଇ ଏକ ମାସ ଛାତ୍ରୀ ଜଣଙ୍କ ମାନସିକ ଅସ୍ଥିରତାରେ ଦିନ କାଟିଆସୁଥିଲେ। ଅପମାନିତ ହୋଇଥିବା ଛାତ୍ରୀ ନିଜର ମୂଳ ସ୍କୁଲକୁ ପାଠପଢିବା ପାଇଁ ଯିବାକୁ ଅମଙ୍ଗ ହୋଇଥିଲେ।

ଏହି ଘଟଣାରେ ଛାତ୍ରୀଙ୍କ ବାପା ପ୍ରଶାନ୍ତ ଶିକ୍ଷାବିଭାଗ ମନ୍ତ୍ରାଳୟଠାରୁ ଆରମ୍ଭ କରି ଜିଲା ଶିକ୍ଷାବିଭାଗ ଏପରିକି ସିବିଏସଇ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ଘଟଣା ନେଇ ବାରମ୍ବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଶେଷରେ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ହସ୍ତକ୍ଷେପ ପରେ ଜିଲା ଶିକ୍ଷାଧିକାରୀ ଛାତ୍ରୀଙ୍କ ପାଠପଢା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଗୁରୁକୁଳ ପକ୍ଷରୁ ଛାତ୍ରୀଙ୍କୁ ଟିସି ଦେବାର ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ବେଳେ ପ୍ରାଣବଲ୍ଲଭ ସ୍କୁଲରେ ନାମ ଲେଖା ଯିବ ବୋଲି ଜଣାଯାଇଛି।

# 'ମୋ ଝିଅକୁ ମାରିଦେଲେ'

**ଅଭିଯୋଗ ଆଣିଲେ ବାପା**

ତେଲକୋଇ, ୧୦।୨(ଡି.ଏନ.ଏ.)

ତେଲକୋଇ ଥାନା ଅନ୍ତର୍ଗତ କରଦାଙ୍ଗୀ ଗ୍ରାମରେ ଶନିବାର ଝୁନୁ ମହାନ୍ତ(୩୮)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଯୌତୁକ ପାଇଁ ଝିଅକୁ ମାରି ଦିଆଯାଇଥିବା ତାଙ୍କ ବାପା ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି। ଏ ନେଇ ବାପା ଭରତ ଚନ୍ଦ୍ର ମହାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୨୦୧୨ରେ ଝିଅକୁ ବିବାହ ଦିଆଯାଇଥିଲା। ସେତେବେଳେ ସୁନା ଗହଣା ଓ ବାଟ ଖର୍ଚ୍ଚ ପାଇଁ ୬୦ ହଜାର ଟଙ୍କା ଯୌତୁକ ଦିଆଯାଇଥିଲା। ଆଉ ଏକ ଲକ୍ଷ ଟଙ୍କା ପ୍ରତିଶ୍ରୁତି ମୁତାବକ ଦିଆଯାଇ ନ ଥିବାରୁ ସ୍ୱାଇଁ ଘର ଲୋକ ଝିଅକୁ ମାରି ଦେଇଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଦେବେନ୍ଦ୍ର ନାଥ ପିଙ୍ଗୁଆ କହିଛନ୍ତି।

■ ସେଣ୍ଟ୍ ମେରୀ ପବ୍ଲିକ ସ୍କୁଲ ବାର୍ଷିକୋତ୍ସବ

# ଛାତ୍ରୀଛାତ୍ରଙ୍କ ଚିତ୍ତାକର୍ଷକ ନୃତ୍ୟ

ଆନନ୍ଦପୁର, ୧୦।୨(ସ୍ୱ.ପ୍ର.)



ଉତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ।

ଆନନ୍ଦପୁରର ଫକୀରପୁର ଛକଠାରେ ଥିବା ସେଣ୍ଟମେରୀ ପବ୍ଲିକ୍ ସ୍କୁଲ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧକ୍ଷ ଫାଦର ଏଫ୍ରେମ୍ ଲାକ୍ରାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ ଯୋଗଦେଇ ଛାତ୍ରୀଛାତ୍ର ଭଲ ନମ୍ବର ରଖିବା ସହ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ବିଶପ କାଇପୁରମ ସି.ଏମ. ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ର ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣରେ ଉପସ୍ଥିତ ଅଭିଭାବକ, ବୁଦ୍ଧିଜୀବୀ ଏବଂ ଜନସାଧାରଣ ବିମୁଗ୍ଧ ହୋଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ବେଟି ବଚାଓ ଏବଂ ପିତାମାତାଙ୍କୁ ସମ୍ମାନ ଜଣାଅ ଆଦି ଗୀତିନାଟ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଅଭିଭାବକ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ପୋଲ ତଳକୁ ବାଇକ୍ ଖସି ୧ ମୃତ, ୨ ଗୁରୁତର

ଢେଙ୍କିକୋଟ, ୧୦।୨(ଡି.ଏନ.ଏ.)

ଘଟଗାଁ ବ୍ଲକ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ପୁରୁମୁଣ୍ଡା ପଞ୍ଚାୟତ ଅସନବାହାଲି ଘାଟି ରାସ୍ତାର ଚୁଆକାଠି ପୋଲ ତଳକୁ ରବିବାର ୧୦ଟା ସମୟରେ ଏକ ବାଇକ୍ ଖସି ପଡ଼ିବାରୁ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଚିନ୍ତାମଣି ମାନସିଂ। ଗୁରୁତର ହେଉଛନ୍ତି ସାନ୍ତରାପୁର ଅଞ୍ଚଳର ପଞ୍ଚାନନ ସିଂହ, ଧନେଶ୍ୱର ସାଣ୍ଡିଲ। ସେମାନେ ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବଡ଼ବିୟୁଲିକୁ ଯାଉଥିଲେ। ବାଇକ୍ ଭାରସାମ୍ୟ ହରାଇ ପୋଲ ଉପରୁ ୨୦ ଫୁଟ ତଳକୁ ଖସି ପଡ଼ିଥିଲେ। ୩ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦୁଝର ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ଚିନ୍ତାମଣିଙ୍କ ମୃତ୍ୟୁ ଘଟିଛି। ପଣ୍ଡାପଡ଼ା ଥାନା ଅଧିକାରୀ ରଞ୍ଜୁହାସିନି କୁଲୁଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଇନ୍ଦ୍ରମଣି ପାଣ୍ଡେ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛନ୍ତି।

# ସଡ଼କ ସୁରକ୍ଷା ସଚେତନତା

ଆନନ୍ଦପୁର, ୧୦।୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ଗୁକୁଣା ଗ୍ରାମରେ ଥିବା ବଳଭଦ୍ରପୁର ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ରେଡକ୍ରସ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ରଙ୍କ ତତ୍ତ୍ୱାବଧାନରେ ଯୁବ ରେଡକ୍ରସ୍ କାଉନସିଲର ସୁଦର୍ଶନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ମନୋରଞ୍ଜନ ପାଢୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ଗୋପୀନାଥ ପଣ୍ଡା, ଭୋଳେଶ୍ୱର ପ୍ରଧାନ, ନବ କୁମାର ପଣ୍ଡା, ଯଦୁମଣି ମିଶ୍ର ଓ ବିଜୟ ମିଶ୍ର କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ୱେତବାଳା ମିଶ୍ର, ଅର୍ଚ୍ଚନା ଜେନା, ମାମା ସାହୁ, ଶ୍ରୀଲିପ୍ସା ସାହୁ, ବନ୍ଦନା ଜେନା, ଏଲିନା ସା, ପ୍ରିୟଦା ମାଝି, ଦେବସ୍ମିତା ପରିଡା, ଅନିଷାରାଣୀ ବେହେରା, ସ୍ମୃତିମୟୀ ବେହେରା, ସସ୍ମିତା ଜେନା, ଆଶୁତୋଷ ପଣ୍ଡା, ଶିବଦତ୍ତ ମିଶ୍ର, ସତ୍ୟବ୍ରତ ମିଶ୍ର, ସତ୍ୟଜିତ୍ ଦାସ, ଭାବଗ୍ରାହୀ ଦାସ, ପ୍ରିୟଙ୍କା ସାହୁ, ପୂଜା ସାହୁ, ତ୍ରିଲୋଚନ ମାଝି, ସାରଥି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଆଟପୁର ଦଳ ବିଜୟୀ

କେନ୍ଦୁଝର, ୧୦।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସ୍ଥାନୀୟ ବଡ଼ହଲଠାରେ ଭୂତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଫାଇନାଲ ମ୍ୟାଚ ଆଟପୁର ଓ ହାପି କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଆଟପୁର ପ୍ରଥମେ ବ୍ୟାଟିଂ କରି ୫୯ କରିଥିବା ବେଳେ ହାପି କ୍ଲବ ୫୧ ରନ କରିଥିଲା। ବିଜୟୀ ଆଟପୁର ଦଳକୁ ପୁରସ୍କୃତ କରାଯାଇଥିଲା।

# ପୁରୁଣିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଟୁର୍ନାମେଣ୍ଟର ପୁରସ୍କାର ବିତରଣୀ ସଭାରେ ଅତିଥି।

ଆନନ୍ଦପୁର,୧୦।୨(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକ ପୁରୁଣିଆ ଗ୍ରାମରେ ପ୍ରଥମ ବାର୍ଷିକ ପ୍ରିମିୟର୍ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ ପିଏମଭି ସାଇଁକୁଳ ଏବଂ ଶାଳପଡା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭର ବିଶିଷ୍ଟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଶାଳପଡା ଏକାଦଶ ୧୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ପିଏମଭି ସାଇଁକୁଳ ନିର୍ଦ୍ଧାରିତ ଓଭରରେ ୧୪୮ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଶାଳପଡା ଏକାଦଶ ମ୍ୟାଚ ଜିତି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା।

ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦେବପ୍ରିୟ ପାତ୍ର , ସମ୍ମାନିତ ଅତିଥି ଭାବେ ବିଜେଡି ଯୁବ ନେତା ବିମଳ ଯେନା, ସାମାଜିକ କର୍ମୀ ହିମାଦ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚକୁ ଅରବିନ୍ଦ ରାଉତ ଓ ରଜତ ନାୟକ ପରିଚାଳନା କରିଥିଲେ। ହରିଶଙ୍କର ବଳ, ପିଙ୍କୁ ବଳ, ଲକି ବଳ, ସ୍ମୃତିରଞ୍ଜନ ବିଶ୍ୱାଳ, ତାପସ ଜେନା, ବିକାଶ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### କ୍ରଶର ବେଲ୍‌ଟରେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

ଯୋଡ଼ା, ୧୦।୨(ଡି.ଏନ.ଏ.)

ବାମେବାରୀ ଥାନା ଅନ୍ତର୍ଗତ ପଳଶା ପଟ୍ଟନାୟକ ମିନେରାଲ ଖଣିରେ ରବିବାର କ୍ରଶର ବେଲ୍‌ଟରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରେନ୍ଦ୍ର ବାରିକ(୨୦)। ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଉକ୍ତ ଖଣିରେ ଶ୍ରମିକ ଭାବେ ପୁରେନ୍ଦ୍ର କାର୍ଯ୍ୟ କରୁଥିବା ବେଳେ ଏହି ଘଟଣା ଘଟିଥିଲା। ଖବର ପାଇ: ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଯୋଡ଼ା ଥାନା ଆଇଆଇସି ମନୋଜ କୁମାର ରାଉତ କହିଛନ୍ତି।

# ସବୁଠି ପୂଜାପାଇଲେ ସରସ୍ୱତୀ


ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା'ଙ୍କୁ ପୂଜା କରୁଛନ୍ତି ଛାତ୍ରୀ।

କେନ୍ଦୁଝର, ୧୦।୨(ସ୍ୱ.ପ୍ର.)

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କେନ୍ଦୁଝରଗଡଠାରେ ସରସ୍ୱତୀ ପୂଜା ଓ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଭକ୍ତିପୂତ ଭାବରେ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ। ଏ ନେଇ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡ. କାର୍ତ୍ତିକ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ପ୍ରଶିକ୍ଷଣର ପ୍ରଶିକ୍ଷିକା ତଦାଶା ତଟିନୀ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷା ବିକାଶ ସମିତି, ଓଡ଼ିଶା କେନ୍ଦୁଝର ବିଭାଗର ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଦେଇଥିଲେ। ସମିତିର ଉପ-ସଭାପତି ଇଂ ହରମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ୪୫୦ରୁ ଊର୍ଦ୍ଧ୍ୱ ମାଆ ଉପସ୍ଥିତ ଥିଲେ।

ଆନନ୍ଦପୁର, (ସ୍ୱ.ପ୍ର.)

ବିଦ୍ୟାଦାତ୍ରୀ ବାଗ୍ ଦେବୀଙ୍କ ପୂଜା ଆନନ୍ଦପୁର ଅଞ୍ଚଳରେ ପାଳିତ ହୋଇଛି। ସକାଳୁ ଛାତ୍ରୀଛାତ୍ର ପୂଜାସ୍ଥଳ ନିକଟକୁ ଯିବା ଦୃଶ୍ୟ ନିଆରା ଥିଲା। ଆନନ୍ଦପୁର ମହାବିଦ୍ୟାଳୟ, ଘସିପୁରା ବାଲ୍ ଶିକ୍ଷା ସଂସ୍ଥାନ୍, ଶାଳପଡା ମହିଳା ମାହାବିଦ୍ୟାଳୟ, ଆନନ୍ଦପୁରର ଦିଲଦାର୍ କ୍ଲବ, ସରସ୍ୱତି ଶିଶୁ ମନ୍ଦିର ଆନନ୍ଦପୁର, ରାତ୍ରୀ ମେସ୍, ପ୍ରଶାନ୍ତି ମେସ୍, ସାଇନସ୍ ଚ୍ୟାମ୍ବର ମେସ୍, ଆନନ୍ଦପୁର ମହାବିଦ୍ୟାଳୟ ଛାତ୍ରୀ ନିବାସ, ଅଳତୀ ସରସ୍ୱତୀ ଶିଶୁ ମନ୍ଦିର, ମଡେଲ ସ୍କୁଲ ଆନନ୍ଦପୁର, ବି.ଏନ ହାଇସ୍କୁଲ ଆନନ୍ଦପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆନନ୍ଦପୁର, ପତିତପାବନ ମହାବିଦ୍ୟାଳୟ ସାଇଁକୁଳ, କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟରେ ପୂଜା ଅନୁଷ୍ଠିତ ହେଉଛି। ଆନନ୍ଦପୁର ଦିଲଦାର କ୍ଲବ ପକ୍ଷରୁ ପୂଜା ୭ ଦିନ ଧରି ଅନୁଷ୍ଠିତ ହୋଇଥାଏ।

ଚମ୍ପୁଆ, (ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାରେ ମା' ସରସ୍ୱତୀଙ୍କ ପୂଜା ପାଳିତ ହୋଇଛି। ସରକାରୀ, ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ପୂଜା କରିଥିଲେ। ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଶ୍ରୀଅରବିନ୍ଦ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ଆକାଶ ଜ୍ୟୋତି ଇଂରାଜି ବିଦ୍ୟାଳୟ, କେରଳ ଇଂରାଜି ବିଦ୍ୟାଳୟ, ଉତ୍କଳ ଇଂରାଜି ବିଦୟାଳୟ, ଚନ୍ଦ୍ରଶେଖର ଇଂରାଜି ମାଧ୍ୟମ ବିଦ୍ୟାଳୟରେ ପୂଜା ହୋଇଛି।

ପାଟଣା, (ସ୍ୱ.ପ୍ର.)

ପାଟଣାରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ବାଗଦେବୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣା, ଜିଏନ ହସିସ୍କୁଲ ସ୍ୱାମପାଟଣା, ସ୍ୱାମପାଟଣା ବାଳିକା ଉଚ୍ଚବିଦ୍ୟାଳୟ, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପାଟଣା, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲ ପାଟଣା, ତୁରୁମୁଙ୍ଗା ଦଧିବାମନ ମହାବିଦ୍ୟାଳୟ ଓ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମା' ସରସତୀଙ୍କ ପୂଜାର୍ଚ୍ଚନା ହୋଇଥିଲା।

କୋଲିମାଟି

ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତ ସ୍ୱପ୍ନେଶ୍ୱର ଆଦିବାସୀ ବିଦ୍ୟାଳୟ, ଏମି ସ୍କୁଲ, ସେବାଶ୍ରମ କୋଲିମାଟି, କୁମଡ, ଯାତ୍ରାକୁମ, କାଦୁଅବାହାଲୀ, ନୂଆପଡ଼ା, ଟିକିରା, କନ୍ତୋ, ଅର୍ଜୁନବଣିଆ, ଦରଖୋଲା, ଦରଗୁଡିଶିଳା ବିଦ୍ୟାଳୟ, କୋଲିମାଟି ଗ୍ରାମରେ ମା' ସରସ୍ୱତୀଙ୍କ ପୂଜା ହୋଇଥିଲା। ରିଙ୍କୁ ନାଏକ ତାଙ୍କ ସହ ସିପୁ ନାଏକ, ସଞ୍ଜିତ ନାଏକ, ଅଭାନାଶ ମହାରଣା, ମଙ୍ଗଳ ନାଏକ, ତପନ ନାଏକ କୋଲିମାଟି ଗ୍ରାମରେ ଅନୁଷ୍ଠିତ ପୂଜାରେ ସହଯୋଗ କରିଥିଲେ। ସରସ୍ୱତୀ ପୂଜା କମିଟି ବନ୍ଧୋ ନୂଆ ସାହିରେ କମିଟି ସଭାପତି ସହଦେବ ପାତ୍ର, ସମ୍ପାଦକ ଜୀବନ ପାତ୍ର, ଦୀପକ ପାତ୍ର, ବିକାଶ ପାତ୍ର, ଦାଶରଥି, ଜଗା ପାତ୍ର, ଶ୍ରୀଧର ପାତ୍ର, ପ୍ରଦୀପ ସହଯୋଗ କରିଥିଲେ।

# ଗାଡ଼ି ଚାଳକଙ୍କୁ ଗୋଲାପ ଫୁଲ


ଲୋକଙ୍କୁ ଗୋଲାପ ଫୁଲ ଦେଇ ଚଚେତନତା କରାଯାଉଛି।

ଯୋଡ଼ା, ୧୦।୨(ଡି.ଏନ.ଏ.)

ଯୋଡ଼ାରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ହୋଇଛି। କମାରଯୋଡ଼ା ରାସ୍ତାରେ ଯୋଡ଼ା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ଦିଗରେ ଲୋକଙ୍କୁ ସଚେତନତା କରାଇଯାଇଥିଲା। ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ନେଉଥିବା ବ୍ୟକ୍ତିଙ୍କୁ ୨ ହଜାର ଟଙ୍କା ଦେଇ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ହେଲମେଟ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯିବା ସହ ସଚେତନତା କରାଯାଇଥିଲା। ଏଥିରେ ଯୋଡ଼ା ଥାନା ସବଇନ୍ସପେକ୍ଟର ମନୋରଞ୍ଜନ ବିଶି, ଏଏସଆଇ ହରିହର ରାମ, ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡ. ଏ.କେ. ରାୟ ଓ ମାଇନିଂ ଏରିଆ ସର୍ଭିସ ସଂସ୍ଥାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ମହିଳାଙ୍କ ବାମ ବଦଳରେ ଡାହାଣ ଗୋଡ଼ରେ ଅସ୍ତ୍ରୋପଚାର ଘଟଣା

# ଉପଶମ ବଦଳରେ ମିଳିଲା ଯନ୍ତ୍ରଣା

- ଚର୍ଚ୍ଚାରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା
- ଡାକ୍ତରଙ୍କ ଖାମଖିଆଲି ନୀତି

ଆନନ୍ଦପୁର, ୧୦।୨(ସ୍ୱ.ପ୍ର.)

ଯେକୌଣସି ସ୍ୱାସ୍ଥ୍ୟଗତ ଅସୁବିଧା ହେଲେ ଚିକିତ୍ସା ଉପରେ ଭରସା କରି ସମସ୍ତେ ଡାକ୍ତରଖାନା ଯାଇଥାନ୍ତି। ଚିକିତ୍ସିତ ହୋଇ ଉପଶମ ପାଇବା ଲାଗି ଆଶା ରଖନ୍ତି। ମାତ୍ର ଜଣେ ଡାକ୍ତରଙ୍କ ଖାମଖିଆଲି ନୀତିରୁ ଡାକ୍ତରଖାନାକୁ ଚିକିତ୍ସା ହେବାରୁ ଆସିଥିବା ମହିଳାଙ୍କ ବାମ ବଦଳରେ ଡାହାଣ ଗୋଡ଼ରେ ଅସ୍ତ୍ରୋପଚାର କରାଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏପରି ଘଟଣା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନରେ ଦେଖିବାକୁ ମିଳିଛି। ଛାତରୁ ପ୍ଲାଷ୍ଟର ଖସିବା ଘଟଣା ହେଉ କି ପ୍ରସୂତିଙ୍କ ଚିକିତ୍ସା ସୁବିଧାର ଅଭାବ ନେଇ ବିଭିନ୍ନ ସମୟରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ଚର୍ଚ୍ଚାର ପରିସରରେ ରହିଛି। ବର୍ତ୍ତମାନ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମନମୁଖି ନୀତିରୁ ରୋଗୀ ଉପଶମ ବଦଳରେ ଚିକିତ୍ସିତ ହୋଇ ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଛି।

ଖଡିବିଲ ଗ୍ରାମର ତ୍ରିଲୋଚନ ଯେନାଙ୍କ ସ୍ତ୍ରୀ ମୀତାରାଣୀ(୨୪)ଙ୍କ ବାମ ଗୋଡରେ ପାଣିଖିଆ ହୋଇଥିଲା। ସେ ଶୁକ୍ରବାର ମଧ୍ୟାହ୍ନରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଆଉଟଡୋର ଥିବା ଡାକ୍ତର ଡ୍ରେସିଂ କରାଯିବ ବୋଲି ମୀତାରାଣୀଙ୍କୁ କହିଥିଲେ। ଡାକ୍ତରଙ୍କ ନିର୍ଦ୍ଦେଶରେ ଡ୍ରେସିଂ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ମୀତାରାଣୀଙ୍କ ଗୋଡରେ ଇଞ୍ଜେକଶନ୍ ଦେଇଥିଲେ। ମୀତାରାଣୀଙ୍କ ପାଣିଖିଆ ହୋଇଥିବା ବାମ ବଦଳରେ ଡାହାଣ ଗୋଡକୁ କାଟି କର୍ମଚାରୀ ଜଣଙ୍କ ଡ୍ରେସିଂ କରିଥିଲେ। ଇଞ୍ଜେକଶନ୍ ଦିଆଯାଇଥିବାରୁ ଡ୍ରେସିଂ କେଉଁ ଗୋଡ କରାଯାଉଛି ମୀତାରାଣୀ ଜାଣିପାରି ନ ଥିଲେ। ଚେତା ଆସିବା ପରେ ଭଲ ଥିବା ଡାହାଣ ଗୋଡକୁ କାହିଁକି ଡ୍ରେସିଂ କରାଗଲା ବୋଲି ସେ ପ୍ରଶ୍ନ କରିଥିଲେ। ଏ ନେଇ ଘଟଣା ସମ୍ପର୍କରେ ମୀତାରାଣୀଙ୍କ ସ୍ୱାମୀ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଅବଗତ କରିଥିଲେ। ପରେ ମହିଳାଙ୍କ ପାଣିଖିଆ ହୋଇଥିବା ବାମଗୋଡକୁ ଡ୍ରେସିଂ କରାଯାଇଥିଲା। ଏହିଭଳି ଭୁଲ ଡ୍ରେସିଂ ପାଇଁ ମୀତାରାଣୀ ଚାଲି ନ ପାରି ଘରେ ବସି ଯନ୍ତ୍ରଣା ଭୋଗୁଥିବା ସେ କହିଛନ୍ତି। ଏପରି ଅବସ୍ଥାରେ ଘରେ ସ୍ୱାମୀଙ୍କ ଛଡା ଦୁଇଜଣ ଛୋଟ ପିଲା ଥିବାରୁ ତାଙ୍କ ପାଇଁ ଏବେ ନାନା ସମସ୍ୟା ସୃଷ୍ଟି ହେଉଛି। ଡାକ୍ତରଖାନା ମୁଖ୍ୟ ଚିକିତ୍ସା ଅଧିକାରୀ ଧନେଶ୍ୱର ସେଠୀଙ୍କୁ ପଚାରିବାରୁ ଅସୁସ୍ଥତା କାରଣରୁ ଛୁଟିରେ ଥିବାରୁ ଘଟଣା ସମ୍ପର୍କରେ ଜାଣି ନ ଥିବା ସେ କହିଛନ୍ତି।


ମହିଳାଙ୍କର ଦୁଇ ଗୋଡ ଡ୍ରେସିଂ କରାଯାଇଛି।

## ସଂକ୍ଷେପରେ

### ପୂଜା ହେଲା ମାଦଳା ପାଞ୍ଜି

**ପୁରୀ ଅଫିସ, ୧୦।୨:** ଶ୍ରୀମନ୍ଦିରରେ ରବିବାର ବସନ୍ତ ପଞ୍ଚମୀ ପର୍ବ ପାଳିତ ହୋଇଛି। ବେଢା ପରିସର ସରସ୍ୱତୀ ମନ୍ଦିରରେ ମା' ବିଦ୍ୟାଦାତ୍ରୀଙ୍କ ଦର୍ଶନ ଲାଗି ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଆଜ୍ଞାମାଳ ପ୍ରାପ୍ତ ହୋଇ ବେଣ୍ଟ ନିମନ୍ତେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିଜେ ହୋଇଥିଲେ। ଏହାପରେ ସନ୍ଧ୍ୟା ଆଳତି ବଢିଥିଲା। ସନ୍ଧ୍ୟା ଧୂପ ପରେ ସରସ୍ୱତୀଙ୍କ ମନ୍ଦିରରେ ମାଦଳା ପାଞ୍ଜି ପୂଜା ହୋଇଥିଲା। ମାଦଳା ପାଞ୍ଜି ରଖାଯାଇ ପତନି, ମାଳଲାଗି ହୋଇ ଶୀତଳ ଭୋଗ ଓ ବନ୍ଦାପନା ସରିଥିଲା। ଏହାପରେ ସରସ୍ୱତୀଙ୍କ ମନ୍ଦିରରେ ୨୨ଟି ନଡ଼ିଆ ଭଙ୍ଗା ଯାଇଥିଲା।

ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ

### ଭାଜପା-ବିଜେଡି ଦୋଷ ଲଦାଲଦି

**ଭୁବନେଶ୍ୱର, ୧୦।୨(ବ୍ୟୁରୋ):** ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରିବା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଅନ୍ୟ ରାଜ୍ୟରେ ଅଙ୍ଗନୱାଡି କର୍ମୀ ଦରମା ବାବଦକୁ ଅଧିକ ଟଙ୍କା ପାଉଥିବା ବେଳେ ଓଡିଶା ସରକାର ଏଥିପାଇଁ ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟଜନକ ବୋଲି ଭାଜପା ଅଭିଯୋଗ କରୁଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏକ ଚିଠି ଲେଖିବା ପରେ ଭାଜପା ଏଭଳି ଅଭିଯୋଗ ଆଣିଛି। ଅନ୍ୟପଟେ ଭାଜପା ଏକ ଭ୍ରଷ୍ଟାଚାରୀ ଦଳ ବୋଲି ବିଜେଡି କହିବାସହ ସେମାନେ ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛି। ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି ପ୍ରସଙ୍ଗ ନେଇ ଗତ ୨୫ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଏକ ଚିଠି ଲେଖିଥିଲେ। ଧର୍ମେନ୍ଦ୍ର ଲେଖିଥିବା ଚିଠି ଉପରେ କେନ୍ଦ୍ରମନ୍ତ୍ରୀ ମାନେକା ନିଜର ଉତ୍ତର ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୮ ଅକ୍ଟୋବର ୧ତାରିଖରୁ ସବୁ ରାଜ୍ୟର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗତ ସେପ୍ଟେମ୍ବର ୨୦ରେ ଅବଗତ କରାଯାଇଥିଲା। ଚଳିତ ଆର୍ଥିକବର୍ଷ ପାଇଁ ବର୍ଦ୍ଧିତ ପାରିଶ୍ରମିକ ବାବଦକୁ ତୃତୀୟ ଏବଂ ଚତୁର୍ଥ କ୍ୱାର୍ଟର୍ସ ଲାଗି କେନ୍ଦ୍ର ସରକାରଙ୍କ ଅଂଶ ବାବଦରେ ଓଡିଶାକୁ ୧୬୬୯୪.୩୮ ଲକ୍ଷ ଟଙ୍କା ଦିଆଯାଇଛି। ଓଡିଶା ସମେତ ଦେଶର ଅନ୍ୟ ରାଜ୍ୟରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀଗୁଡିକୁ ପୂରଣ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବାରମ୍ବାର ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକୁ ଅନୁରୋଧ କରିଛନ୍ତି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲାପାଳମାନଙ୍କୁ ମଧ ଏ ସମ୍ପର୍କରେ କ୍ଷମତା ଦେବାକୁ ଅନୁରୋଧ କରାଯାଇଥିବା ମାନେକା ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ପୂର୍ବରୁ ଅଙ୍ଗନୱାଡି କର୍ମୀମାନେ ୪ହଜାର ଟଙ୍କା ଲେଖା ପାଉଥିଲେ। କେନ୍ଦ୍ର ସରକାର ୩ମାସ ତଳୁ ସେମାନଙ୍କ ଦରମା ବାବଦ ଅର୍ଥକୁ ଅଧିକ ୩ହଜାର ଟଙ୍କା ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ସେହି ବର୍ଦ୍ଧିତ ଦରମା ପ୍ରଦାନ କରୁଛନ୍ତି। ଉକ୍ତ ଟଙ୍କାକୁ ଆମେ ଦେଉଛୁ ବୋଲି କହି ବିଜେଡି ରାଜନୀତି କରୁଛି। ରାଜ୍ୟ ସରକାର ତୁରନ୍ତ ଅଙ୍ଗନୱାଡି କର୍ମୀଙ୍କ ଦରମା ବୃଦ୍ଧି କରନ୍ତୁ ବୋଲି ଗୋଲକ କହିଛନ୍ତି। ଭାଜପାର ଏଭଳି ଅଭିଯୋଗକୁ ନେଇ ବିଜେଡି ନେତା ସୁବାସ ସିଂ କହିଛନ୍ତି ଯେ, ଭାଜପା ହେଉଛି ଏକ ଭ୍ରଷ୍ଟାଚାରୀ ଦଳ, ଯାହା ବିଶ୍ୱରେ ବିରଳ। ଅଙ୍ଗନୱାଡି କର୍ମୀଙ୍କ ଦରମାର ୪ହଜାର ଟଙ୍କାରୁ ୬୦ପ୍ରତିଶତ କାଟିଦେଲେ ବାକି ସବୁ ରାଜ୍ୟ ଦେଉଛି। କେବଳ ଭୋଟ ପାଇଁ ଭାଜପା ନେତାମାନେ ଅଯଥା ରାଜନୀତି କରୁଛନ୍ତି ବୋଲି ସିଂ କହିଛନ୍ତି।

# ଶୃଙ୍ଖଳିତ ନିର୍ବାଚନ ବଡ଼ ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୧୦।୨**
**(ଜ୍ୟୋତି ରଞ୍ଜନ ମହାପାତ୍ର)**

**ଚିନ୍ତା ବଢ଼ାଇଲା ଗୋଇନ୍ଦା ରିପୋର୍ଟ**
- ସୃଷ୍ଟି ହୋଇପାରେ ହିଂସା, ଦଙ୍ଗା
- ବ୍ୟବହାର ହୋଇପାରନ୍ତି ପୋଲିସ, ଅପରାଧୀ

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଭାରତ ବହୁ ହିଂସା ଓ ସାମ୍ପ୍ରଦାୟିକ ଦଙ୍ଗାକୁ ସାମ୍ନା କରିବ। ନିର୍ବାଚନ ସମୟରେ ଜଟିଳ ପରିସ୍ଥିତି ଉପୁଜିବ। ଆମେରିକା ଗୋଇନ୍ଦା ସଂସ୍ଥାର ଏଭଳି ରିପୋର୍ଟ ଶୃଙ୍ଖଳିତ ତଥା ଅବାଧ ନିର୍ବାଚନ ନେଇ ଆଶଙ୍କା ସୃଷ୍ଟି କରିଛି। ଓଡ଼ିଶାରେ ଏକସଙ୍ଗେ ଲୋକ ସଭା ଓ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଜାତୀୟ ସ୍ତରର ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଓ ସଭାରେ ପ୍ରତିପକ୍ଷଙ୍କୁ ଆକ୍ରମଣାତ୍ମକ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ଉଷ୍ମ କରିବାରେ ଲାଗିଛି। ପ୍ରତିପକ୍ଷ ଶକ୍ତିକୁ ଦୁର୍ବଳ କରିବା ପାଇଁ ରାଜନୈତିକ ଦଳଗୁଡିକ ସିବିଆଇ ଓ ପୋଲିସକୁ ମଧ୍ୟ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି। ଅତୀତରେ ରାଜନୈତିକ ଦଳ ଓ ନେତାମାନେ ନିଜ ଫାଇଦା ପାଇଁ ଗ୍ୟାଙ୍ଗଷ୍ଟରମାନଙ୍କୁ ଆଶ୍ରା ଦେଇଛନ୍ତି। ସେହିପରି ମାଓବାଦୀମାନେ ବିଭିନ୍ନ ଜିଲାରେ ସକ୍ରିୟ ରହିଥିବାବେଳେ ବିଗତ ଦିନରେ ଆତଙ୍କବାଦୀ କାର୍ଯ୍ୟକଳାପର ଅନେକ ନଜିର ରହିଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଓ ଗୋଇନ୍ଦା ରିପୋର୍ଟ ଉଦ୍‌ବେଗର ବିଷୟ ହୋଇଛି। ଏପରିସ୍ଥଳେ ଶୃଙ୍ଖଳିତ ନିର୍ବାଚନ ରାଜ୍ୟ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ନିକଟ ଅତୀତରେ ଅନେକ ରାଜନୈତିକ ହତ୍ୟା ଓ ସାମ୍ପ୍ରଦାୟିକ ହିଂସା ଦେଖିବାକୁ ମିଳିଥିଲା। ଗତ ମାସରେ କେନ୍ଦ୍ରାପଡ଼ାରେ ନେତାଜୀଙ୍କ ଜୟନ୍ତୀ ଉତ୍ସବକୁ ନେଇ ଦୁଇ ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ। ସାମ୍ପ୍ରଦାୟିକ ବିଶୃଙ୍ଖଳା ବଢୁଥିବାଦେଖି ପୋଲିସ ଓ ପ୍ରଶାସନ କର୍ଫ୍ୟୁ ଲାଗୁ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହା ପଛରେ ରାଜନୈତିକ ସମ୍ପୃକ୍ତି ରହିଥିବା ମଧ ଚର୍ଚ୍ଚା ହୋଇଥିଲା। ଏହାର ବହୁ ପୂର୍ବରୁ ଗ୍ୟାଙ୍ଗଷ୍ଟର୍ ଡି' ବ୍ରଦର୍ସ ଓ ଟିଟୋଙ୍କ ସହ ରାଜନେତାଙ୍କ ଲିଙ୍କ୍ ପଦାକୁ ଆସିଛି। ଗାଁ ଗାଁରେ ଘଟୁଥିବା ଛୋଟ ବଡ଼ ଅପରାଧରେ ରାଜନୈତିକ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ କଲେଜ ନିର୍ବାଚନ ସମୟରେ ରାଜ୍ୟର ବହୁ କ୍ୟାମ୍ପସ ଅଶାନ୍ତ ହୋଇଉଠିଥିଲା। ୨୦୧୭ ସେପ୍ଟେମ୍ବର ୧୬ରେ କଲେଜ ନିର୍ବାଚନକୁ ନେଇ ଗଞ୍ଜାମ ଜିଲାର ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ପ୍ରଧାନଙ୍କୁ ହତ୍ୟା କରାଯାଇଥିଲା। ବିଜେପୁର ଉପନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଗତବର୍ଷ ଫେବୃୟାରୀ ୨୩ରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ବଡ଼ଭାଇ ସୁବ୍ରତ ସିଂ ଏବଂ ତାଙ୍କର ତିନି ସହଯୋଗୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଡ୍ରାଇଭର ଦିଲେଶ୍ୱର ସିଂଙ୍କ ମଧ ମୃତ୍ୟୁ ଘଟିଥିଲା। ନିର୍ବାଚନ ପାଖେଇ ଆସୁଥିବାବେଳେ ଏସବୁ ଘଟଣାକୁ ନେଇ ପୁଣିଥରେ ଚର୍ଚ୍ଚା ସୃଷ୍ଟି ହୋଇଛି। କାରଣ ଲକ୍ଷ୍ମୀଦତ୍ତ ହତ୍ୟା ଘଟଣାରେ ପୋଲିସ ପକ୍ଷରୁ ଦୁଇ ଭାଜପା ନେତା ଗୋଲକ ମହାପାତ୍ର ଓ ଭୃଗୁ ବକ୍ସିପାତ୍ରଙ୍କୁ ନୋଟିସ କରାଯାଇଥିବାବେଳେ ଚିଟ୍‌ଫଣ୍ଡ ଦୁର୍ନୀତିରେ ବିଜେଡିର ଦୁଇ ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ଅରୁଣ ସାହୁଙ୍କୁ ସିବିଆଇ ସମନ ଆଗକୁ ରାଜନୈତିକ ବିଶୃଙ୍ଖଳା ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତଦେଲେଣି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ସଭାପତି ମହେଶ ପ୍ରସାଦ କହିଛନ୍ତି, ଗତ କଲେଜ ନିର୍ବାଚନ ସମୟର ସ୍ଥିତିକୁ ଦେଖିଲେ ଆଗାମୀ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ହେବ ବୋଲି ଆଶା କରାଯାଇ ନ ପାରେ। ଆଇନଜୀବୀ ବିସ୍ମୟ ଷ୍ଟାଲିନ କହିଛନ୍ତି, ବଡ଼ ବଡ଼ ଅପରାଧୀମାନେ ସହରର ବସ୍ତି ଓ ଗ୍ରାମାଞ୍ଚଳରେ ଆଡ୍ଡା ଜମାଇ ରହୁଛନ୍ତି। ପୋଲିସ ନିଜ ଆଖୁ ଖୋଲତାଡ କରୁନି। ଗତବର୍ଷ ମେ ୩୧ରେ ରାଜଧାନୀରେ ପଶ୍ଚିମବଙ୍ଗ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଥିବା ମାଓବାଦୀ ନେତା ଆଲିକ ଚକ୍ରବର୍ତ୍ତୀଙ୍କୁ ରାଜଧାନୀରୁ ଗିରଫ କରାଯାଇଥିଲା। ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ ମଧ କମିଶନରେଟ ପୋଲିସ ବା ରାଜ୍ୟ ପୋଲିସ ନିକଟରେ ଖବର ନ ଥିଲା। ଏଥିରୁ ରାଜ୍ୟ ପୋଲିସ ଓ ଗୋଇନ୍ଦା ବିଭାଗ ଶୋଇପଡିଥିବା ଜଣାପଡୁଛି। ଫଳରେ ଆଗାମୀ ନିର୍ବାଚନରେ ହିଂସା ଓ ଅପରାଧ ବଢ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

**ଚ୍ୟାଲେଞ୍ଜ ପାଇଁ ପୂରା ପ୍ରସ୍ତୁତ: ଡିଜିପି**

ସାଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ କରିବା ପାଇଁ ଗୋଇନ୍ଦା ରିପୋର୍ଟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କୌଣସି ହିଂସା ବା ଅପରାଧ ଘଟିବା ପୂର୍ବରୁ କିପରି ଖବର ପହଞ୍ଚିପାରିବ ଓ ଅପରାଧକୁ ଦମନ କରାଯିବ ତାହାର ଆକ୍ସନ ପ୍ଲାନ ଆରମ୍ଭ କରିଛି ପୋଲିସ। ବିଭିନ୍ନ ଜିଲାରେ ଥିବା ହାର୍ଡକୋର ଅପରାଧୀଙ୍କୁ ଧରିବା ନେଇ ବଛା ବଛା ପୋଲିସ ଅଫିସରଙ୍କୁ ନେଇ ଟିମ୍ ଗଠନ କରାଯାଇଛି। ପ୍ରତିଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ପୋଲିସ ପୂରା ପ୍ରସ୍ତୁତ ରହିଛି। ତେବେ କୌଣସି କ୍ଷେତ୍ରରେ ପୋଲିସ ପ୍ରଭାବିତ ନ ହେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଡିଜିପି ଆର୍.ପି. ଶର୍ମା କହିଛନ୍ତି।

**ଭାଜପା ହିଂସା, ଦଙ୍ଗା ସୃଷ୍ଟି କରି ରାଜନୀତି କରେ: ବିଜେଡି**

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କୁହନ୍ତି, ସାଢ଼େ ୪ବର୍ଷ ହେବ ରାଜ୍ୟରେ ଯେବେଠାରୁ ଭାଜପା ମୁଣ୍ଡ ଟେକିଲାଣି, ସେବେଠାରୁ ଏହାର ନେତାମାନେ ହିଂସାର ସାହାରା ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଅପଚେଷ୍ଟା କରୁଛନ୍ତି। ବିଜେପୁର ନିର୍ବାଚନ ସମୟରେ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭାଇ ଉପରକୁ ଆକ୍ରମଣରେ ବିଜେଡି କର୍ମୀ ତଥା ଗାଡି ଡ୍ରାଇଭରଙ୍କ ମୃତ୍ୟୁ ଘଟିବା, ଛତ୍ରପୁର କାଉନ୍‌ସିଲର ଲକ୍ଷ୍ମୀଦତ୍ତ ହତ୍ୟାକାଣ୍ଡ ଘଟଣାରୁ ଭାଜପାର ରାଜନୈତିକ ହିଂସା ବାରି ହୋଇଯାଇଛି। କଟକରେ ଡି'ବ୍ରଦର୍ସଙ୍କୁ ବାଇମୁଣ୍ଡି ଆଖ୍ୟା ଦେଇ ସଭାସ୍ଥଳରେ ସମ୍ବୋଧନ କରିବାଠାରୁ ଟିଟୋକୁ ଦୁଇଟି ପେଟ୍ରୋଲ ପମ୍ପ ଲାଇସେନ୍ସ ପ୍ରଦାନରେ ଭାଜପାର ଅପରାଧ ପ୍ରୀତି ସ୍ପଷ୍ଟ ହୋଇଛି। ମାତ୍ର ବିଜେଡି ଶାସନରେ ରାଜନୈତିକ ହିଂସାକୁ କୌଣସି ମତେ ପ୍ରଶ୍ରୟ ଦିଆଯାଇ ନାହିଁ କି ଆଗାମୀ ନିର୍ବାଚନରେ ଦିଆଯିବ ନାହିଁ।

**ବିଜେଡି କ୍ଷମତାର ଦୁରୁପଯୋଗ କରିବ : ଭାଜପା**

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଘଟିଥିବା ଅନେକ ହତ୍ୟାକାଣ୍ଡ ଓ ହିଂସାରେ ବିଜେଡିର ସମ୍ପୃକ୍ତି ପଦାକୁ ଆସିଥିଲା। ଏବେ ନିଜ ଚୌକିକୁ ନେଇ ଶାସକ ଦଳ ଭୟଭୀତ। ତେଣୁ କ୍ଷମତାର ଦୁରୁପଯୋଗ କରି ଆଗାମୀ ନିର୍ବାଚନରେ ହିଂସା ଘଟାଇ ଗାଦି ଦଖଲ ପାଇଁ ପ୍ରୟାସ କରିବ ବିଜେଡି। ଏଥିପାଇଁ ପୋଲିସ ଓ ପ୍ରଶାସନକୁ ବ୍ୟବହାର କରିବ। କିନ୍ତୁ ଭାଜପା ସବୁବେଳେ ହିଂସାଠାରୁ ଦୂରେଇ ରହି ଜନସାଧାରଣଙ୍କ ସ୍ୱାଧୀନ ମତଦାନକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି ମହାପାତ୍ର କହିଛନ୍ତି।

**ବିଜେଡି ଶାସନରେ ମଦ, ଅପରାଧ ବଢ଼ିଛି: କଂଗ୍ରେସ**

ପ୍ରଦେଶ କଂଗ୍ରେସ କମିଟି ଗଣମାଧ୍ୟମ ପ୍ରମୁଖ ସତ୍ୟ ନାୟକ କୁହନ୍ତି, ବିଗତ ଦିନକୁ ଦେଖିଲେ ନେତା ଓ ଅପରାଧୀଙ୍କ ମଧୁର ସମ୍ପର୍କ ବିଜେଡି ଶାସନରେ ବଢ଼ିଛି। ସରକାର ମଦର ପ୍ରଚାର ପ୍ରସାର କରୁଥିବାରୁ ରାଜ୍ୟରେ ଅପରାଧ ବଢ଼ି ଚାଲିଛି। ଅପରାଧୀଙ୍କୁ ସୁରକ୍ଷା ଓ ତଦନ୍ତକୁ ପ୍ରଭାବିତ କରାଯାଉଛି। ବିରଞ୍ଚି ଦାସ ହତ୍ୟା ମାମଲାରେ ଶାସକ ଦଳର ଚାପରେ ତଦନ୍ତ କମିଶନ ଠିକ୍ ଭାବେ ତଦନ୍ତ କରିପାରି ନ ଥିଲେ। ଜାଣିଶୁଣି ସରକାର ଲୋକାୟୁକ୍ତ ନିଯୁକ୍ତି କରିବାରେ ପଛଘୁଞ୍ଚା ଦେଉଛନ୍ତି। କିଏ ସରକାରଙ୍କ କାର୍ଯ୍ୟକଳାପକୁ ଅନୁଧ୍ୟାନ କରିପାରିବ ? ଦ୍ୱୈତନଗରୀରେ ଅପରାଧ ବଢୁଥିବା ଖୋଦ୍ ପୋଲିସ କମିଶନର କହିଛନ୍ତି। ଅନେକ ହାର୍ଡକୋର ଅପରାଧୀ ନବୀନଙ୍କ ମଞ୍ଚରେ ବସୁଛନ୍ତି, ସଚିବାଳୟରେ ପଶୁଛନ୍ତି। ତେଣୁ ଆଗାମୀ ନିର୍ବାଚନରେ ବିଜେଡି ହିଁ ହିଂସାକୁ ଆପଣାଇବା ଜଳଜଳ ଦିଶୁଛି। କିନ୍ତୁ କଂଗ୍ରେସ ହିଂସା ନୁହେଁ, ସାଧାରଣ ଜନତାଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ରହିବ।

■ ଭାଜପା ପ୍ରତିଶ୍ରୁତି ସମାବେଶକୁ ବିଜେଡିର ଟାର୍ଗେଟ

# ଫେଲ୍‌ମାରି ପ୍ରତିଶ୍ରୁତି ଦେବା ଦୁର୍ଭାଗ୍ୟଜନକ

**ଭୁବନେଶ୍ୱର, ୧୦।୨(ବ୍ୟୁରୋ)**



ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ରାଜ୍ୟ ଭାଜପା ପକ୍ଷରୁ ଶନିବାର କରାଯାଇଥିବା ପ୍ରତିଶ୍ରୁତି ସମାବେଶକୁ ୨୪ ଘଣ୍ଟା ପୂରିନାହିଁ। ହେଲେ ବିଜେଡି ପକ୍ଷରୁ ରବିବାର ଖବରଦାତା ସମ୍ମିଳନୀ କରି ଏହାର ଜବାବ ରଖାଯାଇଛି। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ସଞ୍ଜୟ କହିଛନ୍ତି ଯେ, ଭାଜପାକୁ ଭାରତୀୟ ଜନତା ପାର୍ଟି ବଦଳରେ ଭାରତୀୟ ଜୁମ୍‌ଲା ପାର୍ଟି କୁହାଯିବା ଉଚିତ। ପୂର୍ବ ପ୍ରତିଶ୍ରୁତି ପାଳନ ନ କରି ପୁନର୍ବାର କିପରି ପ୍ରତିଶ୍ରୁତିରେ ପାହାଡ଼ କରାଯାଏ, ତାହା ଏହି ଗୈରିକ ଦଳଠାରୁ ଶିଖିବାର ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୂମିହୀନଙ୍କୁ ପକ୍କାଘର, ସ୍ଥାୟୀ ଜମିପଟ୍ଟା ଏବଂ ବେକାରିଙ୍କୁ ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ୫ ବର୍ଷ ପୂର୍ବରୁ କରାଯାଇଥିବା ପ୍ରତିଶ୍ରୁତିକୁ ଭୁଲି ଯାଇଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୧.୫ଗୁଣା ବୃଦ୍ଧି କରାଯାଇନାହିଁ। ବିଧାନସଭା ଗୃହ କମିଟି ଦ୍ୱାରା ସୁପାରିସ ୨୯୩୦ ଟଙ୍କା ଏମ୍‌ଏସ୍‌ପିକୁ ଗ୍ରହଣ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଆଲୋଚନା ପାଇଁ ଗୋଟାଏ ମିନିଟ୍ ସମୟ ଦେଲେ ନାହିଁ। ତେଣୁ ବର୍ତ୍ତମାନ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଧୋକା ବ୍ୟତୀତ ଆଉ କିଛି ନୁହେଁ ବୋଲି ସଞ୍ଜୟ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, କୋଇଲା ରୟାଲଟି ସଂଶୋଧନ ନ ହେବା ଦ୍ୱାରା ରାଜ୍ୟ ବହୁ କୋଟି ଟଙ୍କାର ରାଜସ୍ୱ ହରାଉଛି। ରେଳବିଭାଗ ଦେଉଥିବା ଟିକସ ଅନୁସାରେ ପ୍ରଦତ୍ତ ଅର୍ଥ ନଗଣ୍ୟ। କେନ୍ଦ୍ର ଦ୍ୱାରା ପ୍ରସ୍ତାବିତ ଶିଳ୍ପ କରିଡର(ମାନ୍ଦ୍ରାସ-ଭାଇଜାକ୍ ଏବଂ ଗୁଜରାଟ-ପଶ୍ଚିମବଙ୍ଗ) ମଧ୍ୟରେ ଓଡ଼ିଶାକୁ ସାମିଲ ନ କରିବା ଦୁର୍ଭାଗ୍ୟଜନକ। ୩୩ଟି ଯୋଜନାରୁ କେନ୍ଦ୍ର ଅର୍ଥ କାଟ କରିବା ସହ ୮ଟି ଯୋଜନାକୁ ଅନୁଦାନ ବନ୍ଦ କରିଦେଇଛି। ମହାନଦୀ, ପୋଲାଭରମ, କୋଷ୍ଟାଲ ହାଇୱେ ଭଳି ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ଯଥାର୍ଥ ଦାବିକୁ ଗ୍ରହଣ କରିନାହିଁ। ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ, ଦୀଘା-ଗୋପାଳପୁର କୋଷ୍ଟାଲ ହାଇୱେ, ଚନ୍ଦନପୁର-ରାମେଶ୍ୱର ରାସ୍ତା ନିର୍ମାଣ କଥା ଘୋଷଣା କରିଥିଲେ। ଆଶ୍ଚର୍ଯ୍ୟର କଥା କୌଣସି ଗୋଟିଏ ପ୍ରକଳ୍ପ ସମାପ୍ତ ହୋଇନାହିଁ। କୋଷ୍ଟାଲ ହାଇୱେରେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ଡିପିଆର ଅନୁପାଳନ ହେଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବ୍ରାହ୍ମଣୀ ସେତୁ ଏବଂ ସୁପରସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ କଲେ ନାହିଁ, ଏହା ଫଳରେ ଜଣେ ଭାଜପା ବିଧାୟକ ନିଜ ପଦ ଏବଂ ଦଳରୁ ଇସ୍ତଫା ଦେଲେ। ଏହା ପରେ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେବା ଲଜ୍ଜାହୀନ କଥା। ଉଜ୍ଜ୍ୱଳା ହିତାଧିକାରୀ ଦ୍ୱିତୀୟଥର ଗ୍ୟାସ ଭରୁ ନାହାନ୍ତି। ଏହା କେନ୍ଦ୍ରମନ୍ତ୍ରୀଙ୍କ ବିରାଟ ବିଫଳତା। ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା, ବାର୍ଷିକ ୨ କୋଟି ରୋଜଗାର, ପ୍ରତି ଆକାଉଣ୍ଟକୁ ୧୦ ଲକ୍ଷ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ରାଜ୍ୟ ସରକାର ବସୁନ୍ଧରା ଯୋଜନା, ଜାଗା ମିଶନ ଏବଂ ଜଙ୍ଗଲ ଅଧିକାର ଆଇନକୁ ଲାଗୁ କରିବାରେ ସଫଳ ହୋଇଛନ୍ତି। ସମସ୍ତଙ୍କୁ ପକ୍କାଘର ଏବଂ ପଟ୍ଟା ଦେବାରେ ବିଜେଡି ସରକାର ଆଗକୁ ବଢୁଛି। ତେଣୁ ଭାଜପା ଏବଂ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେବା ନାଁରେ ନ ଠକନ୍ତୁ ବୋଲି ପ୍ରତାପ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ଖବରଦାତା ସମ୍ମିଳନୀରେ ଦଳୀୟ ମୁଖପାତ୍ର ସସ୍ମିତ ପାତ୍ର, ରାଜ୍ୟ ସମ୍ପାଦକ ବିଜୟ ନାୟକ ଏବଂ ଛାତ୍ର ବିଜେଡି ସଭାପତି ରାଣାପ୍ରତାପ ପାତ୍ର ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ବିଜେଡି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ୍ ପ୍ରତିଶ୍ରୁତି କୁଆଡେ ଗଲା। କେନ୍ଦ୍ର ସରକାର ବର୍ତ୍ତମାନ ଦେଉଥିବା ଏମ୍‌ଏସ୍‌ପି ଠିକ୍ ଭାବେ ମିଳୁନାହିଁ। ୟୁପିଏ ଅପେକ୍ଷା ଏନ୍‌ଡିଏ ରାଜ୍ୟକୁ ଅଧିକ ଅର୍ଥ ପ୍ରଦାନ କରିଛି। ହେଲେ ଏହି ଅର୍ଥ କାର୍ଯ୍ୟକାରୀ ନ ହୋଇ ଫେରିଯାଉଛି।

# ପାରାଦୀପରେ ପୁଣି ଛୁରାମାଡ଼

**ପାରାଦୀପ, ୧୦।୨(ସ୍ୱ.ପ୍ର.)**

ପାରାଦୀପ ଥାନା ଅଧୀନ ଲକ୍‌ପଡ଼ା କାଠପୋଲ ନିକଟରେ ରବିବାର ରାତି ୯ଟାରେ ପୁଣି ଛୁରାମାଡ଼ ହୋଇଛି। ଲକ୍‌ପଡ଼ା ବସ୍ତିର ପ୍ରକାଶ ମିଶ୍ର ନାମକ ଯୁବକଙ୍କୁ ଗୁରା ନାମକ ଯୁବକ ଛୁରାମାଡ଼ କରିଛନ୍ତି। ଏଥିରେ ପ୍ରକାଶ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶଙ୍କ ଅନ୍ତବୁଜୁଳା ବାହାରକୁ ବାହାରି ଆସିଛି। ଏଥିସହ ବେକ ଓ ହାତରେ ଗଭୀର ଆଘାତ ଲାଗିଛି। ଏହି ଆକ୍ରମଣ ପୂର୍ବ ଶତ୍ରୁତାଯୋଗୁ ଘଟିଥିବା କୁହାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବସ୍ତିରେ ବିଭିନ୍ନ ଚୋରି ଓ ଅନ୍ୟ କାରଣକୁ ନେଇ କେତେଜଣ ମୁଷ୍ଟିମେୟ ଲୋକ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ସେହି କାରଣରୁ ଏହି ଘଟଣା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ସୂଚନାଯୋଗ୍ୟ, ୭ ତାରିଖରେ ବଡିଘର ନିକଟ ବେଳାଭୂମି ରାସ୍ତା ଉପରେ କମେଣ୍ଟ ମରାକୁ ନେଇ ଛୁରାମାଡ଼ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଧରିନାହିଁ। ୩ ଦିନ ବ୍ୟବଧାନରେ ପୁଣି ଛୁରାମାଡ଼ ଘଟଣାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି।

# ମହାପ୍ରଭୁଙ୍କ ବେଣ୍ଟ ନୀତି ସମ୍ପନ୍ନ

**ପୁରୀ ଅଫିସ, ୧୦।୨:** ମହାପ୍ରଭୁଙ୍କ ବେଣ୍ଟ ନୀତି ରବିବାର ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ଚାଚେରୀ ବେଶ ଓ ଭୋଗ ପରେ ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଆଜ୍ଞାମାଳ ପାଇ ବେଣ୍ଟ (ଶିକାର) ନୀତିନିମନ୍ତେ ବିମାନରେ ବିଜେ ହୋଇଥିଲେ। ବିମାନବଡୁମାନେ ବିମାନରେ ଠାକୁରାଣୀ ଠାକୁରଙ୍କୁ ବିଜେ କରାଇ ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ଯାଇଥିଲେ। ସେଠାରେ ମହାଜନ ସେବକ ଦେବୀଦେବଙ୍କୁ ଖଟ ଉପରେ ବିଜେ କରାଇଥିଲେ। ମୁଦିରସ୍ତଙ୍କ ଦ୍ୱାରା ରାଜ ବନ୍ଦପନା ପରେ ଶ୍ରୀଦେବୀ, ଭୂଦେବୀ ଓ ଦୋଳଗୋବିନ୍ଦ ମହାଜନଙ୍କ ହସ୍ତରେ ବେଣ୍ଟ ନିମନ୍ତେ ବେଣ୍ଟ ପୋଖରୀ କୂଳକୁ ବିଜେ କରିଥିଲେ। ଭିତରଚ୍ଛ ତୀର କମାଣ ଶ୍ରୀଅଙ୍ଗରେ ଲାଗି ଦେବା ପରେ ଦଳବେହେରା (ଲେଙ୍କା) ସେବକ ପଇଡ଼ରେ ବେଣ୍ଟ ବିନ୍ଧିଥିଲେ। ସେଠାରେ ରଖାଯାଇଥିବା ୬ଟି ପଇଡ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ମହାପ୍ରଭୁଙ୍କର ଏହା ଏକ ରାଜକୀୟ ଲୀଳାର ପରିପ୍ରକାଶ।

# ବଡ଼ ମନା କରିବାରୁ ବେଦିରେ ବସିଥାନ୍ତେ ସାନଭଉଣୀ

**କୁନ୍ଦୁରା, ୧୦।୨(ଡି.ଏନ୍.ଏ.)**

**ନାବାଳିକାଙ୍କୁ ଉଦ୍ଧାର କଲା ସିଡବ୍ଲ୍ୟୁସି**

ବିବାହ ସ୍ଥିର ହୋଇସାରିଥିଲା। କିନ୍ତୁ ବଡ଼ଝିଅ ମନା କରିଦେବାରୁ ମା' ବାପା ନାବାଳିକା ସାନଝିଅକୁ ରବିବାର ବେଦୀରେ ବସାଇଥାନ୍ତେ। କିନ୍ତୁ ଏହି ଉଦ୍ୟମକୁ ଶେଷ ମୁହୂର୍ତ୍ତରେ ପଣ୍ଡକରି ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରିଛି କୋରାପୁଟ ଜିଲା ଶିଶୁ ସୁରକ୍ଷା ସମିତି ଓ କୁନ୍ଦୁରା ଥାନା।

ସୂଚନା ଅନୁଯାୟୀ, ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ଅନ୍ତର୍ଗତ ବାମୁଣୀଗାଁର ଜଣେ ଯୁବତୀଙ୍କ ସହ ତାଙ୍କ ଅନିଚ୍ଛା ସତ୍ତ୍ୱେ କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଲିମ୍‌କିଆଗୁଡ଼ା ଗ୍ରାମର ଜଣେ ଯୁବକଙ୍କ ସହ ବିବାହ ସ୍ଥିର କରାଯାଇଥିଲା। ଯୁବତୀ ଜଣକ ମାଟ୍ରିକ ଶିକ୍ଷା ପରେ ଏକ ଘରୋଇ ଚିକିତ୍ସାଳୟରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଏହି ବିବାହ ପାଇଁ ସେ ମନା କରିଦେବା ପରେ ବାପାମା'ଙ୍କ ମୁଣ୍ଡରେ ଚିନ୍ତା ପଶିଥିଲା। ସାମାଜିକ ସମ୍ମାନ ଭୟରେ ସେମାନେ ଦଶମ ଶ୍ରେଣୀରେ ପଢୁଥିବା ନିଜ ସାନଝିଅକୁ ବଡ଼ଝିଅ ସ୍ଥାନରେ ବାହା ଦେବାକୁ ବ୍ୟବସ୍ଥା କରିଥିଲେ। ଏପରିକି ଉକ୍ତ ନାବାଳିକାଙ୍କୁ ଶନିବାର ଜୟପୁର ସହର ଉପକଣ୍ଠ ଜୟନଗରରେ ରଖାଯାଇଥିଲା। ରବିବାର ଲିମକିଆଗୁଡ଼ାରେ ବିବାହ ହୋଇଥାନ୍ତା। ତେବେ ନାବାଳିକା କନ୍ୟା ଜଣକ ଉପସ୍ଥିତ ବୁଦ୍ଧି ଖଟାଇ କୌଣସି ମତେ ୧୦୯୮ (ଜିଲା ଶିଶୁ ସୁରକ୍ଷା ସମିତି)କୁ ଯୋଗାଯୋଗ କରିଥିଲେ। ଅନିଚ୍ଛା ସତ୍ତ୍ୱେ ମା'ବାପା ତାଙ୍କୁ ବିବାହ ଦେଉଥିବା ଜଣାଇଥିଲେ। ଏହାପରେ ଜିଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷା ଗାୟତ୍ରୀ ଦେବୀ, ଡିସିପିଓ ରାଜଶ୍ରୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ଟିମ୍ ଲିଡର ମିନତି ମହାକୁଡ଼, ଅର୍ଜୁନ ଗୌଡ଼, ପିଣ୍ଟୁ ହରିଜନ, ପିତାମ୍ବର ପୂଜାରୀ, ଥାନା ଅଧିକାରୀ ଭବାନୀ ମୁଦୁଲି, ଏସ୍‌ଆଇ ଶୁଭ୍ରାନ୍ତ ପଣ୍ଡା ଲିମ୍‌କିଆଗୁଡ଼ାରେ ପହଞ୍ଚି ନାବାଳିକା ଜଣଙ୍କୁ ଉଦ୍ଧାର କରିଥିଲେ। ନାବାଳିକା ଜଣକ କହିଛନ୍ତି ଯେ ପାଠ ପଢ଼ିବା ପାଇଁ ତାଙ୍କର ପ୍ରବଳ ଇଚ୍ଛାଶକ୍ତି ରହିଛି। ଆଗାମୀ ଦିନରେ ଅନ୍ୟ କୌଣସି ସ୍ଥାନରେ ଏଭଳି କାର୍ଯ୍ୟ ହେଲେ ସେ ନିଜେ ଶିଶୁ ସୁରକ୍ଷା କାର୍ଯ୍ୟାଳୟକୁ ଯୋଗାଯୋଗ କରିବା ସହ ଅନ୍ୟମାନଙ୍କୁ ସଚେତନ କରାଇବେ।


**TENDER CALL NOTICE**

**No.105** **Date.08.02.2019**

Regulated Market Committee, Digapahandi invites tender in online mode from the approved Contractors of appropriate Class for the Work "Development of Infrastructure & Allied Works in Different Market Yard under RMC, Digapahandi" Detailed Tender Notice along with conditions contract and notice inviting tender may be seen and downloaded from the website **www.tenderodisha.gov.in** from 17.00 hours of 09.02.2019 to 17.00 hours of 26.02.2019 and the opening of tender would be 11.00 hours on 27.02.2019.

**Sd./-**
**Sub- Collector, Berhampur-cum-Chairman, RMC, Digapahandi**

OFFICE OF THE CHILD DEVELOPMENT PROJECT OFFICER, BADAMBA

**QUOTATION CALL NOTICE**

Sealed tenders are invited from valid registered vender for supply of Anganwadi items. Quotations must reach to the undersigned on or before 19.02.2019. For details visit Website **www.cuttack.nic.in.**

**Sd./- Child Dev. Project Officer, Badamba**

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE DIVISIONAL HEAD, IDCO MSME-I BHUBANESWAR
Tender Call Notice No. 168 Dated :- 07.02.2019

**SHORT TENDER CALL NOTICE**

| | |
|---|---|
| Name of the Work | : Repair, Maintenance and Improvement of Balance Drain at Industrial Estate, Rasulgarh, Bhubaneswar. |
| Estimated Cost of the Work | : Rs.829012.00 (inlcuding 12%GST) |
| Period of Completion | : One Month |
| EMD Amount | : Rs. 8,290.00 |
| Cost of Bid Document | : Rs.4000.00+GST@18% |
| Date of Availability of Tender Paper | : Dt: 12.02.2019 to Dt: 14.02.2019 |
| Last Date of Submission of Tender | : Dt: 16.02.2019 up 15.00 hours |
| Date of Opening of Tender | : Dt: 16.02.2019 at 16.00 hours |
| Procurement Officer | : Divisional Head, MSME-I, IDCO, Bhubaneswar |

Further details of tender call notice can be seen in the IDCO Website **www.idco.in** or Contact Dy. Manager(Civil), Sri Sachikanta Sahoo, Telephone No.: 7978693320(M).

Sd/-
Divisional Head, MSME-I, IDCO, Bhubaneswar

OFFICE OF THE PANCHAYAT SAMITI, CHITRAKONDA

**No. 492/ III-32/2019** **Dated 07.02.2019**

**TENDER CALL NOTICE**

The Block Development Officer, Chitrakonda invites sealed tenders on behalf of Governor, Odisha as per annexure from registered and eligible Firms/ Suppliers of Odisha State P.W.D. (R&B)/ C.P.W.D/ Water Resources/ Rural Works/ M.I. having authorized dealership in agreement in F-2 contract forms of Govt. of Odisha. The details of commodities given below. The tenderer has to submit the sealed tender paper in complete shape with details i.e. (1) EPM Regd. Certificate, (2) EM-II, (3) DIC PMT, (4) GSTIN Certificate, (5) VAT Clearance, (6) PAN Card, (7) GSTIN Certificate, (8) Drawing & Specification through Registered Post/Speed Post addressing to this official Postal address i.e. **Block Develpment Officer, Chitrakonda, At/PO: Chitrakonda, Dist: Malkangiri, Pin No: 764052.** The last date of receipt of tender paper is 22.02.2019 upto 1.00 PM. The undersigned will not be responsible for postal delay if any or non-receipt of the papers in time. The date of opening of the tender paper is 22.02.2019 at 3.00 PM.

| Sl. No. | Name of the Block | Name of the Com-modities | Tender value in Rs. | Cost of article | Size of article |
|---|---|---|---|---|---|
| 1 | Chitra-konda | Supply of 60 Nos. double decker bed | Rs. 5,66,000/- | 60 Nos. Rs. 9300/- each | Size 80" (Length) x 34" (width) x 60" (Height) Bed frame- 75" (Length) x 33" (Width) Bed- 19 mm thick plywood ISI Marked Size- 72" (Length) x 30" (Width) |

**NB:-** The details terms and condition of this tenders will be available in this Panchayat Samiti office during working hour.

**Sd./- Block Development Officer, Chitrakonda**

idco ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR.
RFP Call Notice No. IDCO/H.O./P&C/EST/E-960/01/2018/2596 Dated :- 08.02.2019

**NOTICE INVITING REQUEST FOR PROPOSAL UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work** : Procurement of PVC-O (Oriented PVC) pipes.
2. **Completion Period** : 09 (Nine) Calendar Months
3. **Other details** :

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar -751022 | Bid ID. No. PC-EST-E- 78 / 2018-19 | 14.02.2019 at 16.00 hrs. | 01.03.2019 upto 17.00 hrs. |

**Further details can be seen from the e-Procurement Portal. www.tendersodisha.gov.in.** Corrigendum or addendum if any will not be published in news papers and can only be seen in the e-procurement portal **www.tenderodisha.gov.in** as well as IDCO website **www.idco.in.**

Sd/-
Chief General Manager (P&C) I/C
IDCO, Bhubaneswar



"୨୦୧୪ରେ ନୂଆ ସରକାର ଗଠନ ହେବା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସମ୍ପର୍କ ଦୁର୍ବଳ ହେବାରେ ଲାଗିଛି।

-ମହିନ୍ଦ୍ରା ରାଜପାକ୍ସେ, ଶ୍ରୀଲଙ୍କା ବିରୋଧୀ ଦଳ ନେତା

## ସଂକ୍ଷେପରେ

### ଆବୁ ଧାବିରେ ହିନ୍ଦୀ ତୃତୀୟ କୋର୍ଟ ଭାଷା

**ଦୁବାଇ,୧୦।୨(ପି.ଟି.):** ଆରବିକ୍ ଏବଂ ଇଂଲିଶ ପରେ ହିନ୍ଦୀକୁ ଆବୁଧାବୀରେ ତୃତୀୟ ସରକାରୀ ଭାଷା ଭାବେ କୋର୍ଟରେ ବ୍ୟବହାର ଲାଗି ଗ୍ରହଣ କରାଯାଇଛି। ଏହାକୁ ଶ୍ରମିକମାନଙ୍କ ମାମଲା କ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବାର ଉଦ୍ୟମ ସ୍ୱରୂପ ଆବୁ ଧାବି ନ୍ୟାୟିକ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଫଳରେ ହିନ୍ଦୀଭାଷୀଙ୍କୁ ସେଠାର ବିଚାର ପ୍ରକ୍ରିୟା, ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଜାଣିବା ସହଜ ହୋଇପାରିବ।

### 'ଡିଜିଟାଲ ଯୁଗରେ ବିଚାର ଚାପଗ୍ରସ୍ତ'



**ନୂଆଦିଲ୍ଲୀ,୧୦।୨(ପି.ଟି.):** ବର୍ତ୍ତମାନର ଡିଜିଟାଲ ଯୁଗରେ ବିଚାର କରିବା ଉପରେ ଚାପ ରହିଛି ବୋଲି ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏ.କେ. ସିକ୍ରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଲ' ଆସୋସିଏଶନ୍ ଫର୍ ଏସିଆ ଆଣ୍ଡ ଦି ପାସିଫିକ୍ ପକ୍ଷରୁ ଆୟୋଜିତ ପ୍ରଥମ ସମ୍ମିଳନୀରେ ଯୋଗଦେଇ 'ଡିଜିଟାଲ୍ ଯୁଗରେ ପ୍ରେସ୍ ସ୍ୱାଧୀନତା' ଉପରେ ସେ ଆଲୋକପାତ କରିଥିଲେ। ଜଷ୍ଟିସ୍ ସିକ୍ରି କହିଥିଲେ, ପୂର୍ବରୁ ମଧ୍ୟ ମିଡିଆ ଟ୍ରାଏଲ୍ ହେଉଥିଲା। କିନ୍ତୁ ଆଜି ଯେତେବେଳେ ଗୋଟିଏ ପ୍ରସଙ୍ଗ ଉଠୁଛି, ସେତେବେଳେ ଗୋଟିଏ ପିଟିଶନ ଦାଏର ହେଉଛି। କୋର୍ଟ ଏହାର ବିଚାର କରିବା ପୂର୍ବରୁ ରାୟ କ'ଣ ଆସିବା ଉଚିତ ସେନେଇ ଲୋକେ ସୋସିଆଲ ମିଡିଆରେ ଆଲୋଚନା ଆରମ୍ଭ କରିଦେଉଛନ୍ତି। ଏଥିଯୋଗୁ ବିଚାରପତିଙ୍କ ନିଷ୍ପତ୍ତି ପ୍ରଭାବିତ ହେଉଥିବା ଅଭିଜ୍ଞତାରୁ ଜଣାପଡ଼ିଛି।

### ରାହୁଲଙ୍କ ଯୋଗୁ ଇସ୍ତଫା ଦେଇଥିଲେ କ୍ରିଷ୍ଣା



**ନୂଆଦିଲ୍ଲୀ,୧୦।୨:** କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅତ୍ୟଧିକ ହସ୍ତକ୍ଷେପ ଯୋଗୁ ନିଜ ପଦରୁ ଇସ୍ତଫା ଦେଇଥିବା ଉପା-୨ ଅମଳରେ ବହିର୍ବ୍ୟାପାର ମନ୍ତ୍ରୀ ଥିବା ଏସ୍.ଏମ୍. କ୍ରିଷ୍ଣା ରବିବାର ସ୍ପଷ୍ଟ କରିଛନ୍ତି। କ୍ରିଷ୍ଣା କହିଛନ୍ତି, ରାହୁଲ ସେତେବେଳେ ପାର୍ଲାମେଣ୍ଟ କିମ୍ବା ଶାସନ କାହା ପ୍ରତି ଉତ୍ତରଦାୟୀ ନ ଥିଲେ। ମନମୋହନ ସିଂ ପ୍ରଧାନମନ୍ତ୍ରୀ ଥାଇ ସୁଦ୍ଧା ମନ୍ତ୍ରଣାଳୟକୁ ନେଇ ତାଙ୍କର କିଛି ଆପତ୍ତି ନ ଥିଲା। କିନ୍ତୁ ସେତେବେଳେ ରାହୁଲ କଂଗ୍ରେସର କୌଣସି ପଦବୀରେ ନ ଥାଇ ମଧ୍ୟ ସବୁ କଥାରେ ମୁଣ୍ଡ ପୂରାଉଥିଲେ, ଯାହାକି ଅସାମ୍ବିଧାନିକ। ଏଥିଯୋଗୁ ଇସ୍ତଫା ଦେଇ ବାଙ୍ଗାଲୋର ଚାଲିଯାଇଥିବା କ୍ରିଷ୍ଣା କହିଛନ୍ତି। କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ରିଷ୍ଣା ମନମୋହନ ସିଂ ସରକାରରେ ବହିର୍ବ୍ୟାପାର ମନ୍ତ୍ରୀ ଥିଲେ। ସେ ୨୦୧୨ ଅକ୍ଟୋବର ୨୬ରେ ରାଜ୍ୟ ରାଜନୀତିକୁ ଫେରିବା ପାଇଁ କେନ୍ଦ୍ରମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ସେତେବେଳେ କହିଥିଲେ। ୨୦୧୭ ଜାନୁୟାରୀ ୨୯ରେ କ୍ରିଷ୍ଣା କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ।

### [ଇତିହାସର ଆଇନାରେ]

### ଫେବୃୟାରୀ ୧୧ର ପ୍ରମୁଖ ଘଟଣା

୨୦୧୬ ଫେବୃୟାରୀ ୧୧ରେ ଜିଜାନ୍ ପ୍ରଦେଶର ଏକ ଶିକ୍ଷାକେନ୍ଦ୍ରରେ ଜଣେ ବ୍ୟକ୍ତି ଗୁଳିମାଡ କରିବା ଯୋଗୁ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଜିଜାନ୍ ହେଉଛି ସୌଦି ଆରବର ଏକ ଛୋଟ ସହର। ୟେମେନ୍‌ର ଉତ୍ତରକୁ ଦକ୍ଷିଣ ଲୋହିତ ସାଗର ଉପକୂଳରେ ଏହି ରାଜ୍ୟ ୩୦୦କିଲୋମିଟର ପର୍ଯ୍ୟନ୍ତ ବ୍ୟାପି ରହିଛି।

୧୯୬୪ ଫେବୃୟାରୀ ୧୧ରେ ସାଇପ୍ରସ୍‌ର ଲିମାସଲ୍‌ଠାରେ ଗ୍ରୀକ୍ ଏବଂ ତୁର୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଲିମାସଲ୍ ହେଉଛି ସାଇପ୍ରସ୍‌ର ଦକ୍ଷିଣ ଉପକୂଳସ୍ଥ ଏକ ସହର। ନିକୋସିଆ ପରେ ସାଇପ୍ରସ୍‌ର ଦ୍ୱିତୀୟ ବୃହତ୍ତମ ସହରାଞ୍ଚଳ ହେଉଛି ଲିମାସଲ୍। ଏହାର ଲୋକସଂଖ୍ୟା ୧,୮୩,୬୫୮।

# ହିଂସ୍ର ହେଲା ଗୁଜ୍ଜର ଆନ୍ଦୋଳନ



ଧୋଲପୁରଠାରେ ବିକ୍ଷୋଭକାରୀ ପୋଲିସ ଗାଡିରେ ନିଆଁ ଲଗାଇଦେଇଛନ୍ତି।



ଆନ୍ଦୋଳନକାରୀଙ୍କ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ ।

- ବିକ୍ଷୋଭକାରୀଙ୍କ ଗୁଳିମାଡ଼
- ବ୍ୟାପକ ଭଙ୍ଗାରୁଜା, ପୋଡ଼ାଜଳା
- ୪ ପୋଲିସ ଆହତ

**ଜୟପୁର,୧୦।୨(ପି.ଟି.)**

ସରକାରୀ ନିଯୁକ୍ତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବିରେ ଗୁଜ୍ଜର ସମ୍ପ୍ରଦାୟ ଶୁକ୍ରବାରଠାରୁ ଚଳାଇଥିବା ଆନ୍ଦୋଳନ ରବିବାର ହିଂସାର ରୂପ ନେଇଛି। ଧୋଲପୁର ଜିଲାରେ ଆନ୍ଦୋଳନକାରୀ ଗୁଳି ଚଳାଇବା ସହ ୩ଟି ପୋଲିସ ଗାଡ଼ି ପୋଡ଼ିଦେଇଛନ୍ତି। ସେମାନଙ୍କ ଆକ୍ରମଣରେ ୪ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି।

ଆନ୍ଦୋଳନକାରୀ ଆଗ୍ରା-ମୋରେନା ଜାତୀୟ ରାଜପଥ ଅବରୋଧ କରିଥିବାବେଳେ କେତେଜଣ ଅଜଣା ବ୍ୟକ୍ତି ୮-୧୦ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ପରେ ଆନ୍ଦୋଳନକାରୀ ୨ଟି ପୋଲିସ ଜିପ୍ ଓ ଗୋଟିଏ ବସ୍ ଜାଳିଦେଇଥିଲେ। ଆନ୍ଦୋଳନକାରୀଙ୍କ ଢେଲାମାଡ଼ରେ ୪ ପୋଲିସ ଆହତ ହୋଇଛନ୍ତି। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ଲାଗି ପ୍ରଥମେ ପୋଲିସ ଲାଠିଚାର୍ଜ କରିଥିଲା ଓ ପରେ ଗୁଳି ଚଳାଇଥିଲା। ସେହିପରି ସୱାଇ-ମାଧୋପୁର ଜିଲାର ମାଲାର୍ନା ଡୁଙ୍ଗରସ୍ଥିତ ରେଳଧାରଣାରେ ଗୁଜ୍ଜରମାନେ ବସି ରହିବା ଫଳରେ ୭ ଟ୍ରେନ୍ ଚଳାଚଳ ବାତିଲ ହୋଇଥିଲାବେଳେ ୨ଟି ଆଂଶିକ ବାତିଲ ଏବଂ ଅନ୍ୟ ୯ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ଶନିବାର ସରକାରଙ୍କ ପକ୍ଷରୁ ଏକ ପ୍ରତିନିଧି ଦଳ ଗୁଜ୍ଜର ନେତା କିରୋରି ସିଂ ବୈଂସଲା ଓ ତାଙ୍କ ସମର୍ଥକଙ୍କୁ ଭେଟି ଆଲୋଚନା କରିଥିଲେ ମଧ୍ୟ କୌଣସି ରାଜିନାମାରେ ପହଞ୍ଚିପାରି ନାହାନ୍ତି। ଗୁଜ୍ଜର, ରାଇକା-ରେବାରୀ, ଗଡିଆ ଲୁହାର, ବଞ୍ଜାରା ଏବଂ ଗଡରିଆ ସମ୍ପ୍ରଦାୟ ଲାଗି ୫ ପ୍ରତିଶତ ସ୍ଥାନ ସଂରକ୍ଷଣ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗୁଜ୍ଜର ନେତା କହିଛନ୍ତି। ଏହି ସମ୍ପ୍ରଦାୟଙ୍କୁ ୫ ପ୍ରତିଶତ କୋଟା ଦେବା ପାଇଁ ରାଜ୍ୟ ସରକାର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲେ।

ରାଜସ୍ଥାନର ଗୁଜ୍ଜର ହେଉଛନ୍ତି ଚାଷୀ ଓ ବଣିକ ସମ୍ପ୍ରଦାୟର। ସରକାର ସେମାନଙ୍କୁ ଅନ୍ୟାନ୍ୟ ପଛୁଆ ବର୍ଗରେ ନେଇଛନ୍ତି। ତେବେ ଅନୁସୂଚିତ ଜାତି ମାନ୍ୟତା ଦାବିରେ ସେମାନେ ଦୀର୍ଘବର୍ଷ ହେଲା ଆନ୍ଦୋଳନ କରି ଆସୁଛନ୍ତି। ୨୦୦୭ରେ ସେମାନଙ୍କର ପୋଲିସ ଓ ମୀନା ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୦୮ ମେ'୨୩ରେ ଏହି ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ଆନ୍ଦୋଳନକାରୀ ଭରତପୁର ଜିଲାରେ ଜଣେ ପୋଲିସ କର୍ମଚାରୀଙ୍କୁ ପିଟି ମାରି ଦେଇଥିଲେ। ରେଳଲାଇନ ଏବଂ ସରକାରୀ ସମ୍ପତ୍ତିର କ୍ଷତି ଉଦ୍ୟମ କରୁଥିବା ଆନ୍ଦୋଳନକାରୀଙ୍କୁ ଘଉଡାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଥିଲା। ତା' ପରଦିନ ଉତ୍ତ୍ୟକ୍ତ ଲୋକେ ସିକନ୍ଦ୍ରା ଥାନା ପୋଡିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୁଳିରେ ଆଉ ୧୫ ଜଣ ନିହତ ହୋଇଥିଲେ। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଲାଗି ସେନାବାହିନୀକୁ ଡକାଯାଇଥିଲା। ବିକ୍ଷୋଭକାରୀ ରେଳପଥ ଓ ଜାତୀୟ ରାଜପଥ ଅବରୋଧ କରିବାରୁ ପରିବହନ ବାଧାପ୍ରାପ୍ତ ହୋଇଥିଲା। ଏହା ପରେ ୨୦୧୦ରେ ପୁଣିଥରେ ଗୁଜ୍ଜର ଆନ୍ଦୋଳନ ଆରମ୍ଭ ହୋଇଥିଲା। ୨୦୧୫ରେ ମଧ୍ୟ ଅନୁରୂପ ଆନ୍ଦୋଳନ ହୋଇଥିଲା। ଗୁଜ୍ଜରମାନେ ରେଳଲାଇନରେ ବସି ରହିବାରୁ ବହୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। କେନ୍ଦ୍ର ସରକାର ସାଧାରଣ ବର୍ଗର ଗରିବଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ପାର୍ଲାମେଣ୍ଟରେ ବିଲ୍ ଗୃହୀତ କରାଇବାର ମାସକ ପରେ ଗୁଜ୍ଜର ସମ୍ପ୍ରଦାୟ ପୁଣି ଥରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି।

# ଆକ୍ରମଣରେ ୨୧ ନିହତ

**କାବୁଲ,୧୦।୨**

ଆଫଗାନିସ୍ତାନର ହେଲମଣ୍ଡ ପ୍ରଦେଶରେ ଆକାଶମାର୍ଗରୁ ଆକ୍ରମଣ ଫଳରେ ମହିଳା ଓ ଶିଶୁଙ୍କ ସମେତ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ସାଙ୍ଗିନ ଜିଲାର ଦୁଇଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଉକ୍ତ ଜିଲାରେ ତାଲିବାନ ସହ ନାଟୋ ଏବଂ ଆଫଗାନ ସେନାର ଜୋରଦାର ସଂଘର୍ଷ ଜାରି ରହିଛି। ଏହି ଆକ୍ରମଣରେ ଅନ୍ୟ ୫ ଜଣ ଆହତ ହୋଇଥିବା ସ୍ଥାନୀୟ ଜନପ୍ରତିନିଧି ମହମ୍ମଦ ହାଶିମ ଅଲକୋଜାଇ ରବିବାର ସୂଚନା ଦେଇଛନ୍ତି। ନିରୀହ ଲୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି।

# ଅଭିବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ

### କେନ୍ଦ୍ରକୁ ସମାଲୋଚନା କରିବାରୁ ଅମୋଲ ପାଲେକରଙ୍କୁ କହିବାକୁ ଦିଆଗଲାନି



**ମୁମ୍ବାଇ,୧୦।୨(ପି.ଟି.)**

ବିଶିଷ୍ଟ ଅଭିନେତା ତଥା ନିର୍ଦ୍ଦେଶକ ଅମୋଲ ପାଲେକର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବାରୁ ତାଙ୍କୁ କହିବାକୁ ଦିଆଗଲା ନାହିଁ। ମୁମ୍ବାଇସ୍ଥିତ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟ (ଏନ୍‌ଜିଏମ୍‌ଏ)ରେ ଶୁକ୍ରବାର ଘଟିଥିବା ଏହି ଅଭାବନୀୟ ଘଟଣା ରବିବାର ସାମ୍ନାକୁ ଆସିଛି। ଅଭିବ୍ୟକ୍ତିର ସ୍ୱାଧୀନତା କ୍ଷୁଣ୍ଣ ହୋଇଥିବା ଦର୍ଶାଯାଇ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ପ୍ରଖ୍ୟାତ ଚିତ୍ରକର ପ୍ରଭାକର ବାରୱେଙ୍କ ସ୍ମୃତିରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ପ୍ରଦର୍ଶନୀ 'ଇନ୍‌ସାଇଡ୍ ଦି ଏମ୍ପ୍‌ଟି ବକ୍ସ'ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ପାଲେକର ଭାଷଣ ଦେଉଥିଲେ। ମୁମ୍ବାଇ ଓ ବେଙ୍ଗାଲୁରୁ କେନ୍ଦ୍ରର ଆଡ୍‌ଭାଇଜୋରି କମିଟିକୁ ସଂସ୍କୃତି ମନ୍ତ୍ରଣାଳୟ ଉଚ୍ଛେଦ କରିଥିବାରୁ ଉଦ୍‌ବୋଧନ ଦେବାବେଳେ ପାଲେକର ଏହାକୁ ସମାଲୋଚନା କରିଥିଲେ। ସେ କହିଥିଲେ, ଆପଣମାନଙ୍କ ମଧ୍ୟରୁ ଅନେକେ ଜାଣି ନ ଥିବେ ଯେ ଏହି ପ୍ରଦର୍ଶନୀ ହେଉଛି ସ୍ଥାନୀୟ ଉପଦେଷ୍ଟା କମିଟି ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ଶେଷ ଶୋ'। ଏନେଇ କୌଣସି ଅମଲାତନ୍ତ୍ରୀ ଅଥବା ସରକାରଙ୍କ ଏଜେଣ୍ଟ ନିଷ୍ପତ୍ତି ନେଇନାହାନ୍ତି ବୋଲି ପାଲେକର କହିଥିଲେ। ଏତିକିବେଳେ ମଞ୍ଚରେ ବସିଥିବା ଏନ୍‌ଜିଏମ୍‌ଏର ଜଣେ ସଦସ୍ୟା ତାଙ୍କୁ ଭାଷଣ ଦେବାରେ ବାରମ୍ବାର ବାଧାସୃଷ୍ଟି କରିଥିଲେ।

# କୋଲକାତା ପୋଲିସ ମୁଖ୍ୟ, ପୂର୍ବତନ ଏମ୍‌ପିଙ୍କୁ ଜେରା

**ଶିଲଂ,୧୦।୨(ପି.ଟି.)**

ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା ତଥ୍ୟ ପ୍ରମାଣରେ ଜାଲିଆତି ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱିତୀୟ ଦିନ ପାଇଁ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ଜେରା କରିଛି। ଏଥିସହିତ ତୃଣମୂଳ କଂଗ୍ରେସର ପୂର୍ବତନ ଏମ୍‌ପି କୁନାଲ ଘୋଷଙ୍କୁ ମଧ୍ୟ ଜେରା କରାଯାଇଛି। ଶନିବାର ରାଜୀବ କୁମାରଙ୍କୁ ସିବିଆଇ ପାଖାପାଖି ୯ ଘଣ୍ଟା ଜେରା କରିଥିଲା। ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗ ସରକାର ଗଠନ କରିଥିବା ଏସ୍‌ଆଇଟିର ମୁଖ୍ୟ ଥିଲେ ରାଜୀବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ତେବେ ରାଜୀବ ମାମଲାର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରମାଣରେ ଜାଲିଆତି କରିଥିବା ସିବିଆଇ ଅଭିଯୋଗ କରିଛି। ଏହି ମାମଲାରେ ପୂର୍ବତନ ଟିଏମ୍‌ସି ଏମ୍‌ପି କୁନାଲଙ୍କୁ ୨୦୧୩ରେ ଗିରଫ କରାଯାଇଥିଲା ଏବଂ ସେ ୨୦୧୬ରେ ଜାମିନ ପାଇଥିଲେ।

## ■ ଚନ୍ଦ୍ରାବାବୁଙ୍କ ଉପରେ ବର୍ଷିଲେ ମୋଦି

# କଂଗ୍ରେସ ସହ ମେଣ୍ଟକୁ ନେଇ ପ୍ରଶ୍ନ

**କୋଲକାତା,୧୦।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ.ଟି. ରାମାରାଓ (ଏନ୍‌ଟିଆର) ଲିଗାସୀ କଥା ଉଠାଇ କଂଗ୍ରେସ ସହ ଟିଡିପି ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କର ମେଣ୍ଟ ଉଦ୍ୟମ ଉପରେ ପ୍ରଶ୍ନ କରିଛନ୍ତି। ଆନ୍ଧ୍ରକୁ କଂଗ୍ରେସମୁକ୍ତ କରିବା ଲକ୍ଷ୍ୟରେ ଏନ୍‌ଟିଆର ଟିଡିପି ଗଢ଼ିଥିଲେ। ଏବେ ଚନ୍ଦ୍ରାବାବୁ ସେହି ଦଳ ସହ ମେଣ୍ଟ କରିବାକୁ ଯାଉଛନ୍ତି, ଯାହା ଏନ୍‌ଟିଆରଙ୍କ ଆତ୍ମାକୁ ଆଘାତ ଦେଉଥିବ। ବିକାଶର କଥା କହୁଥିବା ଚନ୍ଦ୍ରାବାବୁ କେନ୍ଦ୍ରୀୟ ଅନୁଦାନର ଉପଯୁକ୍ତ ବିନିଯୋଗ କରିପାରି ନାହାନ୍ତି। ପ୍ରତିଶ୍ରୁତି ପାଳନ ଏବଂ ରାଜ୍ୟର ବିକାଶରେ ସେ ବିଫଳ ହୋଇଛନ୍ତି। ସ୍ୱତନ୍ତ୍ର ରାଜ୍ୟପାହ୍ୟା ତୁଳନାରେ କେନ୍ଦ୍ର ସରକାର ଆନ୍ଧ୍ରକୁ ଅଧିକ ଅନୁଦାନ ଦେଇଛି। ଚନ୍ଦ୍ରାବାବୁ ରାଜ୍ୟର ବିକାଶ ଚିନ୍ତା ନ କରି ନିଜ ପୁଅଙ୍କ ବିକାଶ ଉପରେ ଅଧିକ ଧ୍ୟାନ ଦେଉଥିବା ମୋଦି ସମାଲୋଚନ କରିଛନ୍ତି।

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ଏହାର କଡା ଜବାବ ଦେଇଛନ୍ତି। ସ୍ୱାମୀ ପରିତ୍ୟକ୍ତା ମୁସଲମାନ ମହିଳାଙ୍କ ସହାୟତା ଲାଗି ମୋଦି ତିନି ତଲାକ ଆଇନ ଆଣିବା କଥା କହୁଥିବାବେଳେ ନିଜ ସ୍ତ୍ରୀ ଯଶୋଦା ବେନ୍‌ଙ୍କ ସମ୍ପର୍କରେ କେହି ପଚାରିଲେ କାହିଁକି ନୀରବ ବୋଲି ଚନ୍ଦ୍ରାବାବୁ ପ୍ରଶ୍ନ କରିଛନ୍ତି।

## ଫୁରସତ

# ଦୁର୍ଘଟଣା ପରେ ଡ୍ରାଇଭିଂ ଲାଇସେନ୍ସ ଫେରାଇଲେ ପ୍ରିନ୍ସ ଫିଲିପ୍

**ଲଣ୍ଡନ:** ପରିଣତ ବୟସରେ କାର୍ ଚଳାଇ ଦୁର୍ଘଟଣା ଘଟାଇବା ପରେ ପ୍ରିନ୍ସ ଫିଲିପ୍ (୯୭) ତାଙ୍କର ଡ୍ରାଇଭିଂ ଲାଇସେନ୍ସ ପୋଲିସକୁ ହସ୍ତାନ୍ତର କରିଛନ୍ତି। ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ଫିଲିପ୍ ଲ୍ୟାଣ୍ଡ ରୋଭର ଗାଡ଼ିକୁ ପାର୍ଶ୍ୱବର୍ତ୍ତୀ ରାସ୍ତାରୁ ମୁଖ୍ୟରାସ୍ତାକୁ ନେଉଥିବାବେଳେ ଏକ କାର୍‌କୁ ଧକ୍କା ଦେଇଥିଲେ। କାର୍‌ରେ ଯାତ୍ରା କରୁଥିବା ଟାଉନ୍‌ସେଣ୍ଡ୍ ନାମକ ଜଣେ ଶିକ୍ଷକ ଏବଂ ତାଙ୍କ ବନ୍ଧୁ ଏମା ଫେୟାରୱେଦର ଆହତ ହୋଇଥିଲେ। ଏହି ଦୁର୍ଘଟଣା ନେଇ ଜାନୁୟାରୀ ୧୭ରୁ ନର୍‌ଫକ୍ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ବୃଦ୍ଧ ବୟସରେ ବେପରୁଆ ଗାଡ଼ି ଚାଳନାଜନିତ




ଆଇନଗତ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ପ୍ରିନ୍ସ ଫିଲିପ୍ ସ୍ୱତଃସ୍ଫୂର୍ତ୍ତ ଭାବେ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ଶନିବାର ପୋଲିସ ଅଧିକାରୀଙ୍କଠାରେ ସମର୍ପଣ କରିଥିବା ଜଣାଯାଇଛି। ଏହି ଦୁର୍ଘଟଣାର ତଦନ୍ତ ରିପୋର୍ଟ କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ୍ ନିକଟକୁ ପଠାଇ ଦିଆଯାଇଥିବା ନର୍‌ଫକ୍ ପୋଲିସ ପ୍ରବକ୍ତା କହିଛନ୍ତି।

# କୁମ୍ଭମେଳାରେ ୯ ବିଦେଶୀଙ୍କୁ 'ମହାମଣ୍ଡଳେଶ୍ୱର'

**ପ୍ରୟାଗରାଜ:** ଜାନୁୟାରୀ ୧୫ ମକର ସଂକ୍ରାନ୍ତି ତିଥିରେ କୁମ୍ଭମେଳା ପ୍ରଥମସ୍ନାନ ସହିତ ଆରମ୍ଭ ହୋଇଥିଲା। ଏହା ମାର୍ଚ୍ଚ ୪ ମହା ଶିବରାତ୍ରିରେ ସମ୍ପନ୍ନ ହେବ। ଶନିବାର କୁମ୍ଭମେଳାରେ ନିର୍ମୋହୀ ଆଖଡା ଦ୍ୱାରା ୯ଜଣ ବିଦେଶୀ ନାଗରିକଙ୍କୁ ମହାମଣ୍ଡଳେଶ୍ୱର ଉପାଧି ପ୍ରଦାନ କରାଯାଇଛି। ସମଗ୍ର ବିଶ୍ୱରେ ସନାତନ ଧର୍ମର ପ୍ରଚାର ପ୍ରସାର କରିବା ଉକ୍ତ ଉପାଧି ପ୍ରଦାନର ଉଦ୍ଦେଶ୍ୟ। ଚଳିତବର୍ଷ ପ୍ରଥମଥର ପାଇଁ କୁମ୍ଭମେଳାରେ ୯ ବିଦେଶୀଙ୍କୁ



ସନାତନ ଧର୍ମରେ ଦୀକ୍ଷିତ କରାଯାଇଛି। ରବିବାର ବସନ୍ତ ପଞ୍ଚମୀ ତିଥି ତଥା ଶେଷ 'ଶାହି ସ୍ନାନ'ରେ ପ୍ରାୟ ୨କୋଟି ଶ୍ରଦ୍ଧାଳୁ ତ୍ରିବେଣୀ ସଂଗମରେ ପବିତ୍ର ବୁଡ଼ ପକାଇଥିଲେ। ଏହି ତିଥିରେ ୩ଥର ବୁଡ ପକାଇଲେ ଗଙ୍ଗା, ଯମୁନା ଓ ସରସ୍ୱତୀଙ୍କର ଆଶୀର୍ବାଦ ଲାଭ କରିହୁଏ ବୋଲି ବିଶ୍ୱାସ ରହିଛି। କୁମ୍ଭମେଳା ପାଇଁ ଉତ୍ତରପ୍ରଦେଶ ପୋଲିସ କଡା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିଛି। ସଙ୍ଗମ ସିଟିର ୩,୨୦୦ ହେକ୍ଟର ପରିମିତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୧୩.୭ |
| ଚାନ୍ଦବାଲି | ୨୬.୨ | ୧୭.୫ |
| କଟକ | ୨୮.୫ | ୧୫.୫ |
| ପାରାଦ୍ୱୀପ | ୨୬.୫ | ୧୯.୨ |
| ଭୁବନେଶ୍ୱର | ୨୯.୬ | ୧୮.୦ |
| ଗୋପାଳପୁର | ୨୮.୦ | ୧୯.୦ |
| ପୁରୀ | ୨୭.୮ | ୧୮.୬ |
| ଅନୁଗୋଳ | ୨୮.୭ | ୧୨.୦ |
| ବାରିପଦା | ୨୭.୦ | ୧୪.୫ |
| ଝାରସୁଗୁଡ଼ା | ୨୬.୮ | ୦୯.୭ |
| କେନ୍ଦୁଝର | ୨୬.୬ | ୧୨.୧ |
| ସମ୍ବଲପୁର | ୨୮.୨ | ୧୧.୩ |
| ସୁନ୍ଦରଗଡ଼ | ୨୮.୫ | ୧୨.୫ |
| ହୀରାକୁଦ | ୨୭.୭ | ୧୩.୬ |
| ତାଳଚେର | --- | ୧୪.୦ |
| ଭବାନୀପାଟଣା | ୨୮.୫ | ୧୧.୫ |
| ବଲାଙ୍ଗୀର | ୨୯.୦ | ୧୨.୦ |
| କୋରାପୁଟ | ୨୯.୦ | ୧୧.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୧.୦ |
| ମାଲକାନଗିରି | ୩୪.୫ | ୧୧.୦ |
| ସୋନପୁର | ୩୩.୨ | ୧୩.୪ |
| ଦାରିଙ୍ଗିବାଡ଼ି | ୨୬.୦ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ତନୁଶ୍ରୀଙ୍କୁ ହାର୍ଭାର୍ଡର ନିମନ୍ତ୍ରଣ



**ବୋଷ୍ଟନ:** ବଲିଉଡ୍ ଅଭିନେତ୍ରୀ ତଥା ପୂର୍ବତନ ବିଉଟି କୁଇନ୍ ତନୁଶ୍ରୀ ଦତ୍ତାଙ୍କୁ ବୋଷ୍ଟନସ୍ଥିତ ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ୧୬ରେ ଆୟୋଜିତ ହେଉଥିବା ଇଣ୍ଡିଆ କନ୍‌ଫରେନ୍ସ ୨୦୧୯ରେ ସେ ଉଦ୍‌ବୋଧନ ଦେବେ ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ଉଲ୍ଲେଖ କରିଛନ୍ତି। ଭାରତରେ '#ମି ଟୂ' ଅଭିଯାନ ଆରମ୍ଭ କରିଥିବା ଏହି ଅଭିନେତ୍ରୀ ତାଙ୍କ ଅନୁଭୂତି ବିଷୟରେ ବକ୍ତୃତା ଦେବେ। ହାର୍ଭାର୍ଡ ବିଜନେସ୍ ସ୍କୁଲ୍ ଏବଂ ହାର୍ଭାର୍ଡ କେନେଡି ସ୍କୁଲ୍‌ର ଗ୍ରାଜୁଏଟ୍ ଛାତ୍ରଙ୍କ ଦ୍ୱାରା ଏ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ୨୦୧୮ ଅକ୍ଟୋବରରେ ତନୁଶ୍ରୀ ଏକ ପୁରୁଣା ଘଟଣାକୁ ନେଇ ଅଭିନେତା ନାନା ପାଟେକରଙ୍କ ନାମରେ ଅଭିଯୋଗ ଆଣିଥିଲେ। ୨୦୦୮ର ଫିଲ୍ମ 'ହର୍ନ ଓକେ ପ୍ଲିଜ୍' ଶୁଟିଂ ସେଟ୍‌ରେ ନାନା ତାଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ତନୁଶ୍ରୀ ଅଭିଯୋଗ କରିଥିଲେ। ଏହା ଭାରତରେ #ମି ଟୂ ଆନ୍ଦୋଳନ ସୃଷ୍ଟିକରିବା ସହିତ ତାଙ୍କ ପରେ ଅନେକ ମହିଳା ସେମାନଙ୍କ ପ୍ରତି ପୂର୍ବରୁ ହୋଇଥିବା ଯୌନ ଉତ୍ପୀଡ଼ନ ଲୋକଲୋଚନକୁ ଆଣିଥିଲେ। ତନୁଶ୍ରୀ ଚଳିତବର୍ଷ ପ୍ରାରମ୍ଭରେ ଆମେରିକା ଫେରିଯାଇଛନ୍ତି। #ମି ଟୂ ଅଭିଯାନ ପୂର୍ବରୁ ଯେପରି ସ୍ୱାଭାବିକ ଜୀବନଯାପନ କରୁଥିଲେ ତାହା ସେ ସେଠାରେ ଜାରି ରଖିବେ ବୋଲି ସେ କହିଛନ୍ତି।

# ପୂରଣ ହେଲାନି ନିର୍ବାଚନୀ ପ୍ରତିଶ୍ରୁତି


**ବାରିପଦା ଅଫିସ, ୧୦।୨**

■ ଦିନକ ପରେ ସରିବ ପୌର ପରିଷଦ କାର୍ଯ୍ୟକାଳ
■ ମୌଳିକ ସୁବିଧାରୁ ବଞ୍ଚିତ ସହରବାସୀ
■ ସ୍ୱୟଂସମୃଦ୍ଧ ପୌରପରିଷଦ ଗଠନ ସ୍ୱପ୍ନ ଏବେବି ଅଧୁରା

୧୧୩ ବର୍ଷର ସର୍ବପୁରାତନ ବାରିପଦା ପୌର ପରିଷଦର ଏକ ସ୍ୱତନ୍ତ୍ରତା ରହିଛି। କେନ୍ଦ୍ର ସରକାରଙ୍କ ଅମୃତ ଯୋଜନାରେ ବାରିପଦା ସାମିଲ ହେବା ପରେ ସହରର ବିକାଶ ହେବ ବୋଲି ସହରବାସୀ ଆଶା କରୁଥିଲେ। ହେଲେ ଏହା ଭୁଲ ପ୍ରମାଣିତ ହୋଇଛି। ତେବେ ଏହି ପୌର ପରିଷଦ ଯେଉଁ ଉଦ୍ଦେଶ୍ୟ ନେଇ ଗଠନ ହୋଇଛି ତାହା ପୂରଣ ହୋଇନାହିଁ। ଆସନ୍ତା ୧୨ ତାରିଖରେ ପୌରପରିଷଦର କାର୍ଯ୍ୟକାଳ ସମାପ୍ତି ହେବାସହ ଜିଲାପାଳଙ୍କ ହାତକୁ ଶାସନ କ୍ଷମତା ଯିବ। ତେବେ ଗତ ପାଞ୍ଚ ବର୍ଷ ମଧ୍ୟରେ ପୌର ପରିଷଦ ସହରବାସୀଙ୍କ ସ୍ୱପ୍ନକୁ ସାକାର କରିପାରି ନାହିଁ। ୨୮ ଟି ୱାର୍ଡ ବିଶିଷ୍ଟ ପୌର ପରିଷଦ ବିଜେଡି ଅକ୍ତିଆରରେ ରହିଛି। ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ଉଦ୍ଦେଶ୍ୟରେ କରାଯାଇଥିବା ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରାଯାଇଥିଲା। ଯେଉଁଥିରେ ବାରିପଦା ସହରର ସୌନ୍ଦର୍ଯ୍ୟକରଣ, ପାନୀୟ ଜଳର ସ୍ଥାୟୀ ସମାଧାନ ପାଇଁ ଦେଉଳିସ୍ଥିତ ଜମ୍ବୀରା ନଦୀବନ୍ଧରୁ ବାରିପଦା ସହରକୁ ଜଳଯୋଗାଣ, ଷ୍ଟେଶନ ବଜାର ହାଟ ପଡିଆରେ ବହୁତଳ ମାର୍କେଟ କମ୍ପ୍ଲେକ୍ସର ନିର୍ମାଣ, ସହର ମଧ୍ୟରେ ଥିବା ମୁଖ୍ୟ ରାସ୍ତାଗୁଡିକରେ ୱାନ-ୱେ ଟ୍ରାଫିକ ବ୍ୟବସ୍ଥା, ମଧୁବନଠାରେ ପ୍ରସ୍ତାବିତ କଲ୍ୟାଣ ମଣ୍ଡପ ନିର୍ମାଣ, ଅର୍ବାନ ସିଲିଂ ଆକ୍ଟର ସରଳୀକରଣ କରି ସହର ମଧ୍ୟରେ ଥିବା ଜବରଦଖଲକାରୀଙ୍କୁ ପଟ୍ଟା ପ୍ରଦାନ, ବିପିଏଲ କାର୍ଡଧାରୀ ପରିବାରଙ୍କୁ ମାଗଣାରେ ଘର, ପାଣି, କଚେରି ପଛରେ ଥିବା ଜୁବୁଲି ପାର୍କର ସଂପ୍ରସାରଣ ସାଙ୍ଗକୁ ଝିରିବନ୍ଧ ଓ ବେଲଗଡିଆ କୋଠୀ ତଳେ ଥିବା ଅନ୍ୟାନ୍ୟ ବନ୍ଧଗୁଡିକୁ ନେଇ ନୌକା ବିହାର ଏବଂ ଜଳ କ୍ରୀଡାର ବ୍ୟବସ୍ଥା ଆଦି ୧୧ଟି ପ୍ରତିଶ୍ରୁତି ସାମିଲ ଥିଲା। କେତେକ କାମ ଛାଡ଼ିଦେଲେ ଅନ୍ୟ ସମସ୍ତ କାର୍ଯ୍ୟ ଏବେବି ଅସମ୍ପୂର୍ଣ୍ଣ ହୋଇରହିଛି। ସେହିପରି କିଛି ୱାର୍ଡକୁ ଛାଡି ଦେଲେ ୨୦ରୁ ଊର୍ଦ୍ଧ୍ୱ ୱାର୍ଡରେ ଏବେବି କଂକ୍ରିଟ ରାସ୍ତା ଓ ପାନୀୟ ଜଳ ସାତ ସପନ ହୋଇଛି। କିଛି ୱାର୍ଡରେ ରାସ୍ତା ଉପରେ ରାସ୍ତା ହୋଉଥିଲେ ମଧ୍ୟ ଅନ୍ୟ ୱାର୍ଡ ଗୁଡିକୁ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ବିଜୁ ଜନତା ଦଳ ନିର୍ବାଚନୀ ପ୍ରତିଶ୍ରୁତି ପୂରଣର ବିଫଳ ହୋଇ ନ ଥିବା ନେଇ ଜିଲା ଯୁବ ବିଜେଡି ସଭାପତି ତଥା ବାରିପଦା ପୌର ପରିଷଦ ଉପନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ସହିତ ଆଲୋଚନା କରିବାରୁ ସହରକୁ ସବୁଜ ସୁନ୍ଦର କରିବା ସହିତ ସାମୂହିକ ବିକାଶ ପାଇଁ ପୌର ପରିଷଦ ଚେଷ୍ଟା କରିଛି। ହେଲେ କିଛି ଜାଗାରେ କାର୍ଯ୍ୟ ବାକି ରହିଯାଇଛି। ତେବେ ସହରବାସୀ କିନ୍ତୁ ବିଜୁ ଜନତା ଦଳ ସହିତ ଅଛନ୍ତି। ଆଗକୁ ଆହୁରି କାର୍ଯ୍ୟ କରିବାକୁ ବାକି ରହିଛି। ଆସନ୍ତା ନିର୍ବାଚନ ପୂର୍ବରୁ ଆହୁରି ୬ ଟି ୱାର୍ଡ ବୃଦ୍ଧି କରିବାକୁ ଜିଲା ପ୍ରଶାସନ ଓ ମ୍ୟୁନିସିପାଲିଟି ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି।

ଅର୍ବାନସିଲିଂଆକ୍ଟରସରଳୀକରଣ କରି ସହର ମଧ୍ୟରେ ଥିବା ଜବରଦଖଲକାରୀଙ୍କୁ ପଟ୍ଟା ପ୍ରଦାନ କରିବା ପାଇଁ ବିଜେଡି ଗତ ନିର୍ବାଚନରେ ପ୍ରତିଶ୍ରୁତି ଦେଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଜଣେ ବି ବ୍ୟକ୍ତି ଏହାର ସୁବିଧା ସୁଯୋଗ ପାଇ ପାରି ନାହାନ୍ତି। ଅନ୍ୟ ସମସ୍ତ ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ବାରିପଦା ପୌର ପରିଷଦରେ ବିଜେଡି ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି ବୋଲି ପୌରାଞ୍ଚଳ ପଟ୍ଟା ବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ର କହିଛନ୍ତି।

୨୦୧୯ ସୁଦ୍ଧା ସହରର ସମସ୍ତ ୱାର୍ଡରେ ପାନୀୟ ଜଳ ବ୍ୟବସ୍ଥା ଘର ଘର ପର୍ଯ୍ୟନ୍ତ ପହଞ୍ଚିବ ବୋଲି ମ୍ୟୁନିସିପାଲିଟି ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ୫ ବର୍ଷ ମଧ୍ୟରେ ଜମ୍ବିରା ନଦୀରୁ ପାଣି ବାରିପଦା ସହରକୁ ପହଞ୍ଚି ପାରିଲା ନାହିଁ। ଏହାର ନିର୍ମାଣ କାର୍ଯ୍ୟ ଚାଲୁଅଛି ବୋଲି ବାରିପଦାବାସୀଙ୍କୁ ଭୁଆଁ ବୁଲା ଯାଉଛି। ହେଲେ ଏପର୍ଯ୍ୟନ୍ତ ଟକଟପୁର ଓ ମହାରାଜାପୁର, ଷ୍ଟେଶନବନ୍ଧ ଅଞ୍ଚଳର ଲୋକେ ପାଣି ପାଇଁ ଡହଳ ବିକଳ ହେଉଛନ୍ତି ବୋଲି ବିଶ୍ୱଜିତ ବେହେରା କହିଛନ୍ତି।


ସଂକଳ୍ପ — ଏକ ସ୍ୱୟଂସମୃଦ୍ଧ ବାରିପଦା ପୌରପରିଷଦ...
ଆଗାମୀ ଦିନର କାର୍ଯ୍ୟସୂଚୀ :
● ବାରିପଦା ସହରର ସଂପୂର୍ଣ୍ଣ ସୌନ୍ଦର୍ଯ୍ୟକରଣ ● ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦେଉଳିସ୍ଥିତ ଜମ୍ବୀରା ନଦୀବନ୍ଧରୁ ବାରିପଦା ସହରକୁ ଜଳଯୋଗାଣ ● ଷ୍ଟେସନବଜାର ହାଟ ପଡ଼ିଆରେ ବହୁତଳ ମାର୍କେଟ୍ କମ୍ପ୍ଲେକ୍ସର ନିର୍ମାଣ ● ସହର ମଧ୍ୟରେ ଥିବା ମୁଖ୍ୟ ରାସ୍ତାଗୁଡ଼ିକରେ ୱାନ୍-ୱେ ଟ୍ରାଫିକ୍ ବ୍ୟବସ୍ଥା ● ମଧୁବନଠାରେ ପ୍ରସ୍ତାବିତ କଲ୍ୟାଣମଣ୍ଡପ ନିର୍ମାଣ ● ଅର୍ବାନ୍ ସିଲିଂ ଆକ୍ଟର ସରଳୀକରଣ କରି ସହର ମଧ୍ୟରେ ଥିବା ଜବରଦଖଲକାରୀଙ୍କୁ ପଟ୍ଟା ପ୍ରଦାନ ● ବି.ପି.ଏଲ୍ କାର୍ଡଧାରୀ ପରିବାରଙ୍କୁ ମାଗଣାରେ ଘର, ପାଣି ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ● ଷ୍ଟେସନ୍ ଆଥଲେଟିକ୍ ଆସୋସିଏସନ୍ ପଡ଼ିଆରେ ଏକ ମିନି ଷ୍ଟାଡ଼ିୟମ୍ ନିର୍ମାଣ ● କଚେରୀ ପଛରେ ଥିବା ଜୁବୁଲି ପାର୍କର ସଂପ୍ରସାରଣ ସାଙ୍ଗକୁ ଝିଞ୍ଜିରବନ୍ଧ ଓ ବେଲଗଡ଼ିଆ କୋଠୀ ତଳେ ଥିବା ଅନ୍ୟାନ୍ୟ ବନ୍ଧଗୁଡ଼ିକୁ ନେଇ ନୌକାବିହାର ଏବଂ ଜଳକ୍ରୀଡାର ବ୍ୟବସ୍ଥା ● ପୌର ପରିଷଦରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ସମସ୍ତ ୱାର୍ଡଗୁଡ଼ିକରେ ରାସ୍ତାଘାଟ ନିର୍ମାଣ, ଡ୍ରେନେଜ୍ ଓ ଷ୍ଟ୍ରିଟଲାଇଟ୍ ବ୍ୟବସ୍ଥା ● ବାରିପଦାର ତଳିଅଂଚଳକୁ ବନ୍ୟାରୁ ରକ୍ଷା କରିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ ଓ ଏହାର ଦୁଇ ଶାଖାନଦୀ ଜରାଳି ଓ ଶରାଳିରେ କଂକ୍ରିଟ୍ ବନ୍ଧ ନିର୍ମାଣ
ବିଜୁ ଜନତା ଦଳ, ବାରିପଦା

ବିଜେଡି ପକ୍ଷରୁ ୨୦୧୪ ମ୍ୟୁନିସିପାଲିଟି ନିର୍ବାଚନରେ ଦିଆଯାଇଥିବା ଇସ୍ତାହାର।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

**ବଡ଼ସାହି, ୧୦।୨ (ସ୍ୱ.ପ୍ର.):** ବଡସାହି ତହସିଲ ଅଧୀନରେ ଥିବା ବିଭିନ୍ନ ସୈରାତରୁ ଚୋରାରେ ବାଲି ପରିବହନ କରାଯାଉଥିବା ଏକ ନମ୍ବର ବିହୀନ ଟ୍ରାକ୍ଟରକୁ ବଡ଼ସାହି ପୋଲିସ ଜବତ କରିଛି। ଲଘୁ ଖଣିଜ ସମ୍ପଦ ଚୋରି ଆଇନ ଆକ୍ଟରେ ପୋଲିସ ଏକ ମାମଲା (ନଂ.୧୭/୧୯)ରୁଜୁ କରି ତଦନ୍ତ ଜାରି ରଖିଛି। ଆରପଟାରୁ ବଡ଼ସାହି ଅଭିମୁଖେ ବାଲି ବୋଝେଇ କରି ଆସୁଥିବା ଏକ ଟ୍ରାକ୍ଟର ପୋଲିସ ଗାଡିକୁ ଦେଖି ତରବରିଆ ଭାବେ ରାସ୍ତା ପାର୍ଶ୍ୱ ବିଲ ମଧ୍ୟକୁ ନେଇ ପଳାଇଥିଲା। ପୋଲିସ ପିଛା କରିବାରୁ ଡ୍ରାଇଭର ଉପାୟ ନ ପାଇ ଗାଡି ଛାଡି ଫେରାର ହୋଇଯାଇଥିଲା। ଟ୍ରାକ୍ଟରଟି ନୂଆ ହୋଇଥିବାରୁ ନମ୍ବର ନ ଥିବା ଜଣାପଡିଛି। ବଡ଼ସାହି ତହସିଲ ଅଞ୍ଚଳରେ ୭ଟି ସରକାରୀ ସ୍ୱୀକୃତିପ୍ରାପ୍ତ ବାଲି ଖାଦାନ ଥିବାବେଳେ ବିଭିନ୍ନ ସ୍ଥାନରେ ବେଆଇନ ବାଲି ଉତ୍ତୋଳନ କରାଯାଉଛି । ଏହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ଚଢାଉ କଲେ ଚୋରା ଚାଲାଣରେ ରୋକ୍ ଲାଗିପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

## ସଂକ୍ଷେପରେ

### ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**କପ୍ତିପଦା,୧୦।୨(ଡି.ଏନ୍.ଏ.):** କପ୍ତିପଦା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସିଂହ ଅଧ୍ୟକ୍ଷତା କରିଛନ୍ତି। 'ଭାରତରେ ରାଜନୈତିକ ଅଂଶଗ୍ରହଣ ଏବଂ ମତଦାନ ଆଚରଣ' ଉପରେ ଏକ ଆଲୋଚନାଚକ୍ର ବିଷୟବସ୍ତୁ ଥିବା ଜଣାଯାଇଛି। ଏହି ଆଲୋଚନା ଚକ୍ରକୁ ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ଷଡ଼ଙ୍ଗୀ ପରିଚାଳନା କରିବା ସହିତ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ପଞ୍ଚାୟତ ସମିତି ମହାବିଦ୍ୟାଳୟ ବଡ଼ସାହିର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବିନୋଦ କୁମାର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଷୟ ବସ୍ତୁ ଉପରେ ବିଷଦ ବ୍ୟାଖ୍ୟା କରିଥିଲେ। ଅଧ୍ୟାପିକା ସୁଲୋଚନା ରଣା ଉକ୍ତ ବିଷୟ ବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଛାତ୍ର ଦିଲ୍ଲୀପ କୁମାର ମହାପାତ୍ର, ଛାତ୍ରୀ ନିରୁପମା ନାଏକ, ଲକ୍ଷ୍ମୀପ୍ରିୟା ନାୟକ, ହରପ୍ରିୟା ବେହେରା, ସୁକାନ୍ତି ସିଂ, ସୌମ୍ୟଶ୍ରୀ ବେହେରା, ଶ୍ରାବଣୀ ଗିରି ଏବଂ ଅର୍ଚ୍ଚିତା ପ୍ରିୟଦର୍ଶିନୀ ବେହେରା ଉକ୍ତ ବିଷୟ ବସ୍ତୁ ଉପରେ ନିଜ ନିଜର ଅନୁଚ୍ଛେଦ ପାଠ କରିଥିଲେ । ଶେଷରେ ଅଧ୍ୟାପିକା ସରସ୍ୱତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ ।

### ଶାନ୍ତିପ୍ରଭା ସ୍କୁଲର ବାର୍ଷିକ ଉତ୍ସବ

**ବଡ଼ସାହି, ୧୦।୨(ସ୍ୱ.ପ୍ର.):** ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ଶାନ୍ତିପ୍ରଭା ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ୩ୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ଦୀପକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲେଖକ ଇଂ ବିଦ୍ୟାଧର ପଣ୍ଡା, ସ୍ୱତନ୍ତ୍ର ଅତିଥି ଭାବେ କୁଆମରା ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ କାଶୀନାଥ ପାତ୍ର ଓ ବଡ଼ସାହି ବିଇଓ ଦେବବ୍ରତ ବାରିକ, ମୁଖ୍ୟବକ୍ତା ଭାବେ ରମାକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନ, ୨୦୧୫ ମସିହାର ଓଏଏସ ଟପ୍ପର ସୌରଭ ଦାସ ଓ ସିଆରସିସି ଶୁଭ୍ରାଂଶୁ ଶେଖର ମଙ୍ଗରାଜ ଯୋଗଦେଇ ନିଜ ନିଜର ଉତ୍ତମ କର୍ମ ମାଧ୍ୟମରେ ନିଜର ସନ୍ତାନଙ୍କୁ ଅନୁପ୍ରାଣିତ କରି ଭଲ ମଣିଷ ଭାବେ ଗଢ଼ି ତୋଳିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ଉପଦେଷ୍ଟା ଶିକ୍ଷାବିତ୍ ବାଇଧର ଗିରି ଓ ହାଡ଼ିବନ୍ଧୁ ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଇଂ କିଶୋର ଚନ୍ଦ୍ର ଗିରି ସମସ୍ତ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ପରିଚାଳନା କମିଟିର ସଦସ୍ୟ ଅଜିତ କୁମାର ଜେନା, ତୁଳସୀ ଗୁରୁମାଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଠାକୁରମୁଣ୍ଡା, ୧୦।୨(ଡି.ଏନ.ଏ.):** ଠାକୁରମୁଣ୍ଡା ଅଞ୍ଚଳର ସାମାଜିକକର୍ମୀ ତଥା ପୂର୍ବତନ ସରପଞ୍ଚ ହେମନ୍ତ କୁମାର ତ୍ରିପାଠୀଙ୍କର ଶନିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଦୀର୍ଘ ଦିନ ହେଲା କିଡନୀଜନିତ ରୋଗରେ ଆକ୍ରାନ୍ତ ହୋଇ ବାଲେଶ୍ୱରରେ ରହି ଚିକିତ୍ସିତ ହେଉଥିଲେ। ସେ ହଠାତ୍ ଅସୁସ୍ଥ ହୋଇ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ରାତି ପ୍ରାୟ ୯ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦିଗଧର ଗ୍ରାମପଞ୍ଚାୟତରେ ୨ଥର ସରପଞ୍ଚ ହେବା ସହ ଠାକୁରମୁଣ୍ଡା ବ୍ଲକ କଂଗ୍ରେସ ସଭାପତି, ଟସର ସୋସାଇଟି ଏବଂ ଲ୍ୟାମ୍ପସ୍‌ର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଥିଲେ। ତାଙ୍କ ମରଶରୀରକୁ ନିଜ ଗାଁ ହାଣ୍ଡିଫୁଟାକୁ ଅଣାଯିବା ପରେ କଂଗ୍ରେସ ଜିଲା ଉପସଭାପତି ଭୂବନ ବିହାରୀ ସାହୁ,ଏଆଇସିସି ସଦସ୍ୟା ଜବାମଣୀ ଟୁଡୁ, ବ୍ଲକ କଂଗ୍ରେସ ସଭାପତି ବ୍ଲକ ରବୀନ୍ଦ୍ର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପଦ୍ମଚରଣ ହାଇବୁରୁ ପ୍ରମୁଖ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ ।

## ରଥ ପାଇଁ କାଠ ଅନୁକୂଳ


ରଥକାଠ ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ବାରିପଦା ଅଫିସ,୧୦।୨**

ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ରବିବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ମହାପ୍ରଭୁ ଶ୍ରୀହରି ବଳଦେବ ଜୀଉଙ୍କ ରଥ ପାଇଁ କାଠ ଅନୁକୂଳ କରାଯାଇଛି । ବଡ଼ ଜଗନ୍ନାଥଙ୍କ ଆଜ୍ଞା ନେଇ ବାରିପଦା ବନଖଣ୍ଡ ଅଧୀନରେ ଥିବା ଜ୍ୟୋତିପୁର ସଂରକ୍ଷିତ ଜଙ୍ଗଲରୁ ଜଙ୍ଗଲ ସୁରକ୍ଷା କମିଟିଙ୍କ ସଭ୍ୟଙ୍କ ଉପସ୍ଥିତିରେ ରଥ ପାଇଁ କାଠ ଅନୁକୂଳ କରାଯାଇଥିଲା। ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର, ହରିଶ୍ଚନ୍ଦ୍ର ମହାରଣା, ରବୀନ୍ଦ୍ର ମହାରଣା, ଗିରିଶଚନ୍ଦ୍ର ମହାରଣା, କ୍ଷିତୀଶ ଚନ୍ଦ୍ର ମହାରଣା ଓ ହରିହର ମହାରଣା ପ୍ରମୁଖ ୫ଜଣ ମହାରଣାଙ୍କ ସମେତ ୧୨ଜଣ ବାଢ଼ିଆ ଓ ସଙ୍କୀର୍ତ୍ତନ ମଣ୍ଡଳୀ ଏହି ରଥକାଠ ଅନୁକୂଳରେ ସାମିଲ ହୋଇଥିଲେ । ଜ୍ୟୋତିପୁର ସଂରକ୍ଷିତ ଜଙ୍ଗଲରୁ ଚିହ୍ନଟ କରାଯାଇଥିବା ଏକ ଶାଳଗଛକୁ ପରମ୍ପରା ତଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି କଟା ଯାଇଥିଲା।

## ମୂଳ ଶିକ୍ଷା ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ

**ବଡସାହି, ୧୦।୨ (ସ୍ୱ.ପ୍ର.):** ଛାତ୍ରୀଛାତ୍ରଙ୍କୁ ମୂଳ ଶିକ୍ଷା ଦେବା ସହ ଚରିତ୍ର ଗଠନରେ ଗୁରୁତ୍ୱପୂର୍ଣ୍ଣ ବୋଲି ରବିବାର ବଡ଼ସାହି ସରସ୍ୱତୀ ଶିଶୁ ମନ୍ଦିରର ୮ମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପରିଚାଳନା ସମିତିର ଉପସଭାପତି ମନୋଜ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାପାତ୍ର ଓ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡିଶାର ସହ ସଙ୍ଗଠନମନ୍ତ୍ରୀ ରମାକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାର୍ଥୀ ଗଢିବାରେ ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ମା'ବାଗଦେବୀଙ୍କ ନିକଟରେ ଧୂପଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସମ୍ପାଦକ ଯତୀନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଛନ୍ତି। କୁନି କୁନି ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ମାଧ୍ୟମରେ ସ୍ୱାଗତ ଜଣାଇଛନ୍ତି।

# ଖଟିଆରେ ବୁହାହେଲେ ଗର୍ଭବତୀ

## ଗାଁକୁ ରାସ୍ତା ନାହିଁ, ୨କି.ମି ଦୂରରେ ଅଟକିଲା ଆମ୍ବୁଲାନ୍ସ

**ବାରିପଦା ଅଫିସ, ୧୦।୨**

ରାଜ୍ୟ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା,ରାସ୍ତା ଆଦି ବିଭିନ୍ନ ଦିଗରେ ବିକାଶ ପାଇଁ ସରକାରୀ ଯୋଜନାର ତାଲିକା ବଢ଼ାଇଚାଲିଛନ୍ତି। ହେଲେ ସେଇ ଗ୍ରାମବାସୀ ଉକ୍ତ ସରକାରୀ ଯୋଜନାର ଲାଭ ଉଠାଇପାରୁ ନାହାନ୍ତି। ଗ୍ରାମକୁ ରାସ୍ତା ସଂଯୋଗ ହୋଇ ନ ପାରିବା ହେତୁ ଗାଁକୁ ଆମ୍ବୁଲାନସ ମଧ୍ୟ ଆସିପାରୁ ନାହିଁ। ଫଳରେ ବାଧ୍ୟ ହୋଇ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ଡାକ୍ତରଖାନାକୁ ନେବାକୁ ପଡୁଛି।

ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲା ଶୁକ୍ରୁଳି ବ୍ଲକର ଚତୁରୁାଳୀ ପଞ୍ଚାୟତରେ। ସୂଚନା ଅନୁସାରେ ଶୁକ୍ରୁଳୀ ବ୍ଲକ ଚତୁରାଳୀ ପଞ୍ଚାୟତର ଜେଠମା ସାହିକୁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନାହିଁ। ଏପରିସ୍ଥିତିରେ ଉକ୍ତ ଗ୍ରାମର ଟୀକାଚନ୍ଦନ ନାୟକଙ୍କ ସ୍ତ୍ରୀ ମିତାରାଣୀ(୨୨) ରବିବାର ପୂର୍ବାହ୍ନ ପ୍ରାୟ୧୧ଟାରେ ପ୍ରସବ ବେଦନା ଅନୁଭବ କରିଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପାଇଁ ପରିବାର ପକ୍ଷରୁ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଏହାପରେ ଗାଡିଟି ଗ୍ରାମକୁ ଯିବାକୁ ରାସ୍ତା ପାଇଲାନି। ଫଳରେ ଗର୍ଭବତୀଙ୍କୁ ଗାଁ ଲୋକେ ମିଳିତ ଭାବେ ଖଟିଆରେ ବୋହି ପ୍ରାୟ ୨ କି.ମି. ଦୂର ମୁଖ୍ୟ ରାସ୍ତାରେ ଅଟକିଥିବା ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ପରେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।


ଗର୍ଭବତୀଙ୍କୁ ଖଟିଆରେ ବୋହି ନିଆଯାଉଛି।

## ଏମପିକେ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବାରିପଦା ଅଫିସ,୧୦।୨:** ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ (ଏମପିକେ) ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସୁଧୀର କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ.ବନଜା ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ପ୍ରଶାନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଆୟୁର୍ବେଦିକ ମହାବିଦ୍ୟାଳୟର ଅଧ୍ୟାପକ ଡ.ପୁରୁଷୋତ୍ତମ ନାଥ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ତପନ କୁମାର ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ପତି,ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁପ୍ରଭା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାର ଓ ସମାଜ ଆଦର୍ଶ ଶିକ୍ଷକ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଶିକ୍ଷକ ଭକ୍ତହରି ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର କଳିକା ଉନ୍ମୋଚିତ ହୋଇଥିଲା।


ବିଦ୍ୟାଳୟର ମୁଖପତ୍ର 'କଳିକା' ଉନ୍ମୋଚନ କରାଯାଉଛି।

## ନାବାଳିକାଙ୍କୁ ବଳାତ୍କାର ଘଟଣା: ମାମଲା ରୁଜୁ

**ବାରିପଦା ଅଫିସ, ୧୦।୨:** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୧୪ ବର୍ଷର ଜଣେ ନାବାଳକ ବଳାତ୍କାର କରିବା ଘଟଣାରେ ରବିବାର ବାଙ୍ଗିରିପୋଷି ଥାନାରେ ମାମଲା ରୁଜୁ କରାଯାଇଛି। ଶନିବାର ଉକ୍ତ ନାବାଳିକା ନାଳକୁ ଗାଧୋଇବାକୁ ଯାଇଥିବା ବେଳେ ନାବାଳକ ଜଣକ ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ଶନିବାର ପିଡୀତାଙ୍କ ମା' ତାଙ୍କ ଝିଅକୁ ବଳାତ୍କାର କରିଥିବା ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ବାଙ୍ଗିରିପୋଷି ପୋଲିସ ଏକ ମାମଲା (ନଂ.୧୧/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

## କମାଣ୍ଡର ଓଲଟି ମହିଳା ମୃତ

**ବାରିପଦା ଅଫିସ/ରାଇରଙ୍ଗପୁର, ୧୦।୨:** ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ମଡ୍ଡେଇକଚା ଗ୍ରାମପଞ୍ଚାୟତର ବାଲିଆଡୁଙ୍ଗୁରି ନିକଟରେ ରବିବାର ଅପରାହ୍ନରେ ଏକ କମାଣ୍ଡର ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡ଼ିବାରୁ ଜଣେ ମହିଳାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ମହିଳା ଜଣଙ୍କ ହେଲେ ବିଜାତଳା ବ୍ଲକ ଅନ୍ତର୍ଗତ ବଡ଼ବିଲ ଗ୍ରାମର ଦୁବୁନି ନାଏକ। ଖବର ପାଇ ଗୋରୁମହିଷାଣୀ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ଲାଗି ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୬/୧୯) ରୁଜୁ କରି ଉକ୍ତ କମାଣ୍ଡରକୁ ଜବତ କରିଛି।

# ଆରମ୍ଭ ହେଲା ବାଗ୍‌ଦେବୀଙ୍କ ପୂଜା

**ଉଦଳା, ୧୦।୨(ଡି.ଏନ.ଏ.)**

ବାଣୀପୀଠ ଉଦଳାର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ପଞ୍ଚମୀ ତିଥିରେ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାବିଧି ରୀତିନୀତି ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟରେ ଶେଷ ହୋଇଛି । ଏଥିପାଇଁ ଭୋର ସମୟରୁ ଦେବୀ ସରସ୍ୱତୀଙ୍କ ମନ୍ଦିର ପରିସରରେ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କର ଭିଡ ଲାଗି ରହିଥିଲା । ବିଭିନ୍ନ ନୀତି ପରେ ଦେବୀଙ୍କ ମହାସ୍ନାନ ହୋଇଥିଲା। ପରେ ମଙ୍ଗଳମୟୀ ବେଶ, ଆଦ୍ୟ ପୂଜା ସମାପ୍ତ ହୋଇଥିଲା ।

ସକାଳ ୭ଟା ଠାରୁ ସାଧାରଣ ଶ୍ରଦ୍ଧାଳୁଙ୍କ ନିମନ୍ତେ ପୁଷ୍ପାଞ୍ଜଳି ପ୍ରଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା । ସୂଚନାଯୋଗ୍ୟ ଯେ, ଉଦଳାର ଅଧିଷ୍ଠାତ୍ରୀ ଦେବୀ ସରସ୍ୱତୀ ମନ୍ଦିରରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଶିଶୁ ସେମାନଙ୍କ ମାତାପିତାଙ୍କ ସହିତ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଖଡି ଓ ସିଲଟରେ ବିଦ୍ୟା ଆରମ୍ଭ କରିଥିଲେ । ଏହି ଦୃଶ୍ୟ ବେଶ୍ ଆନନ୍ଦିତ କରିଥିବା ମନ୍ଦିରର ମୁଖ୍ୟପୂଜକ ରମାକାନ୍ତ ଦାଶ କହିଛନ୍ତି । ତେବେ ବିଦ୍ୟା ଆରମ୍ଭ ପାଇଁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, କଟକ ଏବଂ ପଡୋଶୀ କେନ୍ଦୁଝର ଜିଲାର ବିଭିନ୍ନ ପ୍ରାନ୍ତରୁ ମାତାପିତାମାନେ ସେମାନଙ୍କର କୁନି କୁନି ଝିଅପୁଅମାନଙ୍କୁ ଧରି ମଧ୍ୟରାତ୍ରରେ ଉଦଳା ମନ୍ଦିର ନିକଟରେ ପହଞ୍ଚିଥିଲେ। ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡର ସଦର ମହକୁମା ଉଦଳା ଠାରେ କପ୍ତିପଦା ରାଜା ଗୌରବ ଚନ୍ଦ୍ର ମାନ୍ଧତାଙ୍କ ରାଣୀ ଲାବଣ୍ୟମଞ୍ଜରୀ ଦେବୀଙ୍କ ତତ୍ତ୍ୱାବଧାନରେ ମା' ସରସ୍ୱତୀଙ୍କ ପୂଜା କାହିଁ କେଉଁ କାଳରୁ ହୋଇଆସୁଛି। ଉଦଳା ଅଞ୍ଚଳର କେତେକ ପ୍ରତିଷ୍ଠିତ ବ୍ୟକ୍ତି ସେହି ସ୍ଥାନରେ ଦେବୀଙ୍କ ମନ୍ଦିର ନିର୍ମାଣ କରି ଦେବୀ ସରସ୍ୱତୀଙ୍କ ବିଗ୍ରହ ସ୍ଥାପନ କରାଯାଇ ପୂଜା କରାଯାଉଛି। ଉତ୍ତର ଓଡିଶାର ଏକ ପ୍ରସିଦ୍ଧ ସରସ୍ୱତୀ ମେଳାର ଆୟୋଜନ କରଚଳିତବର୍ଷ ଏହି ମେଳାରେ ରାଜ୍ୟ ତଥା ପଡୋଶୀ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟ ପ୍ରତିଷ୍ଠାନ ଏବଂ ମୀନାବଜାର, ଖାଦ୍ୟସାମଗ୍ରୀ ଦୋକାନ ମେଳାରେ ପସରା ମେଲାଇବାର କମିଟି ସଭାପତି ସନ୍ତୋଷ ବେହେରା, ସମ୍ପାଦକ ରବୀନ୍ଦ୍ର କୁମାର ପରିଡା ସୂଚନା ଦେଇଛନ୍ତି । ଆସନ୍ତା ୨୦ ତାରିଖ ଠାରୁ ଏହି ଐତିହାସିକ ମେଳା ଆରମ୍ଭ ହୋଇ ଏକ ସପ୍ତାହ ପରେ ଶେଷ ହେବ। ତିନୋଟି ଯାତ୍ରା ପେଣ୍ଡାଲରେ ଯାତ୍ରା ଆୟୋଜନ ହେଉଥିବା ଜଣାପଡିଛି। ତେବେ ସମ୍ପୂର୍ଣ୍ଣ ଉଦଳା ଅଞ୍ଚଳ ଆଜି ଚଳଚଞ୍ଚଳ ହୋଇ ଉଠିଛି, ଦେବୀ ମନ୍ଦିର ସହିତ ବିଭିନ୍ନ ସ୍କୁଲ, କଲେଜ, କ୍ଲବ, ସରକାରୀ ଅଫିସ୍ ଗୁଡିକରେ ଦେବୀ ସରସ୍ୱତୀଙ୍କର ପୂଜାର୍ଚ୍ଚନା ଧୁମଧାମ୍‌ରେ ପାଳିତ ହେଉଥିବା ଦେଖିବାକୁ ମିଳିଛି ।


ଉଦଳା ସରସ୍ୱତୀ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି।

## ଯାନବାହନ ନିୟନ୍ତ୍ରଣ ଲାଗି ସଚେତନତା

**କପ୍ତିପଦା,୧୦।୨(ଡି.ଏନ.ଏ.):** କପ୍ତିପଦା ପୋଲିସ ପକ୍ଷରୁ ଯାନବାହନ ନିୟନ୍ତ୍ରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରାକୁ ଥାନାଧିକାରୀ ରୀନା ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ କପ୍ତିପଦା ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରମାନେ ଯୋଗଦେଇ ଗାଡ଼ି ଚଳାଇବା ସମୟରେ ହେଲ୍‌ମେଟ୍ ପିନ୍ଧିବା, ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳାଇବା, ମଦ୍ୟପାନ ନ କରିବା, ସଡ଼କ ସୁରକ୍ଷା ଜୀବନ ରକ୍ଷା, ଦ୍ରୁତଗତି ମହାବିପତ୍ତି ଆଦି ସ୍ଲୋଗାନ୍ ଦେଇ ବାଲେଶ୍ୱର ଗୋଲେଇ ଛକ ଠାରୁ ବାହାରି ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ପଟ୍ଟନାୟକ, କପ୍ତିପଦା ଥାନାଧିକାରୀ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। କପ୍ତିପଦା ଥାନାର ଏସ୍ଆଇ ବିଶ୍ୱଭୂଷଣ ସାହାଣୀ, ଏଏସ୍ଆଇ ସୁନାରାମ ମାଝୀ, ସମ୍ବାରି ହାଁସଦା, ଅଧ୍ୟାପକ ସରୋଜ ଲେଙ୍କା, ସଞ୍ଜୟ କୁମାର ସେନାପତି, ଚନ୍ଦ୍ରମୋହନ ପରିଡ଼ା ଓ ଆରମ୍ଭ ପ୍ଲାନ୍‌ର ଆଶିଷ କୁମାର ମଲ୍ଲିକ୍, ଚିନ୍ତାମଣି ମହାକୁଡ଼, ରତିକାନ୍ତ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ସଡକ ସୁରକ୍ଷା ଶୋଭାଯାତ୍ରାରେ ଛାତ୍ରୀଛାତ୍ର, ପୋଲିସ ଅଧିକାରୀମାନେ।

# ଏକ ସଫଳ ମହାକାଶ ଦୂରବୀକ୍ଷଣ ଯନ୍ତ୍ରର ପରିସମାପ୍ତି





ଇଂ. ମାୟାଧର ସ୍ୱାଇଁ

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା' ୨୦୦୯ ମାର୍ଚ୍ଚ ୭ ତାରିଖରେ ଗୋଟିଏ ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଥିଲା। ଏହା ପୃଥିବୀ ପୃଷ୍ଠରୁ ୧୫୦ ନିୟୁତ କିମି ଉଚ୍ଚରେ ସୂର୍ଯ୍ୟକୁ ପ୍ରତି ୩୭୨.୫ ଦିନରେ ଥରେ ପରିକ୍ରମଣ କରୁଛି। ଯାନର ଲମ୍ବ ଓ ଓସାର ଯଥାକ୍ରମେ ହେଉଛି ୪.୭ ମିଟର ଓ ୨.୭ ମିଟର। ଏହି ଦୂରବୀକ୍ଷଣ ଯନ୍ତ୍ରର ମୁଖ୍ୟ ଦର୍ପଣର ବ୍ୟାସ ହେଉଛି ୧.୪ ମିଟର। ଏଥିରେ କେବଳ ଗୋଟିଏ ଯନ୍ତ୍ର ଖଞ୍ଜାଯାଇଛି। ଏହା ହେଉଛି ଗୋଟିଏ ଶକ୍ତିଶାଳୀ ଫଟୋମିଟର ବା କ୍ୟାମେରା। ଏହାର ନାମ ହେଉଛି 'କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର'। ବିଶିଷ୍ଟ ଜର୍ମାନୀ ଜ୍ୟୋତିର୍ବିଦ୍ ଜୋହାନ୍ସ କେପ୍‌ଲରଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି।

ସୌରଜଗତ ବାହାରେ ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ଏହାର ମୁଖ୍ୟ ଲକ୍ଷ୍ୟ ଥିଲା। ପୁନଶ୍ଚ ବିଶ୍ୱର ଅନ୍ୟ କେଉଁ ନକ୍ଷତ୍ର ଚାରିପଟେ ପୃଥିବୀ ପରି ଗ୍ରହ ଅଛି। ତାହାର ଅନୁସନ୍ଧାନ କରିବା ଏହାର ଲକ୍ଷ୍ୟ ଥିଲା। ଆରମ୍ଭରୁ ଏହା ସାଢ଼େ ତିନି ବର୍ଷ ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିଲା। ଆକାଶରେ ସିଗନସ୍ ନକ୍ଷତ୍ରମଣ୍ଡଳ ନିକଟରେ ଥିବା ୧୫୦୦୦୦ଟି ନକ୍ଷତ୍ରକୁ ଅନବରତ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକର ଗ୍ରହକୁ ଅଧ୍ୟୟନ କରିବା ଏହାର ଲକ୍ଷ୍ୟ ଥିଲା।

କେପ୍‌ଲର ମହାକାଶରେ ସଫଳତାର ସହ କାର୍ଯ୍ୟ କରି ଏହାର ଈପ୍‌ସିତ ଲକ୍ଷ୍ୟକୁ ଅତିକ୍ରମ କରିଯାଇଛି। ଏହାର କାର୍ଯ୍ୟକାଳ ସାଢ଼େ ତିନି ବର୍ଷ ଠିକ୍ କରାଯାଇଥିଲେ ସୁଦ୍ଧା ଏହା ସାଢ଼େ ନଅ ବର୍ଷ କାର୍ଯ୍ୟ କରି ଅନେକ ନକ୍ଷତ୍ର, ଗ୍ରହ ସୁପରନୋଭା ଆଦି ଆବିଷ୍କାର କରିଛି। ଶେଷରେ ଏହାର ଇନ୍ଧନ ଶେଷ ହୋଇଯିବାରୁ ନାସା ଗତବର୍ଷ ଅକ୍ଟୋବର ୩୦ ତାରିଖରେ ଏହାର କାର୍ଯ୍ୟକାଳ ଶେଷ ହୋଇଛି ବୋଲି ଘୋଷଣା କଲା।

କେପ୍‌ଲର ତା'ର କାର୍ଯ୍ୟକାଳ ମଧ୍ୟରେ ୨୬୦୦ରୁ ଅଧିକ ସୌରେତର ଗ୍ରହ ଆବିଷ୍କାର କରିଛି। ଏଥିମଧ୍ୟରୁ କେତୋଟି ଗ୍ରହ ହେଉଛି ଆମ ପୃଥିବୀ ଆକାରର ଏବଂ ଏଗୁଡ଼ିକ ମଧ୍ୟ ପୃଥିବୀ ଭଳି ପଥୁରିଆ ଗ୍ରହ। ଏଥିମଧ୍ୟରୁ କେତେକ ଗ୍ରହ ସେମାନଙ୍କ ନକ୍ଷତ୍ରର 'ବାସଯୋଗ୍ୟ ଅଞ୍ଚଳ'ରେ ଥିବାରୁ ସେଗୁଡ଼ିକରେ ଜୀବଜବତ ଥିବାର ସମ୍ଭାବନା ଅଛି। ଗୋଟିଏ ନକ୍ଷତ୍ରର କୌଣସି ଗ୍ରହରେ ଜୀବଜଗତର ଉଦ୍ଭବ ନକ୍ଷତ୍ରଠାରୁ ଏହାର ନିର୍ଦ୍ଦିଷ୍ଟ ଦୂରତା ଉପରେ ନିର୍ଭର କରେ। ଏହାକୁ ବାସଯୋଗ୍ୟ ଅଞ୍ଚଳ କୁହାଯାଏ। ଏହି ଅଞ୍ଚଳର ତାପମାତ୍ରା ଅଧିକ କିମ୍ବା କମ୍ ହୋଇ ନ ଥାଏ। ଏବଂ ଏହାର ଜୀବଜଗତ ପାଇଁ ଉପଯୁକ୍ତ ହୋଇଥାଏ। ପୁନଶ୍ଚ ଏହି ତାପମାତ୍ରାରେ ସେଠାରେ ଜଳ ତରଳ ଅବସ୍ଥାରେ ଥାଏ। ସୌରଜଗତରେ କେବଳ ପୃଥିବୀ ବାସଯୋଗ୍ୟ ଅଞ୍ଚଳରେ ଅଛି ଏବଂ ଫଳରେ ଏଠାରେ ଏକ ଉନ୍ନତ ଜୀବଜଗତ ଗଢ଼ି ଉଠିଛି। କେପ୍‌ଲର ପଠାଇଥିବା ତଥ୍ୟରୁ ଏହିପରି ବାସଯୋଗ୍ୟ ଅଞ୍ଚଳରେ ଥିବା କେତେକ ଗ୍ରହକୁ ଠାବ କରାଯାଇଛି। ସେସବୁରେ ଜୀବଜଗତ ଅଛି ନା ନାହିଁ, ତାହା ଏବେ ଅଧ୍ୟୟନ କରାଯାଇଛି।

**କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍‌ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି...**

କେପ୍‌ଲର ସୌରଜଗତ ବାହାରେ ଗ୍ରହକୁ ଠାବ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଉଜ୍ଜ୍ୱଳତା, ଆକାର, ବସ୍ତୁତ୍ୱ, ସାନ୍ଦ୍ରତା ଓ କକ୍ଷ ମଧ୍ୟ ନିର୍ଦ୍ଧାରିତ କରିଛି। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ଜ୍ୟୋତିର୍ବିଦ୍‌ମାନେ ପ୍ରକାଶ କରିଛନ୍ତି ଯେ, ଆକାଶଗଙ୍ଗା ଗାଲାକ୍‌ସିରେ ଯେତିକି ନକ୍ଷତ୍ର ଅଛି, ତା'ଠାରୁ ଅଧିକ ଗ୍ରହ ଅଛି।

କେପ୍‌ଲର ଆବିଷ୍କାର କରିଥିବା ଗ୍ରହଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ପ୍ରଥମଟି ହେଉଛି ଗ୍ୟାସୀୟ ଦାନବ ଗ୍ରହ, ଯାହା ଆମ ସୌରଗତର ବୃହସ୍ପତିରେ ଆକାର ସହ ସମାନ କିମ୍ବା ତା'ଠାରୁ ବଡ଼। ଦ୍ୱିତୀୟ ଶ୍ରେଣୀ ହେଉଛି କମ୍ ପରିକ୍ରମଣ ସମୟ ଥିବା ଉତ୍ତପ୍ତ ସୁପର ଆର୍ଥ, ଅର୍ଥାତ୍ ପୃଥିବୀଠାରୁ ବଡ଼ ଓ ନକ୍ଷତ୍ରର ନିକଟତର ଥିବା ଗ୍ରହ। ତୃତୀୟ ଶ୍ରେଣୀ ହେଉଛି ନକ୍ଷତ୍ରଠାରୁ ଦୂରରେ ଥିବା ବରଫୀୟ ଦାନବ ଗ୍ରହ। ଏହିପରି ଭାବେ କେପ୍‌ଲର ଆମକୁ ବିଭିନ୍ନ ପ୍ରକାର ଗ୍ରହର ସୂଚନା ଦେଇଛି। କିନ୍ତୁ ଆମର ଲକ୍ଷ୍ୟ ହେଉଛି ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ଥିବା ପୃଥିବୀ ଆକାରର ଗ୍ରହ। କେପ୍‌ଲର ତଥ୍ୟକୁ ବିଶ୍ଳେଷଣ କରି ନାସା ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ଯେ, ରାତିରେ ଆକାଶରେ ଦେଖାଯାଉଥିବା ନକ୍ଷତ୍ରଗୁଡ଼ିକର ୨୦ ରୁ ୫୦ ପ୍ରତିଶତ ନକ୍ଷତ୍ରରେ ଆମ ପୃଥିବୀ ପରି ଛୋଟ ଓ ପଥୁରିଆ ଗ୍ରହ ଥାଇପାରେ ଏବଂ ଏଗୁଡ଼ିକ ନକ୍ଷତ୍ରର ବାସଯୋଗ୍ୟ ଅଞ୍ଚଳରେ ରହିଥାଇପାରନ୍ତି। କେବଳ ପାଞ୍ଚ ଲକ୍ଷରୁ ଅଧିକ ନକ୍ଷତ୍ରକୁ ପର୍ଯ୍ୟବେକ୍ଷଣ କରି ସେଗୁଡ଼ିକ ସମ୍ବନ୍ଧରେ ବିଶଦ ତଥ୍ୟା ପଠାଇଛି।


ମହାକାଶ ଅଧ୍ୟୟନ ଓ ଅଭିଯାନରେ କେପ୍‌ଲର ମହାକାଶ ଦୂରବୀକ୍ଷଣ ଯନ୍ତ୍ର ହେଉଛି ଗୋଟିଏ ମାଇଲଖୁଣ୍ଟ। ଏହାର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ନାସା ଏହି ବର୍ଷ ଏପ୍ରିଲ ମାସରେ ଅନ୍ୟ ଏକ ଗ୍ରହଖୋଜାଳି ଦୂରବୀକ୍ଷଣ ଯନ୍ତ୍ରକୁ ମହାକାଶରେ ଅବସ୍ଥାପିତ କରିଛି। ଏହାର ନାମ ହେଉଛି ଟେସ୍।

୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ: ୯୯୩୮୬୯୩୭୨୯

## ଅଳ୍ପରେ...



**ଏକାଗ୍ରତା ବଢ଼ାଏ ଚା':** ଭାରାକ୍ରାନ୍ତ ମନକୁ ହାଲକା କରିବାର ଏକ ସହଜ ଉପାୟ ହେଲା ଚା' ପିଇବା। ଏହାର ଅନେକ ଉପକାରୀ ଗୁଣ ରହିଛି। ଚା' ପିଇବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ଏକାଗ୍ରତା ବଢ଼ିଥାଏ ବୋଲି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ପ୍ରତିଦିନ ନିର୍ଦ୍ଦିଷ୍ଟ ପରିମାଣର ଚା' ପିଉଥିବା କିଛି ବ୍ୟକ୍ତିଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରି ସେମାନେ ଏକଥା ଜାଣିପାରିଛନ୍ତି। ହେଲେ ଅତ୍ୟଧିକ ଚା' ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି।



**'ଟି' ସେଲ୍‌ରେ ପରିବର୍ତ୍ତନ ବ୍ୟବହାରକୁ ପ୍ରଭାବିତ କରେ :** ଶରୀରରେ ଭିତରେ ଥିବା 'ଟି' ସେଲରେ ଯଦି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ତେବେ ତାହା ସେହି ବ୍ୟକ୍ତିଙ୍କର ବ୍ୟବହାରକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି। ଏଭଳି ମତବ୍ୟକ୍ତ କରିଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ବିଶେଷଭାବରେ ଆମର ଇମ୍ୟୁନ ସିଷ୍ଟମରେ ଏହି ସେଲ୍ ରହିଥାଏ। ଇମ୍ୟୁନ (ରୋଗ ପ୍ରତିରୋଧକ) ଶକ୍ତି ପ୍ରଭାବିତ ହେଲେ ଏହି ସେଲ୍‌ରେ ଅସନ୍ତୁଳନ ଲକ୍ଷ୍ୟ କରାଯାଇଥାଏ। ଖାସ୍ କଥା ହେଲା ଏହାର ପ୍ରଭାବ କେତେକାଂଶରେ ଜଣେ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିଥାଏ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି।



**କୋଲେଷ୍ଟରଲକୁ ନିୟନ୍ତ୍ରଣ କରେ ଟମାଟୋ :** ଟମାଟୋରେ ଅନେକ ସ୍ୱାସ୍ଥ୍ୟପୋକାରୀ ଗୁଣ ଭରି ରହିଛି। ଆମ ଶରୀରେ ଏଲଡିଏଲ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିଥାଏ। ଅନ୍ୟପକ୍ଷରେ ଜଣେ ହୃଦରୋଗୀ ଏହାକୁ ନିଜର ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି। ଟମାଟୋରେ ଲାଇକୋପେନ୍ ନାମକ ଏକ ଆଣ୍ଟିଅକ୍ସିଡାଣ୍ଟ ରହିଛି। ଏହି ତତ୍ତ୍ୱ କୋଲେଷ୍ଟରଲକୁ ନିୟନ୍ତ୍ରଣରେ ରଖିବାରେ ସହାୟକ ହୋଇଥାଏ।

## ଆଜ୍‌ମା : କିଛି କଥା



❖ଆଜ୍‌ମା ବା ଶ୍ୱାସ ରୋଗ ହେଲେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ। ଏହାର ଲକ୍ଷଣ ଜାଣିବା ମାତ୍ରେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସା କରାଇ ନିଅନ୍ତୁ।


❖ଧୂଳିକଣା, ଧୂଆଁ, ଅତର, ରଙ୍ଗ, ପୋଷାକରୁ ସୃଷ୍ଟି ଆଲର୍ଜି ଆଜମାର କାରଣ ସାଜିଥାଏ।

❖ଆଜମା ରୋଗୀର ଶ୍ୱାସ ନଳୀ ସଙ୍କୁଚିତ ହୋଇଯିବା ଫଳରେ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ।

❖ଶ୍ୱାସନଳୀ ସଂକ୍ରମଣ ହୋଇଯିବା ଦ୍ୱାରା ଏଥିରେ ଆକ୍ରାନ୍ତ ବ୍ୟକ୍ତିଙ୍କର ଅବସ୍ଥା ଜଟିଳ ଦିଗକୁ ଗତି କରେ। ସଠିକ ଭାବରେ ଶ୍ୱାସକ୍ରିୟା ନ ହେବା ଦ୍ୱାରା ରୋଗୀ ଧଇଁସଇଁ ହୋଇଯାଏ। ଫଳରେ ତାକୁ କୃତିମ ଶ୍ୱାସକ୍ରିୟାରେ ରଖି ଚିକିତ୍ସା କରାଯାଏ।

❖ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତର ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିଲେ ଏହି ରୋଗର ପ୍ରକୋପ ବଢ଼ିଯାଏ।

## କ୍ୟାନସର ଚିହ୍ନଟର ନୂଆ ଉପାୟ



ସମଗ୍ର ବିଶ୍ୱରେ ଚିନ୍ତାର କାରଣ ପାଲଟିଥିବା ପ୍ରମୁଖ କେତୋଟି ରୋଗ ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ପ୍ରାରମ୍ଭିକ ଅବସ୍ଥାରେ କେତେକ କ୍ୟାନ୍‌ସରକୁ ଚିହ୍ନଟ କରାଯାଇପାରିଲେ ଏଥିରୁ ଆରୋଗ୍ୟ ମିଳି ପାରୁଛି। ନଚେତ୍, ସମୟକ୍ରମେ ଏହା ଜଟିଳ ପରିସ୍ଥିତି ଧାରଣ କରି ଜୀବନନାଶକ ସାଜିଥାଏ। ନିକଟରେ ଅଷ୍ଟ୍ରେଲିଆସ୍ଥିତି ସିଡନୀ ବିଶ୍ୱବିଦ୍ୟାଳୟର କ୍ୟାନସର ବିଜ୍ଞାନୀ କ୍ୟାନ୍‌ସରକୁ ଚିହ୍ନଟ କରିବାର ଏକ ନୂଆ ଉପାୟ ଖୋଜି ପାଇଛନ୍ତି। ସେମାନେ 'ଡି-୩' ନାମକ ଏକ ଉପକରଣ ପ୍ରସ୍ତୁତ କରିଛନ୍ତି। ଏହାକୁ ଏକ ସ୍ମାର୍ଟ ଫୋନ୍ ସହ ସଂଯୋଗ କଲେ ସ୍ମାର୍ଟଫୋନ୍‌ର କ୍ୟାମେରା ଏବଂ ଉକ୍ତ ଉପକରଣରେ ସଂଯୁକ୍ତ ଏଲଇଡି ଲାଇଟ୍ ସାହାଯ୍ୟରେ ଶରୀର ଭିତରେ ଥିବା ସେଲ୍ (କୋଷ)ର ଫଟୋ ଉଠାଇ ହେବ। ପରବର୍ତ୍ତୀ ସମୟରେ ଫଟୋରେ ଥିବା କୋଷଗୁଡ଼ିକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇ କେଉଁ କୋଷ କ୍ୟାନସର ଦ୍ୱାରା ଆକ୍ରାନ୍ତ ତାହା ଠାବ କରିହେବ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ପରୀକ୍ଷାମୂଳକ ଭାବରେ ଏହି ଉପକରଣ ସଠିକ ଭାବରେ କାମ କରୁଥିବାର ସିଡନୀ ୟୁନିଭର୍ସିଟିର କ୍ୟାନସର ବିଜ୍ଞାନୀ ଜାଣିପାରିଛନ୍ତି।

# ଅପସ୍ମାର



ଡା. ନିତ୍ୟାନନ୍ଦ ସ୍ୱାଇଁ

**ଆଜି (ପ୍ରତିବର୍ଷ ଫେବୃୟାରୀ ଦ୍ୱିତୀୟ ସୋମବାର) ହେଉଛି ଅନ୍ତର୍ଜାତୀୟ ଅପସ୍ମାର ଦିବସ। ସେ ସମ୍ପର୍କରେ ଉପସ୍ଥାପନା...**

ଅପସ୍ମାର ଏକ ମସ୍ତିଷ୍କ ରୋଗ, ଯାହାକୁ ଡାକ୍ତରୀ ଭାଷାରେ 'ଏପିଲେପ୍‌ସି' କୁହାଯାଏ। 'ମୃଗୀ ରୋଗ' ନାମରେ ଏହା ମଧ୍ୟ ପରିଚିତ। ଅପସ୍ମାର ସମ୍ବନ୍ଧରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ପ୍ରତିବର୍ଷ ଫେବୃୟାରୀ ମାସ ଦ୍ୱିତୀୟ ସୋମବାର ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅପସ୍ମାର ଦିବସ ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସି ଡେ'।

ଯେକୌଣସି ବୟସରେ ଏହି ରୋଗ ଆରମ୍ଭ ହୋଇପାରେ ଓ କାହା କାହାଠାରେ ସାରା ଜୀବନ ରହିଯାଏ। କେତେକଙ୍କ କ୍ଷେତ୍ରରେ ରୋଗଟିର କୌଣସି କାରଣ ନିର୍ଣ୍ଣୟ କରିହୁଏନି। ମାତ୍ର ଅନ୍ୟ କେତେକ ରୋଗୀଙ୍କଠାରେ ମସ୍ତିଷ୍କରେ ଆଘାତ ଲାଗିବା, ଜନ୍ମ ସମୟରେ ଶିଶୁଠାରେ ଅମ୍ଳଜାନର ଅଭାବ ଘଟିବା, ମସ୍ତିଷ୍କରେ ସଂକ୍ରମଣ କିମ୍ବା ଅର୍ବୁଦ ହୋଇଥିବା ଭଳି ସୂଚନା ମିଳିପାରେ। ଅପସ୍ମାରରେ ମସ୍ତିଷ୍କର କୌଣସି ନା କୌଣସି ସ୍ଥାନର ସ୍ନାୟୁକୋଷମାନ ଅସ୍ୱାଭାବିକ ଭାବରେ ସକ୍ରିୟ ତଥା ଉତ୍ତେଜିତ ହୋଇପଡ଼ନ୍ତି। ଏହାର ପ୍ରଭାବରେ କେତେକ ନିର୍ଦ୍ଦିଷ୍ଟ ମାଂସପେଶୀରେ ଅସ୍ୱାଭାବିକ ପ୍ରକାଶନ ବା ପେଶୀ ସଞ୍ଚାଳନ ଜାତ ହୋଇଥାଏ। ତେବେ ମାଂସପେଶୀରେ ସଂଘଟିତ ହେଉଥିବା ଏହି ପେଶୀ ସଞ୍ଚାଳନ ସମ୍ପୂର୍ଣ୍ଣ ଅନୈଚ୍ଛିକ। ଏହା ମସ୍ତିଷ୍କର ନିୟନ୍ତ୍ରଣାଧୀନ ସିନା, କିନ୍ତୁ ରୋଗୀର ଏହା ଉପରେ ଆଦୌ ପ୍ରଭାବ ନ ଥାଏ। ରୋଗୀ ନିଜ ଇଚ୍ଛାରେ ନିଜଠାରେ ବାତମାରିବା ଲକ୍ଷଣ ପ୍ରକାଶ କରିପାରେ ନାହିଁ। ମସ୍ତିଷ୍କସ୍ଥିତ ଅଲଗା ଅଲଗା ଅଞ୍ଚଳରୁ ବୈଦ୍ୟୁତିକ ପ୍ରବାହ ଉତ୍ସରିତ ହୋଇପାରୁଥିବାରୁ ଉକ୍ତ ଅଞ୍ଚଳକୁ ଚାହିଁ ହାତ, ଗୋଡ଼, ପାଦ କିମ୍ବା ଗଣ୍ଠି ଇତ୍ୟାଦି ଶରୀରର ଅଲଗା ଅଲଗା ଅଂଶର ମାଂସପେଶୀରେ ପରିଲକ୍ଷିତ ହୁଏ ପ୍ରକମ୍ପନ। ମସ୍ତିଷ୍କର ଅଧିକାଂଶ ଭାଗ ସମ୍ପୃକ୍ତ ହୋଇପଡ଼ିଲେ ବାତମାରିବା ଲକ୍ଷଣ ସମଗ୍ର ଶରୀରରେ ପ୍ରକାଶ ପାଏ। ଅପସ୍ମାର ଦ୍ୱାରା ଆକ୍ରାନ୍ତ ହେଲେ କାହା କାହାଠାରେ ହଠାତ୍ ବୋକାଙ୍କ ଭଳି ଚାହିଁ ରହିବା, ହଠାତ୍ ଚୁପ୍ ଓ ନିଶ୍ଚଳ ହୋଇଯିବା ଏବଂ ଆଖି ଓ ମୁଖମଣ୍ଡଳରେ ପେଶୀ ବାରମ୍ବାର କମ୍ପିତ ହେବା ଭଳି ସାମାନ୍ୟ ଲକ୍ଷଣ ପ୍ରକାଶ ପାଏ। ଏପରି ଲକ୍ଷଣ ଅଳ୍ପ କେଇ ସେକେଣ୍ଡ ରହି ଚାଲିଯାଏ। ରୋଗୀ ଅଚେତ ହୋଇଯାଏ। ତା'ର ମାଂସପେଶୀଗୁଡ଼ିକ କଠିନ ହୋଇପଡ଼ନ୍ତି। କେହି କେହି ଲୁଗାପଟାରେ ଝାଡ଼ା ପରିସ୍ରା ମଧ୍ୟ କରିପକାନ୍ତି। ଶ୍ୱାସକ୍ରିୟା ବନ୍ଦ ହୋଇଯାଇ ରୋଗୀର ମୁଖମଣ୍ଡଳ ନୀଳ ପଡିଯାଇପାରେ। ଏପରି ଲକ୍ଷଣମାନ ୨ରୁ ୫ ମିନିଟ୍ ପର୍ଯ୍ୟନ୍ତ ରହିବା ପରେ କଠିନ ମାଂସପେଶୀ ଶିଥିଳ ହୋଇ ତା'ର ସ୍ୱାଭାବିକ ଅବସ୍ଥାକୁ ଫେରିଆସେ। ତେବେ ଚେତା ଫେରି ପାଇବା ପରେ ରୋଗୀଠାରେ ମୁଣ୍ଡ ବଥାଇବା, ଖୁବ୍ ନିଦ ମାଡ଼ିବା ଓ ବାଉଳାଚାଉଳା ହେବାଭଳି ଲକ୍ଷଣ ପରିଲକ୍ଷିତ ହୋଇପାରେ। ବାତ ମାରିବା ଆରମ୍ଭର କିଛି ସମୟ ପୂର୍ବରୁ କେହି କେହି ରୋଗୀ କୌଣସି ଗନ୍ଧ ନ ଥାଇ ଗନ୍ଧ, କୌଣସି ଶବ୍ଦ ନ ଥାଇ ମଧ୍ୟ ଅସାଧାରଣ ଶବ୍ଦ, ଜିଭରେ ଏକ ଅସ୍ୱାଭାବିକ ସ୍ୱାଦ କିମ୍ବା ଆଖିରେ ଆଲୋକର ଝଲକ ଅନୁଭବ କରିପାରନ୍ତି, ଯାହାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହାଯାଏ। ଏହି ପ୍ରକାରର କିଛି ଅନୁଭବ କଲେ ରୋଗୀ ତୁରନ୍ତ ନିଜ ପାଇଁ ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ଉଚିତ। କାହା କାହା କ୍ଷେତ୍ରରେ ଅପସ୍ମାର ଲକ୍ଷ୍ମଣ ଥରେ ମାତ୍ର ପ୍ରକାଶ ପାଇ ଜୀବନରେ ଆଉ ତା'ର ପୁନରାବୃତ୍ତି ଘଟେନାହିଁ। ଅନ୍ୟ କାହା କ୍ଷେତ୍ରରେ ରୋଗ କିମ୍ବା ରୋଗୀର ଅଚେତ୍ ଅବସ୍ଥାରେ ମଧ୍ୟ ବାରମ୍ବାର ବାତ ମାରିବା କିଛି ଅସମ୍ଭବ ନୁହେଁ।

ଅପସ୍ମାର ରୋଗର ନିର୍ଣ୍ଣୟ ପାଇଁ ଇଲେକ୍‌ଟ୍ରୋଏନ୍‌ସେଫାଲୋଗ୍ରାମ୍ ବା ଇ.ଇ.ଜି., ସିଟି ସ୍କାନ୍ ଓ ଏମ୍‌ଆର୍‌ଆଇ ଇତ୍ୟାଦି ପରୀକ୍ଷା କରିବାକୁ ପଡେ ଏବଂ ସ୍ନାୟୁରୋଗ ବିଶେଷଜ୍ଞଙ୍କ ଚିକିତ୍ସାରେ ରହିବାକୁ ହୁଏ। ନିୟମିତ ଚିକିତ୍ସାରେ ରହିଲେ ଅଧିକାଂଶ ଅପସ୍ମାର ରୋଗୀ ଅପେକ୍ଷାକୃତ ସୁସ୍ଥ ତଥା ସ୍ୱାଭାବିକ ଜୀବନଯାପନ କରିପାରନ୍ତି। ହେଲେ ଡାକ୍ତର ପରାମର୍ଶ ନ ଦେବା ପର୍ଯ୍ୟନ୍ତ ଗାଡ଼ି ଚଳାଇବା, ସନ୍ତରଣ କରିବା ଏବଂ ନିଆଁ କିମ୍ବା ମେଶିନ ଇତ୍ୟାଦି ନିକଟରେ କାମ କରିବା ଆଦୌ ନିରାପଦ ନୁହେଁ। ରୋଗୀକୁ ବାତ ମାରିବାର ଦେଖିଲେ ତା' ନିକଟରୁ ଚଉକି, ଟେବୁଲ ଇତ୍ୟାଦି କଠିନବସ୍ତୁ ହଟେଇ ଦେବା ଉଚିତ। ତା' ମୁଣ୍ଡତଳେ ଅତି ନରମ ପତଳା ତକିଆ ରଖାଯାଇପାରେ। ଏହି ସମୟରେ ରୋଗୀର ହାତଗୋଡ଼କୁ ଜୋର୍‌ରେ ଚାପି ରଖନ୍ତୁ ନାହିଁ। ତାକୁ କଡ଼ମାଡ଼ି ଶୁଆଇ ସେ ପିନ୍ଧିଥିବା ଧୋତି ଓ ପୋଷାକପତ୍ରକୁ ତୁରନ୍ତ ହୁଗୁଳା କରିଦିଅନ୍ତୁ। ବାତମାରିବା ବନ୍ଦ ନ ହେବା ପର୍ଯ୍ୟନ୍ତ ତାକୁ ଏକୁଟିଆ ଛାଡ଼ି ଚାଲିଯିବା ଆଦୌ ନିରାପଦ ନୁହେଁ।



-'ଅଭୀପ୍‌ସା', ସେକ୍ଟର-୬
ପ୍ଲଟ୍ ନଂ-୧୧୩୧, ସିଡିଏ, କଟକ
ମୋ: ୯୪୩୭୭୬୬୧୧୭

## ସ୍ୱାସ୍ଥ୍ୟ ସୂଚନା

■ଯଦି ଓଜନ ବୃଦ୍ଧି ପରି ସମସ୍ୟା ସହ ଜଡ଼ିତ ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନିଅନ୍ତୁ। ଏଥିପାଇଁ ଖାଦ୍ୟପେୟ ନିୟନ୍ତଣ ସହ କେତୋଟି ବ୍ୟାୟାମ କରିପାରନ୍ତି। ଏ ସମ୍ପର୍କରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ।



■ପରିଶ୍ରମ ମୁତାବକ ବିଶ୍ରାମ ନ ନେଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ଏପରି କି ଇସମୋନିଆ ପରି ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। ତେଣୁ ପ୍ରତିଦିନ ଶୋଇବାର ଏକ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରନ୍ତୁ।

■ବେଳେବେଳେ ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ଏଭଳି ଲୋଭକୁ ନିୟନ୍ତ୍ରଣ କରନ୍ତୁ। କାରଣ ଏଣୁତେଣୁ ଖାଦ୍ୟ ଖାଇଲେ ତାହା ପେଟଜନିତ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି।

■ଏକାଥରେ ଗୁଡାଏ ଖାଦ୍ୟ ନ ଖାଇ ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।

■ସବୁବେଳେ ନିଜକୁ ଟେନସନଠାରୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ।

## ସଂକ୍ଷେପରେ

### ମାଲ୍ୟାଙ୍କ ନିକଟରେ ୭୫୦୦କୋଟିର ଶେୟାର ଥିଲା: ଇଡି

ନୂଆଦିଲ୍ଲୀ,୧୦-୨: ସଙ୍କଟରେ ଫସିଥିବା ମଦ ବ୍ୟବସାୟୀ ବିଜୟ ମାଲ୍ୟା,ୟୁନାଇଟେଡ ବ୍ରିଓରିଜ ହୋଲ୍ଡିଙ୍ଗ୍ସ ଲିମିଟେଡ(ୟୁବିଏଚ୍ଏଲ୍) ଓ କିଙ୍ଗଫିଶର ଏୟାରଲାଇନ ଲିମିଟେଡ (କେଏଏଲ୍)ର ପ୍ରମୋଟରଙ୍କ ନିକଟରେ ବିଭିନ୍ନ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ୭୫୦୦ କୋଟି ଟଙ୍କାର ଶେୟାର ରୂପରେ ଅସ୍ଥାବର ସମ୍ପତ୍ତି ଥିଲା। ତେବେ ସେମାନେ ବ୍ୟାଙ୍କରୁ ନେଇଥିବା ଋଣ ଶୁଝିବାକୁ ଚାହିଁ ନ ଥିଲେ ବୋଲି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ କୁହାଯାଇଛି। ବିଭିନ୍ନ ଭାରତୀୟ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କାର ଋଣ ନେଇ ଲଣ୍ଡନ ପଳାଇଥିବା ମାଲ୍ୟା ବାସ୍ତବରେ ଋଣ ପରିଶୋଧ କରିବାକୁ ଚାହୁଁ ନ ଥିଲେ ବୋଲି ଇଡି କହିଛି।



ପିଏମ୍ଏଲ୍ଏ ଆଇନ ଅଧୀନରେ ଇଡି ପକ୍ଷରୁ ଯାଞ୍ଚ କରାଯିବା ପରେ ଜଣାପଡ଼ିଛି ଯେ, ମାଲ୍ୟା ଏବଂ ୟୁବିଏଚ୍ଏଲ୍ ନିକଟରେ ୩,୮୪୭.୪୫ କୋଟି ଟଙ୍କାର ଶେୟାର ରହିଥିଲା। ଅସଲରେ ୟୁବିଏଚ୍ଏଲ, ୟୁନାଇଟେଡ ସ୍ପିରିଟ୍, ୟୁନାଇଟେଡ ବ୍ରିଓରିଜ ଓ ମ୍ୟାକ୍ଡୋଏଲର ୧୭୭୩.୪୯ କୋଟି ଟଙ୍କା ଶେୟାର ମାଲ୍ୟାଙ୍କ ନିକଟରେ ରହିଥିଲା ଏବଂ ୟୁଟିଆଇ ଇନଭେଷ୍ଟର୍ସ ସର୍ଭିସେସ୍ ନିକଟରେ ୧,୬୫୩ କୋଟି ଟଙ୍କାର ଶେୟାର ଥିଲା। ଇଡି ଯାଞ୍ଚରୁ ଜଣାପଡିଥିଲା ଯେ, ମାଲ୍ୟା ନିଜର ଅର୍ଥକୁ ଲୁଚାଇବା ଲାଗି ବହୁ ଜାଲ୍ କମ୍ପାନୀ ଖୋଲି ଥିଲେ। ସେମାନଙ୍କ ମଧ୍ୟରେ ଦେବୀ ଇନଭେଷ୍ଟମେଣ୍ଟ, କିଙ୍ଗଫିଶର ଫିନଭେଷ୍ଟ, ମ୍ୟାକଡୋଏଲ ହୋଲ୍ଡିଙ୍ଗସ୍, ଫାର୍ମା ଟ୍ରେଡିଂ କମ୍ପାନୀ, ଜେମ୍ ଇନଭେଷ୍ଟମେଣ୍ଟ ଆଣ୍ଡ ଟ୍ରେଡିଂ, ୱାଟସନ ଲିମିଟେଡ, ବିଙ୍ଗଲ ଇନଭେଷ୍ଟମେଣ୍ଟ, କାମସ୍କୋ ଇଣ୍ଡଷ୍ଟ୍ରିଜ, ଫାର୍ଷ୍ଟଷ୍ଟାର୍ଟ ଇଙ୍କ ଓ ମାଲ୍ୟା ପ୍ରାଇଭେଟ ଲିମିଟେଡ ରହିଛି। ଏଗୁଡ଼ିକର ଶେୟାର ମୂଲ୍ୟ ମୋଟ ୩,୮୨୨ କୋଟି ଟଙ୍କା।

### ୫୭୪୦ କୋଟିର ଏନ୍‌ପିଏ ସମ୍ପତ୍ତି ବିକିବେ ଏସ୍‌ବିଆଇ, ଓରିଏଣ୍ଟାଲ ବ୍ୟାଙ୍କ

ନୂଆଦିଲ୍ଲୀ,୧୦-୨: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଏବଂ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ୫,୭୪୦ କୋଟି ଟଙ୍କାର ଏନ୍‌ପିଏ ସମ୍ପତ୍ତି ବିକିବାକୁ ଯାଉଛନ୍ତି। ଏସ୍‌ବିଆଇ ପକ୍ଷରୁ ୪,୯୭୫ କୋଟି ଟଙ୍କାର ଏନ୍‌ପିଏ ବିକ୍ରି ଲାଗି ଆର୍ଥିକ ସଂସ୍ଥାଗୁଡ଼ିକଠାରୁ ନିଲାମ ଆହ୍ୱାନ କରାଯାଇଛି। ବିକ୍ରି ପାଇଁ ରଖାଯାଇଥିବା ଏନ୍‌ପିଏ ଆକାଉଣ୍ଟ ମଧ୍ୟରେ ବଡ଼ ସଂଖ୍ୟାରେ ଏସ୍ଏମ୍ଇ ଆକାଉଣ୍ଟ ରହିଛି। ମୋଟ ୨୮୧ ଆକାଉଣ୍ଟ ଉପରେ ୪,୬୬୭ କୋଟି ଟଙ୍କା ବକେୟା ରହିଛି। ୱେବସାଇଟରେ ପକାଯାଇଥିବା ଟେଣ୍ଡର କାଗଜପତ୍ର ଅନୁଯାୟୀ, ମୋଟ ୭୬୪.୪୪ କୋଟି ଟଙ୍କା ବକେୟା ପଡ଼ିଥିବା ୧୩ଟି ଆକାଉଣ୍ଟକୁ ଓବିସି ବିକ୍ରି କରିବ। ଓବିସି ପକ୍ଷରୁ ଆସନ୍ତା ୨୫ରେ ଏବଂ ଏସ୍‌ବିଆଇର ୨୭ ତାରିଖରେ ନିଲାମୀ ହେବାକୁ ଯାଉଛି।

### ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ତେଲ ନଦୀ ଉପରେ ପୋଲ ନିର୍ମାଣ

ଭୁବନେଶ୍ୱର,୧୦-୨: ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ନିର୍ମାଣ କାର୍ଯ୍ୟର ଏକ ଅଂଶ ବିଶେଷ ତେଲ ନଦୀ ଉପରେ ଗୁରୁତ୍ୱପୂର୍ଣ୍ଣ ରେଳ ପୋଲ ନିର୍ମାଣ ହେବ। ଏଥି ଲାଗି ପୂର୍ବତଟ ରେଳପଥ ପକ୍ଷରୁ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପୋଲ ନିର୍ମାଣ ଲାଗି ୨୩ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟର ସୋନପୁର ସହର ନିକଟସ୍ଥ ତେଲ ନଦୀ ଉପରେ ଏହି ପୋଲ ନିର୍ମାଣ ହେବ। ପୋଲଟି ମହାନଦୀ ଏବଂ ତେଲ ନଦୀର ସଙ୍ଗମ ସ୍ଥଳଠାରୁ ପ୍ରାୟ ଅଢେଇ କିମି ଦୂରରେ ରହିଛି। ଅଧିକ ବନ୍ୟା ସମୟରେ ମହାନଦୀର ମାତ୍ରାଧିକ ଜଳ ତେଲ ନଦୀକୁ ଆସୁଥିବାରୁ ଖୋର୍ଦ୍ଧାରୋଡ ବଲାଙ୍ଗୀର ରେଳପଥ ପାଇଁ ରେଳପୋଲ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

“ ଆଇଏଲ୍ଆଣ୍ଡଏଫ୍ଏସ୍‌ରେ ଉପୁଜିଥିବା ସମସ୍ୟା ଏକ ଇନସଲଭେନ୍ସି ପ୍ରସଙ୍ଗ।
– ୱାଇ.ଭି ରେଡ୍ଡୀ, ପୂର୍ବତନ ଗଭର୍ନର, ଆର୍‌ବିଆଇ



“ ଭାରତ ଗ୍ରହଣ କରୁଥିବା ସ୍ଥିର ଏବଂ ସକାରାତ୍ମକ ନୀତି ଯୋଗୁ ଉଦ୍ୟୋଗୀଙ୍କ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି ହୋଇଛି।
– ଗଏ ସରମନ, ଫ୍ରାନ୍ସ ଅର୍ଥନୀତିଜ୍ଞ



# ସବୁ ପରିବାରକୁ ଉପଲବ୍ଧ ହେବ ସ୍ୱଚ୍ଛ ଇନ୍ଧନ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୧୦-୨

ଦେଶର ସବୁ ପରିବାରକୁ ଶୀଘ୍ର ସ୍ୱଚ୍ଛ ଇନ୍ଧନ ଯୋଗାଇ ଦିଆଯିବ। ୫୫ ମାସରେ ସରକାର ଏଲ୍‌ପିଜି କଭରେଜକୁ ୪୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ଦେଶର ସବୁ ପରିବାରରେ ଉପଲବ୍ଧ କରାଇବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କେନ୍ଦ୍ର ପେଟ୍ରୋଲିୟମ ତଥା ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର କହିଛନ୍ତି।

ଏଠାରେ ଅନୁଷ୍ଠିତ ପେଟ୍ରୋଟେକ-୨୦୧୯ ସମ୍ମିଳନୀରେ ଯୋଗ ଦେଇ ଧର୍ମେନ୍ଦ୍ର କହିଛନ୍ତି, ବର୍ତ୍ତମାନ ଦେଶର ୯୦ପ୍ରତିଶତ ପର୍ଯ୍ୟନ୍ତ ସ୍ଥାନରେ ଏଲ୍‌ପିଜି ପହଞ୍ଚିଛି। ୨୦୧୪ରେ ଏହା ୫୫% ଥିବା ବେଳେ ଏହା ପରଠାରୁ ଦୃଶ୍ୟପଟରେ ବ୍ୟାପକ ପରିବର୍ତ୍ତନ ଆସିଛି। ସବୁ ଘରକୁ ସ୍ୱଚ୍ଛ ଇନ୍ଧନ ସୁବିଧା ଯୋଗାଇବାକୁ ସରକାର ସକ୍ଷମ ହେବେ। ଏଲ୍‌ପିଜି ସହ ବାୟୋମାସ ଏବଂ ବିକଳ୍ପ ସୂତ୍ରରୁ ଉକ୍ତ ଗ୍ୟାସ୍ ଯୋଗାଣ ହେବ।

ଉଜ୍ଜ୍ୱଳାର ସଫଳତାକୁ ପ୍ରଶଂସା କରିବା ସହ ଏଥିରେ ୬.୪ କୋଟି ପରିବାର ଉପକୃତ ହୋଇଥିବା ଧର୍ମେନ୍ଦ୍ର ପ୍ରକାଶ କରିଛନ୍ତି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ସଂଖ୍ୟା ୮ କୋଟି ଛୁଇଁବ। ପାରମ୍ପରିକ ଜାଳେଣିକୁ ବାଦ ଦେବା ସହ ପରିବେଶ ସୁରକ୍ଷା ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ତୈଳ ଏବଂ ଗ୍ୟାସ କ୍ଷେତ୍ର ଦେଶର ଅର୍ଥନୀତିକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ସେ ପ୍ରକାଶ କରିଛନ୍ତି। ଅଶୋଧିତ ତୈଳ ଏବଂ ପେଟ୍ରୋଲିୟମ ବ୍ୟବହାରରେ ଭାରତ ତୃତୀୟ ବୃହତ ଦେଶ ହୋଇଥିବା ବେଳେ ବିଶ୍ୱର ମୋଟ ବ୍ୟବହାର କ୍ଷେତ୍ରରେ ଦେଶର ଅଂଶ ୪.୫% ରହିଛି। ଦେଶର ହାଇଡ୍ରୋକାର୍ବନ ନୀତିରେ ପରିବର୍ତ୍ତନ ଆଣିବା ସହ ଶକ୍ତି ନିରାପତ୍ତାକୁ ସୁନିଶ୍ଚିତ କରାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ସେ ସ୍ପଷ୍ଟ କରିଛନ୍ତି।

ଦେଶର ଉତ୍ପାଦନ ଜୈବ ବିବିଧତାରେ ଉନ୍ନତି ଆଣିବା ବେଳେ ତୈଳ ଓ ଗ୍ୟାସ୍ ଉତ୍ତୋଳନକୁ ପ୍ରୋତ୍ସାହିତ କରିବାକୁ ସରକାର ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ନୂଆ ରାଜସ୍ୱ ବଣ୍ଟନ ମଡେଲ, ହାଇଡ୍ରୋକାର୍ବନ ଲାଗି ୟୁନିଫର୍ମ ଲାଇସେନ୍ସ, ତୈଳ ଏବଂ ବାଷ୍ପ କ୍ଷେତ୍ର ମାର୍କେଟିଂରେ ସ୍ୱାଧୀନତା ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହାବାଦ, ଷ୍ଟେଟ ଅଫ୍ ଆର୍ଟ ଜାତୀୟ ଡାଟା ରିପୋଜିଟୋରୀ ଦ୍ୱାରା ଭାରତ ବିଶ୍ୱସ୍ତରୀୟ ବ୍ୟବସ୍ଥା ଗ୍ରହଣ କରିଛି। ଆରମକୋ, ଆଡନକ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକ ଭାରତରେ ସେମାନଙ୍କ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି।




**ପେଟ୍ରୋଟେକ୍ ୨୦୧୯ ସମ୍ମିଳନୀ**

- ୨୦୨୦ ମାର୍ଚ୍ଚ ସୁଦ୍ଧା ଉଜ୍ଜ୍ୱଳାରେ ୮ କୋଟି ସଂଯୋଗ
- ତୈଳ ପେଟ୍ରୋଲିୟମ ସାମଗ୍ରୀ ବ୍ୟବହାରରେ ଭାରତ ତୃତୀୟ
- ଶକ୍ତି ନିରାପତ୍ତା ସୁନିଶ୍ଚିତ କରାଇବା ଉପରେ ଫୋକସ୍

### ୯କୋଟି ଗ୍ରାହକ ଚୟନ କରିଛନ୍ତି ନୂଆ ଟାରିଫ: ଟ୍ରାଇ ମୁଖ୍ୟ

ନୂଆଦିଲ୍ଲୀ,୧୦-୨

ଟେଲିକମ ନିୟାମକ(ଟ୍ରାଇ)ର ନିର୍ଦ୍ଦେଶ ଅନୁଯାୟୀ ଦେଶର ୧୭ କୋଟି କେବୁଲ ଓ ଡିଟିଏଚ୍ ଗ୍ରାହକଙ୍କ ମଧ୍ୟରୁ ୯ କୋଟି ନୂଆ ଟାରିଫ ବ୍ୟବସ୍ଥାରେ ନିଜର ମନପସନ୍ଦ ଚ୍ୟାନେଲ ଚୟନ କରିସାରିଛନ୍ତି ବୋଲି ଟ୍ରାଇ ଅଧ୍ୟକ୍ଷ ଆର.ଏସ୍. ଶର୍ମା ପ୍ରକାଶ କରିଛନ୍ତି। ଉପଭୋକ୍ତାଙ୍କ ଅସୁବିଧା ଉପରେ ଟ୍ରାଇ କ୍ରମାଗତ ନଜର ରଖିଛି ବୋଲି ସେ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ନୂଆ ବ୍ୟବସ୍ଥାକୁ ଆପଣାଉଥିବା ଗ୍ରାହକଙ୍କ ସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି। ୯ କୋଟି ଗ୍ରାହକଙ୍କ ମଧ୍ୟରେ ୬.୫ କୋଟି କେବୁଲ ଟିଭି ଏବଂ ୨.୫ କୋଟି ଡିଟିଏଚ୍‌ର ରହିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ବ୍ୟବସ୍ଥା ଆପଣାଇବାରେ ହେଉଥିବା ଅସୁବିଧା ଦୂର କରିବା ଲାଗି ନିୟମିତ ସମୀକ୍ଷା କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି। ନୂଆ ସଂଯୋଗ ନେଉଥିବା ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଯୋଜନା ଆସୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ବନ୍ଦେ ଭାରତ ଟ୍ରେନ ଯାତ୍ରୀ ଖାଦ୍ୟ ପାଇଁ ଦେବେ ୩୯୯ ଟଙ୍କା

ନୂଆଦିଲ୍ଲୀ, ୧୦-୨

ଦେଶର ପ୍ରଥମ ସେମି ହାଇସ୍ପିଡ ଟ୍ରେନ କୁହାଯାଉଥିବା ଟ୍ରେନ୍୧୮ ଅଥବା ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନର ଯାତ୍ରୀଙ୍କୁ ଆଇଆରସିଟିସି ଦ୍ୱାରା ପ୍ରସ୍ତୁତ କ୍ୟାଟରିଂ ଖାଦ୍ୟ ନେବା ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ସେମାନଙ୍କୁ ୩୯୯ ଟଙ୍କା ଦେବାକୁ ପଡ଼ିବ। ଦିଲ୍ଲୀରୁ ବାରାଣସୀ ଯାତ୍ରା କରୁଥିବା ଏହି ଟ୍ରେନର ଯାତ୍ରୀ ଶେଷ ପର୍ଯ୍ୟାୟ ଅର୍ଥାତ୍ ଆଲ୍ଲାହାବାଦରୁ ବାରାଣସୀକୁ ଯାତ୍ରା କରିବା ଲାଗି ଟିକେଟ ବୁକିଂ କରିବା ବେଳେ କ୍ୟାଟରିଂ ଖାଦ୍ୟ ନ ନେବାର ବିକଳ୍ପ ବାଛି ପାରିବେ। ସେମାନଙ୍କ ଟିକେଟରେ କ୍ୟାଟରିଂ ଚାର୍ଜ ଆଦାୟ କରାଯିବ ନାହିଁ ବୋଲି ଟ୍ରେନ୍୧୮ ସହ ଜଡ଼ିତ ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।

ଟିକେଟ ବୁକିଂ ବେଳେ କ୍ୟାଟରିଂ ଖାଦ୍ୟ ନେବାକୁ ଚାହୁଁ ନ ଥିବା ଯାତ୍ରୀ ଯାତ୍ରା ବେଳେ ଏହା ଚାହୁଁଥିଲେ ତାଙ୍କୁ ଏଥିପାଇଁ ଖାଦ୍ୟ ମୂଲ୍ୟ ସହ ଅଧିକ ୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ଆଇଆରସିଟିସି ପକ୍ଷରୁ ୨୦୧୭ରୁ ରାଜଧାନୀ, ଶତାବ୍ଦୀ ଓ ଦୁରନ୍ତୋ ଏକ୍ସପ୍ରେସରେ ପ୍ୟାଣ୍ଟ୍ରି ବ୍ୟବସ୍ଥାକୁ ଇଚ୍ଛାଧୀନ କରାଯାଇଛି। ଖାଦ୍ୟର ଅଧିକ ମୂଲ୍ୟ ଆଦାୟ କରିବା, କମ୍ ପରିମାଣ ତଥା ନିମ୍ନ ମାନର ଖାଦ୍ୟ ଦେବା ସମସ୍ୟାକୁ ନିୟନ୍ତ୍ରଣ କରିବା ଲାଗି ସେତେବେଳେ ଉକ୍ତ ପଦକ୍ଷେପ ନିଆଯାଇଥିଲା। ତେବେ ସେମାନଙ୍କୁ କ୍ୟାଟରିଂ ଖାଦ୍ୟ ନେବାର ଏକ ବିକଳ୍ପ ଦିଆଯାଉଥିଲା। କିନ୍ତୁ ବନ୍ଦେ ଭାରତ ଏକ୍ସପ୍ରେସ ଲାଗି ଟିକେଟ ସହ ଖାଦ୍ୟ ନେବା ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ଟ୍ରେନ ୧୮ ସମ୍ପର୍କରେ ଉଲ୍ଲେଖ କରି ସେ କହିଛନ୍ତି ଯେ, ପ୍ରତ୍ୟେକ ଷ୍ଟେଶନ ମଧ୍ୟରେ ଖାଦ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଯାତ୍ରୀଙ୍କ ଟିକେଟ ମୂଲ୍ୟ ସହ ଏହାକୁ ଯୋଡାଯିବ। ଟ୍ରେନରେ ଏକ୍‌ଜିକ୍ୟୁଟିଭ କ୍ଲାସ ଓ ଚେୟାର କାର୍ ପାଇଁ ଖାଦ୍ୟ ଲାଗି ଚାର୍ଜ ଅଲଗା ହେବ। ନୂଆଦିଲ୍ଲୀରୁ ବାରାଣସୀ ମଧ୍ୟରେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ର ଯାତ୍ରୀଙ୍କୁ ସକାଳେ ଚା’,ଜଳଖିଆ ଓ ଦ୍ୱିପ୍ରହର ଖାଦ୍ୟ ପାଇଁ ୩୯୯ ଟଙ୍କା ବ୍ୟୟ କରିବାକୁ ହେବ। ସେହିଭଳି ଚେୟାର କାର୍ ଲାଗି ଏହା ୩୪୪ ଟଙ୍କା ହେବ। ନୂଆଦିଲ୍ଲୀରୁ କାନପୁର ଓ ପ୍ରୟାଗରାଜ ମଧ୍ୟରେ ଯାତ୍ରା କରୁଥିବା ଏକ୍‌ଜିକ୍ୟୁଟିଭ କ୍ଲାସ ଯାତ୍ରୀ ୧୫୫ ଓ ଚେୟାର କାର୍ ପାଇଁ ୧୨୨ ଟଙ୍କା ଦେବେ। ସେହିପରି ବାରାଣସୀରୁ ନୂଆଦିଲ୍ଲୀକୁ ଯାତ୍ରା ବେଳେ ଏକ୍‌ଜିକ୍ୟୁଟିଭ କ୍ଲାସ୍‌ରେ ୩୪୯ ଓ ଚେୟାର କାର୍ ପାଇଁ ୨୮୮ ଟଙ୍କା ବ୍ୟୟ କରିବାକୁ ହେବ। ସେମାନଙ୍କୁ ଯାତ୍ରା ବେଳେ ଚା’, ସ୍ନାକ୍ସ ଓ ରାତିଭୋଜନ ଦିଆଯିବ। ସୂଚନାଥାଉ କି, ୭୫୫ କିମି ରାସ୍ତାକୁ ବନ୍ଦେ ଭାରତ ଏକ୍ସପ୍ରେସ ୮ ଘଣ୍ଟାରେ ପୂରଣ କରିବ। ଯାତ୍ରା କାଳରେ ଏହା କେବଳ କାନପୁର ଓ ପ୍ରୟାଗରାଜରେ ରହିବ। ଆସନ୍ତା ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ପତାକା ଦେଖାଇ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ।




### ରେନୋ ଇଣ୍ଡିଆ ଲିଡରଶିପରେ ପରିବର୍ତ୍ତନ

ନୂଆଦିଲ୍ଲୀ,୧୦-୨

RENAULT
Passion for life

ରେନୋ ଏସ୍ଏଏସ୍ ଫ୍ରାନ୍ସ ଭାରତର ଲିଡରଶିପରେ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରିଛି। ରେନୋର ଭାରତ୍ ଅପରେଶନ ଲାଗି ଭେଙ୍କଟରାମ ମାମିଲାପଲ୍ଲେଙ୍କୁ ଏମ୍‌ଡି ଦାୟିତ୍ୱଭାର ପ୍ରଦାନ କରାଯାଇଛି। ଏହି ଦାୟିତ୍ୱରେ ଥିବା ସୁମିତ ସହନୀଙ୍କୁ ଗ୍ରୁପର ଅନ୍ୟ ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି। ରେନୋକୁ ଭାରତରେ ଏକ ଦୃଢ ବ୍ରାଣ୍ଡ ଭାବେ ଗଢି ତୋଳିବାରେ ସୁମିତଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଆଫ୍ରିକା-ମିଡିଲ ଇଷ୍ଟ-ଇଣ୍ଡିଆ ରେଜିଅନର ବରିଷ୍ଠ ସଭାପତି ତଥା ଅଧ୍ୟକ୍ଷ ଫାବ୍ରିସ କାମ୍ବୋଲିଭ କହିଛନ୍ତି। ଏହି ରେଜିଅନର ସଦସ୍ୟ ଭାବେ ସୁମିତ କାର୍ଯ୍ୟ କରିବେ। ତାଙ୍କର ପରବର୍ତ୍ତୀ କାର୍ଯ୍ୟପନ୍ଥା କାର୍ଯ୍ୟ ନିର୍ବାହୀ କମିଟି ଘୋଷଣା କରିବ ବୋଲି କାମ୍ବୋଲିଭ କହିଛନ୍ତି। ଭେଙ୍କଟରାମ ମାମିଲାପଲ୍ଲେ ବର୍ତ୍ତମାନ ରୁଷିଆରେ ରେନୋ-ନିଶାନ ଅଭଟୋଭାଜର ପରଚେଜିଂ ଅର୍ଗାନାଇଜେଶନର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅଟୋମୋଟିଭ କ୍ଷେତ୍ରରେ ତାଙ୍କର ଦୀର୍ଘ ଦିନର ଅଭିଜ୍ଞତା ରହିଛି।

# ଚାପରେ ରହିଛି ୨.୫ ଲକ୍ଷ କୋଟିର ତାପଜ ବିଦ୍ୟୁତ୍ ପ୍ରକଳ୍ପ

ନୂଆଦିଲ୍ଲୀ,୧୦-୨

ଦେଶର ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଚାପଗ୍ରସ୍ତ ହୋଇଛନ୍ତି। ସେମାନେ ଏବେ ସଙ୍କଟ ଦେଇ ଗତିକରୁଛନ୍ତି। ଏଥିରୁ ସେମାନଙ୍କୁ ମୁକୁଳାଇବା ଲାଗି ତତ୍କାଳ ସମାଧାନସୂଚକ ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍-ଗ୍ରାଣ୍ଟ ଥର୍ନଟନ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ କରାଯାଇଥିବା ରିପୋର୍ଟରେ କୁହାଯାଇଛି। ଘରୋଇ ଏବଂ ଆମଦାନୀ ହେଉଥିବା କୋଇଲା ଓ ଗ୍ୟାସ୍ ଉପରେ ନିର୍ଭରଶୀଳ ଏହି ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଏବେ ଅତ୍ୟନ୍ତ ସଙ୍କଟ ଦେଇ ଗତି କରୁଛନ୍ତି। ବିଜୁଳି କ୍ଷେତ୍ରକୁ ଦିଆଯାଇଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କା ଏବେ ଏନ୍‌ପିଏ(ଅନାଦାୟ ଋଣ) ହୋଇଗଲାଣି ଅଥବା ପୁନର୍ଗଠିତ ହେଲାଣି। ରିପୋର୍ଟରେ କୁହାଯାଇଛି ଯେ, ପ୍ରାୟ ୬୬ ହଜାର ମେଗାୱାଟ କ୍ଷମତାବିଶିଷ୍ଟ ପ୍ରକଳ୍ପଗୁଡ଼ିକ ଏବେ ବିଭିନ୍ନ ଚରଣରେ ଅଟକି ଯାଇଛି। ସେମାନେ ଏବେ ଘୋର ଆର୍ଥିକ ସଙ୍କଟର ସାମ୍ନା କରୁଛନ୍ତି। ଏଗୁଡ଼ିକ ମଧ୍ୟରୁ ୫୪,୮୦୦ ମେଗାୱାଟ୍ କୋଇଲା ଆଧାରିତ ପ୍ରକଳ୍ପ ହୋଇଥିବା ବେଳେ, ୬୮୯୦ ମେଗାୱାଟର ଗ୍ୟାସ ଆଧାରିତ ଏବଂ ୪୫୭୦ ମେଗାୱାଟ୍‌ର ଜଳବିଦ୍ୟୁତ୍ ପ୍ରକଳ୍ପ ରହିଛି। ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଋଣ ଏବେ ଫସିଯାଇଛି। ଏହା ବ୍ୟାଙ୍କିଙ୍ଗ ସେକ୍ଟର ଓ ଅର୍ଥନୀତି ପାଇଁ ବିପଦ ଘଣ୍ଟି ବୋଲି ମନେ କରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ତାପଜ ବିଦ୍ୟୁତ ପ୍ରକଳ୍ପ ପାଇଁ ଇନ୍ଧନ ଯୋଗାଣ ସଂକ୍ରାନ୍ତରେ ଚୁକ୍ତି ସ୍ୱାକ୍ଷର ନ ହେବା,ବିଦ୍ୟୁତ କ୍ରୟ ଚୁକ୍ତିର ଅଭାବ ଆଦି ଯୋଗୁ ପ୍ରକଳ୍ପଗୁଡ଼ିକ ଆଗେଇବାରେ ବାଧା ସୃଷ୍ଟି କରିଛି। ସଙ୍କଟଗ୍ରସ୍ତ ଏହି ତାପଜ ବିଦ୍ୟୁତ ପ୍ରକଳ୍ପଗୁଡ଼ିକ ପାଇଁ ଗୋଟିଏ ପ୍ରକାର ସମାଧାନ ପନ୍ଥା ହୋଇପାରିବ ନାହିଁ ବୋଲି ରିପୋର୍ଟରେ ଜୋର୍ ଦିଆଯାଇଛି।

### ତୃତୀୟ ତ୍ରୈମାସରେ ୬୧୬ କୋଟି ଲାଭ କଲା ସେଲ୍

ନୂଆଦିଲ୍ଲୀ,୧୦-୨

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ସେଲ୍) ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସରେ ୬୧୬ କୋଟି ଟଙ୍କା ଲାଭ ଅର୍ଜନ କରିଛି। ଗତ ବର୍ଷ ସମାନ ସମୟରେ ଏହା ମାତ୍ର ୪୩ କୋଟି ଟଙ୍କା ରହିଥିଲା। ଦ୍ୱିତୀୟ ତ୍ରୈମାସରେ କମ୍ପାନୀର ନେଟ ଲାଭରେ ୧୧% ବୃଦ୍ଧି ଘଟି ୫୫୪ କୋଟି ଟଙ୍କା ରହିଛି। ତୃତୀୟ ତ୍ରୈମାସରେ କମ୍ପାନୀର କାରବାର ୩% ବଢି ୧୫,୬୬୦ କୋଟି ଟଙ୍କା ରହିଛି। ଏହା ଗତ ବର୍ଷ ସମାନ ସମୟରେ ୧୫,୧୯୦ କୋଟି ଟଙ୍କା ରହିଥିଲା। କମ୍ପାନୀ ବର୍ତ୍ତମାନ ଉତ୍ପାଦନ ବୃଦ୍ଧି ତଥା ଆଧୁନିକୀକରଣକୁ ପ୍ରାଥମିକତା ଦେଉଛି। ସେହିଭଳି ଉତ୍ପାଦନ ଖର୍ଚ୍ଚ ହ୍ରାସ ଏବଂ କାର୍ଯ୍ୟଧାରାରେ ଉନ୍ନତି ନେଇ ପ୍ରୟାସ ଜାରି ରହିଥିବା ଏହା ପ୍ରକାଶ କରିଛି। ବଜାରର ଆବଶ୍ୟକତା ପୂରଣ କରିବା ଦିଗରେ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସେଲ ଅଧ୍ୟକ୍ଷ ଅନିଲ କୁମାର ଚୌଧରୀ ସୂଚନା ଦେଇଛନ୍ତି।




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଆର୍‌ପିଆର୍‌ସି ଶାଖା ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଏନ୍‌ବି ଓଡ଼ିଶା ମଣ୍ଡଳ ମୁଖ୍ୟ ଗଣପତି ଲାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ପ୍ରବନ୍ଧକ ପ୍ରତାପ କୁମାର ବଇରୀ ଗଞ୍ଜନ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡ. ମହେଶ ରଥ, ଡ. ସମ୍ବିତ ଦାସ ଏବଂ ଟିମ୍ ଏଥିରେ ଯୋଗ ଦେଇଥିଲେ।

# ଆର୍‌ବିଆଇଠାରୁ ୨୭,୩୮୦ କୋଟି ମାଗିଲେ ସରକାର

ନୂଆଦିଲ୍ଲୀ,୧୦-୨

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୭,୩୮୦ କୋଟି ଟଙ୍କା କେନ୍ଦ୍ର ସରକାରଙ୍କୁ ଦେଉ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆର୍‌ବିଆଇ ଏହି ଅର୍ଥକୁ ବିଗତ କିଛି ବର୍ଷ ହେବ ବିପଦ ପରିଚାଳନା ଏବଂ ସଂରକ୍ଷିତ ଭଣ୍ଡାର ଭାବେ ସଞ୍ଚୟ କରି ରଖିଥିଲା।

ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ, ରିଜର୍ଭ ବ୍ୟାଙ୍କ ୨୦୧୬-୧୭ ଆର୍ଥିକ ବର୍ଷର ବିପଦ ଏବଂ ସଂରକ୍ଷିତ ଭଣ୍ଡାର ରୂପରେ ୧୩,୧୯୦କୋଟି ଟଙ୍କା ନିଜ ପାଖରେ ରଖିଥିଲା। ସେହିପରି ୨୦୧୭-୧୮ରେ ଏହା ୧୪,୧୯୦ କୋଟି ଟଙ୍କା ପୁଞ୍ଜି ସଞ୍ଚୟ କରିଥିଲା। ଏଭଳି ଭାବେ ଏହା ନିକଟରେ ଏବେ ଉକ୍ତ ଟଙ୍କା ସଞ୍ଚିତ ହୋଇ ରହିଛି, ଯାହାକୁ ସରକାର ମାଗୁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ସରକାର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ଅନ୍ତରୀଣ ଲାଭାଂଶ ଏବଂ ଗତ ଦୁଇ ବର୍ଷର ଅତିରିକ୍ତ ପାଣ୍ଠିରେ ରଖାଯାଇଥିବା ଅର୍ଥକୁ ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆର୍‌ବିଆଇ ଠାରୁ ସରକାର ଅନ୍ତରୀଣ ଲାଭାଂଶ ବାବଦରେ ୨୮ ହଜାର କୋଟି ଟଙ୍କା ପାଇପାରନ୍ତି ବୋଲି କେନ୍ଦ୍ର ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଥିଲେ। ଆର୍ଥିକ ବର୍ଷ ୨୦୧୮-୧୯ରେ ସରକାରଙ୍କୁ ଆର୍‌ବିଆଇ ୪୦ହଜାର କୋଟି ଟଙ୍କାର ଲାଭାଂଶ ଦେଇସାରିଥିଲା। ଯଦି ବୋର୍ଡର ମଞ୍ଜୁରୀ ପରେ ଏହା ୨୮ ହଜାର କୋଟି ଟଙ୍କା ପ୍ରଦାନ କରେ, ତେବେ ମୋଟ ଲାଭାଂଶ ପରିମାଣ ୬୮ ହଜାର କୋଟି ଟଙ୍କାରେ ପହଞ୍ଚିବ। ଉକ୍ତ ସୂତ୍ରରୁ କୁହାଯାଇଛି ଯେ, କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷରେ ଲାଭାଂଶ ବାବଦରେ ରିଜର୍ଭ ବ୍ୟାଙ୍କରୁ ୬୯ହଜାର କୋଟି ଟଙ୍କା ପାଇବାକୁ ଆଶାବାନ୍ଧିଛନ୍ତି। ରାଷ୍ଟ୍ରୀୟ ବ୍ୟାଙ୍କ, ଆର୍ଥିକ ସଂସ୍ଥା ଓ ଆର୍‌ବିଆଇ ଲାଭାଂଶକୁ ହିସାବକୁ ନେଲେ ସରକାର ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାୟ ୮୨,୯୧୧.୫୬ କୋଟି ଟଙ୍କା ପାଇବାକୁ ଯାଉଛନ୍ତି।




# ଆଇଡିବିଆଇ ବ୍ୟାଙ୍କର ଆର୍ଥିକ ଫଳାଫଳ ଘୋଷଣା

ମୁମ୍ବାଇ,୧୦-୨

ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏଲ୍ଆଇସି ଆଇଡିବିଆଇ ବ୍ୟାଙ୍କର ୫୧% ଅଂଶଧନ ଅଧିଗ୍ରହଣ କାର୍ଯ୍ୟ ଚୂଡାନ୍ତ କରିବା ପରେ ବ୍ୟାଙ୍କରେ ଏହା ୨୧,୬୨୪ କୋଟି ଟଙ୍କା ପୁଞ୍ଜି ନିବେଶ କରିଛି। ଏହି ନିବେଶ ପରେ ଆଇଡିବିଆଇ ୨୦୧୮ ଡିସେମ୍ବର ସୁଦ୍ଧା ନିର୍ଦ୍ଧାରିତ ପୁଞ୍ଜି ଲକ୍ଷ୍ୟ ହାସଲ କରିବାକୁ ସକ୍ଷମ ହୋଇଛି। ଡିସେମ୍ବର ୩୧ ସୁଦ୍ଧା ବ୍ୟାଙ୍କର ସିଇଟି-୧ ପୁଞ୍ଜି ୯.୩୨% ବୃଦ୍ଧି ଘଟିଛି। ୨୦୧୭ ସମାନ ସମୟରେ ଏହା ୬.୬୨% ଥିଲା। କାସା ୮୮,୨୦୬ କୋଟି, ସିଆର୍‌ଏଆର ୧୧.୯୩%ରୁ ୧୨.୫୧%, ମୋଟ ଜମାର ୩୮% କାସା ରହିଛି। ଜମାରେ ୧୦% ବୃଦ୍ଧି ଘଟି ୫୨,୨୨୫ କୋଟି ଟଙ୍କା ଛୁଇଁଛି। ମୋଟ ଏନ୍‌ପିଏ ଏବଂ ନେଟ୍ ଏନ୍‌ପିଏ ସଂଗ୍ରହରେ ଉନ୍ନତି ଘଟି ୨୯.୬୭% ଏବଂ ୧୪.୦୧% ରହିଛି, ଯାହା ପୂର୍ବେ ଚଳିତ ବର୍ଷ ସେପ୍ଟେମ୍ବରରେ ଯଥାକ୍ରମେ ୩୧.୭୮% ଏବଂ ୧୭.୩୦% ରହିଥିଲା। ଏନ୍‌ପିଏ ଆଦାୟ ଉନ୍ନତ ରହିବା ସହ ୩୪୪୦ କୋଟି ଟଙ୍କା ଛୁଇଁଛି। ବ୍ୟାଙ୍କ ୧୩୫୭ କୋଟି ଟଙ୍କା ନେଟ୍ ସୁଧ ଆୟ ଲାଭ କରିଛି। ସେହିଭଳି ପରିଚାଳନାଗତ ଲାଭ ୭୨୫ କୋଟି ଟଙ୍କା ରହିଛି। ଏହି ସମୟରେ ନେଟ୍ କ୍ଷତି ୪୧୮୫ କୋଟି ଟଙ୍କା ରହିଛି। ଅଧିଗ୍ରହଣ ପରେ ବ୍ୟାଙ୍କର ୧୮୦୦ ଶାଖାରେ ଏଲ୍ଆଇସି ପ୍ରଡକ୍ଟ ଉପଲବ୍ଧ ହେବ ବୋଲି ଆଇଡିବିଆଇ ପକ୍ଷରୁ ସୂଚନା ରହିଛି।



ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ପରାଜୟ ଦୁଃଖଦାୟକ ହୋଇଥିଲେ ମଧ ଆମକୁ ଅନେକ କିଛି ଶିଖିବାକୁ ମିଳିଛି।
**-ରୋହିତ ଶର୍ମା, ଭାରତୀୟ ଦଳର କାମଚଳା ଅଧିନାୟକ**



ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଦୁଇଟି ମ୍ୟାଚ ଆମକୁ ଅଳ୍ପକେ ହାରିବାକୁ ପଡ଼ିଥିବାରୁ ଆମ ବ୍ୟାଟିଂରେ ସୁଧାର ଆବଶ୍ୟକ।
**-ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟ ଦଳ ଓପନର**

## ସଂକ୍ଷେପରେ

### କାଗଲିଆରି ଖେଳାଳିଙ୍କୁ ଷ୍ଟାଡିୟମ୍‌ରେ ବନ୍ଦ କଲେ କୃଷକ

ରୋମ୍,୧୦।୨(ଏଏଫ୍‌ପି): ଇଟାଲିଆନ କ୍ଲବ କାଗଲିଆରି ଦଳର ଖେଳାଳିମାନେ ମିଲନଠାରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଧାର୍ଯ୍ୟ ସମୟ ସୁଦ୍ଧା ଗସ୍ତ କରିବାରେ ବିଫଳ ହୋଇଛନ୍ତି। କାଗଲିଆରି କ୍ଲବର ଖେଳାଳିମାନେ ଆସେମିନେଲୋ ଟ୍ରେନିଂ ଗ୍ରାଉଣ୍ଡରେ ଅଭ୍ୟାସ କରୁଥିବାବେଳେ ଷ୍ଟାଡିୟମ୍‌ର ପ୍ରସ୍ଥାନ ଦ୍ୱାରରେ ସ୍ଥାନୀୟ କୃଷକମାନେ ତାଲା ପକାଇ ଦେଇଥିଲେ। ସେମାନେ ଏହାଦ୍ୱାରା କ୍ଷୀର ଦର ବୃଦ୍ଧିକୁ ବିରୋଧ କରି ୧୦୦ କୃଷକ ପ୍ରତିବାଦ ଜଣାଇଥିଲେ। ଦଳୀୟ କୋଚ୍ ରୋଲାଣ୍ଡୋ ମରାନ ଓ କ୍ଲବ ନିର୍ଦ୍ଦେଶକ ମାରିଓ ପାସେଛି ପ୍ରତିବାଦ କରୁଥିବା କୃଷକଙ୍କ ସହ ଆଲୋଚନା କରିବା ପରେ ଖେଳାଳିଙ୍କ ବସ୍‌କୁ ବିମାନବନ୍ଦର ଯିବାକୁ ଅନୁମତି ମିଳିଥିଲା। ଏଥିନେଇ ସାଡିନଆନ ଜନ୍ମିତ ଖେଳାଳି ନିକୋଲ ବାରେଲ ଓ ବ୍ରାଜିଲ ଦଳର ସାଥୀ ଜାଓ ପେଡ୍ରୋଙ୍କୁ ପ୍ରତିବାଦରେ ସାମିଲ ହେବା ପରେ ଏହା ସମ୍ଭବ ହୋଇଥିଲା। ଉଲ୍ଲେଖଥାଉ କି, କାଗଲିଆରି ଦଳ ସିରି ଏ’ ଲିଗ୍‌ର ପଏଣ୍ଟ ଟେବୁଲରେ ୧୫ତମ ସ୍ଥାନରେ ରହିଛି।

### ପ୍ୟାଭିଲିଅନରୁ ଫେରିଲେ ଷ୍ଟୋକ୍ସ

ସେଣ୍ଟ ଲୁସିଆ,୧୦।୨: ଏଠାରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚାଲିଥିବା ୩ୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଇଂଲଣ୍ଡ ଅଲରାଉଣ୍ଡର ବେନ ଷ୍ଟୋକ୍ସ ନୋ ବଲରେ ଆଉଟ୍ ହେବା ପରେ ପ୍ୟାଭିଲିଅନରୁ ଫେରି ପୁଣି ବ୍ୟାଟିଂ କରିଛନ୍ତି। ସେ ୫୨ ରନ୍ କରି ଖେଳୁଥିବାବେଳେ ଅଲଜାରି ଜୋଶେଫଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ସେ ପ୍ୟାଭିଲିଅନ ଫେରି ପ୍ୟାଡ୍ସ ଓହ୍ଲାଇବା ଆରମ୍ଭ କରି ଦେଇଥିଲେ। ମାତ୍ର ଗ୍ରାଉଣ୍ଡରେ ଲାଗିଥିବା ସ୍କ୍ରିନରେ ରିପ୍ଲେ ଦେଖିବା ପରେ ଜୋଶେଫ ନୋ ବଲ ପକାଇଥିବା ଜଣା ପଡ଼ିଥିଲା। ଏଥିଯୋଗୁ ଫିଲ୍ଡ ଅମ୍ପାୟର ଷ୍ଟୋକ୍ସଙ୍କୁ ନଟ୍ ଆଉଟ ଘୋଷିତ କରିବା ସହ କ୍ରିଜ୍‌କୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳକୁ କ୍ରିଜ୍‌କୁ ଆସି ସାରିଥିବା ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋଙ୍କୁ ପ୍ୟାଭିଲିଅନ ଫେରିବାକୁ ପଡ଼ିଥିଲା। ଉଲ୍ଲେଖଥାଉ କି, ୨୦୧୭ ଏପ୍ରିଲ ମାସରେ ଆଇସିସିରେ ଆଗତ ହୋଇଥିବା ନିୟମ ୩୧.୭ ଅନୁଯାୟୀ ଷ୍ଟୋକ୍ସଙ୍କୁ ନଟଆଉଟ୍ ଘୋଷିତ କରାଯାଇଥିଲା। ଏହି ନିୟମ ଫିଲ୍ଡ ଅମ୍ପାୟରଙ୍କୁ ନିଜର ତ୍ରୁଟି ଜାଣିବା ପରେ ନିଷ୍ପତ୍ତିକୁ ଫେରାଇ ନେବାକୁ ଅଧିକାର ଦିଆଯାଇଛି।

### ୱର୍ନ ରାଜସ୍ଥାନ ରୟାଲ୍ସର ବ୍ରାଣ୍ଡ୍ ଆମ୍ବାସାଡର

**ମୁମ୍ବାଇ, ୧୦।୨ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ରେ ରାଜସ୍ଥାନ ରୟାଲ୍ସ ଅଷ୍ଟ୍ରେଲୀୟ ସ୍ପିନ କିମ୍ବଦନ୍ତୀ ଶେନ ୱର୍ନଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର କରିଛି। ୱର୍ନଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ରୟାଲ ୨୦୦୮ରେ ପ୍ରଥମ ତଥା ଏକମାତ୍ର ଟାଇଟଲ ହାସଲ କରିଥିଲା। ଅଷ୍ଟ୍ରେଲୀୟ ସ୍ପିନ୍ କିମ୍ବଦନ୍ତୀ ଗତ ସିଜନରେ ଦଳର ମେଣ୍ଟର ଭାବେ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏଥର ତାଙ୍କୁ ଦଳ ପାଇଁ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ୱର୍ନ ୨୦୧୧ ପର୍ଯ୍ୟନ୍ତ ୪ସିଜନ ଧରି ରାଜସ୍ଥାନ ରୟାଲ୍ସର ଅଧିନାୟକ ରହିଥିଲେ। ପରେ ସେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ନେଇଥିଲେ।

### ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ

# ଫାଇନାଲ ଲକ୍ଷ୍ୟରେ ଭାରତ

ଭୁବନେଶ୍ୱର,୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ସୋମବାର ନେପାଳକୁ ଭେଟିବ। ପ୍ରଥମ ମ୍ୟାଚ୍‌ରେ ଶନିବାର ଇରାନକୁ ୧-୦ ଗୋଲରେ ପରାସ୍ତ କରି ଭାରତ ଅଭିଯାନ ଆରମ୍ଭ କରିଥିଲା। ଅଞ୍ଜୁ ତମାଙ୍ଗ୍ ୪୮ତମ ମିନିଟରେ ଗୋଲ ଦେଇ ଭାରତକୁ ବିଜୟୀ କରାଇଥିଲେ। ସୋମବାର ନେପାଳକୁ ହରାଇପାରିଲେ ଭାରତ ଏହି ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଫାଇନାଲକୁ ସିଧାସଳଖ ପ୍ରବେଶ କରିବ। ଇରାନକୁ ହରାଇବା ପରେ ଭାରତୀୟ ମହିଳା ଦଳ ଆନ୍ତର୍ଜାତିକ ଫୁଟବଲ୍‌ରେ କ୍ରମାଗତ ୫ଟି ମ୍ୟାଚ୍‌ରେ ବିଜୟୀ ହୋଇ ଅସାଧାରଣ ସଫଳତା ହାସଲ କରିଛି। ଏହାପୂର୍ବରୁ ଭାରତ ଇଣ୍ଡୋନେସିଆ ଓ ହଂକଂକୁ ଦୁଇଟି ଲେଖାଏ ମ୍ୟାଚ୍‌ରେ ହରାଇଥିଲା। ପ୍ରତ୍ୟେକ ମ୍ୟାଚ୍‌କୁ ଆମେ ଜିତିବାକୁ ଚେଷ୍ଟା କରିଥାଉ। ଇରାନ୍ ବିପକ୍ଷରେ ମଧ ଏହା ହୋଇଥିଲା। ତେଣୁ ନେପାଳକୁ ମଧ ଆମେ ହରାଇବାକୁ ସବୁମତେ ଚେଷ୍ଟା କରିବା ସହ ଫାଇନାଲ ଟିକେଟ ହାସଲ କରିବୁ ବୋଲି ଭାରତୀୟ କୋଚ୍ ମେମୋଲ ରକି କହିଛନ୍ତି। ଇରାନକୁ ଅଧିକ ବ୍ୟବଧାନରେ ଭାରତ ହରାଇ ପାରିଥାନ୍ତା। ତେବେ ସଞ୍ଜୁ ଓ ଅଞ୍ଜୁ ଗୋଟିଏ ଲେଖାଏ ସୁବର୍ଣ୍ଣ ସୁଯୋଗ ହରାଇଥିଲେ। ଭାରତ ପ୍ରଥମ ମ୍ୟାଚ୍‌ରେ ଭଲ ଖେଳିଥିଲା ଓ ଦ୍ୱିତୀୟ ମ୍ୟାଚ୍‌ରେ ମଧ ଏହି ଭଳି ଖେଳିବ। ଭାରତୀୟ ଖେଳାଳିଙ୍କ ନିକଟରେ ଦକ୍ଷତା ଓ ପ୍ରତିଭା ରହିଛି। ଏସିଆର ଅନ୍ୟତମ ଶକ୍ତିଶାଳୀ ଦଳକୁ ଭାରତ ହରାଇଛି। ଫଳରେ ଆମ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଛି ବୋଲି ମେମୋଲ କହିଛନ୍ତି।

**ନେପାଳ ବିପକ୍ଷ ମୁକାବିଲା ଆଜି**



ଭାରତୀୟ ମହିଳା ଫୁଟବଲ ଦଳର ଖେଳାଳି ।

ଅପରପକ୍ଷରେ ନେପାଳ ତା’ର ପ୍ରଥମ ମ୍ୟାଚ୍‌ରେ ମ୍ୟାନମାରଠାରୁ ୦-୩ ଗୋଲରେ ଶୁକ୍ରବାର ପରାସ୍ତ ହୋଇଥିଲା। ନେପାଳ ମଧ ଏକ ଶକ୍ତିଶାଳୀ ଦଳ। ନେପାଳ ପାଖରେ ଫିନିଶିଂ ସ୍କିଲ ରହିଛି ଖେଳାଳିମାନେ ଦ୍ରୁତ ଖେଳ ପ୍ରଦର୍ଶନ କରିଥାନ୍ତି। ବିଜୟୀ ହେବାକୁ ହେଲେ ଆମକୁ ପୂରା ସାମର୍ଥ୍ୟ ସହ ନୂଆ ତଥା ଭିନ୍ନ ରଣନୀତି ନେଇ ପଡିଆକୁ ଓହ୍ଲାଇବାକୁ ହେବ।

## ଅରୁଣୋଦୟ କ୍ଲବ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ଅରୁଣୋଦୟ କ୍ଲବ୍ ।

କଟକ ଅଫିସ,୧୦।୨

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆଦର୍ଶ ଫୁଟବଲ କ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇ ଦିନିଆ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅରୁଣୋଦୟ କ୍ଲବ ଚାମ୍ପିୟନ ହୋଇଛି। ମଙ୍ଗଳା କ୍ଲବ ଓ ଅରୁଣୋଦୟ କ୍ଲବ ମଧ୍ୟରେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୋଲଶୂନ୍ୟ ରହିଥିଲା। ପରେ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲେ ମଧ ଉଭୟ ଦଳ ସମାନ ସଂଖ୍ୟକ ଗୋଲସ୍କୋର କରିଥିଲେ। ଏହାପରେ ସଡନ୍‌ଡେଥ୍ ପଦ୍ଧତିରେ ଅରୁଣୋଦୟ କ୍ଲବ ବିଜୟ ହାସଲ କରିଛି। ପ୍ରଥମ ସେମିଫାଇନାଲରେ ଅରୁଣୋଦୟ କ୍ଲବ ୨-୧ ଗୋଲରେ ଗାଲାଣ୍ଟି କ୍ଲବକୁ ଓ ଦ୍ୱିତୀୟ ସେମିଫାଇନାଲରେ ମଙ୍ଗଳା କ୍ଲବ ୧-୦ ଗୋଲରେ ଚାନ୍ଦ୍ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ଉତ୍ସବରେ ଶିଳ୍ପପତି ସୁଶାନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନା, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ଓଲିଉଡ ତାରକା ଶ୍ରେୟାନ, ସୂର୍ଯ୍ୟମୟୀ, ନିର୍ଦ୍ଦେଶକ ବସନ୍ତ କୁମାର ସାହୁ, କଟକ ଚାମ୍ବର ଅଫ୍ କମର୍ସ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୩୧ ହଜାର ଟଙ୍କା ସମେତ ଟ୍ରଫି ଓ ରନର୍ସଅପ୍ ଦଳକୁ ୨୧ ହଜାର ଟଙ୍କା ସମେତ ଟ୍ରଫି ପ୍ରଦାନ କରାଯାଇଥିଲା।

## ହୃଦ୍‌ଘାତରେ ଓଡ଼ିଆ ଖେଳାଳିଙ୍କ ମୃତ୍ୟୁ

କୋଲକାତା, ୧୦।୨ (ପି.ଟି.)

ଏଠାରେ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳିବାକୁ ଆସିଥିବା ଜଣେ ଓଡ଼ିଆ ଖେଳାଳି ରିତ୍ତିକ୍ ଦାସଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ରିତ୍ତିକ ହେଉଛନ୍ତି କଟକସ୍ଥିତ ନ୍ୟାଶନାଲ ଲ’ ୟୁନିଭର୍ସିଟି ଓଡ଼ିଶାର ଜଣେ ଛାତ୍ର। ସ୍ଥାନୀୟ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଇଷ୍ଟର୍ନ ସେଣ୍ଟରସ୍ଥିତ ପଡ଼ିଆରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଅପରାହ୍ନରେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ବାସସ୍ଥାନକୁ ପଠାଇ ଦିଆଯାଇଛି। ରିତ୍ତିକ ଜଣେ ଶ୍ୱାଶ ରୋଗୀ। ହୁଏତ ଏହା ତାଙ୍କର ମୃତ୍ୟୁର କାରଣ ହୋଇପାରେ ବୋଲି କୁହାଯାଉଛି। ରିତ୍ତିକଙ୍କ ପିତା ଜଣେ ଇଣ୍ଡିଆନ ରେଭିନ୍ୟୁ ଅଫିସର। ବର୍ତ୍ତମାନ ସେ ନୂଆଦିଲ୍ଲୀରେ କାର୍ଯ୍ୟରତ। ତାଙ୍କ ମା’ ସୁମନା ମହାନ୍ତି ଜଣେ ରେଲୱେ କର୍ମଚାରୀ। ରିତ୍ତିକାଙ୍କ ଜଣେ ସାନ ଭଉଣୀ ଅଛନ୍ତି। ସୂଚନାଯୋଗ୍ୟ, ସାଇ ଇଷ୍ଟର୍ନ ସେଣ୍ଟରରେ ଦୁଇବର୍ଷ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ମୃତ୍ୟୁ ଘଟଣା। ୨୦୧୭ ସେପ୍ଟେମ୍ବରରେ ମଧ୍ୟମଗ୍ରାମରୁ ଆସି ତାଲିମ ନେଉଥିବା ୧୮ ବର୍ଷୀୟ ନିହାରେନ୍ଦୁ ମଲ୍ଲିକଙ୍କ ଟ୍ରେନିଂ ବେଳେ ମୃତ୍ୟୁ ଘଟିଥିଲା।




ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ : ଟ୍ରଫି ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## କ୍ରିଷ୍ଟିକାଙ୍କୁ ଦ୍ୱୈତ ସଫଳତା

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

**ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍**

ଓଡ଼ିଶା ଷ୍ଟେଟ୍ ସେକ୍ରେଟାରିଏଟ୍ ବ୍ୟାଡମିଣ୍ଟନ ଆସୋସିଏଶ୍ (ଓଏସ୍‌ଏସ୍‌ବିଏ) ଓ ଓଡ଼ିଶା ବ୍ୟାଡମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ଆନୁକୂଲ୍ୟରେ ସ୍ଥାନୀୟ ସହିଦ ନଗରସ୍ଥିତ ଓଡ଼ିଶା ସାଇ ରିଜିଓନାଲ ବ୍ୟାଡମିଣ୍ଟନ ଏକାଡେମୀରେ ଅଲ୍ ଓଡ଼ିଶା ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ସୁନ୍ଦରଗଡ଼ର କ୍ରିଷ୍ଟିକା ବିରୋକ ଉଭୟ ମହିଳା ସିଙ୍ଗଲ୍ସ ଓ ମହିଳା ଡବଲ୍ସ ଟାଇଟଲ ଜିତି ଦ୍ୱୈତ ସଫଳତା ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ କ୍ରିଷ୍ଟିକା ସମ୍ବଲପୁରର ପ୍ରଶଂସା ଦାସଙ୍କୁ ୨୧-୧୫,୨୧-୧୧ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ କ୍ରିଷ୍ଟିକା ଓ ସୁନ୍ଦରଗଡ଼ର ଆକାଂକ୍ଷା କୁରେ ୨୧-୧୬, ୨୧-୧୧ରେ ନନ୍ଦିନୀ କୁମାରୀ ଓ ଭୁବନେଶ୍ୱରର ଯଶଶ୍ରୀ ସାମଲଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସମ୍ବଲପୁରର ନନ୍ଦୀଶ୍ ପୋଦ୍ଦାର ଅନୁଗୋଳ ଆୟୁଷ ଦାସଙ୍କୁ ୨୧-୧୬, ୧୨-୨୧, ୨୧-୧୨ରେ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ମୟୂରଭଞ୍ଜର ଆୟୁଷ ପଟ୍ଟନାୟକ ନନ୍ଦୀଶ ପୋଦ୍ଦାରଙ୍କୁ ୧୫-୨୧,୨୧-୧୩, ୨୧-୯ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୭ ବର୍ଷରୁ କମ୍ ବାଳକ ଡବଲ୍ସରେ ସମ୍ବଲପୁରର ଚାୟାଁ ସହରିଆ ଓ ମହମ୍ମଦ ସାହିଲ ଭୁବନେଶ୍ୱରର ଯଶରାଜ ବିଶ୍ୱାଳ ଓ ପ୍ରିୟାଂଶୁ ମହାନ୍ତିଙ୍କୁ ୨୧-୧୯, ୧୪-୨୧ ୨୧-୧୪ରେ ହରାଇ ଟାଇଟଲ ଜିତିଛନ୍ତି। ପୁରୁଷ ଡବଲ୍ସରେ ଭୁବନେଶ୍ୱରର ଜ୍ଞାନଚାନ୍ଦ ଓ ମାନସ ରଞ୍ଜନ ରାଉତରାୟ ୨୧-୧୩, ୨୬- ୨୪ କଟକର ଅଜିତ୍ କୁମାର ମହାନ୍ତି ଓ ପ୍ରମୋଦ କୁମାର ରଣାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସମ୍ବଲପୁରର ଅନିର୍ବାଣ ସାମନ୍ତ ଓ ହର୍ଷିତା ରାଉତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ରୂପେ ପୁରସ୍କୃତ କରାଯାଇଥିଲା। ମୋଟ ଉପରେ ୪୩ ହଜାର ଟଙ୍କା ପୁରସ୍କାର ଆକାରରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ଏୟାର ମାର୍ଶାଲ ଜ୍ୟୋତି ନାରାୟଣ ବର୍ମା, ଆସୋସିଏଶନ କାର୍ଯ୍ୟକାରୀ ସଭାପତି ଉମା ଶଙ୍କର ମହାପାତ୍ର, ଓଏସଏସବିଏ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ରାଉତ, ଉପ-ସଭାପତି ବିଶ୍ୱଜିତ୍ ମହାନ୍ତି, ଆସୋସିଏଶନ ମୁଖ୍ୟ ଉପଦେଷ୍ଟା ତଥା ଆୟୋଜକ କମିଟି ଅଧକ୍ଷ ପ୍ରିୟଦର୍ଶୀ ମହାପାତ୍ର, ଯୁଗ୍ମ ସମ୍ପାଦକ ତପନ କୁମାର ପଟ୍ଟନାୟକ, ଗେମ୍ ଡାଇରେକ୍ଟର ଶଶାଙ୍କ ଶେଖର ମହାପାତ୍ର, କୋଷାଧକ୍ଷ ବରେଶ ନାଥ ପ୍ରଧାନ ଓ ମୁଖ୍ୟ ରେଫରି ମନୋଜ କୁମାର ସାବତ୍ ଉପସ୍ଥିତ ଥିଲେ।

## ଆଡଭାନୀଙ୍କୁ ୯ମ ଜାତୀୟ ସ୍ନୁକର ଟାଇଟଲ

ଇନ୍ଦୋର, ୧୦।୨ (ପି.ଟି.)

ଭାରତୀୟ କ୍ୟୁଇଷ୍ଟ ପଙ୍କଜ ଆଡ୍‌ଭାନୀ ରବିବାର ଏକ ଏକତରଫା ଫାଇନାଲରେ ଯୁବ ଖେଳାଳି ଲକ୍ଷ୍ମଣ ରାୱତଙ୍କ ବିପକ୍ଷରେ ବିଜୟ ସହ ଆଉ ଏକ ଜାତୀୟ ସ୍ନୁକର ଟାଇଟଲ ହାସଲ କରିଛନ୍ତି। ଏହା ହେଉଛି ତାଙ୍କର ୯ମ ଜାତୀୟ ସ୍ନୁକର ଟାଇଟଲ। ଏଥିସହିତ ଜାତୀୟ ଚାମ୍ପିୟନଶିପ୍‌ରେ ତାଙ୍କ ସ୍ୱର୍ଣ୍ଣ ସଂଖ୍ୟା ୩୨ରେ ପହଞ୍ଚିଛି। ଆଡଭାନୀ ଜୁନିୟର ଖେଳାଳି ହିସାବରେ ସେ ୧୧ ଭାରତୀୟ ଟାଇଟଲ ଏବଂ ସିନିୟର ଭାବେ ସେ ୯ ବିଲିୟାର୍ଡ୍ସ, ୩ ସିକ୍ସ-ରେଡ୍ ସ୍ନୁକର ଏବଂ ବର୍ତ୍ତମାନ ୯ମ ସ୍ନୁକର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପରିସଂଖ୍ୟାନ ଦୃଷ୍ଟିରୁ ଆଡଭାନୀ ବର୍ତ୍ତମାନ ଜଣେ ପୁରୁଷ ଖେଳାଳି ହିସାବରେ ଉଭୟ ସ୍ନୁକର ଓ ବିଲିୟାର୍ଡ୍ସରେ ୨୧ ବିଶ୍ୱ ଟାଇଟଲ ଏବଂ ୨୧ ଜାତୀୟ ଟାଇଟଲ ହାସଲ କରିସାରିଛନ୍ତି।

## ମୋଟେଟ୍ ଜିତିଲେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର

ଚେନ୍ନାଇ, ୧୦।୨ (ପି.ଟି.)

ଫ୍ରାନ୍ସର ତଥା ଦ୍ୱିତୀୟ ସିଡ୍ କୋରେଣ୍ଟିନ୍ ମୋଟେଟ୍ ଏଠାରେ ଚେନ୍ନାଇ ଓପନ୍ ଏଟିପି ଚ୍ୟାଲେଞ୍ଜର ଟେନିସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ସିଙ୍ଗଲ୍ସ ଫାଇନାଲରେ ସେ ଅଷ୍ଟ୍ରେଲିଆର ଆଣ୍ଡ୍ରୟୁ ହାରିସ୍‌ଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ମୋଟେଟ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଚ୍ୟାଲେଞ୍ଜର ଟାଇଟଲ। ଏଠାରେ ଟାଇଟଲ ବିଜୟୀ ହେବାଦ୍ୱାରା ସେ ୭,୨୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ଏବଂ ୮୦ ଏଟିପି ପଏଣ୍ଟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଣ୍ଡ୍ରୁ ୪,୨୪୦ ଆମେରିକୀୟ ଡଲାର ଏବଂ ୪୮ ଏଟିପି ପଏଣ୍ଟ ଅର୍ଜନ କରିଛନ୍ତି।

## ପାକିସ୍ତାନରେ ଖେଳିବାକୁ ରାଜିହେଲାନି ଅଷ୍ଟ୍ରେଲିଆ

କରାଚୀ, ୧୦।୨ (ଏଏଫ୍‌ପି)

ସୁରକ୍ଷା କାରଣରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳ ପାକିସ୍ତାନ ଗସ୍ତରେ ଯିବା ଲାଗି ରାଜି ହେଲା ନାହିଁ। ଫଳରେ ପାକିସ୍ତାନ କ୍ରିକେଟ କର୍ତ୍ତୃପକ୍ଷ ଅଷ୍ଟ୍ରେଲିଆ ବିପକ୍ଷ ସମସ୍ତ ୫ଟି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜନ ଲାଗି ବାଧ୍ୟ ହୋଇଛି। ୨୦୦୯ରେ ଶ୍ରୀଲଙ୍କା ଟିମ୍ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ପରଠାରୁ ଅଷ୍ଟ୍ରେଲିଆ ଏହି ଦେଶରେ ଖେଳିବାକୁ ରାଜି ହେଉ ନାହିଁ। ଅଷ୍ଟ୍ରେଲିଆ ସିନିୟର କ୍ରିକେଟ ଦଳ ଶେଷ ଥର ପାଇଁ ୧୯୯୮ରେ ପାକିସ୍ତାନ ଗସ୍ତ କରିଥିଲା। ପାକିସ୍ତାନ ଗତ ଦୁଇ ବର୍ଷ ହେଲା ପାକିସ୍ତାନ ସୁପର ଲିଗ୍ ଫାଇନାଲ ଆୟୋଜନ କରିଆସୁଛି। ଏହାଛଡ଼ା ବିଶ୍ୱ ଏକାଦଶ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ମ୍ୟାଚ ଖେଳି ସାରିଛି। ଚଳିତବର୍ଷ ଜାନୁୟାରୀ ୩୧ରୁ ଫେବୃୟାରୀ ୩ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ ମହିଳା ଦଳ କରାଚୀଠାରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳିଛି। କିନ୍ତୁ ସୁରକ୍ଷା କାରଣରୁ ପାକିସ୍ତାନକୁ ଦଳ ନ ପଠାଇବା ଲାଗି ଅଷ୍ଟ୍ରେଲିଆ ସରକାର ଦେଶର କ୍ରିକେଟ ବୋର୍ଡକୁ ନିର୍ଦ୍ଦେଶ ଦେଇଛି। ପାକିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ୫ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ମଧ୍ୟରୁ ପ୍ରଥମ ଦୁଇଟି ମ୍ୟାଚ ମାର୍ଚ୍ଚ ୨୨ ଓ ୨୪ରେ ଶାରଜାଠାରେ ଖେଳାଯିବ।

## ଓଡ଼ିଶା ଭଲିବଲ୍ ରେଫରି ସଂଘର ନୂତନ କର୍ମକର୍ତ୍ତା




ଓଡ଼ିଶା ଭଲିବଲ୍ ରେଫରି ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ଓ ସଦସ୍ୟ ।

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା ଭଲିବଲ୍ ରେଫରି ସଂଘର ବାର୍ଷିକ ସାଧାରଣ ବୈଠକ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ସ୍ଥାନୀୟ ସତ୍‌ସଙ୍ଗ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସମସ୍ତ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨୦୨୨ ପର୍ଯ୍ୟନ୍ତ ରହିବ। ଏହି ବୈଠକରେ ଭଲିବଲ୍ ଖେଳର ଲୋକପ୍ରିୟତା, ପ୍ରଚାର ଓ ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିଭିନ୍ନ ଜିଲାରୁ ୫୩ଜଣ ରେଫରି ସଂଘର ସଦସ୍ୟ ଏହି ବୈଠକରେ ଉପସ୍ଥିତ ରହିଥିଲେ ବୋଲି ଓଡ଼ିଶା ଭଲିବଲ୍ ରେଫରି ସଂଘର ସମ୍ପାଦକ ରାମଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତା ହେଲେ ଜୟପ୍ରକାଶ ମହାନ୍ତି (ସଭାପତି), ଅଶୋକ କୁମାର ପ୍ରଧାନ (କାର୍ଯ୍ୟକାରୀ ସଭାପତି), ଲକ୍ଷ୍ମୀନାରାୟଣ ମହାନ୍ତି (ଉପସଭାପତି), ରାମଚନ୍ଦ୍ର ସେଠୀ (ସାଧାରଣ ସମ୍ପାଦକ), ନିରଞ୍ଜନ ନାୟକ, କଳାକାର ସାମଲ (ଉଭୟ ସହସମ୍ପାଦକ), ପ୍ରକାଶ ଚନ୍ଦ୍ର ବେହେରା (କୋଷାଧକ୍ଷ), ସୁଜନ କୁମାର ନାୟକ, ବିଶ୍ୱଜିତ୍ ଦାସ, ରଜନୀକାନ୍ତ ମିଶ୍ର, ରମାକାନ୍ତ ପଟ୍ଟନାୟକ ଓ ଆନ୍ନା କେର୍କେଟା (ସମସ୍ତେ କାର୍ଯ୍ୟକାରୀ ପରିଷଦ ସଭ୍ୟ)।

## ପାରାମାଉଣ୍ଟ ଜିତିଲା ମହାବୀର କପ୍

ଭଣ୍ଡାରିପୋଖରୀ, ୧୦।୨ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନେରଡା ପଞ୍ଚାୟତ ଯଶୋଟିକିରିଠାରେ ଅନୁଷ୍ଠିତ ଆନ୍ତଃ ଜିଲା ମହାବୀର କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଭଦ୍ରକ ସାଳନ୍ଦୀ କ୍ଲବକୁ ହରାଇ ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ସାଳନ୍ଦୀ କ୍ଲବ ଟସ୍ ଜିତି ୨୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ସଞ୍ଜୟ ଜେନା ୩୬ ରନ୍ (୪ ଚୌକା), ଅମିର ଖାଁ ୩୬ ରନ୍ (ଗୋଟିଏ ଛକା ଓ ୪ଟି ଚୌକା) କରିଥିଲେ। ପ୍ରତିପକ୍ଷର ମିଲନ ପରିଡା ୫ ଓଭରରେ ୧୩ ରନ୍ ଦେଇ ୬ ଉଇକେଟ ନେଇଥିଲେ। ୧୨୨ ରନ୍ ପିଛା କରି ପାରାମାଉଣ୍ଟ ୧୭ ଓଭରରେ ୩ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଆୟୁଷ ରାଜ ଚୌଧୁରୀ ୩୪ ବଲ୍‌ରେ ୧୦୦ ରନ୍ (୩ ଛକା, ୧୬ ଚୌକା) କରି ଅପରାଜିତ ରହିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍, ମ୍ୟାନ ଅଫ୍ ଦି ସିରିଜ, ବେଷ୍ଟ ବ୍ୟାଟ୍‌ସମ୍ୟାନ ଭାବେ ଆୟୁଷରାଜ ଚୌଧୁରୀ, ବେଷ୍ଟ ବୋଲର ମିଲନ ପରିଡା, ଅମିର ଖାଁଙ୍କୁ ବେଷ୍ଟ ଫିଲ୍ଡର ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ସ୍ୱାଇଁ, ଗୋଲକ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚ ବଦ୍ରିନାରାୟଣ ରାଉତ, ତପସ୍ୱିନୀ ଜେନା, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ ଯୋଗ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଏବଂ ରନର୍ସଅପ୍ ଟିମ୍‌କୁ ଟ୍ରଫି ଓ କପ୍ ପ୍ରଦାନ କରିବା ସହ ଅନ୍ୟମାନଙ୍କୁ ପୁରସ୍କୃତ କରିଥିଲେ। କାଳନ୍ଦୀ ପଣ୍ଡା, ଦୁର୍ଗା ପଟ୍ଟନାୟକ ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ମାନସ ପଣ୍ଡା, ସିମନ୍ତ ରଥ ସ୍କୋରର, କୈଳାସ ଦ୍ୱିବେଦୀ ରେଫରି ଥିବାବେଳେ ପ୍ରତ୍ୟୁଷ ସାହୁ, ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳ।

**ଆୟୁଷରାଜଙ୍କ ଶତକ**



❝ ବର୍ତ୍ତମାନର ଫର୍ମକୁ ଅନୁଧ୍ୟାନ କଲେ ଏଥର ଭାରତ ଓ ଇଂଲଣ୍ଡକୁ ବିଶ୍ୱକପ୍ ଟାଇଟଲ ଫେଭରାଇଟ୍ କୁହାଯାଇପାରେ, କିନ୍ତୁ ଆମ ଦେଶର ମଧ୍ୟ ସମ୍ଭାବନା ରହିଛି।
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

❝ ଭାରତ ବିପକ୍ଷ ଟି୨୦ ସଫଳତା ଦ୍ୱାରା ଆମ ଖେଳାଳିଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି, ବାଂଲାଦେଶ ବିପକ୍ଷ ଆଗାମୀ ଘରୋଇ ସିରିଜରେ ଭଲ କରିବୁ ବୋଲି ଆଶା।
–କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



## ସଂକ୍ଷେପରେ

### ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଡ୍ର’ରେ ଶେଷ

**ୱାୟାନାଡା (କେରଳ), ୧୦।୨ (ପି.ଟି.):** ସ୍ଥାନୀୟ କ୍ରିଷ୍ଣାଗିରି ଷ୍ଟାଡିୟମରେ ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନୁଷ୍ଠିତ ୪ ଦିନିଆ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଇଂଲଣ୍ଡ ଲାୟନ୍ସ ଏହାର ପୂର୍ବଦିନର ଅସମାପ୍ତ ୨ୟ ଇନିଂସ ସ୍କୋର ୨୦/୦ ରନ୍‌ରୁ ଅନ୍ତିମ ଦିବସ ତଥା ରବିବାର ଖେଳ ଆରମ୍ଭ କରି ୮୩ ଓଭରରେ ୫ ଉଇକେଟ୍ ବିନିମୟରେ ୨୧୪ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସାମ୍ ହେଇନ୍ ୫୭ (୭ ଚୌକା) ଓ ୨୧ ବର୍ଷୀୟ ଯୁବ ବ୍ୟାଟ୍ସମ୍ୟାନ ଓଲି ପୋପ୍ ୬୩ (୧୦ ଚୌକା) ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତଥା ଉଇକେଟ୍‌କିପର ସାମ୍ ବିଲିଙ୍ଗ ୫, ମାକ୍ସ ହୋଲ୍ଡେନ ୨୯, ବେନ୍ ଡକେଟ୍ ୩୦, ଷ୍ଟିଭେନ୍ ମୁଲାନୀ ୩* ଓ ୱିଲି ଜ୍ୟାକ୍ସ ୧୩* ରନ୍ କରିଥିଲେ। ଘରୋଇ ଭାରତ-ଏ ପକ୍ଷରୁ ଦୁଇ ସ୍ପିନର ଜଲାଜ ସାକ୍ସେନା ଓ ଶାହାବାଜ୍ ନଦୀମ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ-ଏ ଏହାର ପ୍ରଥମ ଇନିଂସରେ ୩୪୦ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାର ଜବାବରେ ଭାରତ-ଏ ୬ ଉଇକେଟ୍‌ରେ ୫୪୦ ରନର ବିଶାଳ ସ୍କୋର କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଭାରତ ପକ୍ଷରୁ ପ୍ରିୟଙ୍କ ପଞ୍ଚାଲଙ୍କ (୨୦୬) ଦ୍ୱିଶତକ ଓ ଉଇକେଟ୍‌କିପର ଶ୍ରୀକର ଭରତଙ୍କ (୧୪୨) ଦମ୍‌ଦାର ଶତକୀୟ ଇନିଂସ ମ୍ୟାଚ୍‌ର ଉଲ୍ଲେଖନୀୟ ଘଟଣା ରହିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ପଞ୍ଚାଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଦୁଇ ଦଳ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ମହୀଶୂରରେ ଆରମ୍ଭ ହେବ।

### ମହିଳା ହକି: ଭାରତ ଏ’ ଦଳ ବିଜୟୀ

**ଗୋରଖପୁର (ଉତ୍ତର ପ୍ରଦେଶ), ୧୦।୨ (ପି.ଟି.):** ଭ୍ରମଣକାରୀ ଫ୍ରାନ୍ସ ‘ଏ’ ମହିଳା ହକି ଦଳ ବିପକ୍ଷ ଦ୍ୱିତୀୟ ମ୍ୟାଚକୁ ଭାରତ ‘ଏ’ ୩-୨ ଗୋଲରେ ଜିତି ନେଇଛି। ସ୍ଥାନୀୟ ବୀର ବାହାଦୁର ସିଂ ସ୍ପୋର୍ଟ୍ସ କଲେଜ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ମିକାଏଲା ଲାଲା ୧୪ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଫ୍ରାନ୍ସ ‘ଏ’କୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ମାତ୍ର ପରେ ମାରିଆନା କୁଜୁର (୧୯ତମ), ଲାଲ୍‌ରେମସିଆମି (୩୦ତମ) ଓ ମମ୍‌ତାଜ ଖାଁ (୩୪ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ମ୍ୟାଚକୁ ଘରୋଇ ଦଳ ସପକ୍ଷକୁ ନେଇ ଆସିଥିଲେ। ଭ୍ରମଣକାରୀଦଳ ପକ୍ଷରୁ ଗୁସ୍‌ଜେ ଭାନ୍ ବୋଲ୍‌ହୁଇସ୍ (୫୮ତମ) ଶେଷକ୍ୱାର୍ଟରରେ ଏକ ଗୋଲ ସ୍କୋର କରିଥିଲେ। ଏହି ବିଜୟ ଦ୍ୱାରା ପ୍ରଥମ ମ୍ୟାଚରେ ପରାଜିତ ହୋଇଥିବା ଭାରତ ଏ’ ସିରିଜକୁ ୧-୧ ସ୍ତରକୁ ନେଇ ଆସିଛି।

### ଆର୍‌ଏସ୍‌ପିବି ଚାମ୍ପିୟନ

**ଗ୍ୱାଲିୟର,୧୦।୨ (ପି.ଟି.):** ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ଆର୍‌ଏସ୍‌ପିବି) ଜାତୀୟ ସିନିୟର ପୁରୁଷ ହକି ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ଦଳ ରବିବାର ଅନୁଷ୍ଠିତ ଫାଇନାଲରେ ୩-୨ ଗୋଲରେ ଗତଥରର ଚାମ୍ପିୟନ ପଞ୍ଜାବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ହରସାହିବ ସିଂ (୩୫ ତମ, ୪୫ ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବାବେଳେ ଦିଲପ୍ରୀତ ସିଂ (୫୭ତମ) ଅନ୍ୟ ଗୋଲଟିକୁ ସ୍କୋର କରିଥିଲେ। ପରାଜିତ ପଞ୍ଜାବ ତରଫରୁ ରୁପିନ୍ଦର ପାଲ୍‌ସିଂ (୨୩ତମ) ଓ ରମଣଦୀପ ସିଂ (୬୦ତମ) ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଅନ୍ୟପକ୍ଷରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ୪-୧ ଗୋଲରେ ପଞ୍ଜାବ ଆଣ୍ଡ୍ ସିନ୍ଦ୍ ବ୍ୟାଙ୍କ୍‌କୁ ହରାଇ ବ୍ରୋଞ୍ଜ ପଦକ ଲାଭ କରିଛି।

### ଏକାମ୍ର କପ୍ ଜିତିଲା ବଡ଼ଗଡ଼ ସ୍ପୋର୍ଟିଂ

**ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କେଶୁରା ଖେଳପଡ଼ିଆରେ ୩ଦିନ ଧରି ଚାଲିଥିବା ଏକାମ୍ର କପ୍ ଟେନ୍-୧୦ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ମେଣ୍ଢାଶାଳକୁ ପରାସ୍ତ କରି ବଡ଼ଗଡ଼ ସ୍ପୋର୍ଟିଂ ଚଳିତ ବର୍ଷର ଚାମ୍ପିୟନ ଟ୍ରଫି ହାସଲ କରିଛି। ଏହି ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବଡ଼ଗଡ଼ ପ୍ରଥମେ ବ୍ୟାଟିଂ କରି ୩ ଉଇକେଟ୍ ହରାଇ ୬୩ ରନ କରିଥିଲା। ଜବାବରେ ମେଣ୍ଢାଶାଳ ୬ ଉଇକେଟ୍ ବିନିମୟରେ ୫୫ ରନ୍ ସଂଗ୍ରହ କରି ଟାର୍ଗେଟ୍‌ଠାରୁ ୯ ରନ୍ ଦୂରରେ ରହିଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ବଡ଼ଗଡ଼ ସ୍ପୋର୍ଟିଂକୁ ଟ୍ରଫି ସହ ୧୦ ହଜାର ଟଙ୍କା ଏବଂ ରନର୍ସଅପ୍ ମେଣ୍ଢାଶାଳକୁ ଟ୍ରଫି ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ■ ୪ ରନ୍‌ରେ ହାରିଲା ଭାରତ

# ନ୍ୟୁଜିଲାଣ୍ଡ ୨–୧ରେ ବିଜୟୀ

ହାମିଲଟନ,୧୦।୨(ପି.ଟି.)

ଦିନିକିଆ ସିରିଜ ପରାଜୟର ପ୍ରତିଶୋଧ ଟି୨୦ରେ ନେଇଛି ନ୍ୟୁଜିଲାଣ୍ଡ। ଭାରତଠାରୁ ଦିନିକିଆ ସିରିଜରେ ୪–୧ରେ ହାରିବା ପରେ ନ୍ୟୁଜିଲାଣ୍ଡ ଟି୨୦ ସିରିଜକୁ ୨–୧ରେ ହାତେଇ ନେଇଛି। ଫଳରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତ ଅତ୍ୟନ୍ତ ସଫଳ ହୋଇଥିଲେ ମଧ୍ୟ ଶେଷରେ ପରାଜୟ ସହ ଭାରତକୁ ସ୍ୱଦେଶ ଫେରିବାକୁ ପଡିଛି। ରବିବାର ସ୍ଥାନୀୟ ସେଡନ ପାର୍କରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଭାରତ ମାତ୍ର ୪ ରନରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ଓପନର କଲିନ୍ ମୁନରୋଙ୍କ ଧୂଆଁଧାର ୭୨ ରନର ଅର୍ଦ୍ଧଶତକୀୟ ପାଳି (୪୦ ବଲ, ୫ ଚୌକା, ୫ ଛକା) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୧୨ ରନ ସଂଗ୍ରହ କରିଥିଲା। ଭାରତୀୟ ବୋଲର ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇ ନ ଥିଲେ। ଫଳରେ ନ୍ୟୁଜିଲାଣ୍ଡ ବଡ଼ ସ୍କୋର ହାସଲ କରିଥିଲା। ଜବାବରେ ଭାରତ ଜବଦରଦସ୍ତ ଲଢେଇ କରିଥିଲେ ମଧ୍ୟ ୪ ଉଇକେଟ ହରାଇ ୨୦୮ ରନରେ ସୀମିତ ରହି ବିଜୟଠାରୁ ୫ ରନ ଦୂରରେ ରହିଯାଇଥିଲା। ବିଜୟୀ ହୋଇଥିଲେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ଟି୨୦ ସିରିଜ ଜିତି ଭାରତ ଇତିହାସ ସୃଷ୍ଟି କରିଥାନ୍ତା। ଧୂଆଁଧାର ମ୍ୟାଚ୍ ବିଜୟୀ ଇନିଂସ ପାଇଁ ମୁନରୋଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଛି। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟତମ ନ୍ୟୁଜିଲାଣ୍ଡ ଓପନର ଟିମ୍ ସେଇଫର୍ଟ ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।



ଟ୍ରଫି ସହ ନ୍ୟୁଜିଲାଣ୍ଡ କ୍ରିକେଟ୍ ଦଳର ଖେଳାଳିମାନେ ।

୨୧୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଭାରତ ପାଇଁ ଅନ୍ତିମ ଓଭରରେ ଅଭିଜ୍ଞ ସାଉଦିଙ୍କ ୬ ବଲରୁ ବିଜୟ ପାଇଁ ୧୬ ରନ ଆବଶ୍ୟକ ହେଉଥିବା ବେଳେ ଦୀନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ଯୋଡ଼ି ୧୨ ରନ ସଂଗ୍ରହ କରିଥିଲେ। ଅନ୍ତିମ ବଲ୍‌ରେ ଛକା ମାରିଥିଲେ ମଧ୍ୟ ଦ୍ୱିତୀୟ ଓ ତୃତୀୟ ବଲ୍‌ରେ କାର୍ତ୍ତିକ ରନ ନେଇ ପାରି ନ ଥିଲେ ଓ ଶେଷରେ ଏହା ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଭାରତ ପ୍ରଥମେ ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ ହରାଇଥିଲା। ୪ ରନ କରିଥିବା ବେଳେ ଧାୱନ ମିଚେଲ ସାଣ୍ଟନରଙ୍କ ଫୁଲ୍ ଲେନ୍ଥ ବଲ୍‌କୁ ସୁଇପ୍ କରିବାକୁ ଯାଇ ମିଡ୍ ଉଇକେଟରେ ଡାରେଲ ମିଚେଲଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ଅଧିନାୟକ ରୋହିତ ଶର୍ମା ଓ ଅଲରାଉଣ୍ଡର ବିଜୟ ଶଙ୍କର ୪୬ ବଲରୁ ୭୫ ରନ କରି ସ୍ଥିତି ସମ୍ଭାଳିଥିଲେ। ତେବେ ଶଙ୍କର ୨୮ ବଲରୁ ୫ ଚୌକା ଓ ୨ ଛକା ସହ ୪୩ ରନ କରିଥିବା ବେଳେ ସାଣ୍ଟନରଙ୍କ ଅଫ୍ ସାଇଡ ବଲକୁ ସୁଇପ୍ କରିଥିଲେ ଓ ଡିପ୍ ସ୍କୋୟାରରେ କଲିନ୍ ଡି ଗ୍ରାଣ୍ଡହୋମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୨ ବଲରୁ ୧ ଚୌକା ଓ ୩ ଛକା ସହ ୨୮ ରନ କରି ଜମିଆସୁଥିବା ବେଳେ ବ୍ଲେୟାର ଟିକନରଙ୍କ ଫୁଲଟସ୍ ବଲକୁ ମାରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବଲ ବ୍ୟାଟର ଏଜ୍ ନେଇଥିଲା। ଫଳରେ ସେ ମିଡଉଇକେଟ୍‌ରେ ୱିଲିୟମସନଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୧ ବଲରୁ ୧ ଚୌକା ଓ ୨ ଛକା ସହ ୨୧ ରନ କରି ସ୍କଟ କୁଗେଲେଜିନ୍‌ଙ୍କ ବଲ୍‌ରେ ମିଡ୍ ଅଫ୍‌ରେ କେନ୍ ୱିଲିୟମସନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ୨ ରନ କରି ଡାରେଲ ମିଚେଲଙ୍କ ବଲ୍‌ରେ ଟିମ୍ ସାଉଦିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ଦିନେଶ କାର୍ତ୍ତିକ ଓ କ୍ରୁନାଲ ପାଣ୍ଡ୍ୟା ୨୮ଟି ବଲରୁ ଅପରାଜିତ ୬୩ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ସାଣ୍ଟନର ଓ ମିଚେଲ ୨ଟି ଲେଖାଏ, କୁଗେଲେଜିନ୍ ଓ ଟିକନର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ତରଫରୁ ମୁନରୋଙ୍କ ଦ୍ରୁତ ୭୨ ରନକୁ ବାଦ୍ ଦେଲେ ଅନ୍ୟତମ ଓପନର ସେଇଫର୍ଟ ୨୫ ବଲରୁ ୩ ଚୌକା ଓ ୩ ଛକା ସହ ୪୩ ରନ କରିଥିଲେ। ଓପନିଂ ଯୋଡିରେ ଦୁଇ ଓପନର ୮୦ ରନ କରିଥିଲେ। ୱିଲିୟମସନ ୨୧ ବଲରୁ ୨୭, ଗ୍ରାଣ୍ଡହୋମ ୧୬ ବଲରୁ ୩ ଚୌକା ଓ ୧ ଛକା ସହ ୩୦ ରନ କରି ଆଉଟ ହୋଇଥିଲେ। ଡାରେଲ ମିଚେଲ ୧୧ ବଲରୁ ୧୯, ଟେଲର ୭ ବଲରୁ ୧୪ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୨, ଭୁବନେଶ୍ୱର କୁମାର ଓ ଖଲିଲ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ୨୦ ଓଭରରେ ୨୧୨/୪ (ମୁନରୋ– ୭୨, ସେଇଫର୍ଟ– ୪୩, ଗ୍ରାଣ୍ଡହୋମ– ୩୦, ୱିଲିୟମସନ– ୨୭, କୁଲଦୀପ– ୨/୨୬)।

ଭାରତ ୨୦ ଓଭରରେ ୨୦୮/୬ (ଶଙ୍କର– ୪୩, ରୋହିତ– ୩୮, ପନ୍ତ– ୨୮, ହାର୍ଦ୍ଦିକ– ୨୧, କାର୍ତ୍ତିକ– ୩୩*, କ୍ରୁନାଲ– ୨୬*, ସାଣ୍ଟନର– ୨/୩୨, ମିଚେଲ– ୨/୨୭)।

### ଧୋନୀ ପ୍ରଥମ ଭାରତୀୟ କ୍ରିକେଟର

ନୂଆଦିଲ୍ଲୀ,୧୦।୨

ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ନିଜ କ୍ୟାରିୟରରେ ଆଉ ଏକ ସଫଳତା ପାଇଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତିମ ଟି୨୦ ମ୍ୟାଚ୍ ଖେଳି ସେ ଦେଶର ପ୍ରଥମ କ୍ରିକେଟର ଭାବେ ୩୦୦ ଟି୨୦ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ମୋଟ ଉପରେ ୩୦୦ରୁ ଉର୍ଦ୍ଧ୍ୱ ଟି୨୦ ମ୍ୟାଚ୍ ଖେଳିଥିବା କ୍ରିକେଟରଙ୍କ ତାଲିକାରେ ଧୋନୀ ଦ୍ୱାଦଶ ସ୍ଥାନରେ ରହିଛନ୍ତି।



ଭେଟେରାନ ଉଇକେଟକିପର ଧୋନୀଙ୍କ ସହ ଇଂଲଣ୍ଡର ଅଲ୍‌ରାଉଣ୍ଡର ଲ୍ୟୁକ ରାଇଟ୍ ମିଳିତ ଭାବେ ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଧୋନୀ ଟି୨୦ କ୍ୟାରିୟରରେ ଏପର୍ଯ୍ୟନ୍ତ ୩୮.୩୫ ହାରରେ ୬୧୩୬ ରନ୍ କରିଛନ୍ତି। ଏଥିରେ ୨୪ଟି ଅର୍ଦ୍ଧଶତକ ରହିଛି। ଭାରତୀୟ କ୍ରିକେଟରଙ୍କ ମଧ୍ୟରେ ଧୋନୀଙ୍କ ପଛକୁ ରୋହିତ ଶର୍ମା (୨୯୮) ଓ ସୁରେଶ ରାଇନା (୨୯୬) ରହିଛନ୍ତି। ସୂଚନାଯୋଗ୍ୟ, ସର୍ବାଧିକ ୪୪୬ ଟି୨୦ ମ୍ୟାଚ୍ ଖେଳି ୱେଷ୍ଟଇଣ୍ଡିଜ ଅଲ୍‌ରାଉଣ୍ଡର କିରନ ପୋଲାର୍ଡ ଶୀର୍ଷରେ ରହିଛନ୍ତି।

## ୩ ବର୍ଷ ପରେ ଜାତୀୟ ଦଳକୁ ଫେରିଲେ କଳ୍ପନା

ନୂଆଦିଲ୍ଲୀ,୧୦।୨

ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ରବିବାର ଭାରତୀୟ ମହିଳା କ୍ରିକେଟ ଦଳ ଘୋଷିତ ହୋଇଯାଇଛି। ଏହି ଦଳରେ ରବି କଳ୍ପନା ସ୍ଥାନ ପାଇଛନ୍ତି। ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ସେ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ୨୦୧୫ରେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିବା ଉଇକେଟକିପର ବ୍ୟାଟ୍ସୱମ୍ୟାନ କଳ୍ପନା ଅନ୍ତିମଥର ଲାଗି ୨୦୧୬ ଫେବୃୟାରୀରେ ଖେଳିଥିଲେ। ତାଙ୍କୁ ଦାୟାଲାନ ହେମଲତାଙ୍କ ବଦଳ ଖେଳାଳି ଭାବେ ଦଳରେ ସ୍ଥାନ ମିଳିଛି। ହେମଲତା ନ୍ୟୁଜିଲାଣ୍ଡ ବିପକ୍ଷ ୨ୟ ଟି୨୦ ମ୍ୟାଚ୍‌ରେ ଆହତ ହୋଇଥିଲେ। ତାଙ୍କ ବ୍ୟତୀତ ନ୍ୟୁଜିଲାଣ୍ଡଠାରେ ଖେଳୁଥିବା ଦଳରେ କୌଣସି ପରିବର୍ତ୍ତନ ହୋଇନାହିଁ। ଇଂଲଣ୍ଡ ଦଳ ଭାରତ ଗସ୍ତରେ ଆସି ୩ ଦିନିକିଆ ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ ୱାଙ୍ଖେଡେ ଷ୍ଟାଡିୟମ୍‌ଠାରେ ଚଳିତ ମାସ ୨୨, ୨୩ ଓ ୨୮ ତାରିଖରେ ଖେଳାଯିବ। ଏହି ସିରିଜ ଆଇସିସି ମହିଳା ଚାମ୍ପିୟନଶିପ୍‌ର ଅଂଶବିଶେଷ। ଦିନିକିଆ ସିରିଜ୍ ଭଳି ଗୁଆହାଟୀଠାରେ ଉଭୟ ଦଳ ମଧ୍ୟରେ ୩ଟି ଟି୨୦ ମ୍ୟାଚ୍ ଅନୁଷ୍ଠିତ ହେବ।

ଭାରତୀୟ ମହିଳା ଦଳ: ମିଥାଲି ରାଜ(ଅଧିନାୟିକା), ଝୁଲଣ ଗୋସ୍ୱାମୀ, ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗୁଏଜ, ହରମନପ୍ରୀତ୍ କୌର, ଦୀପ୍ତି ଶର୍ମା, ତାନିୟା ଭାଟିଆ ଓ ଆର. କଳ୍ପନା(ଉଇକେଟକିପର), ମୋନା ମେଶ୍ରମ, ଏକ୍ତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାଡ୍, ପୁନମ ଯାଦବ, ଶିଖା ପଣ୍ଡେ, ମାନସୀ ଯୋଶୀ ଓ ପୁନମ୍ ରାଉତ।

## ମହିଳା ଟି୨୦ରେ ନ୍ୟୁଜିଲାଣ୍ଡର କ୍ଲିନ ସୁଇପ୍

ହାମିଲଟନ,୧୦।୨

ସ୍ଥାନୀୟ ସେଡନ ପାର୍କଠାରେ ଖେଳାଯାଇଥିବା ଭାରତୀୟ ଦଳ ବିପକ୍ଷ ଅନ୍ତିମ ତଥା ୩ୟ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ଦଳ ୨ ରନ୍‌ରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ କ୍ଲିନ ସୁଇପ ହାସଲ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୬୨ ରନ୍‌ର ବିଜୟ ଲକ୍ଷ୍ୟର ପିଛା କରୁଥିବା ଭାରତୀୟ ଦଳ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୫୯ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଘରୋଇ ଦଳ ସୋଫି ଡେଭିନଙ୍କ ୭୨ ରନ୍‌ର ଇନିଂସ ବଳରେ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପାଇଁ ଅଧିନାୟିକା ଆମି ସାଟ୍ଟରଥୱେଟ ୩୧ ଓ ସୁଜି ବାଟେ ୨୪ ରନ୍ କରିଥିଲେ। ଭ୍ରମଣକାରୀ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା ୨ ଉଇକେଟ ନେଇଥିଲେ। ଜବାବରେ ଚଳିତ ସିଜନରେ ଚମତ୍କାର ଫର୍ମରେ ଥିବା ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ୮୬ ରନ୍ ଇନିଂସ ସତ୍ତ୍ୱେ ଭାରତ ବିଜୟ ଲକ୍ଷ୍ୟଠାରୁ ୩ ରନ୍ ପଛରେ ରହିଯାଇଥିଲା। ମନ୍ଧାନା ୬୨ ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୧ ଛକା ଲଗାଇଥିଲେ। ଜେମିମା ରୋଡ୍ରିଗୁଏଜ ୨୧, ମିଥାଲି ରାଜ ୨୪ ଓ ଦୀପ୍ତି ଶର୍ମା ୨୧ ରନ କରିଥିଲେ। ବିଜୟୀ ଦଳର ଡେଭିନ ୨ ଉଇକେଟ ନେଇଥିଲେ।



ଭାରତକୁ ୩–୦ରେ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ୍ ଟିମ୍ ।

## ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ: ଓଡ଼ିଶା ଚାମ୍ପିୟନ



ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ଟିମ୍‌ର ଖେଳାଳି ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର,୯।୨(ସ୍ପୋର୍ଟ୍ସ ବ୍ୟୁରୋ)

କୋଲକାତାରେ ଚାଲିଥିବା ଦୃଷ୍ଟିହୀନ ନାଗେଶ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଇଡେନ ଗାର୍ଡେନରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୧୪ ରନରେ ଆନ୍ଧ୍ରପ୍ରଦେଶକୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୨୦୫ ରନ ସଂଗ୍ରହ କରିଥିଲା। ଜବାବରେ ଆନ୍ଧ୍ରପ୍ରଦେଶ ୫ ଉଇକେଟ ହରାଇ ୧୯୧ ରନ କରି ପରାସ୍ତ ହେବା ସହ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ବି ୩ ଓ ବି୧ କାଟାଗୋରୀରେ ଓଡ଼ିଶାର ପଙ୍କଜ ଭୁଏ ଓ ଜାଫର ଇକ୍‌ବାଲ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ସେହିପରି ଆନ୍ଧ୍ରର ଅଜୟ ରେଡ୍ଡୀ ବି୨ କାଟାଗୋରୀରେ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି। ପଙ୍କଜ ସେମିଫାଇନାଲ ଓ ଫାଇନାଲ ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଓଡ଼ିଶା ଟ୍ରଫି ସହ ଆସୋସିଏଶନ ଅଫ୍ ବ୍ଲାଇଣ୍ଡ୍ ଇନ୍ ଇଣ୍ଡିଆଠାରୁ ଏକ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛି। ଶନିବାର ଭାରତ ସେମିଫାଇନାଲରେ ଝାଡଖଣ୍ଡକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଓଡ଼ିଶା ଏହି ଟୁର୍ନାମେଣ୍ଟରେ ଗ୍ରୁପ୍ ଡି’ରେ ସାମିଲ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ଉପରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଗୋଆ, ରାଜସ୍ଥାନ, ପଣ୍ଡିଚେରୀ ଓ ପଞ୍ଜାବକୁ ହରାଇଥିଲା। ତେବେ ଓଡ଼ିଶା ଏକମାତ୍ର ମ୍ୟାଚ୍ କର୍ଣାଟକଠାରୁ ପରାସ୍ତ ହୋଇଥିଲା। ଫଳରେ ଗ୍ରୁପ୍ ଡି’ର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଗତ୨୫ ତାରିଖରେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ପରାସ୍ତ କରି ତୃତୀୟ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ଚତୁର୍ଥଥର ପାଇଁ ଓଡ଼ିଶା ଏହି ଜାତୀୟସ୍ତର ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ୨୦୧୬ରେ ଓଡ଼ିଶା ଗୁଜରାଟକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

ଦଳର ମୁଖ୍ୟ ଉପଦେଷ୍ଟା ପ୍ରକାଶ ରଥ, ସମ୍ପାଦକ ସନ୍ନ୍ୟାସ ବେହେରା, ମହିଳା ଟିମ୍ କୋଚ୍ ଅର୍ପିତା ମହାପାତ୍ର, ଉପ– ସଭାପତି ଅଶୋକ କୁମାର ସାହୁ ଓ ବି.ଆର.ଏମ.ଏ.ଏସ.ଏଚ୍.ଏ. ଉପ– ସଭାପତି ପ୍ରଦୀପ୍ତ ରଥ ଚାମ୍ପିୟନ ଓଡ଼ିଶା ଦଳକୁ ଅଭିନନ୍ଦନ ତଥା ଶୁଭେଚ୍ଛା ଜଣାଇଛନ୍ତି।

## ଅଜିତ୍ ୱାଡେକର ଟ୍ରଫି ଜିତିଲା ଓଡ଼ିଶା

ଭୁବନେଶ୍ୱର, ୧୦।୨(ସ୍ପୋର୍ଟ୍ସ ବ୍ୟୁରୋ)

ଅଜିତ୍ ୱାଡେକର ମେମୋରିଆଲ ପୂର୍ବାଞ୍ଚଳ ଦିବ୍ୟାଙ୍ଗ କ୍ରିକେଟ୍ ଟୁର୍ନାମେଣ୍ଟରେ ଓଡ଼ିଶା ଟିମ୍ ଚାମ୍ପିୟନ ହୋଇଛି। ରବିବାର ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଖେଳାଯାଇଥିବା ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ୨୧ ରନରେ ପ୍ରତିପକ୍ଷ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବଳରାମ ବସ୍ତିଆ ୨୯ ବଲରୁ ୧୦ ଚୌକା ଓ ୨ ଛକା ସହାୟତାରେ ୬୨ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ସାହୁ ୩୨, ଲଳିତ ସେନାପତି ୧୯ ରନ କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ବବନ ସିଂ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଝାଡ଼ଖଣ୍ଡ ବବୁଲ ଗୋପେ (୩୨), ଅମିତ୍ କୁମାର (୨୧) ଓ ବବନଙ୍କ (୨୧) ଉପଯୋଗୀ ବ୍ୟାଟିଂ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍‌ରେ ୧୨୦ ରନ କରିବାକୁ ସକ୍ଷମ ହୋଇଥିଲା। ଓଡ଼ିଶା ପକ୍ଷରୁ ମହମ୍ମଦ ସୋହେଲ ଖାଁ ୨ଟି ଏବଂ ଉଦିତ୍ ଅକ୍ଷୟ, ବଳରାମ ପଣ୍ଡା ଓ ସୁରେନ୍ଦ୍ର ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡେପୁଟି କମିଶନର ଅନୁପ କୁମାର ସାହୁ, ପ୍ରତାପ ଜେନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।



ଅଜିତ୍ ୱାଡେକର ଟ୍ରଫି ଚାମ୍ପିୟନ ଓଡ଼ିଶା ଦଳ ।

## ୨ ଯୁବକଙ୍କୁ ଆକ୍ରମଣ କରି ନିର୍ଘୁମ ମାଡ଼ ଖାଇଲେ ସମିତିସଭ୍ୟଙ୍କ ପୁଅ

**ଜଳେଶ୍ୱର, ୧୦।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ସହର ଉପକଣ୍ଠସ୍ଥ ଆମ୍ବିଳିଅଠା ଛକଠାରେ ଶନିବାର ବିଳମ୍ବିତ ରାତିରେ ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ବାଲିମ ପଞ୍ଚାୟତର ସମିତିସଭ୍ୟ ଗୌରାଙ୍ଗ ଦାସଙ୍କ ପୁଅ ରତନ ଆମ୍ବିଳିଅଠା ଗ୍ରାମର ୨ଜଣ ଯୁବକଙ୍କୁ ଆକ୍ରମଣ କରି ଗ୍ରାମବାସୀଙ୍କ ଦ୍ୱାରା ନିର୍ଘୁମ ମାଡ ଖାଇଛନ୍ତି। ପୋଲିସ ପହଞ୍ଚି ରତନଙ୍କ ସମେତ ଆହତ ଦୁଇଜଣଙ୍କୁ ଉଦ୍ଧାର କରି ସ୍ଥାନୀୟ ଜିକେ ଭଞ୍ଜ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛି। ରବିବାର ଆହତଙ୍କ ପରିବାର ତରଫରୁ ରତନଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା(ନଂ.୨୯/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହିତ ପୋଲିସ ରତନଙ୍କଠାରୁ ଏକ ଦେଶୀ ମାଉଜର, ପୋଲିସ ଲେଖାଥିବା ନମ୍ବର ପ୍ଲେଟ୍, ୬୦୩ ଟଙ୍କା ଓ ବାଇକ ଜବତ କରିଛି।

କୁରୁଣ୍ଡିଆ ଗ୍ରାମର ରତନ ନାଛିନ୍ଦା ଗ୍ରାମର ଅମର ଦେଙ୍କୁ ନେଇ ଏକ ବାଇକ୍ ଯୋଗେ ଜଳେଶ୍ୱରରୁ ନିଜ ଘରକୁ ଫେରୁଥିଲେ। ସେହି ସମୟରେ ଆମ୍ବିଳିଅଠା ଗ୍ରାମର ସୁଶାନ୍ତ କର ଓ ସଞ୍ଜୀବ କରଙ୍କ ସହିତ ରତନଙ୍କର କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ରତନ ଉତ୍ତେଜିତ ହୋଇ ଏକ ଧାରୁଆ ଅସ୍ତ୍ରରେ ଉଭୟ ସୁଶାନ୍ତ ଓ ସଞ୍ଜୀବଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏମାନଙ୍କ ଚିତ୍କାର ଶୁଣି ଆଖପାଖ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ରତନ ଓ ଅମରଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରତନ ନିଜ ପାଖରେ ଥିବା ଏକ ଦେଶୀ ମାଉଜର ଦେଖାଇ ସମସ୍ତଙ୍କୁ ଭୟଭୀତ କରିଥିଲେ। ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ରତନଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିର୍ଘୁମ ଛେଚିଥିଲେ। ପୋଲିସ ରତନ, ଆହତ ସୁଶାନ୍ତ ଓ ସଞ୍ଜୀବଙ୍କୁ ଉଦ୍ଧାର କରିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ